SEPTEMBER 17, 2026
THURSDAY, BHUBANESWAR

ସେପ୍ଟେମ୍ବର ୧୭, ୨୦୨୬
ଗୁରୁବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

# ଅକ୍ଷର

AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME 2 ● ISSUE- 15 ବର୍ଷ- ୨ ● ସଂଖ୍ୟା-୧୫ RNI REGD NO. ORIORI/25/A2226 ● DAILY EDITION ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

# ୯୬୦ କୋଟିର ୫୦ଟି ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ



## ୧୩୩.୪୭ କୋଟିର ଲୋକାର୍ପଣ: ସ୍ୱାସ୍ଥ୍ୟ, କ୍ରୀଡ଼ା ଏବଂ ଗ୍ରାମ୍ୟ ଉନ୍ନୟନ କ୍ଷେତ୍ରର ୧୫ଟି ପ୍ରକଳ୍ପ ଉତ୍ସର୍ଗ

## ୮୨୫.୮୩ କୋଟିର ଶିଳାନ୍ୟାସ: ୩୫ଟି ନୂତନ ପ୍ରକଳ୍ପର ଶୁଭାରମ୍ଭ କରାଗଲା

- ସମ୍ବଲପୁରରେ ଡପ୍ଲର ପାଣିପାଗ ରାଡାର୍ ଲୋକାର୍ପିତ
- ଜାନୁଆରୀରୁ ସେପ୍ଟେମ୍ବର ମଧ୍ୟରେ ପଶ୍ଚିମ ଓଡ଼ିଶାରେ ବିକାଶର ନୂତନ ଧାରା
- ବାଲେଶ୍ୱର, ଭୁବନେଶ୍ୱର ଓ ପୁରୀରେ ମଧ୍ୟ ଡପ୍ଲର ରାଡାର୍ ସ୍ଥାପନ
- ଦେଶରେ ଆଉ ୪୦ ଡପ୍ଲର ରାଡାର୍ ସ୍ଥାପନ କରାଯିବ - କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହ
- ଧନ ଜୀବନ ସୁରକ୍ଷା ଓ ଜଳସେଚନ ପାଇଁ ବରଦାନ ସାବ୍ୟସ୍ତ ହେବ ଡପ୍ଲର ରାଡାର୍: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର/ସମ୍ବଲପୁର,୧୬।୯ : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁର ଗସ୍ତ ଅବସରରେ ଜିଲ୍ଲାବାସୀଙ୍କୁ ଆଜି ଏକାଧିକ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମ୍ବଲପୁର ଏବଂ ସମଗ୍ର ପଶ୍ଚିମ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ପାଇଁ ଅତ୍ୟାଧୁନିକ 'ମେକ୍ ଇନ୍ ଇଣ୍ଡିଆ' ଡପ୍ଲର ପାଣିପାଗ ରାଡାର୍ ର ଶୁଭାରମ୍ଭ କରିବା ସହ ପ୍ରାୟ ୯୬୦ କୋଟି ଟଙ୍କାର ୫୦ଟି ଗୁରୁତ୍ୱପୂର୍ଣ୍ଣ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମ୍ବଲପୁର ହେଉଛି ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାର ପ୍ରତୀକ ଏବଂ 'ସମୃଦ୍ଧ ଓଡ଼ିଶା ୨୦୩୬' ଗଠନ ସଂକଳ୍ପରେ ସମ୍ବଲପୁର ହେଉଛି ରାଜ୍ୟ ସରକାରଙ୍କ ବିକାଶ ଯାତ୍ରାର ମୁଖ୍ୟ କେନ୍ଦ୍ର।

ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣର ଆରମ୍ଭରେ ମା' ସମଲେଶ୍ୱରୀ, ବୀର ସୁରେନ୍ଦ୍ର ସାଏ, ଶହିଦ ମାଧୋ ସିଂ, ଛବିଲ ସାଏ, ସନ୍ଥକବି ଭୀମଭୋଇ ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଉଦ୍‌ଘାଟିତ ଓ ଶିଳାନ୍ୟାସ ହୋଇଥିବା ୯୬୦ କୋଟି ଟଙ୍କାର ପ୍ରକଳ୍ପ ମଧ୍ୟରେ ୧୩୩.୪୭ କୋଟି ଟଙ୍କାର ୧୫ଟି ସମ୍ପୂର୍ଣ୍ଣ ପ୍ରକଳ୍ପର ଲୋକାର୍ପଣ ଏବଂ ୮୨୫.୮୩ କୋଟି ଟଙ୍କାର ୩୫ଟି ନୂତନ ପ୍ରକଳ୍ପର ଶିଳାନ୍ୟାସ ସାମିଲ ଅଛି। ଏଥିରେ ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ (କୁଚିଣ୍ଡା ପାଇଁ ୬୦.୫୦ କୋଟି), କ୍ରୀଡ଼ା (୭୪.୭୨ କୋଟି), ସଡ଼କ ଓ କୋଠା ନିର୍ମାଣ (୫୮୫ କୋଟି) ଏବଂ ଜଳସମ୍ପଦ କ୍ଷେତ୍ରରେ ୨୨୦.୫୬ କୋଟି ଟଙ୍କାର ମେଗା ଲିଫ୍ଟ ଜଳସେଚନ ଓ ୮.୮୮ କୋଟି ଟଙ୍କାର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଭୁକ୍ତ।ମୁଖ୍ୟମନ୍ତ୍ରୀ ଦର୍ଶାଇଥିଲେ ଯେ ଗତ ଜାନୁଆରୀ ୨୦୨୬ରେ ସେ ୯୪୮ କୋଟି ଟଙ୍କାର ପ୍ରକଳ୍ପ ସହ ୫୦ଟି ବୈଦ୍ୟୁତିକ ବସ୍‌ର ଶୁଭାରମ୍ଭ କରିଥିଲେ। ଅଇଁଠାପାଲି ବସ୍ ଟର୍ମିନାଲ୍ ଓ ଏହାର ୧୦ ବର୍ଷର ରକ୍ଷଣାବେକ୍ଷଣ ପାଇଁ ୨୩୮.୧୪ କୋଟି ଟଙ୍କା ☞ପୃଷ୍ଠା-୨

# ରାଷ୍ଟ୍ରପତି ଭବନ ଠାରେ ଲାଞ୍ଜିଆ ସଉରାଙ୍କ ନୂଆଖାଇ ଭେଟଘାଟ




- ଭାଗନେଲେ ୧୫ ଜଣିଆ ସାଂସ୍କୃତିକ ଦଳ
- ପାରମ୍ପାରିକ ବାଜା, ନୃତ୍ୟ ଦ୍ୱାରା ରାଷ୍ଟ୍ରପତି ବିମୋହିତ

ରାୟଗଡା, ୧୬।୯: ନୂଆଖାଇ ଭେଟଘାଟ ଅବସରରେ ରାୟଗଡ଼ା ଜିଲ୍ଲା ଗୁଣୁପୁର ବ୍ଲକ୍ ପୁଟାସିଂ ଅଞ୍ଚଳରୁ ବିଶେଷ ଭାବେ ଅନୁନ୍ନତ ଜନଜାତି (ପିଭିଟିଜି) ଲାଞ୍ଜିଆ ସଉରାଙ୍କ ଏକ ୧୫ ଜଣିଆ ସାଂସ୍କୃତିକ ଦଳ ରାଷ୍ଟ୍ରପତି ଭବନରେ ହୋଇଥିବା କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ରାଷ୍ଟ୍ରପତି ଭବନରୁ ଆସିଥିବା ନିମନ୍ତ୍ରଣ ପରେ ରାୟଗଡା ଜିଲ୍ଲାର ଏହି ପିଭିଟିଜି ଦଳ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୁଟାସିଂ ଅଞ୍ଚଳର ବୀର ଦଳବେହେରା ଏବଂ ଜୁନେଶ ଶବରଙ୍କ ନେତୃତ୍ୱରେ ନୂଆଦିଲ୍ଲୀ ରାଷ୍ଟ୍ରପତି ଭବନରେ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଏହି ଅବସରରେ ଲାଞ୍ଜିଆ ସଉରାଙ୍କ ବିଶେଷ ଇଡିତାଲ୍ ପେଣ୍ଟିଂ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଲାଞ୍ଜିଆ ସୌରା ଦଳ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଲାଞ୍ଜିଆ ସଉରାଙ୍କ ପାରମ୍ପାରିକ ବାଜା ନୃତ୍ୟ ଏବଂ ଜଣେ ବୃଦ୍ଧାଙ୍କ ଦ୍ୱାରା ହୁଇସିଲ୍ ମାରି ରାଷ୍ଟ୍ରପତିଙ୍କୁ ମନମୁଗ୍ଧ କରିଥିବା ସୂଚନାରୁ ଜଣାପଡିଛି। ଗୁଣପୁର ଭଳି ☞ପୃଷ୍ଠା-୨

# ଆଜି ସୁଭଦ୍ରା ଯୋଜନାର ୨ୟ ବାର୍ଷିକୋତ୍ସବ ପାଳନ: ପ୍ରଭାତୀ



ଭୁବନେଶ୍ୱର ୧୬।୯ : ଆସନ୍ତାକାଲି ସୁଭଦ୍ରା ଯୋଜନାର ୨ବାର୍ଷିକ ଜନ୍ମଦିନ ପାଳନ କରାଯିବ। ୧ କୋଟି ୩ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ୨୫, ୮୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଗ୍ରାମୀଣ ଅର୍ଥନୀତିର ମେରୁଦଣ୍ଡ ସୁଭଦ୍ରା ସାଜିଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ସଚିବାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ୨ ବର୍ଷ ତଳେ ସୁଭଦ୍ରା ଯୋଜନା ☞ପୃଷ୍ଠା-୨

# ଇପିଏଫ୍‌ଓ,ଇପିଏସ୍‌ର ଦରମା ୧୫ ହଜାରରୁ ୨୫ ହଜାରକୁ ବୃଦ୍ଧି



ନୂଆଦିଲ୍ଲୀ ୧୬।୯ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟରେ ଆଜି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ବା ଇପିଏଫଓ ସମ୍ପର୍କରେ ନିଆଯାଇଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ବାଧ୍ୟତାମୂଳକ ଭାବେ ଇପିଏଫଓ

- ପ୍ରାୟ ୫୧ ଲକ୍ଷ କର୍ମଚାରୀ ସାମାଜିକ ସୁରକ୍ଷା ପରିସରଭୁକ୍ତ
- ୧୨ ବର୍ଷ ପରେ ସଂଶୋଧନ
- ଭବିଷ୍ୟନିଧି ସଞ୍ଚୟ, ପେନ୍‌ସନ୍ ସୁରକ୍ଷା ଏବଂ ବୀମା ସୁବିଧା

ସୀମା ବୃଦ୍ଧି ପାଇଁ ଦେଇଥିବା ପ୍ରସ୍ତାବ ଉପରେ କ୍ୟାବିନେଟ ମୋହର ମାରିଛି। କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଓ କର୍ମଚାରୀ ପେନସନ ସ୍କିମ (ଇପିଏସ୍) ସୀମାକୁ ବାଧ୍ୟତାମୂଳକ ଭାବେ ୧୫ ହଜାର ଟଙ୍କାରୁ ୨୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଇପିଏଫର ୧୫ ହଜାର ଦରମା ସୀମା ୨୦୧୪ ସେପ୍ଟେମ୍ବର ୧ରୁ ବଳବତ୍ତର ରହିଥିଲା। ଏବେ ୧୨ ବର୍ଷ ପରେ କେନ୍ଦ୍ର ସରକାର ଏହାକୁ ୨୫ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି। ଏବେ ଯେଉଁ ସଂଗଠିତ କର୍ମଚାରୀଙ୍କ ଦରମା ୧୫ରୁ ୨୫ ହଜାର ଟଙ୍କା ମଧ୍ୟରେ ରହିଛି, ସେମାନେ ବାଧ୍ୟତାମୂଳକ ଭାବେ ଇପିଏଫ ଓ ☞ପୃଷ୍ଠା-୨

# ଅନନ୍ତ ନାଗଙ୍କୁ ମିଳିବ ଦାଦା ସାହେବ ଫାଲକେ ପୁରସ୍କାର



ନୂଆଦିଲ୍ଲୀ, ୧୬।୯: ବର୍ଷ ୨୦୨୪ ପାଇଁ କନ୍ନଡ ସିନେମାର ବରିଷ୍ଠ ଅଭିନେତା ଅନନ୍ତ ନାଗଙ୍କୁ ଦାଦା ସାହେବ ଫାଲକେ ପୁରସ୍କାରରେ ସମ୍ମାନିତ କରାଯିବ। ଭାରତ ସରକାର ଏହି ପୁରସ୍କାର ପାଇଁ ୭୮ ବର୍ଷୀୟ ଅଭିନେତାଙ୍କ ନାମ ଘୋଷଣା କରିଛନ୍ତି। ପ୍ରତିବର୍ଷ, ଜଣେ କଳାକାରଙ୍କୁ ଭାରତୀୟ ସିନେମାରେ ତାଙ୍କର ସ୍ମରଣୀୟ ଏବଂ ଉଲ୍ଲେଖନୀୟ ଅବଦାନ ପାଇଁ ଦାଦା ସାହେବ ଫାଲକେ ପୁରସ୍କାରରେ ସମ୍ମାନିତ କରାଯାଏ। ଏହି ପୁରସ୍କାରକୁ ଭାରତୀୟ ସିନେମାର ସର୍ବୋଚ୍ଚ ସମ୍ମାନ ଭାବରେ ବିବେଚନା କରାଯାଏ।ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଥିବା ମୁଖ୍ୟ ନୋଡାଲ୍ ଏଜେନ୍‌ସି ପ୍ରେସ୍ ଇନଫର୍ମେସନ୍ ବ୍ୟୁରୋ ତାର ଇନଷ୍ଟାଗ୍ରାମ୍ ହ୍ୟାଣ୍ଡେଲରେ ଅନନ୍ତ ନାଗଙ୍କ ଏକ ଫଟୋ ସେୟାର କରି ଲେଖିଛନ୍ତି, '୨୦୨୪ ଦାଦା ସାହେବ ଫାଲକେ ପୁରସ୍କାର ଅନନ୍ତ ନାଗଙ୍କୁ ପ୍ରଦାନ କରାଯିବ।' ଦାଦା ସାହେବ ଫାଲକେ ପୁରସ୍କାର ଚୟନ କମିଟିର ସୁପାରିଶ କ୍ରମେ ☞ପୃଷ୍ଠା-୨

# ମୋଦୀଙ୍କ ଜନ୍ମଦିନରେ ସମସ୍ତ ଏନ୍‌ଡିଏ ମୁଖ୍ୟମନ୍ତ୍ରୀ ବାରାଣସୀରେ ଏକାଠି



ନୂଆଦିଲ୍ଲୀ,୧୬।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତାଙ୍କର ୭୬ତମ ଜନ୍ମଦିନ ପାଳନ କରିବେ। ଏହି ଅବସରରେ ସମସ୍ତ ଏନ୍‌ଡିଏ ଶାସନାଧୀନ ରାଜ୍ୟର ମୁଖ୍ୟମନ୍ତ୍ରୀ ଆସନ୍ତାକାଲି ବାରାଣସୀ ଯିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀ ମୋଦୀ ବାରାଣସୀ ଲୋକସଭା ନିର୍ବାଚନ ମଣ୍ଡଳୀର ପ୍ରତିନିଧିତ୍ୱ କରୁଛନ୍ତି। ଏକାସାଙ୍ଗରେ କରାଯିବ ଦୁଇଟି ବାଇକ ରାଲିରିପୋର୍ଟ ଅନୁଯାୟୀ ବାରାଣସୀରୁ ମୋଦୀଙ୍କ ଜନ୍ମସ୍ଥାନ ଗୁଜରାଟର ଭାଡନଗର ପର୍ଯ୍ୟନ୍ତ ଓ ଭାଡନଗରରୁ ବାରାଣସୀ ପର୍ଯ୍ୟନ୍ତ ଏକାସାଙ୍ଗରେ ଦୁଇଟି ବାଇକ ରାଲି ଆରମ୍ଭ କରାଯିବ। ଏହି ବାଇକ ରାଲି ଅକ୍ଟୋବର ୭ ତାରିଖ ପର୍ଯ୍ୟନ୍ତ ଚାଲିବ।

# ପୁଣି ଡରାଇଲା ବାତ୍ୟା ଭୟ

## ଉତ୍ତର ଥାଇଲ୍ୟାଣ୍ଡ ଉପରେ ସୃଷ୍ଟି ଘୂର୍ଣ୍ଣିବଳୟ କ୍ଷେତ୍ର



### ୧୮ରୁ ୨୧ମଧ୍ୟରେ ପ୍ରବଳ ବର୍ଷାର ସମ୍ଭାବନା

ଭୁବନେଶ୍ୱର, ୧୬।୯: ସେପ୍ଟେମ୍ବରରେ ପୁଣି ଆସିପାରେ ବାତ୍ୟା। ଏନେଇ ବିଭିନ୍ନ ପାଣିପାଗ ମଡେଲ୍‌ର ଆକଳନ ଚର୍ଚ୍ଚାକୁ ଆସିଛି। ଆମେରିକାର GFS, ୟୁରୋପୀୟ ECMWF ଓ AI ମଡେଲ୍ ସମେତ ଓଗଡର ବିସ୍ତାରିତ ପରିସର ଆକଳନରେ ଆସନ୍ତା ଦିନରେ ଆଣ୍ଡାମାନ ସାଗର ଓ ବଙ୍ଗୋପସାଗର ଅଞ୍ଚଳରେ ଏକ ନୂଆ ପାଣିପାଗ ବ୍ୟବସ୍ଥା ଗଠନର ସମ୍ଭାବନା ଦର୍ଶାଯାଇଛି। ତେବେ ଏହା ଏବେଠାରୁ ନିଶ୍ଚିତ ବାତ୍ୟା ବୋଲି କହିବା ସମୟ ହୋଇନାହିଁ। IMD ସେପ୍ଟେମ୍ବର ୧୫ର ଓଡ଼ିଶା ଚେତାବନୀରେ ୧୮ରୁ ୨୧ ତାରିଖ ମଧ୍ୟରେ ରାଜ୍ୟରେ ଭାରୀ ବର୍ଷା ପାଇଁ ଚେତାବନୀ ରହିଛି। ଅର୍ଥାତ୍ ଆଗାମୀ କିଛି ଦିନ ପାଣିପାଗ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ସେପଟେ ଉତ୍ତର ଥାଇଲ୍ୟାଣ୍ଡ ଉପରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି। ଯାହା ପରବର୍ତ୍ତୀ ସମୟରେ ଅଧିକ ଘନୀଭୂତ ହୋଇ ବାତ୍ୟାର ରୂପ ନେବା ଆଶଙ୍କା କରୁଛନ୍ତି କିଛି ପାଣିପାଗ ବିଜ୍ଞାନୀ। ଏହାର ପରବର୍ତ୍ତୀ ଗତିବିଧି ଉପରେ ପାଣିପାଗ ବିଶେଷଜ୍ଞଙ୍କ ନଜର ରହିଛି GFS ମଡେଲ୍‌ର ଆକଳନରେ ଆଗାମୀ ଦିନରେ ଦକ୍ଷିଣ ଚୀନ୍ ସାଗର ଅଞ୍ଚଳର ଏକ ବ୍ୟବସ୍ଥାର ☞ପୃଷ୍ଠା-୨



ଅକ୍ଷର
AKHYARA ODISHA ଓଡ଼ିଶା

## ବ୍ୟଙ୍ଗ ବିଚାର

### ଡ.ଗିରୀଶ ରଂଜନ

ଓଡ଼ିଶା ମାଟିକୁ ବାତ୍ୟା ଛାଡୁନାହିଁ
ଡରାଉଛି ସିଏ ଖାଲି
ନିମିଷକେ ସିଏ ପ୍ରଳୟ ଆଣିବ
ଘରେ ଜଳିବନି ଜମା ଚୁଲି
ସରକାର କହିବେ ଖାଲି
ଆମେତ ବାଣ୍ଟୁଛୁ ରିଲିଫ ସାମଗ୍ରୀ
ଫୁରସତ ନାହିଁ ଡେଲି

# ଅନ୍ତ୍ୟୋଦୟଙ୍କ ପାଖରେ ପହଞ୍ଚୁ ସେବାର ସୁଫଳ

## ସେବା ସଂକଳ୍ପ ଅଭିଯାନ ପ୍ରସ୍ତୁତି ବୈଠକରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଗୁରୁତ୍ୱ





ଅନୁଗୋଳ, ୧୬।୯ (ଅକ୍ଷର ଓଡ଼ିଶା) : ସେବା କେବଳ କାର୍ଯ୍ୟକ୍ରମରେ ସୀମିତ ନ ରହି, ସମାଜର ଶେଷ ଧାଡ଼ିରେ ଥିବା ନାଗରିକଙ୍କ ଜୀବନରେ ଏହାର ପ୍ରତ୍ୟକ୍ଷ ସୁଫଳ ପହଞ୍ଚାଇବାକୁ ଆହ୍ୱାନ ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଆସନ୍ତା ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୨ ପର୍ଯ୍ୟନ୍ତ ହେବାକୁ ଥିବା ସେବା ସଂକଳ୍ପ ଅଭିଯାନ-୨୦୨୬ର ସଫଳତା ପାଇଁ ଅନୁଗୋଳରେ ଆୟୋଜିତ ପ୍ରସ୍ତୁତି ବୈଠକରେ ମନ୍ତ୍ରୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ଅନୁଗୋଳ ସର୍କିଟ ହାଉସ୍ ସମ୍ମିଳନୀ କକ୍ଷରେ ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ସେବା, ସୁଶାସନ ଓ ଜନକଲ୍ୟାଣର ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ସହ ଅଭିଯାନରେ ସାଧାରଣ ଲୋକଙ୍କ ସକ୍ରିୟ ଭାଗୀଦାରି ସୁନିଶ୍ଚିତ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ ଯେ, ଅଭିଯାନର ମୂଳ ଲକ୍ଷ୍ୟ ହେଉଛି ସେବାର ସୁଫଳ ସମାଜର ଅନ୍ତ୍ୟୋଦୟ ବର୍ଗ ପର୍ଯ୍ୟନ୍ତ ପହଞ୍ଚାଇବା। ଏଥିପାଇଁ ସମସ୍ତ ବିଭାଗ ପରସ୍ପର ମଧ୍ୟରେ ଉତ୍ତମ ସମନ୍ୱୟ ରଖି ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବା ଆବଶ୍ୟକ।

ଅଭିଯାନ ଅବସରରେ ମିଶନ ଶକ୍ତି, ବିଦ୍ୟାଳୟ ଓ ଗଣଶିକ୍ଷା, ସଂସ୍କୃତି, ମହିଳା ଓ ଶିଶୁ ବିକାଶ, ସୂଚନା ଓ ଲୋକସମ୍ପର୍କ, ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ଏବଂ ଏମ୍‌ଏସ୍‌ଏମ୍‌ଇ ଭଳି ବିଭାଗ ପକ୍ଷରୁ ବିଭିନ୍ନ ସେବାମୂଳକ ଓ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବ। ଏଥିରେ ଆଶୀର୍ବାଦ ଦୀପ, ପଦଯାତ୍ରା, ମାନବ ଶୃଙ୍ଖଳ, 'ପରିବର୍ତ୍ତନର କାହାଣୀ', 'ସେବା ଜ୍ୟୋତି ଯାତ୍ରା', ପଥପ୍ରାନ୍ତ ନାଟକ ଓ 'ସେବା ସେତୁ' ☞ପୃଷ୍ଠା-୨



ଗୁରୁବାର ୧୭।୯।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ୯୬୦ କୋଟିର...

ବ୍ୟୟବରାଦ କରାଯାଇଛି। ସହରରେ ଜଳସଙ୍କଟ ଓ ଜଣ୍ଡିସ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ AMRUT ୨.୦ ଅଧୀନରେ ୪୫୦ କୋଟି ଟଙ୍କାର 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' ପ୍ରକଳ୍ପ ଜରିଆରେ ୪୧ଟି ୱାର୍ଡକୁ ୧୦୦ ନିୟୁତ ଲିଟର ବିଶୁଦ୍ଧ ଜଳ ଯୋଗାଇ ଦିଆଯିବ। ଏତଦ୍‌ବ୍ୟତୀତ, ବୁର୍ଲା ଓ ହୀରାକୁଦ ରିଙ୍ଗ୍ ରୋଡ୍, ରେମେଡ୍-ହୀରାକୁଦ ୪-ଲେନ୍ ରାସ୍ତା ଆଦିର ସମ୍ପ୍ରସାରଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି।ଏହି ଗୋଟିଏ ବର୍ଷରେ ସେପ୍ଟେମ୍ବର ସୁଦ୍ଧା ସମ୍ବଲପୁର ପାଇଁ ପ୍ରାୟ ୧,୯୧୦ କୋଟି ଟଙ୍କାର ବିକାଶମୂଳକ କାର୍ଯ୍ୟ କରାଯାଇଛି। ଶାସନ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବା ପାଇଁ ଭୁବନେଶ୍ୱର ବାହାରେ ସମ୍ବଲପୁରରେ ପ୍ରଥମ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ମଧ୍ୟ କରାଯାଇଥିଲା।ପଶ୍ଚିମ ଓଡ଼ିଶାର ଶିଳ୍ପ ବିକାଶ ଓ ନିଯୁକ୍ତି ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଲପଙ୍ଗାଠାରେ ହିଣ୍ଡାଲ୍‌କୋର ସମ୍ପ୍ରସାରଣ ପାଇଁ ୪୦,୦୦୦ କୋଟି ଏବଂ ରେଙ୍ଗାଲିଠାରେ JSW-JFE ଷ୍ଟିଲ୍ ଦ୍ୱାରା ୩୨,୦୦୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏହା ସହିତ କୃଷି ଭବନ, ଛାତ୍ରୀ ନିବାସ, ସମ୍ବଲପୁର ଫୁଟବଲ୍ ଏକାଡେମୀର ଆଧୁନିକୀକରଣ ଏବଂ 'ହୀରାକୁଦ ଡ୍ୟାମ୍ ମାଷ୍ଟର ପ୍ଲାନ' ନିର୍ମାଣ କରାଯାଉଛି। ରାଜ୍ୟ ସରକାର ୨୦୩୬ ଶତାବ୍ଦୀ ପୂର୍ତ୍ତି ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାରର ଅର୍ଥବ୍ୟବସ୍ଥାରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି।

ନାରୀ ସଶକ୍ତିକରଣକୁ ଗୁରୁତ୍ୱ ଦେଇ ସେ କହିଛନ୍ତି ଯେ 'ସୁଭଦ୍ରା', 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ' ଓ 'କନ୍ୟା ସୁମଙ୍ଗଳ' ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ଆଗକୁ ନିଆଯାଉଛି ଏବଂ ରାଜ୍ୟ ବଜେଟର ୪୦ ପ୍ରତିଶତ ମହିଳାଙ୍କ ପାଇଁ ବ୍ୟୟ ହେଉଛି। କେନ୍ଦ୍ର ଓ ରାଜ୍ୟର 'ଡବଲ ଇଞ୍ଜିନ' ସରକାରର ସଫଳତା ଗଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାକୁ ୯୦ ହଜାର କୋଟିର ରେଳ, ୪୦ ହଜାର କୋଟିର ସଡ଼କ, ୨୫ ହଜାର କୋଟିର ବନ୍ଦର ଏବଂ ୨୫ ହଜାର କୋଟି ଟଙ୍କାର ଜାହାଜ ନିର୍ମାଣ ପ୍ରକଳ୍ପ ମିଳିଛି। ସମ୍ବଲପୁରରେ ୧,୫୨୧ କୋଟି ଟଙ୍କାର ୪-ଲେନ୍ ବାଇପାସ୍, ଠଓଗଝଇଜର ୧,୭୦୦ କୋଟିର ସମ୍ପ୍ରସାରଣ, ୧୦୦ କୋଟିର ଇକ୍ତଙ୍କବ ଚବକ୍ସଳ, ଏବଂ ୧୦୦ କୋଟି ଟଙ୍କାର 'ସମଲେଇ ଫେଜ୍-୨' କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ 'ରଙ୍ଗବତୀ' ଗୀତର ତିନିଜଣ ସ୍ରଷ୍ଟା ଓ ଶିଳ୍ପୀଙ୍କୁ ପଦ୍ମଶ୍ରୀ ସମ୍ମାନରେ ବିଭୂଷିତ କରାଯିବା ପ୍ରସଙ୍ଗ ଉଲ୍ଲେଖ କରି ସେ ସଂସ୍କୃତି ପ୍ରତି କେନ୍ଦ୍ର ସରକାରଙ୍କ ସମ୍ମାନକୁ ପ୍ରଶଂସା କରିଥିଲେ।ପ୍ରଧାନମନ୍ତ୍ରୀଙ୍କ ୭୬ତମ ଜନ୍ମଦିବସ ଓ ବିଶ୍ୱକର୍ମା ପୂଜା ଅବସରରେ ମାସବ୍ୟାପୀ ସେବା ସଂକଳ୍ପ ଅଭିଯାନ, 'ଆଶୀର୍ବାଦର ଦୀପ' ଏବଂ 'ଏକ ପେଡ ମା କେ ନାମ' କାର୍ଯ୍ୟକ୍ରମରେ ସାମିଲ ହେବାକୁ ସେ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଦୀପ ଲଗାଇ ଟଙ୍କାର ଦୀର୍ଘ ନିରାମୟ ଜୀବନ କାମନା କରିବାକୁ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଗଣମାଧ୍ୟମକୁ ସ୍ୱତନ୍ତ୍ର ବିବୃତ୍ତି ପ୍ରଦାନ କରୁ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସମ୍ବଲପୁରଠାରେ ସ୍ଥାପିତ ଡପ୍ଲର ପାଣିପାଗ ରାଡାର୍‌ର ସ୍ୱତନ୍ତ୍ର ଆଞ୍ଚଳିକ ଗୁରୁତ୍ୱ ରହିଥିବା ବେଳେ ଏହାଦ୍ୱାରା ଓଡ଼ିଶାର ଏକ ବ୍ୟାପକ ଅଞ୍ଚଳ ପାଣିପାଗ ପୂର୍ବାନୁମାନ ବ୍ୟବସ୍ଥା ସହିତ ସାମିଲ ହୋଇ ପାରିଛି।ସେ କହିଥିଲେ ଯେ ପାରାଦୀପ ଓ ଗୋପାଳପୁର ପରେ ଏହା ରାଜ୍ୟର ତୃତୀୟ ଡପଲର ରାଡାର। ୨୪ ଘଣ୍ଟା କାର୍ଯ୍ୟକ୍ଷମ ଏହି ରାଡାର ୨୫୦ କିଲୋମିଟର ପରିଧି ମଧ୍ୟରେ ସଠିକ୍ ତଥ୍ୟ ଏବଂ ୪୫୦ କିଲୋମିଟର ପର୍ଯ୍ୟନ୍ତ ପାଣିପାଗର ଗତିବିଧି ପୂର୍ବାନୁମାନ କରିପାରିବ।

ଏହାଦ୍ୱାରା ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ସୁବର୍ଣ୍ଣପୁର, ବଲାଙ୍ଗୀର, ବୌଦ୍ଧ, ନୂଆପଡ଼ା, ଅନୁଗୁଳ, କଳାହାଣ୍ଡି, କେନ୍ଦୁଝର ଓ ଢେଙ୍କାନାଳ ଆଦି ୧୩ଟି ଜିଲ୍ଲା ସହ ଛତିଶଗଡ଼ ଓ ଝାଡ଼ଖଣ୍ଡର କିଛି ଅଞ୍ଚଳ ଉପକୃତ ହେବେ। ପ୍ରାକ୍-ମୌସୁମୀ ବଜ୍ରଝଡ଼, ବଜ୍ରପାତ ଓ କୁଆପଥର ବର୍ଷାର ଆଗୁଆ ସୂଚନା ମିଳିବା ଫଳରେ ଓଡ଼ିଶାର 'ଭାତ ହାଣ୍ଡି' ବରଗଡ଼ ସମେତ ସମଗ୍ର ମହାନଦୀ ଅବବାହିକାର ଚାଷୀମାନେ ବିଶେଷ ଉପକୃତ ହେବେ। ଏହି ରାଡାର ପ୍ରତି ୧୦ ମିନିଟ୍‌ରେ ୧୫୦ ମିଟର ରିଜୋଲୁସନରେ ବୃଷ୍ଟିପାତର ଆକଳନ କରି ହୀରାକୁଦ ଜଳଭଣ୍ଡାରର ଜଳପ୍ରବାହ ପରିଚାଳନାକୁ ଅଧିକ ସୁଦୃଢ଼ କରିବ।ସରକାର 'ଟେକ୍‌ନୋଲୋଜି ଡ୍ରିଭିନ୍ ପ୍ରୋ-ଆକ୍ଟିଭ୍ ଡିଜାଷ୍ଟର ମ୍ୟାନେଜମେଣ୍ଟ ସିଷ୍ଟମ' ଗଠନ କରୁଛନ୍ତି ଏବଂ ଆଗାମୀ ଦିନରେ ବାଲେଶ୍ୱର, ଭୁବନେଶ୍ୱର ଓ ପୁରୀରେ ମଧ୍ୟ ଡପ୍ଲର ରାଡାର ସ୍ଥାପନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ସମାରୋହ ଅବସରରେ କେନ୍ଦ୍ର ଭୂ-ବିଜ୍ଞାନ ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଆଭାସୀ ମାଧ୍ୟମରେ ନିଜର ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି ଯେ, ସମ୍ବଲପୁରଠାରେ ଉଦ୍‌ଘାଟିତ ଡପ୍ଲର ରାଡାର ଆମ ପୂର୍ବାନୁମାନ ପ୍ରଣାଳୀକ୍ଷେତ୍ରରେ ଏକ ବିରାଟ ସଫଳତା ଓ ମାଇଲଖୁଣ୍ଟ।୨୦୧୪ ମସିହା ପରଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତୀୟ ପାଣିପାଗ ବିଭାଗ ଏବଂ ମହାକାଶ ବିଜ୍ଞାନକୁ ସର୍ବୋଚ୍ଚ ପ୍ରାଥମିକତା ଓ ମାନ୍ୟତା ଦିଆଯାଇଛି।ଆଜି ଭାରତ କେବଳ ନିଜ ଦେଶ ନୁହେଁ, ପଡ଼ୋଶୀ ଦେଶଗୁଡ଼ିକୁ ମଧ୍ୟ ପାଣିପାଗ ପୂର୍ବାନୁମାନ ଓ ତଥ୍ୟ ଯୋଗାଇ ସହାୟତାର ହାତ ବଢ଼ାଉଛି। କେନ୍ଦ୍ରମନ୍ତ୍ରୀ ଆହୁରି ମଧ୍ୟ ପ୍ରକାଶ କରିଛନ୍ତି ଯେ ଆଗାମୀ ଦିନରେ ଦେଶରେ ଆହୁରି ୪୦ଟି ଡପ୍ଲର ରାଡାର ଯୋଡ଼ାଯିବ, ଯାହାଦ୍ୱାରା ସମଗ୍ର ଓଡ଼ିଶା ରାଜ୍ୟର କୋଣ-ଅନୁକୋଣ ପାଇଁ ସଠିକ୍ ପାଣିପାଗ ପୂର୍ବାନୁମାନ ମିଳିପାରିବ। ଜଳବାୟୁ ସହନଶୀଳ ରାଜ୍ୟଭାବେ ଓଡ଼ିଶାର ଏହି ନୂତନ ଅଭ୍ୟୁଦୟ ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ସେ ପ୍ରକାଶ କରିଛନ୍ତି।ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ ନିଜ ବକ୍ତବ୍ୟରେ କହିଥିଲେ ଯେ, ପଶ୍ଚିମ ଓଡ଼ିଶାରେ ଡପ୍ଲର ପାଣିପାଗ ରାଡାରର ସ୍ଥାପନା ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ଓ ଆବଶ୍ୟକତାକୁ ପୂରଣ କରିଛି। ସେ ଦର୍ଶାଇଥିଲେ ଯେ ଓଡ଼ିଶା ସରକାର ବିପର୍ଯ୍ୟୟ ପୂର୍ବପ୍ରସ୍ତୁତି ଓ ଆଗୁଆ ସୂଚନା ପ୍ରଣାଳୀକୁ ଅଧିକ ସୁଦୃଢ଼ କରିବା ପାଇଁ ଶୂନ୍ୟ ସହନଶୀଳତା ନୀତି ଆପଣେଇଛନ୍ତି। ସମ୍ବଲପୁରଠାରେ କାର୍ଯ୍ୟକ୍ଷମ ହୋଇଥିବା ଏହି ରାଡାର ଦ୍ୱାରା କେବଳ ସମ୍ବଲପୁର ନୁହେଁ, ପଶ୍ଚିମ ଓଡ଼ିଶାର ୧୩ଟି ଜିଲ୍ଲାର କୃଷକ, ଆଞ୍ଚଳିକ ଜନସାଧାରଣ ଏବଂ ବିପର୍ଯ୍ୟୟ ପ୍ରଶମନ ବାହିନୀ ବିପଦର ବହୁ ଆଗରୁ ବଜ୍ରପାତ, ପ୍ରବଳ ବର୍ଷା ଓ ଝଡ଼ତୋଫାନର ସଠିକ୍ ତଥ୍ୟ ପାଇପାରିବେ। ଆଗାମୀ ଦିନରେ ବାଲେଶ୍ୱର, ଭୁବନେଶ୍ୱର ଓ ପୁରୀଠାରେ ମଧ୍ୟ ନୂତନ ଡପ୍ଲର ରାଡାର ସ୍ଥାପନ କରାଯାଇ ସମଗ୍ର ଓଡ଼ିଶାକୁ ଏକ ସୁରକ୍ଷିତ ଏବଂ ପ୍ରଯୁକ୍ତିବିଦ୍ଧି-ଭିତ୍ତିକ ବିପର୍ଯ୍ୟୟ ମୁକାବିଲା ବ୍ୟବସ୍ଥା ଅଧୀନକୁ ଅଣାଯିବ ବୋଲି ଶ୍ରୀ ପୁଜାରୀ ସୂଚନା ଦେଇଥିଲେ।ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ମନମୋହନ ସାମଲ, ବିଧାୟକ ଜୟ ନାରାୟଣ ମିଶ୍ର, ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର, ରାଜେଶ ପ୍ରଭାକର ପାଟିଲ, ଉତ୍ତରାଞ୍ଚଳ ଡିଆଇଜି ଚରଣ ସିଂ ମୀନା, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

### ରାଷ୍ଟ୍ରପତି ଭବନ...

ଆଦିବାସୀ ବହୁଳ ପଛୁଆ ଅଞ୍ଚଳରୁ ବିରଳ ଜନଜାତିଙ୍କ ରାଷ୍ଟ୍ରପତି ଭବନରେ ନୂଆଖାଇ ପାଳନ କରିବା ଅଞ୍ଚଳ ପାଇଁ ଏକ ଗୌରବ ଆଣିଛନ୍ତି ବୋଲି ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଇଛି କ୍ଷ ଏଠାରେ ସୂଚନାଯୋଗ୍ୟଯେ ଲାଞ୍ଜିଆ ସେ ?ରାଙ୍କ ଇଡିତାଲ ଜିଆଇ ଟ୍ୟାଗ ପାଇଛି। ରାୟଗଡା ଜିଲ୍ଲାରେ ରହିଥିବା ୨ଟି ପିଭିଟିଜିଙ୍କ ମଧ୍ୟରୁ ଲାଞ୍ଜିଆ ସେ ?ରା ଅନ୍ୟତମ। ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ନୂଆଖାଇ ଭେଟଘାଟ୍ କାର୍ଯ୍ୟକ୍ରମରେ ୮ଜଣ ପୁରୁଷ ଓ ୭ ଜଣ ମହିଳା ଲାଞ୍ଜିଆ ସୌରା ଯୋଗଦାନ କରିଥିଲେ।

### ଆଜି ସୁଭଦ୍ରା ଯୋଜନାର...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଓଡ଼ିଶାରେ ଆରମ୍ଭ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ୨୫ ବର୍ଷ ନିରନ୍ତର ଲୋକସେବା, ସଙ୍କଳ୍ପ ଓ ଅଭିଯାନ ପାଳନ ସହିତ ସୁଭଦ୍ରା ଯୋଜନାର ୨ୟ ବାର୍ଷିକ ପାଳନ ଅବସରରେ ଆସନ୍ତାକାଲି ସନ୍ଧ୍ୟାରେ ରାଜ୍ୟର ସମସ୍ତ ୩୩୮ଟି ଆଇସିଡିଏସ ରେଙ୍ଗୋଲି ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

### ଇପିଏଫ୍‌ଓ,ଇପିଏସ୍‌ର...

ଇପିଏସ୍ ଯୋଜନା ମଧ୍ୟରେ ରହିବେ। ବର୍ତ୍ତମାନ ମାସିକ ୧୫,୦୦୦ ଟଙ୍କାରୁ ଅଧିକ ବେତନରେ ନୂଆ ଚାକିରିରେ ଯୋଗ ଦେଉଥିବା କର୍ମଚାରୀ ଆପେ ଆପେ ଇପିଏଫ ବ୍ୟବସ୍ଥାରେ ସାମିଲ ହୁଅନ୍ତି ନାହିଁ। ଏଥିଯୋଗୁ ସେମାନେ ବାଧ୍ୟତାମୂଳକ ଭବିଷ୍ୟନିଧି, ପେନ୍‌ସନ୍ ଓ ଏହା ସହ ଜଡ଼ିତ ବୀମା ସୁବିଧାରୁ ବାହାରେ ରୁହନ୍ତି। ବେତନ ସୀମା ୨୫,୦୦୦ ଟଙ୍କାକୁ ବୃଦ୍ଧି ଯୋଗୁ ୧୫,୦୦୦ରୁ ୨୫,୦୦୦ ଟଙ୍କା ବେତନ ପାଉଥିବା କର୍ମଚାରୀ ବାଧ୍ୟତାମୂଳକ ଭାବେ ସାମାଜିକ ସୁରକ୍ଷା ବ୍ୟବସ୍ଥାରେ ସାମିଲ ହୋଇପାରିବେ। କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଧାର୍ଯ୍ୟ ଇପିଏଫଓ ବେତନ ବୃଦ୍ଧି ଯୋଗୁ ପ୍ରାୟ ୫୧ ଲକ୍ଷ କର୍ମଚାରୀ ଲାଭବାନ ହେବେ। ଦୀର୍ଘ ସମୟ ଧରି ବଢୁଥିବା ବେତନ, ଆୟ ବୃଦ୍ଧି ଏବଂ ସଂଗଠିତ ନିଯୁକ୍ତିର କ୍ରମାଗତ ବିସ୍ତାରକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି।କ୍ୟାବିନେଟ ଅନୁମୋଦନ ଯୋଗୁ କର୍ମଚାରୀମାନେ ଭବିଷ୍ୟନିଧି ସଞ୍ଚୟ, କର୍ମଚାରୀ ପେନ୍‌ସନ୍ ଯୋଜନା ଅଧୀନରେ ପେନ୍‌ସନ୍ ସୁରକ୍ଷା ଓ ବୀମା ଯୋଜନା ଅଧୀନରେ ସୁରକ୍ଷା ପାଇପାରିବେ। ଏହି ନିଷ୍ପତ୍ତି ସରକାରଙ୍କ ଉପରେ ରାଜସ୍ୱ ବୋଝ ୫ ବର୍ଷ ମଧ୍ୟରେ ୫୬,୬୭୬ କୋଟି ଟଙ୍କାକୁ ବୃଦ୍ଧି କରିବ। ବର୍ତ୍ତମାନ ସରକାର ପ୍ରତିବର୍ଷ ପ୍ରାୟ ୧୦,୨୫୦ କୋଟି ଟଙ୍କାର ବଜେଟ ସହାୟତା ଦେଉଛନ୍ତି। ହେଲେ ଏବେ ଏହା ବାର୍ଷିକ ୧୧,୩୩୯ କୋଟିରେ ପହଞ୍ଚିବ।

### ପୁଣି ଡରାଇଲା...

ଅବଶିଷ୍ଟାଂଶ ଆଣ୍ଡାମାନ ସାଗର ଅଞ୍ଚଳକୁ ପ୍ରଭାବିତ କରିପାରେ। ପରବର୍ତ୍ତୀ ସମୟରେ ଉତ୍ତର ଆଣ୍ଡାମାନ ସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲଘୁଚାପ କିମ୍ବା ଘୂର୍ଣ୍ଣିବଳୟ ଗଠନର ସମ୍ଭାବନାକୁ କେତେକ ମଡେଲ୍ ଦର୍ଶାଉଛି। ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କଲେ ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ର ଉପକୂଳ ଉପରେ ପ୍ରଭାବ ପଡ଼ିପାରେ।ତେବେ ମଡେଲ୍‌ଗୁଡ଼ିକର ଏଭଳି ଦୀର୍ଘମିଆଦୀ ଆକଳନରେ ପରବର୍ତ୍ତୀ ଅପଡେଟ୍ ସହ ସମୟ, ଦିଗ ଓ ତୀବ୍ରତାରେ ପରିବର୍ତ୍ତନ ହୋଇପାରେ। ତେଣୁ ଏବେଠାରୁ ଏହାକୁ ବାତ୍ୟା ଭାବେ ନିଶ୍ଚିତ କରିବା ଠିକ୍ ହେବ ନାହିଁ। ବାତ୍ୟା ଚର୍ଚ୍ଚା ମଧ୍ୟରେ ରାଜ୍ୟରେ ବର୍ଷା ଜାରି ରହିବ। ଓଗଉର ଓଡ଼ିଶା ଚେତାବନୀ ଅନୁଯାୟୀ ୧୮ରୁ ୨୧ ସେପ୍ଟେମ୍ବର ମଧ୍ୟରେ ଭାରୀ ବର୍ଷାର ସମ୍ଭାବନା ରହିଛି। ଆଣ୍ଡାମାନ-ନିକୋବର ଅଞ୍ଚଳ ପାଇଁ ମଧ୍ୟ ୧୬ରୁ ୨୧ ସେପ୍ଟେମ୍ବର ଯାଏ ଭାରୀ ବର୍ଷା ଓ ବଜ୍ରପାତର ଚେତାବନୀ ରହିଛି। ତେଣୁ ଆସନ୍ତା କିଛି ଦିନ ବଙ୍ଗୋପସାଗର ଉପରେ ନଜର ରହିବ। ଲଘୁଚାପ ଗଠନ ହେଉଛି କି, ଏହା କେତେ ଘନୀଭୂତ ହେଉଛି ଏବଂ କେଉଁ ଦିଗକୁ ଗତି କରୁଛି, ପରବର୍ତ୍ତୀ ଓଗଉ ଅପଡେଟ୍‌ରେ ଏହାର ଚିତ୍ର ଅଧିକ ସ୍ପଷ୍ଟ ହେବ। ପାଣିପାଗ ବିଶେଷଜ୍ଞମାନେ ମଧ୍ୟ କହୁଛନ୍ତି ଯେ ଆସନ୍ତା କିଛି ଦିନର ମଡେଲ୍ ଆକଳନ ଉପରେ ନଜର ରଖିବା ଜରୁରୀ। ବର୍ତ୍ତମାନ ସ୍ଥିତିରେ ବାତ୍ୟାର ନିର୍ଦ୍ଦିଷ୍ଟ ଗତିପଥ, ତୀବ୍ରତା କିମ୍ବା ଲ୍ୟାଣ୍ଡଫଲ୍ ସ୍ଥାନ କହିବା ସମୟ ହୋଇନାହିଁ।

### ଅନନ୍ତ ନାଗଙ୍କୁ ମିଳିବ...

ଭାରତ ସରକାର ଘୋଷଣା କରି ଖୁସି ହେଉଛନ୍ତି ଯେ, ଅନନ୍ତ ନାଗଙ୍କୁ ତାଙ୍କର ଉଜ୍ଜ୍ୱଳ ଯାତ୍ରା ଏବଂ ଭାରତୀୟ ସିନେମାରେ ଅବଦାନ ପାଇଁ ପ୍ରତିଷ୍ଠିତ ଦାଦା ସାହେବ ଫାଲକେ ପୁରସ୍କାର ୨୦୨୪ ରେ ସମ୍ମାନିତ କରାଯିବ। ସେ ପିଢ଼ିକୁ ପ୍ରେରଣା ଦେଇଛନ୍ତି। ଏହି ପୁରସ୍କାର ସେପ୍ଟେମ୍ବର ୨୨, ୨୦୨୬ରେ ଗୁଜୁରାଟର କେଭାଡିଆରେ ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମାରୋହରେ ପ୍ରଦାନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅନନ୍ତ ନାଗଙ୍କୁ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଟ୍ୱିଟରରେ ଲେଖିଛନ୍ତି, 'ଦାଦାସାହେବ ଫାଲକେ ପୁରସ୍କାର ପାଇବା ପାଇଁ କିମ୍ବଦନ୍ତୀ ଅନନ୍ତ ନାଗ ଜିଙ୍କୁ ଅଭିନନ୍ଦନ। ତାଙ୍କର ଅସାଧାରଣ ବହୁମୁଖୀ ପ୍ରତିଭା, ଚମତ୍କାର କାର୍ଯ୍ୟ ଏବଂ ସହଜ ଅଭିନୟ ଦଶନ୍ଧି ଧରି ଭାରତୀୟ ସିନେମା, ବିଶେଷକରି କନ୍ନଡ ସିନେମାରେ ଏକ ଗଭୀର ଛାପ ଛାଡିଛି। ସେ ତାଙ୍କ ଚରିତ୍ର ଗୁଡ଼ିକରେ ଗଭୀରତା ଏବଂ ସତ୍ୟ ଆଣିଥିଲେ। ସେ ପ୍ରକୃତରେ ଏହାର ଯୋଗ୍ୟ।' ଅନନ୍ତ ନାଗ ଜଣେ ପ୍ରବୀଣ ଅଭିନେତା ଏବଂ ରାଜନେତା। ସେ କନ୍ନଡ ସିନେମାରେ ତାଙ୍କର ପ୍ରଚୁର ଅବଦାନ ପାଇଁ ଜଣାଶୁଣା। ତାଙ୍କର ଜନ୍ମ ସେପ୍ଟେମ୍ବର ୪, ୧୯୪୮ ରେ ହୋଇଥିଲା। ସେ ତାଙ୍କ କ୍ୟାରିଅରରେ କନ୍ନଡ, ହିନ୍ଦୀ, ତେଲୁଗୁ, ତାମିଲ, ମରାଠୀ ଏବଂ ମାଲାୟଲମ ଚଳଚ୍ଚିତ୍ର ସମେତ ୩୦୦ ରୁ ଅଧିକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି।

### ଅନ୍ତ୍ୟୋଦୟଙ୍କ ପାଖରେ...

ଭଳି କାର୍ଯ୍ୟକ୍ରମ ସାମିଲ ରହିବ। ଏହା ସହ ବୃକ୍ଷରୋପଣ, ରକ୍ତଦାନ ଶିବିର ଓ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଅଧିକରୁ ଅଧିକ ଲୋକଙ୍କୁ ସେବା ଅଭିଯାନ ସହ ଯୋଡ଼ିବାକୁ ଯୋଜନା ରହିଛି। ରାଜ୍ୟସ୍ତରରେ ମଧ୍ୟ ରକ୍ତଦାନ, ସଚେତନତା, ସାମାଜିକ ସେବା ଓ ଯୁବ-ଛାତ୍ରଛାତ୍ରୀଙ୍କ ଭାଗୀଦାରି ଭଳି କାର୍ଯ୍ୟକ୍ରମକୁ ଅଭିଯାନର ଅଂଶ କରାଯାଇଛି। ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର ସମସ୍ତ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରଖି କାର୍ଯ୍ୟକ୍ରମଗୁଡ଼ିକର ସୁଚାରୁ ପରିଚାଳନା ସହ ଏହାର ଡକ୍ୟୁମେଣ୍ଟେସନ୍ ଏବଂ ବ୍ୟାପକ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରାଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ଚାଲିଗଲା ଜୀବନ



ଦଶମନ୍ତପୁର.୧୬/୯(କଇନ ଗରଡ଼ା) ପୋଖରୀରେ ଗାଧେଇବା ହେଲା କାଳ ଚାଲିଗଲା ଜଣେ ବୃଦ୍ଧଙ୍କ ଜୀବନ । ଦମକଳବାହିନୀ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଗଳିତ ମୃତଦେହ ଉଦ୍ଧାର । ମୃତକ ଜଣକ କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମା ପଞ୍ଚାୟତ ଅଧିନସ୍ଥ ଟିକରପଡା ଗାଁର ଲିମ ଦିଶାରୀ ବୋଲି ଜଣାପଡିଛି । ମିଳିଥିବା ସୂଚନା ଅନୁଯାଇ ଲିମ ମଙ୍ଗଳବାର ଦିନ ୧୦ଟା ବେଳେ ଗାଧୋଇବାକୁ ଗାଁ ପାଖ ଉପରବାଡ଼ ଅମୃତଶ୍ୱର ବନ୍ଧକୁ ଯାଇଥିଲେ ବହୁ ସମୟ ପରେ ମଧ୍ୟ ଘରକୁ ନ ଫେରିବାରୁ ପରିବାର ଲୋକେ ପୋଖରୀ ହିଡ଼ରେ ପୂର୍ବରୁ ପିନ୍ଧିଥିବା ସାର୍ଟ ଓ ଗାମୁଛା ରଖାଯାଇଥିବା ଦେଖି ପରିବାର ଲୋକେ ନିଶ୍ଚିତ ପୋଖରୀର ଗଭୀର ଗାତରେ ବୁଡ଼ିଯାଇଥିବା ନେଇ ମୃତକଙ୍କ ପୁଅ ମନବୋଧ ଦିଶାରୀ ଦଶମନ୍ତପୁର ଥାନାରେ ଏତଲା ଦେବାପରେ ପୋଲିସ ଏବଂ ଦମକଳ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରୁଥିବାବେଳେ ରାତି ଅଧିକ ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ସ୍ଥଗିତ ରଖାଯାଇ ବୁଧବାର ସକାଳୁ ପୁଣି ଦମକଳବାହିନୀଙ୍କ ସହ ମୃତକଙ୍କ ସମ୍ପର୍କୀୟ ହେମନ୍ତ ଜାନି ଓ ଅନ୍ୟମାନେ ମିଶି ଗଳିତ ଶବ ଉଦ୍ଧାର କରିଥିଲେ । ଦଶମନ୍ତପୁର ଥାନାର ଏ.ଏସ.ଆଇ ରବୀନ୍ଦ୍ର ବଡ଼କୁମାର ଓ ତାଙ୍କ ଟିମ ଉପସ୍ଥିତ ରହି ଘଟଣା ସ୍ଥଳରୁ ଶବବ୍ୟବଚ୍ଛେଦ ପାଇଁ ଦଶମନ୍ତପୁରକୁ ଆଣି ବ୍ୟବଚ୍ଛେଦ ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି।

## ମୂର୍ତ୍ତି ବିସର୍ଜନ ବେଳେ ଭାସିଗଲେ ଦୁଇ ଛାତ୍ର, ଅଞ୍ଚଳରେ ଶୋକର ଛାୟା

ହିଞ୍ଜିଳିକାଟୁ, ୧୬/୯(ଅବନି କାନ୍ତ ପଟ୍ଟନାୟକ) : ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଅଘଟଣ।ହିଞ୍ଜିଳିକାଟୁ ଘୋଡ଼ାହାଡ଼ ନଦୀରେ ବୁଡି ୨ ନାବାଳକ ଛାତ୍ର ମୃତ। ଦୁଇ ମୃତକ ହେଲେ ହିଞ୍ଜିଳିକାଟୁ ପୌରାଞ୍ଚଳ ଗଜପତି ମାର୍ଗ ଅଞ୍ଚଳର ଆଦର୍ଶ ସାହୁ(୧୪) ଓ ହିଞ୍ଜିଳିକାଟୁ ଗାୟତ୍ରୀ ନଗରର ପ୍ରୀତମ ସାମେଲି (୧୪) । ଉଭୟ ଛାତ୍ର ଅନ୍ୟ ସାଥୀମାନଙ୍କ ସହ ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ଘୋଡ଼ାହାଡ଼ ନଦୀକୁ ଯାଇଥିଲେ। ବିସର୍ଜନ ସମୟରେ ଅସାବଧାନତାବଶତଃ ଉଭୟେ ଗଭୀର ପାଣିକୁ ଚାଲିଯାଇ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ଓ ହିଞ୍ଜିଳିକାଟୁ ଦମକଳ ବାହିନୀ କର୍ମଚାରୀ ମାନେ ଗୁରୁତର ଅବସ୍ଥାରେ ଉଭୟଙ୍କୁ ନଦୀରୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ ହେଁ ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁଃଖଦ ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳାଇଦେଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

## ସମୟକ୍ରମେ ଭଙ୍ଗାଯିବ ବିପଦପୂର୍ଣ୍ଣ ଷ୍ଟଲ



କୋରାପୁଟ ୧୬/୦୯ (ଅକ୍ଷର ଓଡିଶା )କୋରାପୁଟ ସହରରେ ବିପଦପୂର୍ଣ୍ଣ ଷ୍ଟଲ ଗୁଡ଼ିକୁ ନେଇ ପୌର ପ୍ରଶାସନର ତତ୍ପରତା।କୋରାପୁଟ ପୌର ପରିଷଦ ଦ୍ୱାରା ଚିହ୍ନଟ ହୋଇଥିବା ବିପଦପୂର୍ଣ୍ଣ ଷ୍ଟଲ ଗୁଡ଼ିକୁ ସମୟକ୍ରମେ ଭଙ୍ଗାଯିବ ବୋଲି କହିଛନ୍ତି ପୌର ପରିଷଦର ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ।ସୂଚନା ଯୋଗ୍ୟ ଯେ ଗତବର୍ଷ ସେପ୍ଟେମ୍ବର ୧୩ ତାରିଖରେ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ ଦୋକାନର ପ୍ରଥମ ମହଲାର ଛାତ ଭୁଷୁଡ଼ି ପଡ଼ିବା ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସହରରେ ଥିବା ବିପଦପୂର୍ଣ୍ଣ ଷ୍ଟଲ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।ଏହାପରେ ଟ୍ରାଫିକ ଛକ, ଜଗନ୍ନାଥ ମନ୍ଦିର ଛକ ଏବଂ ଡେଲି ମାର୍କେଟ ଅଞ୍ଚଳର ଷ୍ଟଲ ଗୁଡ଼ିକର ସର୍ଭେ କରାଯାଇଛି। ଟ୍ରାଫିକ ଛକ ନିକଟରେ ଥିବା ଷ୍ଟଲର ଦୋକାନୀମାନଙ୍କୁ ନୋଟିସ ମଧ୍ୟ ଜାରି କରାଯାଇଛି।ଅନ୍ୟପଟେ, ନୂତନ ଷ୍ଟଲ ନିର୍ମାଣ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବାବେଳେ ବର୍ଷା ଯୋଗୁଁ କାମ ଆରମ୍ଭ ହୋଇପାରିନାହିଁ। ବର୍ଷା ଶେଷ ହେବା ପରେ ନୂତନ ଷ୍ଟଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ପୌର ପରିଷଦର ନିର୍ବାହୀ ଅଧିକାରୀ କହିଛନ୍ତି। ଦିଲ୍ଲୀ ବିଲ୍ଡିଙ୍ଗ ଭୁଷିଡିବା ପରେ ରାଜ୍ୟ ସରକାର ସହରାଞ୍ଚଳରେ ୧୫ ଦିନ ମଧ୍ୟରେ ବିପଦସଂକୁଳ କୋଠା ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ କୋରାପୁଟ ପୌର ପରିଷଦ ପକ୍ଷରୁ ବର୍ଷେ ତଳେ ବିପଦସଙ୍କୁଳ ଷ୍ଟଲ ଚିହ୍ନଟ ହୋଇଥିବା ସତ୍ତ୍ୱେ କୌଣସି କାର୍ଯ୍ୟ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ।ତେବେ ପ୍ରଶ୍ନ ହେଉଛିଅଘଟଣକୁ ଅପେକ୍ଷା ନକରି ବିପଦପୂର୍ଣ୍ଣ ଷ୍ଟଲ ଗୁଡ଼ିକୁ କେବେ ହଟାଯିବ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଆରମ୍ଭ କରିବାକୁ ଦାବି ହେଉଛି।

## ଚାରିଛକ ଅଂଚଳରେ ପୁଣି ଗୋ ମାଫିଆ ସକ୍ରିୟ

ନିମାପଡା ୧୬/୯(ଅକ୍ଷର ଓଡିଶା ) ଗୋ ଚାଲଣ ବନ୍ଦ ହେବାର କିଛିଦିନ ପରେ ଚାରିଛକ ଅଂଚଳରେ ଗୋ ମାଫିଆମାନେ ପୁଣି ସକ୍ରିୟ ହୋଇପଡିଛନ୍ତି । ବାହାରେ ବୁଲୁଥିବା ଅଣ୍ଡିରା ବାଛୁରୀକୁ ଭିନ୍ନ ଏକ ଉପାୟରେ ଚାଲଣ କରୁଥିବା ଶୁଣିବାକୁ ମିଳିଛି। ମାଫିଆମାନେ ଅଂଚଳର ଚାଷୀ ମାନଙ୍କୁ ପ୍ରବର୍ତାଇ ସେମାନଙ୍କ ଦ୍ୱାରା ଅଣ୍ଡିରା ବାଛୁରୀ ସବୁ ଧରି ବିଭିନ୍ନ ସ୍ଥାନରେ ୪ ରୁ ୫ ଦିନ ରଖିବା ପରେ ବାଛିରୀ ଗୁଡିକ ଦୁର୍ବଳ ହୋଇଗଲା ପରେ ଗୋ ମାଫିଆମାନେ ବାଛୁରୀ ସବୁ ଗାଡି ଦ୍ୱାରା ବିଭିନ୍ନ ସ୍ଥାନକୁ ଚାଲାଣ କରୁଛନ୍ତି । ସ୍ଥାନୀୟ ପ୍ରଶାସନ ସବୁ ଜାଣି ନୀରବ ରହୁଥିବା ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉଚ୍ଚ କତୃପକ୍ଷ ଦୃଷ୍ଟିଦେବାକୁ ଜନସାଧାରଣ ଦାବୀ କରିଛନ୍ତି ।

## ଅଧକ୍ଷଙ୍କ ମନମାନୀ ଓ ମାନସିକ ଚାପ ଅଭିଯୋଗ



- ଇସ୍ତଫା ଦେଲେ ହଷ୍ଟେଲ ୱାର୍ଡେନ, ପାଚିକା ବହିଷ୍କୃତ
- ୱାର୍ଡେନଙ୍କୁ ରୋଷେଇ ଦାୟିତ୍ୱ ଅଭିଯୋଗ

ନାରାୟଣପାଟଣା, ୧୬/୯ (ଗିରିଧର ଖରା): ନାରାୟଣପାଟଣା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ହଷ୍ଟେଲ ପରିଚାଳନାକୁ ନେଇ ଏବେ ଗୋଟିଏ ପରେ ଗୋଟିଏ ଅଭିଯୋଗ ସାମ୍ନାକୁ ଆସିଛି। ହଷ୍ଟେଲରେ ବିଦ୍ୟାଳୟ ଅଧକ୍ଷଙ୍କ ମନମାନୀ, ମାନସିକ ଚାପ ଓ ଅସହଯୋଗ ଯୋଗୁଁ ହଷ୍ଟେଲ ୱାର୍ଡେନ ସପ୍ନା ଦୀପ ଇସ୍ତଫା ଦେବାକୁ ବାଧ ହୋଇଥିବା ସେ ଅଭିଯୋଗ କରିଛନ୍ତି। ଦୀର୍ଘଦିନ ଧରି ବିଭିନ୍ନ ପ୍ରକାର ଚାପର ସମ୍ମୁଖୀନ ହେବା ପରେ ସେ ଶେଷରେ ଇସ୍ତଫା ଦେଇଥିବା ଜଣାପଡ଼ିଛି।ୱାର୍ଡେନଙ୍କ ଅଭିଯୋଗ ଅନୁସାରେ, ହଷ୍ଟେଲ ପରିଚାଳନା ସମୟରେ ତାଙ୍କୁ ଆବଶ୍ୟକ ଛୁଟି ନେବାରେ ମଧ୍ୟ ସୁଯୋଗ ଦିଆଯାଉନଥିଲା। ଏଥିସହ ହଷ୍ଟେଲରେ ଛାତ୍ରୀଙ୍କ ଉପସ୍ଥାନ ଓ ମେସ୍ ପରିଚାଳନାକୁ ନେଇ ମଧ୍ୟ ତାଙ୍କ ଉପରେ ଚାପ ପକାଯାଉଥିବା ସେ କହିଛନ୍ତି। ୮୫ ଜଣ ଛାତ୍ରୀଙ୍କ ସ୍ଥାନରେ ୧୦୦ ଜଣ ଛାତ୍ରୀଙ୍କ ଉପସ୍ଥାନ ଦେବାକୁ ମେସ୍ ଇନ୍‌ଚାର୍ଜଙ୍କ ପକ୍ଷରୁ ତାଗିଦ କରାଯାଉଥିବା ଅଭିଯୋଗ ହୋଇଛି। ବାସ୍ତବ ଉପସ୍ଥାନଠାରୁ ଅଧିକ ସଂଖ୍ୟା ଦର୍ଶାଇବାକୁ ୱାର୍ଡେନ ରାଜି ନହେବାରୁ ତାଙ୍କ ବିରୋଧରେ କିଛି ଛାତ୍ରୀଙ୍କୁ ବ୍ୟବହାର କରାଯାଇଥିବା ସେ ଅଭିଯୋଗ କରିଛନ୍ତି।ହଷ୍ଟେଲରେ ଠିକ୍ ସମୟରେ ଓ ଆବଶ୍ୟକ ପରିମାଣର ଖାଦ୍ୟ ଦିଆଯାଉନଥିବା ନେଇ କିଛି ଛାତ୍ରୀଙ୍କ ଜରିଆରେ ତାଙ୍କ ବିରୋଧରେ ଅଭିଯୋଗ କରାଯାଇଥିବା ମଧ୍ୟ ୱାର୍ଡେନ କହିଛନ୍ତି। ତେବେ ଏହି ଅଭିଯୋଗର ସତ୍ୟତା ନେଇ ମଧ୍ୟ ତଦନ୍ତର ଆବଶ୍ୟକତା ରହିଥିବା ଅଭିଭାବକମାନେ କହିଛନ୍ତି।ଅନ୍ୟପକ୍ଷରେ ହଷ୍ଟେଲରେ କାର୍ଯ୍ୟରତ ପାଚିକାଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇ ୱାର୍ଡେନଙ୍କୁ ରୋଷେଇ କାର୍ଯ୍ୟ କରିବାକୁ ବାଧ କରାଯାଇଥିବା ଅଭିଯୋଗ ମଧ୍ୟ ଉଠିଛି। ପାଚିକାଙ୍କୁ କାର୍ଯ୍ୟରୁ କାଢ଼ିଦେବା ପରେ ଦୁଇଦିନ ଧରି ହଷ୍ଟେଲର ଛାତ୍ରୀମାନଙ୍କୁ ଭାତ ବଦଳରେ ଉପମା ଦିଆଯାଇଥିବା ଅଭିଯୋଗ ରହିଛି। ଏଭଳି ପରିସ୍ଥିତିରେ ହଷ୍ଟେଲର ଖାଦ୍ୟ ବ୍ୟବସ୍ଥା ଓ ଛାତ୍ରୀମାନଙ୍କ ଦୈନନ୍ଦିନ ସୁବିଧାକୁ ନେଇ ପ୍ରଶ୍ନ ଉଠିଛି।ଏସବୁ ଘଟଣା ପରେ ମାନସିକ ଚାପ ଓ ଅସହଯୋଗ ଆଉ ସହିବା ସମ୍ଭବ ନହେବାରୁ ୱାର୍ଡେନ ସପ୍ନା ଦୀପ ଇସ୍ତଫା ପତ୍ର ଦେଇଥିବା କହିଛନ୍ତି। ତାଙ୍କ ଇସ୍ତଫା ପରେ ହଷ୍ଟେଲର ସୁରକ୍ଷା ଓ ପରିଚାଳନା ଦାୟିତ୍ୱ ଅଣସ୍ୱୀକୃତିପ୍ରାପ୍ତ କର୍ମଚାରୀଙ୍କ ହାତରେ ଦିଆଯାଇଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ଏହି ଅଭିଯୋଗ ପ୍ରଘଟ ହେବା ପରେ ଛାତ୍ରୀମାନଙ୍କ ଅଭିଭାବକ ମହଲରେ ଚିନ୍ତା ବଢ଼ିଛି।ହଷ୍ଟେଲରେ ରହୁଥିବା ଛାତ୍ରୀମାନଙ୍କ ସୁରକ୍ଷା ଓ ମୌଳିକ ସୁବିଧା ସହ ଜଡ଼ିତ ଏହି ଅଭିଯୋଗକୁ ନେଇ ଶିକ୍ଷା ବିଭାଗ ପକ୍ଷରୁ ତଥ୍ୟ ସଂଗ୍ରହ କରାଯାଇ ନିରପେକ୍ଷ ତଦନ୍ତ କରିବାକୁ ଦାବି ହୋଇଛି। ଏଥିସହ ୱାର୍ଡେନଙ୍କ ଇସ୍ତଫାର କାରଣ, ପାଚିକାଙ୍କୁ କାର୍ଯ୍ୟରୁ ବାହାର କରାଯିବା, ଛାତ୍ରୀଙ୍କ ଉପସ୍ଥାନ ସଂଖ୍ୟାକୁ ନେଇ ଉଠିଥିବା ଅଭିଯୋଗ ଓ ହଷ୍ଟେଲ ସୁରକ୍ଷା ଦାୟିତ୍ୱ ସମ୍ପର୍କିତ ବିଷୟର ଯାଞ୍ଚ କରାଯିବା ଆବଶ୍ୟକ ବୋଲି ଅଭିଭାବକମାନେ ମତ ଦେଇଛନ୍ତି। ଅଭିଯୋଗଗୁଡ଼ିକର ତଦନ୍ତ ପରେ ପ୍ରକୃତ ଘଟଣା ସ୍ପଷ୍ଟ ହେବ। ତେବେ ଆଦର୍ଶ ବିଦ୍ୟାଳୟ ହଷ୍ଟେଲରେ ଛାତ୍ରୀମାନଙ୍କ ସୁରକ୍ଷା, ଖାଦ୍ୟ ବ୍ୟବସ୍ଥା ଓ ପରିଚାଳନା ଯେପରି ପ୍ରଶ୍ନବିଦ୍ଧ ନହୁଏ, ସେଥିପାଇଁ ତୁରନ୍ତ ପ୍ରଶାସନିକ ପଦକ୍ଷେପ ନେବାକୁ ଦାବି ହୋଇଛି। ଅନ୍ୟପଟେ ଏ ପ୍ରସଙ୍ଗରେ ଆମେ ପାଚିଙ୍ଗି ଆଦର୍ଶ ବିଦ୍ୟାଳୟ ର ଅଧକ୍ଷ ପ୍ରଦୀପ୍ତ ମୁଦୁଲିଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧା ପ୍ରତିକ୍ରିୟା ମିଳିପାରିନାହିଁ।

## ଜବକାର୍ଡ ପ୍ରସ୍ତୁତି ପାଇଁ ୧୦୦୦ ଟଙ୍କା ଆଦାୟ ଅଭିଯୋଗ, ତଦନ୍ତ ଦାବି

ନୂଆପଡ଼ା, ୧୬/୦୯ ( ମୋହନ ଲାଲ ଦୀପ ): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଅନ୍ତର୍ଗତ ଖଇରା ଗ୍ରାମପଞ୍ଚାୟତରେ ଜବକାର୍ଡ ପ୍ରସ୍ତୁତିକୁ ନେଇ ଅନିୟମିତତା ହେଉଥିବା ଅଭିଯୋଗ ସାମ୍ନାକୁ ଆସିଛି। ଗ୍ରାମପଞ୍ଚାୟତର କେତେକ ହିତାଧିକାରୀଙ୍କ ଅଭିଯୋଗ ଅନୁଯାୟୀ, ନୂତନ ଜବକାର୍ଡ ପ୍ରସ୍ତୁତି ପାଇଁ ଗ୍ରାମ ରୋଜଗାର ସେବକ (ଜିଆରଏସ)ଙ୍କ ଦ୍ୱାରା ୧୦୦୦ ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଉଛି। ଅଭିଯୋଗକାରୀମାନଙ୍କ କହିବା ଅନୁଯାୟୀ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ନିଶ୍ଚିତକରଣ ଯୋଜନା (ମନରେଗା) ଅଧୀନରେ ଜବକାର୍ଡ ସମ୍ପୂର୍ଣ୍ଣ ମାଗଣାରେ ପ୍ରଦାନ କରାଯିବା କଥା। ମାତ୍ର କାର୍ଡ ପାଇବା ଆଶାରେ ଅନେକ ଗରିବ ଓ ଶ୍ରମଜୀବୀ ପରିବାର ବାଧ ହୋଇ ଟଙ୍କା ଦେଉଥିବା ସେମାନେ ଅଭିଯୋଗ କରିଛନ୍ତି।ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ, ସମ୍ପୃକ୍ତ ବିଭାଗ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣ ଲୋକ ଦାବି କରିଛନ୍ତି।ତେବେ ଏହି ଅଭିଯୋଗ ସମ୍ପର୍କରେ ଗ୍ରାମପଞ୍ଚାୟତ ପକ୍ଷ କିମ୍ବା ସମ୍ପୃକ୍ତ ଜିଆରଏସଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ପ୍ରଶାସନ ପକ୍ଷରୁ ତଦନ୍ତ ପରେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

## ବାରୁଅରେ ନୂଆଁଖାଇ ମହୋତ୍ସବ




କେନ୍ଦ୍ରାପଡ଼ା୧୬।୯। ୨୬(ଗଗନ କୁମାର ପ୍ରଧାନ )ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ାର ତଥା ଓଡ଼ିଶାର ଅନ୍ୟତମ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ବାରୁଅ ସ୍ଥିତ ଭାବଗ୍ରାହୀ କଳା ନିକେତନ ଆନୁକୁଲ୍ୟରେ ଏବଂ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ଚିର ସବୁଜ ଅକ୍ଷୟ ମହାନ୍ତି କକ୍ଷରେ ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଗୀତିକାର, ଗାୟକ ତଥା ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଭବ୍ୟ ମହୋତ୍ସବରେ ସତୀର୍ଥର ସଭାପତି କବି ଅମର ପ୍ରସାଦ ରାଉତ ମୁଖ୍ୟ ଅତିଥି, ସମାଜସେବୀ ହରିଶ୍ଚନ୍ଦ୍ର ଜେନା ମୁଖ୍ୟ ବକ୍ତା ଏବଂ ସମ୍ମାନୀତ ଅତିଥି ଭାବରେ ଗାୟକ ଅଜୟ ମହାନ୍ତି, କବି ଅଶୋକ ସାହୁ ରେଡିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଶ୍ରୀମତୀ ଧୀରାମଣି ପରିଡ଼ା ଯୋଗଦେଇ ନୂଆଁଖାଇ ପର୍ବର ବିଶେଷତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। କଳା ନିକେତନର ପ୍ରତିଷ୍ଠାତା ବିମଳ ପରିଡ଼ା ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ଜଗଜ୍ଜନନୀ ମା ସମଲେଶ୍ୱରୀଙ୍କ ଉଦ୍ଦେଶ୍ୟରେ ସମର୍ପିତ ନୂଆଁଖାଇ ପର୍ବ ଆଜି କେବଳ ପଶ୍ଚିମ ଓଡ଼ିଶା ନୁହେଁ ବରଂ ସମଗ୍ର ଓଡ଼ିଶାରେ ବିଭିନ୍ନ ସ୍ଥାନରେ ଏକ ଗଣପର୍ବ ଭାବରେ ପାଳିତ ହେଉଛି ବୋଲି ସୂଚନା ଦେଇଥିଲେ। ଆରମ୍ଭରେ ସମଲେଶ୍ୱରୀଙ୍କ ଫଟୋ ଚିତ୍ର ସମେତ ଲୋକକବି ଭାବଗ୍ରାହୀ ପରିଡ଼ା, କବି ପତ୍ନୀ ସରୋଜିନୀ ପରିଡ଼ା, ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତି ଏବଂ ଭିକାରୀ ବଳଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ପ୍ରଦୀପ ପ୍ରଜ୍ୱଳନ ପରେ ପରେ ହେନାଞ୍ଜଳି ଜେନା ସାଥିମାନେ ନୂଆଁଖାଇ ଶୀର୍ଷକ ସ୍ୱାଗତ ସଙ୍ଗୀତ ଗାଇଥିଲେ। ଭାବଗ୍ରାହୀ କଳା ନିକେତନ ଏବଂ ମହ୍ଲାର ଅର୍କେଷ୍ଟ୍ରାର ନୃତ୍ୟ ଶିଳ୍ପୀ ରଶ୍ମିତା ସୂତାର, ଅଙ୍କିତା ପରିଡ଼ା, ରତ୍ନ ମଞ୍ଜରୀ ପରିଡ଼ା, ପ୍ରତୀକ୍ଷା ନାୟକ, ଅଙ୍କିତା ସାହୁ ,ଅର୍ପିତା ସାହୁ, ଲିଜାରାଣୀ ପ୍ରଧାନ ପ୍ରମୁଖ କଳାକାରମାନେ ଚିତ୍ତାକର୍ଷକ ଓଡ଼ିଶୀ, ସମ୍ବଲପୁରୀ ଏବଂ ଆଧ୍ୟାତ୍ମିକ ନୃତ୍ୟ ପରିବେଷଣ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ।

ଗୁରୁବାର ୧୭।୦୯।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

# ଖେମକା ସପିଙ୍ଗ୍ ମଲ୍‌ରେ ଅଗ୍ନିଶମ ବିଭାଗର ଯାଞ୍ଚ



ଲୋକ ଦେଖାଣିଆ ମିଆଦ ସରିଥିବା ଅଗ୍ନି ନିର୍ବାପକ ଯନ୍ତ୍ର

ଢେଙ୍କାନାଳ, ୧୬/୦୯ (ବିଜ୍ଞାନ ମହାନ୍ତି ) ଅଗ୍ନିଶମ ବିଭାଗର ଏକ ସତନ୍ତ୍ର ଟିମ୍ ଢେଙ୍କାନାଳର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ ଖେମକା ସପିଙ୍ଗ ମଲ୍ ରେ ପହଞ୍ଚି ସେଠାରେ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିବା ସହ କର୍ମଚାରୀମାନଙ୍କୁ ଅଗ୍ନି ନିରାପତ୍ତା ସମ୍ପର୍କରେ ସଚେତନ କରାଇଥିଲା । ଜରୁରୀକାଳୀନ ପରିସ୍ଥିତିରେ କିପରି ନିଆଁକୁ ଆୟତ୍ତ କରାଯିବ ସେ ନେଇ ପରାମର୍ଶ ଦିଆଯାଇଥିଲା । ହେଲେ ଯାଞ୍ଚ ବେଳେ ଏକ ସାଂଘାତିକ ଅବହେଳା ସାମ୍ନାକୁ ଆସିଛି, ଯାହା ସମସ୍ତଙ୍କୁ ଚକିତ କରିଦେଇଛି । ମଲ୍ ର ସିଡି ପାଖରେ ଲାଗିଥିବା $CO_2$ ଅଗ୍ନି ନିର୍ବାପକ ଯନ୍ତ୍ର (ଫାୟାର ଏକ୍ସଟିଙ୍ଗୁଇସର) ର ମିଆଦ ୨୦୨୩ ମସିହାରୁ ସରି ଯାଇଛି । ଅର୍ଥାତ୍ ଗତ ୩ ବର୍ଷ ହେଲା ସେହି ଯନ୍ତ୍ରଟି କେବଳ ଲୋକ ଦେଖାଣିଆ ଭାବେ ଲାଗି ରହିଥିବା ଜଣା ପଡିଛି । ଅଗ୍ନିକାଣ୍ଡ ଘଟିଲେ ଏହା କୌଣସି କାମ କରିବ ନାହିଁ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି । ପ୍ରତିଦିନ ଖେମକା ମଲ୍ କୁ ହଜାର ହଜାର ଗ୍ରାହକ ଆସୁଛନ୍ତି । ଏଭଳି ଏକ ଜନଗହଳି ପୂର୍ଣ୍ଣ ସ୍ଥାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାରେ ଏଭଳି ଘୋର ଅବହେଳା ହଜାର ହଜାର ନିରୀହ ଲୋକଙ୍କ ଜୀବନ ସହ ଖେଳ ନୁହେଁ କି ? ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ଏହା ଅଗ୍ନି ନିରାପତ୍ତା ନିୟମର ଖୋଲା ଉଲ୍ଲଂଘନ ହେଉଥିବା ବେଳେ ମଲର ମାଲିକ କହିଛନ୍ତି ଆମ ପାଖରେ ନୂଆ ଅଗ୍ନି ନିର୍ବାପକ ଯନ୍ତ୍ର ଆସି ସାରିଛି ଆମେ ଖୁବଶୀଘ୍ର ଏହାକୁ ବଦଳାଇଦେବୁ । ଅଗ୍ନିଶମ ବିଭାଗ ପକ୍ଷରୁ ମଲ୍ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ଏହି ଅଚଳ ଯନ୍ତ୍ରକୁ ବଦଳାଇ ନୂଆ ଯନ୍ତ୍ର ଲଗାଇବା ଏବଂ ସମସ୍ତ ଅଗ୍ନି ନିରାପତ୍ତା ନିୟମ ପାଳନ କରିବା ପାଇଁ କଡା ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାର ଅଗ୍ନି ବିପଦ ଥିବା ଅନୁଷ୍ଠାନ ଗୁଡିକରେ ଅଗ୍ନିଶମ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ବ୍ୟାପକ ଫାୟାର ସେଫ୍ଟି ନିରୀକ୍ଷଣ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜନ ସଚେତନତା ସୃଷ୍ଟି ଏବଂ ଅଗ୍ନି ନିରାପତ୍ତା ନିୟମର ଅନୁପାଳନ ବୋଲି ଭାରପ୍ରାପ୍ତ ସହକାରୀ ଅଗ୍ନିଶମ ଅଧିକାରୀ ସୂଚନା ଦେଇଛନ୍ତି ।

## ସାଇଗଣେଶ କ୍ଲବର ନିଆରା ପ୍ରୟାସ

# ମନମୋହୁଛି ଛତିଶଗଡ଼ର ଭୁତେଶ୍ୱରନାଥ ମନ୍ଦିର ପ୍ରତିକୃତି

କାମାକ୍ଷାନଗର,୧୬/୯(ସୁମନ୍ତ ଜେନା) କାମାକ୍ଷାନଗର ସହର ରେ ଚଳିତବର୍ଷ ଗଣେଶ ପୂଜା ଧୁମଧାମରେ ପାଳିତ ହେଉଥିବା ବେଳେ ପୂଜାରେ ସତନ୍ତ୍ର ଆକର୍ଷଣ ସୃଷ୍ଟି କରିଛି ଛତିଶଗଡ଼ ଭୁତେଶ୍ୱର ନାଥ ମନ୍ଦିରର ପ୍ରତିକୃତି । କାମାକ୍ଷାନଗର ସହରର ୧୧ ନମ୍ବର ୱାର୍ଡ ରେ ଥିବା ବଡ଼ବନ୍ଧ ସାହି ର ସାଇଗଣେଶ କ୍ଲବ ତରଫରୁ ଏହି ପ୍ରତିକୃତି ନିର୍ମାଣ କରାଯାଇଛି । ଛତିଶଗଡ଼ର ପ୍ରସିଦ୍ଧ ଭୁତେଶ୍ୱର ନାଥ ମନ୍ଦିରର ଅବିକଳ ପ୍ରତିକୃତି ପାଇଁ ଚଳିତ ବର୍ଷ ଗଣେଶ ପୂଜା ରେ ନିଜର ସତନ୍ତ୍ର ଆକର୍ଷଣ ସୃଷ୍ଟି କରିଛି ସାଇଗଣେଶ କ୍ଲବ । ସବୁଠାରୁ ବଡ଼ କଥା ହେଉଛି ଯେ ଏହି ପ୍ରତିକୃତି କୌଣସି କାରିଗର



ନିର୍ମାଣ କରିନାହାନ୍ତି, କ୍ଲବ ର ସଦସ୍ୟ ମାନେ ଆଜିକୁ ୧୫ ଦିନ ହେବ ଅକ୍ଲାନ୍ତ ପରିଶ୍ରମ କରି ଏହାକୁ ନିର୍ମାଣ କରିଛନ୍ତି । ପାହାଡ଼ ଉପରେ ସବୁଜ ପରିବେଶକୁ ନେଇ ସାମାଜିକ ବାର୍ତ୍ତା ଦେଉଥିବା ବିଷୟବସ୍ତୁ କୁ ନେଇ ନିର୍ମାଣ ହୋଇଛି ଏହି ପ୍ରତିକୃତି । ଯାହାକୁ ଦେଖିବାପାଇଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗୁଥିବା ବେଳେ ଏହାର ନିର୍ମାଣରେ ପ୍ରାୟ ଅଢେଇ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଆୟୋଜକ କ୍ଲବର ସଦସ୍ୟ ପ୍ରକାଶ କରିଛନ୍ତି । ଏହି ପ୍ରତିକୃତି ନିର୍ମାଣ ପାଇଁ ଜିପସମ ଗୁଣ୍ଡ, ସିମେଣ୍ଟ, ଅଖାବସ୍ତା ଇତ୍ୟାଦି ବ୍ୟବହାର ହୋଇଥିବା ବେଳେ କ୍ଲବର ସଦସ୍ୟ ମାନଙ୍କ ସହଯୋଗରେ ଏହା ନିର୍ମାଣ ହୋଇଛି । ଯାହାକୁ ଦେଖିବାପାଇଁ ପ୍ରତ୍ୟେକ ଦିନ ସଂଧ୍ୟା ରେ ଶତାଧିକ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳୁଥିବା ବେଳେ କ୍ଲବର ସଭାପତି ସନ୍ତୋଷ କୁମାର ପରିଡା, ସମ୍ପାଦକ ଲାଲା ଲଜପତ ମହାକୁଡ଼, କୋଷାଧ୍ୟକ୍ଷ ରଞ୍ଜିତ କୁମାର ଷେଣ୍ଟ, ଉପଦେଷ୍ଟା ବିମଳ କୁମାର ପରିଡା, ଏବଂ ବିକାଶ ପରିଡା, ସୁଭାଶିଷ ସାହୁ, ବିଭୁ ଖୁଣ୍ଟିଆ, ରନ୍ ରଞ୍ଜନ ଖୁଣ୍ଟିଆ, ରାମଚନ୍ଦ୍ର ରାଉଳ, ଆଜାଦ ଖୁଣ୍ଟିଆ ପ୍ରମୁଖ ସଦସ୍ୟ ମାନେ ପୂଜା ପରିଚାଳନା ରେ ସହଯୋଗ କରୁଛନ୍ତି ।

# ମୃତ ଦୁଇ ଭାଇଙ୍କ ପରିବାରକୁ ଭେଟିଲେ ପରଜଙ୍ଗ ବିଧାୟକ

ପରଜଙ୍ଗ, ୧୬ ।୯(ଅକ୍ଷର ଓଡ଼ିଶା): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଆଖୁଆପାଳ ଗ୍ରାମପଞ୍ଚାୟତର ଦଦରାଘାଟି ଡ୍ୟାମ୍ ନିକଟରେ ରବିବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଏକ ଅଜଣା ଗାଡ଼ି ଧକ୍କାରେ ଆଖୁଆପାଳ ଗ୍ରାମ ଝରାପାଳ ସାହିର ଜୟଦେବ ସିଂହଙ୍କ ଦୁଇ ପୁଅ ଗଣେଶ୍ୱର ସିଂହ ଓ ରଞ୍ଜନ ସିଂହଙ୍କ ଦୁଃଖଦ ମୃତ୍ୟୁ ଘଟିଥିଲା ।ଏହି ଦୁଃଖଦ ଖବର ପାଇ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଗ୍ରାମକୁ ଯାଇଥିବା ନାଳ ପାଣିରେ ଚାଲି ଚାଲି ପାର ହୋଇ ମୃତକଙ୍କ ବାସଭବନରେ ପହଞ୍ଚି



ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଭେଟି ଗଭୀର ସମବେଦନା ଜଣାଇଥିଲେ । ଏଥିସହ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ରେଡ୍‌କ୍ରସ୍ ପକ୍ଷରୁ ଅନୁଦାନ ପାଇଁ ଉପଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ ।ପରିବାରକୁ ସରକାରଙ୍କ ତରଫରୁ ଯଥାଶୀଘ୍ର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ ।ଏହି ସମୟରେ ଗ୍ରାମବାସୀ ରାସ୍ତା ଯୋଗାଯୋଗର ଅସୁବିଧା ସମ୍ପର୍କରେ ବିଧାୟକଙ୍କ ନିକଟରେ ଅଭିଯୋଗ କରିଥିଲେ । ଏନେଇ ବିଧାୟକ କହିଥିଲେ ଯେ, ଆମ ସରକାରଙ୍କ ପକ୍ଷରୁ ବଅଁରପାଳ ପାତ୍ରସାହି ଛକରୁ ଦୋମୁହାଣି ଝରାପାଳ ପର୍ଯ୍ୟନ୍ତ ରାସ୍ତା ପାଇଁ ୧ କୋଟି ୪୧ ଲକ୍ଷ ୭୩ ହଜାର ଟଙ୍କା ଅନୁଦାନ ମଞ୍ଜୁର ହୋଇସାରିଛି । ବର୍ଷା କାରଣରୁ ବର୍ତ୍ତମାନ କାମ ସ୍ଥଗିତ ରହିଛି, ତେବେ ଖୁବ୍‌ଶୀଘ୍ର ପୁନର୍ବାର ରାସ୍ତା କାମ ଆରମ୍ଭ ହେବବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

## ଗଣେଶ ଭସାଣିରେ ଅଘଟଣ, ଟାଟା ଏସି ଧକ୍କାରେ ବୃଦ୍ଧା ମୃତ



କାମାକ୍ଷାନଗର, ୧୬/୯(ସୁମନ୍ତ ଜେନା) ଗଣେଶ ଭସାଣିର ଖୁସି ମଧ୍ୟରେ ଅଘଟଣ ।ଭସାଣି ପାଇଁ ଯାଉଥିବା ଟାଟା ଏସି ଗାଡ଼ି ଧକ୍କାରେ ବୃଦ୍ଧା ମୃତ । ଏଭଳି ଦୁଃଖଦ ଘଟଣା ଘଟିଛି କାମାକ୍ଷାନଗର ଥାନା କନ୍ଧବୋଲ ଗାଁରେ । ମୃତକ ଜଣକ ସେହି ଗାଁର ଜାତକ ପଧାନ । ସୂଚନା ଅନୁସାରେ, କନ୍ଧବୋଲ ଗାଁରେ ଗଣେଶ ପୂଜା ପରେ ଭସାଣି ଉତ୍ସବ ଚାଲିଥିଲା । ଗଣେଶ ମୂର୍ତ୍ତିକୁ ବିସର୍ଜନ ପାଇଁ ଟାଟା ଏସି ଗାଡ଼ିରେ ନିଆଯାଉଥିବା ବେଳେ ଗାଡ଼ିଟି ଜାତକ ପଧାନଙ୍କୁ ଧକ୍କା ଦେଇଥିଲା । ଫଳରେ ସେ ଗୁରୁତର ଆହତ ହୋଇଥିଲେ ।ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଜାତକଙ୍କୁ କାମାକ୍ଷାନଗର ମେଡିକାଲକୁ ନେଇଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଭସାଣିର ଉତ୍ସବ ମଧ୍ୟରେ ଏହି ଅଘଟଣ ପରେ କନ୍ଧବୋଲ ଗାଁରେ ଶୋକର ଛାୟା ଖେଳିଯାଇଛି ।

# ଚତୁର୍ଥ ବର୍ଷରେ ୟୁନିକ୍ ବଏଜ୍ କ୍ଲବ୍ ଗଣେଶ ପୂଜା

କାମାକ୍ଷାନଗର,୧୬/୯ (ସୁମନ୍ତ ଜେନା) : କାମାକ୍ଷାନଗର ଏନ୍‌ଏସି ତରୁଣ ବଜାରରେ ଚଳିତ ବର୍ଷ ଗଣେଶ ପୂଜା ଧୁମ୍‌ଧାମରେ ପାଳିତ ହେଉଛି । 'ୟୁନିକ୍ ବଏଜ୍ କ୍ଲବ୍' ପକ୍ଷରୁ ଆୟୋଜିତ ଏହି ପୂଜା ଚଳିତବର୍ଷ ଚତୁର୍ଥ ବର୍ଷରେ ପଦାର୍ପଣ କରିଛି । ପୂଜାକୁ ନେଇ ତରୁଣ ବଜାର ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି । ଆକର୍ଷଣୀୟ ସାଜସଜ୍ଜା ସାଙ୍ଗକୁ ରଙ୍ଗବେରଙ୍ଗ ଆଲୋକମାଳାରେ ଆୟୋଜନରେ ପୂଜାମଣ୍ଡପକୁ ସଜାଯାଇଛି । ସନ୍ଧ୍ୟା ହେଲେ ଆଲୋକମାଳାରେ ମଣ୍ଡପ ଝଲସି ଉଠୁଥିବାବେଳେ ଏହାକୁ ଦେଖିବାକୁ ଅଞ୍ଚଳରେ ଲୋକଙ୍କ ଭିଡ଼ ଜମୁଛି ଶ୍ରଦ୍ଧାଳୁଙ୍କ ପାଇଁ ପୂଜା ଓ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । କର୍ତ୍ତା ଭାବେ ବଳିଆ ପାଣି ଦାୟିତ୍ୱ ତୁଲାଇଥିଲେ । କ୍ଲବ୍‌ର ସଦସ୍ୟ ଶୁଭମ ସିମରନ୍ ନାୟକ, ଦେବଦତ୍ତ ନାୟକ, ପ୍ରିୟବ୍ରତ ପଣ୍ଡା, ହିମାଦ୍ରୀ ସାହୁ, ଅଭିଷେକ ମିଶ୍ର, ବେଣୁଧର ଦେହୁରୀ, ନବରନ୍ ନାୟକ, ବଳରାମ ବେହେରା, ମଧୁସୂଦନ ନାୟକ, ଜଗନ୍ନାଥ ସେଠୀ ଓ ଚନ୍ଦ୍ରମଣି ଖଟୁଆ ପ୍ରମୁଖ ପୂଜା ସହଯୋଗ କରୁଛନ୍ତି । ଚଳିତ ବର୍ଷର ଗଣେଶ ପୂଜାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ କ୍ଲବ୍‌ର ସଦସ୍ୟମାନେ ବିଭିନ୍ନ ଦାୟିତ୍ୱ ନେଇଛନ୍ତି । ଚତୁର୍ଥ ବର୍ଷର ପୂଜାକୁ ନେଇ କ୍ଲବ୍ ସଦସ୍ୟଙ୍କ ମଧ୍ୟରେ ଉତ୍ସାହ ଦେଖା ଦେଇଛି ।



# ହିନ୍ଦୋଳ ଗ୍ରସ୍ତରେ ସାଂସଦ ରୁଦ୍ରନାରାୟଣ ପାଣି

ଖଜୁରିଆକଟା -୧୬ /୯ (ନୀଳକଣ୍ଠ ଦାସ) ହିନ୍ଦୋଳ ବିଧାନସଭା ଅନ୍ତର୍ଗତ ହିନ୍ଦୋଳ ବ୍ଲକକୁ ବୁଧବାର ଦିନିକିଆ ଗ୍ରସ୍ତରେ ଆସି ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ବିଭିନ୍ନ ଅଞ୍ଚଳରେ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିଛନ୍ତି । ରଞ୍ଜାଗୋଳ ପଞ୍ଚାୟତର ଧୂନିଘର ଛକ ଠାରେ ପହଁଞ୍ଚି ସ୍ଥାନୀୟ ଜନସାଧାରଣଙ୍କ ନିକଟରୁ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣିଛନ୍ତି । ଏହାପରେ ବାର୍ଷିଙ୍ଗା ଗ୍ରାମର ଦଳୀୟ କର୍ମକର୍ତ୍ତା ତେଜସ ସାହୁଙ୍କ ମାତା ମିନା ସାହୁଙ୍କ ମୃତ୍ୟୁ ଖବର ଶୁଣି ତାଙ୍କ ବାସଭବନ ରେ ପହଞ୍ଚି ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ପରେ ସେହି ଗ୍ରାମ ରେ ହାତୀ ଆକ୍ରମଣ ରେ ମୃତ୍ୟୁ ବରଣ କରିଥିବା ଭାରତୀ ବିଶ୍ୱାଳଙ୍କ ପରିବାର ଲୋକଙ୍କୁ ଭେଟିବା ପରେ ପଞ୍ଚୟତର ପୂର୍ବତନ ସରପଞ୍ଚ ଆଦିକନ୍ଦ ପ୍ରଧାନ, ଚନ୍ଦ୍ରମଣି ବିଶ୍ୱାଳ, ପଞ୍ଚାନନ ସାହୁ, ଆନନ୍ଦ ବେହେରା, ଗୁଣଧର ବିଶ୍ୱାଳ, ଶ୍ରୀକାନ୍ତ



ବେହେରାଙ୍କ ଠାରୁ ବିଭିନ୍ନ ସମସ୍ୟା ଶୁଣି ଏହାର ସମାଧାନ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ଓ ଜଙ୍ଗଲ ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଏହି ଗ୍ରସ୍ତ ଅବସର ରେ ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ମଣ୍ଡଳ ସଭାପତି, ପ୍ରବୋଧ ପ୍ରଧାନ, ସରପଞ୍ଚ ରମେଶ ବିଶ୍ୱାଳ,ସାମ୍ବାଦିକ ପ୍ରଶାନ୍ତ ଜେନାମାଣି,ମାନସ ରଞ୍ଜନ ମଝି, ବିଜେପି ନେତା ଅଶୋକ ରାଉତ, ସୁବାସ ରାଉତ, ଗିରିଶ ସେଠି, ପ୍ରେମାନନ୍ଦ ପଟନାୟକ, ବନମାଳୀ ଦେହୁରୀ, ପ୍ରବେଶ ସାହୁ, ବିଷ୍ଣୁ ସାହୁ, ସୌଭାଗ୍ୟ ସାହୁ, ଭରତ ସାହୁ, ଲିଙ୍ଗରାଜ ସାହୁ, ଅଶେଷ ସାହୁ, ବାସୁଦେବ ପ୍ରଧାନ,ଶିବାନୀ ରାଉତ,ସରୋଜ ପଟନାୟକ, ଶ୍ରୀକାନ୍ତ ପାଳ, ମନୋରଞ୍ଜନ ପାଳ ପ୍ରମୁଖ ବହୁ ନେତୃ ବୃନ୍ଦ ଉପସ୍ଥିତ ଥିଲେ ।

## ପିକଅପ୍ ଓଲଟି ଚାଳକ ଗୁରୁତର

କୁଚିଣ୍ଡା,୧୬/୦୯(ଚତୁର୍ଭୁଜ ଜୟପୁରିଆ ):କୁଚିଣ୍ଡା ଥାନା ଅନ୍ତର୍ଗତ ମନ୍ତ୍ରୀମୁଣ୍ଡା-କାପୁଟିକ୍ରା ନିକଟସ୍ଥ ଏକ ତୀକ୍ଷ୍ଣ ବୁଲାଣିରେ ଏକ ଅଶୋକ ଲେଲାଣ୍ଡ ପିକଅପ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିବାରୁ ଚାଳକ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ଓଡି ୦୨ ସିଏଫ୍ ୭୮୬୫ ନମ୍ବର ବିଶିଷ୍ଟ ଏହି ଅଶୋକ ଲେଲାଣ୍ଡ ପିକଅପ୍ ଗାଡ଼ିଟି ଭୁବନେଶ୍ୱରରୁ ଏକ ଡିଜି (ଜେନେରେଟର) ନେଇ କୁଚିଣ୍ଡାର ବାବୁମଲଟି ସ୍ଥିତ ଏକ ବ୍ରଏଲର ଫାର୍ମକୁ ଆସିଥିଲା । ସେଠାରେ ଡିଜି ଅନଲୋଡ୍ କରିବା ପରେ ଗାଡ଼ିଟି ବାରକୋଟ ଦେଇ ପୁନର୍ବାର ଭୁବନେଶ୍ୱର ଅଭିମୁଖେ ଫେରୁଥିଲା । ତେବେ ସୂଚନା ମିଳେ ଯେ, କୁଚିଣ୍ଡା ଉପକଣ୍ଠ ମନ୍ତ୍ରୀମୁଣ୍ଡା ଅଞ୍ଚଳର କାପୁଟିକ୍ରା ବୁଲାଣି ନିକଟରେ ଚାଳକ ଜଣକ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇ ବସିଥିଲେ । ଫଳରେ ଦ୍ରୁତ ଗତିରେ ଥିବା ପିକଅପ୍‌ଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିଲା ।ଦୁର୍ଘଟଣାର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ଗାଡ଼ି ଭିତରୁ ଆହତ ଚାଳକଙ୍କୁ ବାହାର କରାଯାଇଥିଲା ।

# ପୂଜାରେ ଦର୍ଶକଙ୍କ ମନ ମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ



ଖଜୁରିଆକଟା, ୧୬/୯(ନୀଳକଣ୍ଠ ଦାସ) ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ହିନ୍ଦୋଳ ରୋଡ ବଜାର ମଧ୍ୟରେ ଅନୁଷ୍ଠିତ ଗଣେଶ ପୂଜା ମହୋତ୍ସବର ଦିତୀୟ ସଂଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସଂଧ୍ୟା ଦର୍ଶକଙ୍କୁ ଆକର୍ଷିତ କରିଥିବା ଜଣାପଡିଛି । ବ୍ରଦର୍ସ ୟୁନାଇଟେଡ଼ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ହିନ୍ଦୋଳ ବିଧାୟିକା ସିମାରାଣି ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଜଗବନ୍ଧୁ ଦଳେଇ, ସାମ୍ବାଦିକ ରଣଜିତ୍ ନାୟକ ମୋଟଙ୍ଗା ଥାନା ଆଇ ଆଇ ସି ଦିପକ କୁମାର ଲେଙ୍କା, ସହଦେବ ପୃଷ୍ଟି, ସନ୍ତୋଷ କୁମାର ନାଏକ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଶରଣ ଶ୍ରୀକ୍ଷେତ୍ରର ମୂଖ୍ୟ ଚିଣ୍ଟୁ ବାବାଙ୍କୁ ସମ୍ମାନୀତ କରାଯାଇଥିଲା ଟ୍ରଷ୍ଟର ସଭାପତି ଅରବିନ୍ଦ ଘୋଷ ଓ ସଂପାଦକ କ୍ଷମାପ୍ରସାଦ ସାହୁ ପରିଚାଳନା କରୁଥିବା ବେଳେ ଅନ୍ୟାନ୍ୟ ସଭ୍ୟ ମାନେ ସହଯୋଗ କରିଥିଲେ । ଏହି ଉତ୍ସବରେ ଆଖପାଖ ଅଂଚଳର ହଜାରରୁ ଅଧିକ ଦର୍ଶକ ସାଂସ୍କୃତିକ କାର୍ଯ୍ୟକ୍ରମ କୁ ଉପଭୋଗ କରିବା ସହିତ ମିନା ବଜାର ମଜା ନେଇଥିବା ଜଣାପଡିଛି ।

# ବାବା ଭଙ୍ଗାରାମ ପରିବାରର ନୂଆଖାଇ ଭେଟ ଘାଟ ଅନୁଷ୍ଠିତ

ଡାବୁଗାଁ, ୧୬/୦୯ (ଅକ୍ଷର ଓଡିଶା) : ଡାବୁଗାଁ ବ୍ଲକ ଅନ୍ତର୍ଗତ ମେଦନା ଗ୍ରାମରେ ବାବା ଭଙ୍ଗାରାମ ପରିବାର ତରଫରୁ ନୂଆଖାଇ ଭେଟ ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଅଧକ୍ଷ ବଇଁଶୀ ଧର ମାଝୀ ଯୋଗ ଦେଇଥିଲେ । ବାବା ଭଙ୍ଗାରାମ ପରିବାରର ସମସ୍ତଙ୍କୁ ନୂଆଖାଇ ପର୍ବର ବିଶେଷତ୍ୱ ସମ୍ପର୍କରେ ବିସ୍ତୃତ ଭାବେ କହିଥିଲେ । ପୂର୍ବରୁ ମହିଳା ମାନେ ନୂଆଖାଇ ପାଇଁ ଘର ଲିପା ପୋଛା କରିବା ସହ ନୂଆ ବସ୍ତ୍ର ପରିଧାନ କରିଥିଲେ ।ନିଜ ଚାଷ ଜମିରେ ମାଟି ମା'ଙ୍କୁ ପୂଜା କରିବା ପରେ ଘରର ଇଷ୍ଟଦେବୀ ଓ ଗ୍ରାମଦେବୀ ଙ୍କୁ ପୂଜା କରିଥିଲେ । ନୂଆ ଚାଉଳରେ ପିଠା, ଖିରି ପୂଜା ପରେ ସପରିବାର ଏକତ୍ରିତ ହୋଇ ନବାନ୍ନ ଗ୍ରହଣ କରିଥିଲେ । ନବାନ୍ନ ଖାଇବା ପରେ ଛୋଟମାନେ ବଡ ମାନଙ୍କୁ ଜୁହାର ଭେଟ ହୋଇ ଆଶୀର୍ବାଦ ଗ୍ରହଣ କରିଥିଲେ । ଏହି ଅବସରରେ ବାବା ଭଙ୍ଗାରାମ ପରିବାରର ବଡ ଲବ, ସନାଧର, ପ୍ରହଲ୍ଲାଦ, ଜଳଧର, ପଦଲାମ,ଓ ତୁଲାରାମ ମାଝୀଙ୍କୁ ଉପ ଢ଼ଉକନ ଦିଆଯାଇ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଗୋପୀନାଥ, ଜଗବନ୍ଧୁ, ଦେବେନ୍ଦ୍ର, ଯୁଧିଷ୍ଠିର, ଭକ୍ତବନ୍ଧୁ, ପପୁ, ଶଙ୍କର, ଟୁନା, ମଣ୍ଟୁ ଓ ବିକାଶ ମାଝୀ ସହ ଅନ୍ୟମାନେ ସହଯୋଗ କରିଥିଲେ । ପରେ ଭୋଜିଭାତ ର ଆସର ଜମିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ନାଚ ଗୀତ ହୋଇଥିଲା ।

# ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା ପରେ ଆନ୍ଦୋଳନରୁ ଓହରିଲେ ଗାଁ ସାଥୀ

ଖଣ୍ଡପଡା ,ଭାପୁର ୧୬ ।୯ (ଅକ୍ଷର ଓଡ଼ିଶା) ନୟାଗଡ ଜିଲ୍ଲାର ଭାପୁର ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ଗାଁ ସାଥିମାନଙ୍କୁ ପ୍ରଶାସନ ବାରମ୍ବାର ଅଣଦେଖା କରି ଆସୁଥିବା ନେଇ ଅଭିଯୋଗ ଉଠାଇ ଗାଁ ସାଥିମାନେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେବା ସହ ଆନ୍ଦୋଳନ ପାଇଁ ଧମକ ଦେଇଥିଲେ । ଏ ସଂପର୍କରେ ଭାପୁର ବ୍ଲକ ପ୍ରଶାସନ ଅବଗତ ହେବା ପରେ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଆନ୍ଦୋଳନକୁ ଏଡାଇବାକୁ ଯାଇ ଗାଁ ସାଥୀ ସଂଘର ସଦସ୍ୟମାନଙ୍କ ସହ ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିବା ଜଣାପଡିଛି ।ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ପଞ୍ଚାୟତସ୍ତରରେ କାର୍ଯ୍ୟକାରୀ ହେଉଥିବା ମନରେଗା କାର୍ଯ୍ୟ ଓ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟରେ ଗାଁ ସାଥିମାନଙ୍କୁ ନିୟୋଜିତ ନ କରି ଅଣଦେଖା କରି ଆସୁଥିବା ନେଇ ଗାଁ ସାଥିମାନେ ଅଭିଯୋଗ ଉଠାଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ।ମାତ୍ର କୌଣସି ସୁଫଳ ନ ମିଳିବାରୁ ଗାଁ ସାଥିମାନେ ଏ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ନାଯ୍ୟର୍ଯ ଦାବି ହାସଲ ନିମନ୍ତେ ଭାପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ପାଇଁ ଗାଁ ସାଥୀ ସଂଘର ସଦସ୍ୟମାନେ ନିଷ୍ପତ୍ତି ନେଇଥିଲେ । ତେବେ ଭାପୁର ବ୍ଲକ ଏପିଓ ଅରୁଣ କୁମାର ଚିନରା ଗାଁ ସାଥି ସଓଘର ସଭାପତି କୈଳାସ ଚନ୍ଦ୍ର ମହାପାତ୍ର,ଉପ ସଭାପତି ସନ୍ତୋଷ କୁମାର ପାତ୍ରଙ୍କ ସମେତ ଅନ୍ୟ ସଦସ୍ୟଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିବା ପରେ ସମସ୍ୟାର ସମାଧାନ ହେବା ସହ ଗାଁ ସାଥୀମାନେ ପରିଶେଷରେ ଆନ୍ଦୋଳନରୁ ଓହରି ଯାଇଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି । ସମସ୍ତ ଗାଁ ସାଥୀମାନଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ ସହ ସେମାନଙ୍କ ସହଯୋଗରେ ପଞ୍ଚାୟତସ୍ତରରେ ଉନ୍ନତିମୂଳକ କାର୍ଯ୍ୟ ଗୁଡିକ କରାଯିବ ବୋଲି ପ୍ରଶାସନିକ ଅଧିକାରୀମାନେ ପ୍ରତିଶୃତି ଦେଇଥିବା ସୂଚନା ମିଳିଛି ।

# ପ୍ରଶାସନ ଆଢୁଆଳରେ ବାବାଜୀକୁଣ୍ଡ ଜଳପ୍ରପାତ

ଖଜୁରିଆକଟା, ୧୬/୯(ନୀଳକଣ୍ଠ ଦାସ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନମଣ୍ଡଳୀ ହିନ୍ଦୋଳ ଉପଖଣ୍ଡ ର ପର୍ଯ୍ୟଟନ ସ୍ଥଳ ନନ୍ଦିନିଆ ଜଳପ୍ରପାତ ଅବହେଳିତ ଅବସ୍ଥାରେ ଥିବାବେଳେ ଅଂଚଳରେ ପୁଣି ଏକ ପୌରାଣିକ ମନୋରମ ପର୍ଯ୍ୟଟନ ସ୍ଥଳ ବାବାଜୀକୁଣ୍ଡ ଜଳପ୍ରପାତ ଦୃଷ୍ଟି ଆକର୍ଷଣ କରିଛି । ହିନ୍ଦୋଳ ଉପଖଣ୍ଡର ସାପୁଆ ଡ୍ୟାମ ନିକଟରେ ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ଘଞ୍ଚଜଙ୍ଗଲ ମଧ୍ୟରେ ଏକ ସୁନ୍ଦର ଜଳପ୍ରପାତ ଦେଖିବାକୁ ମିଳିଛି । ଯାହାର ନାମ ବାବାଜୀ କୁଣ୍ଡ । ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟରେରେ କୁଳୁକୁଳୁ ନାଦରେ ବହିଯାଉଛି ଝରଣା । ଯାହାର ଦୃଶ୍ୟ ଅତି ମନୋରମ । ତାକୁ ଦେଖିବାକୁ ଛୁଟୁଛି ଆଖପାଖ ଓ ଦୂରଦୂରାନ୍ତରୁ ପର୍ଯ୍ୟଟକଙ୍କ ପର୍ଯ୍ୟଟକଙ୍କ ଶୁଅ । କିନ୍ତୁ ସେଠାରେ ନାହିଁ କୌଣସି ପ୍ରକାରର ସୁବିଧା । ତେଲିଭୂଇଁ ବଜାରଠାରୁ ମାତ୍ର ୧୭ କିଲୋମିଟର ରାସ୍ତା ଏବଂ ପ୍ରସିଦ୍ଧ ସାପୁଆ ଡ୍ୟାମ୍ ଠାରୁ ମାତ୍ର ୭ କିଲୋମିଟର ଦୂରରେ ଅବସ୍ଥିତ ବାବାଜୀ କୁଣ୍ଡ । ଏହି ବାବାଜୀ କୁଣ୍ଡ ହିନ୍ଦୋଳ ବ୍ଲକ୍ ଦଣ୍ଡିରୀ ପଞ୍ଚାୟତ ଗୁରୁଜାଙ୍ଗ ଗ୍ରାମର କୁଣ୍ଡ ପାହାଡ଼ରେ ଅବସ୍ଥିତ । ପାହାଡ଼ ତଳୁ ବାବାଜୀ କୁଣ୍ଡ ପ୍ରାୟ ଏକ କିଲୋମିଟରର ରାସ୍ତା । ବାବାଜୀ କୁଣ୍ଡକୁ ଯିବାକୁ କେବଳ ପାଦଚଲା ରାସ୍ତାଟିଏ



ଅଛି । ଚଳିତ ବର୍ଷରେ ଅହେତୁକ ବର୍ଷା ହେବା ଫଳରେ ପାହାଡ଼ରୁ ଏକ ବିରାଟ ପଥର ଖସିବା ପରେ ସୃଷ୍ଟି ହୋଇଛି ଏହି ପ୍ରାକୃତିକ ଜଳପ୍ରପାତ । ଏଇଠୁ ବାହାରିଥିବା ଝରଣାର ପାଣି ପୁରା କାଚକେନ୍ଦୁ ପରି ସ୍ୱଚ୍ଛ । କୁଳୁକୁଳୁ ନାଦରେ ବହିଯାଉଥିବା ଝରଣା ଏତେ ମନୋରମ ଯେ ତାକୁ ଯେ କେହି ଦେଖୁବ ସେ ଘଡ଼ିଏ ଅନାଇ ରହିବ । ପ୍ରଥମେ ସାମାଜିକ ଗଣମାଧ୍ୟମରେ ଘୁରିବା ଫଳରେ ତାକୁ ଦେଖିବାକୁ ଆଖପାଖ ଓ ଦୂରଦୂରାନ୍ତରୁ ଛୁଟୁଛି ପର୍ଯ୍ୟଟକଙ୍କ ଶୁଅ । ପିଲାଠାରୁ ଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ପହଞ୍ଚି ବାବାଜୀ କୁଣ୍ଡର ମନୋରମ ଦୃଶ୍ୟକୁ ଉପ ପଭୋଗ କରୁଛନ୍ତି । ବହି ଆସୁଥିବା ଝରଣାରେ ପର୍ଯ୍ୟଟକମାନେ ଗାଧୋଇ ମଜା ସହିତ ବଣଭୋଜି କରି ଖାଇବା ସହ ଫଟୋ ଉଠାଇ ଖୁସି ମନାଉଛନ୍ତି । କିନ୍ତୁ ସେଠାରେ ନାହିଁ କୌଣସି ପ୍ରକାରର ସୁରକ୍ଷା ବ୍ୟବସ୍ଥା । ନା ଅଛି ବିଜୁଳି ବ୍ୟବସ୍ଥା,ନା ଅଛି ଗମନାଗମନର ସୁବିଧା,ନା ଅଛି ପାନୀୟ ଜଳର ବ୍ୟବସ୍ଥା । ହାତୀପ୍ରବଣ ଅଞ୍ଚଳ ହୋଇଥିବାରୁ ପର୍ଯ୍ୟଟକମାନେ ବହୁ ସମୟରେ ସେଠାକୁ ଯିବାକୁ ନିଜକୁ ସୁରକ୍ଷିତ ମଣୁନାହାନ୍ତି । ତେଣୁ ସେଠାରେ ଗମନାଗମନର ସୁବିଧା ସହ ବିଜୁଳୀ ବ୍ୟବସ୍ଥା ଓ ପାନୀୟଜଳର ବ୍ୟବସ୍ଥା କରିବାକୁ ପର୍ଯ୍ୟଟକମାନେ ଦାବି କରିଛନ୍ତି । ଏଠାରେ ଆଗରୁ ଠାକୁରାଣୀ ଥିଲେ ଏବଂ ଜଣେ ବାବାଜୀ ବନଦେବୀଙ୍କୁ ପୂଜା କରନ୍ତି । ସମୟକ୍ରମେ ଏବେ ନାହାନ୍ତି ଠାକୁରାଣୀ କି ପୂଜକ ବାବାଜୀ ହେଲେ ବାବାଜୀ ପୂଜା କରୁଥିବାରୁ ଏହାର ନାମ ବାବାଜୀ କୁଣ୍ଡ ହୋଇଛି ବୋଲି ସ୍ଥାନୀୟ ଲୋକମାନେ ମତପ୍ରକାଶ କରିଛନ୍ତି । ପ୍ରକୃତି ରାଣୀର ଏହି ଅପରୂପ ସୌନ୍ଦର୍ଯ୍ୟ ଜଳପ୍ରପାତ ପର୍ଯ୍ୟଟନ ବିଭାଗର ନଜର ଆଢୁଆଳରେ ।ରାଜନୈତିକ ଇଚ୍ଛାଶକ୍ତି ପ୍ରଚେଷ୍ଟା ସହିତ ପ୍ରଶାସନ ଏବଂ ପର୍ଯ୍ୟଟନ ବିଭାଗର ନଜର ପଡ଼ିଲେ ଏଠାକୁ ରାଜ୍ୟ ତଥା ରାଜ୍ୟବାହାରୁ ପର୍ଯ୍ୟଟକଙ୍କ ଶୁଅଛୁଟନ୍ତା ଏବଂ ସାପୁଆ ଡ୍ୟାମ ବୁଲି ଯାଉଥିଲେ ବାବାଜୀ କୁଣ୍ଡ ଜଳପ୍ରପାତ ଯିବାକୁ ଆଗ୍ରହ କରନ୍ତେ ।

# ଡ଼ିଏଭି ପବ୍ଲିକ ସ୍କୁଲରେ ହୀନ୍ଦିପକ୍ଷ ପାଳନ

ତାଳଚେର, ୧୬/୦୯ (ଅକ୍ଷର ଓଡ଼ିଶା) : ତାଳଚେର ଡ଼ିଏଭି ପବ୍ଲିକ ସ୍କୁଲ ଏମସିଏଲ କଳିଙ୍ଗକ୍ଷେତ୍ରରେ ସେପ୍ଟେମ୍ବର ୧ତାରିଖରୁ ଚାଲି ଆସୁଥିବା ହୀନ୍ଦିପକ୍ଷ ପାଳନର ଆଜି ବିଭିନ୍ନ ସାଂସ୍କୃତିକ ଓ ସାହିତ୍ୟ କାର୍ଯ୍ୟକ୍ରମ ସମାପନ ହୋଇଛି । ଏହି ଅବସରରେ ଗତ ୧୫ଦିନ ଧରି ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତିପ୍ରତିଯୋଗୀମାନଙ୍କୁ ପୁରସ୍କାର କରି ସମ୍ମାନୀତ କରାଯାଇଥିଲା । ସମାପନ ସମାରୋହରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତଥା ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଚିତରଞ୍ଜନ ପାତ୍ର, ସହକାରୀ ଆଂଚଳିକ ଅଧିକାରୀ ସହ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ପଣ୍ଡାଙ୍କ ଅନୁପସ୍ଥିତିରେ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା



। ହୀନ୍ଦିଭାଷା ପ୍ରତି ଭଲପାଇବା ଓ ସମ୍ମାନର ଭାବନା ବିକଶିତ କରିବା ସହ ଦୈନିକ ଜୀବନରେ ଅଧିକରୁ ଅଧିକ ହୀନ୍ଦୀଭାଷାର ବ୍ୟବହାର କରିବାକୁ ପ୍ରେରିତ କରିଥିଲେ । ହୀନ୍ଦିପକ୍ଷ ପାଳନ ଅବସରରେ ଦୋହା ଗାୟନ, ଭାଷଣ ପ୍ରତିଯୋଗିତା, ଆଶୁ ଭାଷଣ, ସ୍ଲୋଗାନ ଲେଖନ, କବିତା ଲେଖନ ଇତ୍ୟାଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏସବୁ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କ ମନରେ ହୀନ୍ଦିଭାଷା ପ୍ରତି ଆଗ୍ରହ ସୃଜନଶୀଳତା ଓ ଅଭିବ୍ୟକ୍ତି ଦକ୍ଷତାର ବିକାଶ ଘଟିଥିଲା । ସମାପନ ସମାରୋହ ପରିପ୍ରେକ୍ଷୀରେ ଶିକ୍ଷକ ରାଧେଶ୍ୟାମ ମେହେର, ତପସୀ ମଣ୍ଡଳ, ଜୟନ୍ତ ମହାପାତ୍ର, ଗୋପାଳକୃଷ୍ଣ ଆଚାର୍ଯ୍ୟ, ବନଲତା ସାହୁ, ଏବଂ ଡଃ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କ ସକ୍ରିୟ ଅଂଶଗ୍ରହଣ କରିବା ସହ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଛାତ୍ରଛାତ୍ରୀ, ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ ।

ଗୁରୁବାର ୧୭।୯।୨୦୨୬

ଅକ୍ଷର
AKHYARA ODISHA | ଓଡ଼ିଶା





**ଚୌଧୁରୀ ରମାକାନ୍ତ ଦାସ**
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧


## ମୁଖ୍ୟ ସମ୍ପାଦକଙ୍କ କଲମରୁ

# କୋରାପୁଟ କଫିର ସୁଗନ୍ଧରେ ଓଡ଼ିଶାର ନୂଆ ପରିଚୟ

ବ୍ରିକ୍ସ ଶିଖର ସମ୍ମିଳନୀରେ କୋରାପୁଟର କଫି ସ୍ଥାନ ପାଇବା ଓଡ଼ିଶା ପାଇଁ ଏକ ଗର୍ବର ମୁହୂର୍ତ୍ତ। କିନ୍ତୁ ଏହି ଗର୍ବ କେବଳ ଏକ ପାନୀୟର ସୁଗନ୍ଧରେ ସୀମିତ ରହିବା ଉଚିତ ନୁହେଁ଼ ଏହା ପାହାଡ଼ିଆ ଚାଷୀଙ୍କ ଶ୍ରମ, ଆଦିବାସୀ ଜୀବନର ସମ୍ଭାବନା, ଓଡ଼ିଶାର ପ୍ରାକୃତିକ ସମ୍ପଦ ଏବଂ ଗ୍ରାମୀଣ ଅର୍ଥନୀତିର ନୂଆ ଦିଗକୁ ନେଇ ଏକ ବଡ଼ ଚର୍ଚ୍ଚାର ଆରମ୍ଭ ହେବା ଦରକାର। ନୂଆଦିଲ୍ଲୀରେ ଆୟୋଜିତ ଅଠାରତମ ବ୍ରିକ୍ସ ଶିଖର ସମ୍ମିଳନୀର ସାମ୍ବାଦିକ ସାମଗ୍ରୀରେ ବିଭିନ୍ନ ରାଜ୍ୟର ପାରମ୍ପରିକ ଉତ୍ପାଦ ସହିତ କୋରାପୁଟ କଫିକୁ ସ୍ଥାନ ଦିଆଯାଇଥିଲା। ଏହି ପ୍ରସ୍ତୁତିରେ ବିହାରର ଛତୁଆ ଓ ମଖାନା, ଗୁଜରାଟର ହସ୍ତଶିଳ୍ପ ଭଳି ଭାରତର ବିବିଧତାକୁ ପ୍ରକାଶ କରୁଥିବା ଉତ୍ପାଦମାନେ ମଧ୍ୟ ଥିଲେ। ଅର୍ଥାତ୍, ଏହା କେବଳ ଏକ କଫିର ପ୍ରଶଂସା ନୁହେଁଛ ଭାରତର ଗ୍ରାମୀଣ ଶକ୍ତି, ସ୍ଥାନୀୟ ପରିଚୟ ଓ ଆତ୍ମନିର୍ଭରତାକୁ ବିଶ୍ୱ ପ୍ରତିନିଧିମାନଙ୍କ ସମ୍ମୁଖରେ ଉପସ୍ଥାପନ କରିବାର ଏକ ସୁଯୋଗ।

କୋରାପୁଟ କଫିର ଏହି ଯାତ୍ରାକୁ ଆମେ ଯଦି କେବଳ ଉତ୍ସବର ଖବର ଭାବେ ଦେଖିବା, ତେବେ ତାହାର ଗଭୀର ଅର୍ଥକୁ ହରାଇଦେବା। ପ୍ରଶ୍ନ ହେଉଛିବିଶ୍ୱମଞ୍ଚରେ ପହଞ୍ଚିଥିବା ଏହି ସୁଗନ୍ଧ କୋରାପୁଟର ଗାଁଗୁଡ଼ିକରେ କେତେ ଆର୍ଥିକ ସୁଗନ୍ଧ ଆଣିବ ? ଯେଉଁ ଚାଷୀ ମାଟିକୁ ଚାଷ କରି ଗଛ ଲଗାଇଛନ୍ତି, ଯେଉଁ ମହିଳା ଫଳ ଚୟନ କରିଛନ୍ତି, ଯେଉଁ ପରିବାର ପ୍ରକୃତି ସହିତ ଜୀବନ ଗଢ଼ିଛି, ସେମାନଙ୍କ ଘରେ ଏହି ସମ୍ମାନର ପ୍ରକୃତ ଲାଭ କେବେ ପହଞ୍ଚିବ ? ଏହି ପ୍ରଶ୍ନ ହିଁ ଆଜିର ସମ୍ପାଦକୀୟର କେନ୍ଦ୍ରବିନ୍ଦୁ ହେବା ଦରକାର। କୋରାପୁଟର ପାହାଡ଼, ଜଙ୍ଗଲ, ଲାଲମାଟି ଓ ଶିତଳ ପରିବେଶ କଫି ଚାଷ ପାଇଁ ଏକ ବିଶେଷ ପ୍ରାକୃତିକ ପରିଚୟ ସୃଷ୍ଟି କରିଛି। ନନ୍ଦପୁର ଓ ମାଛକୁଣ୍ଡ ଅଞ୍ଚଳରେ ପ୍ରାୟ ନଅଶହରୁ ନଅଶହ ପଚାଶ ମିଟର ଉଚ୍ଚତାରେ ଛାୟାଦାୟୀ ଗଛ ତଳେ ଚାଷ ହେଉଥିବା ଆରବିକା କଫି ଏହି ଅଞ୍ଚଳର ପ୍ରାକୃତିକ ବୈଶିଷ୍ଟ୍ୟକୁ ପ୍ରକାଶ କରେ। ପାକା ଫଳକୁ ହାତରେ ଚୟନ କରିବା, ଯନ୍ତ୍ରରେ ଶୁଖାଇବା ଓ ପ୍ରକ୍ରିୟାକରଣ କରିବାର ପଦ୍ଧତି ଏହି କଫିର ଗୁଣକୁ ଉନ୍ନତ କରେ। 'ଟାଇଗର ବ୍ରାଇଟ୍' ନାମରେ ପରିଚିତ ଏହି ଉତ୍ପାଦ ଆଜି କୋରାପୁଟର ପାହାଡ଼ିଆ ଅର୍ଥନୀତିର ଏକ ଆଶାଜନକ ପ୍ରତୀକ ହୋଇଉଠିଛି।

ଏଠାରେ ଏକ କଥା ସ୍ପଷ୍ଟକୋରାପୁଟ କଫିର ସଫଳତା କୌଣସି ଆକସ୍ମିକ ଘଟଣା ନୁହେଁ। ଏହାର ପଛରେ ରହିଛି ଦୀର୍ଘଦିନର ଚାଷ, ପ୍ରଶିକ୍ଷଣ, ସଂଗଠନ, ବଜାର ସୃଷ୍ଟି ଓ ସରକାରୀ ସହଯୋଗ। ଆଦିବାସୀ ଚାଷୀଙ୍କ ଉତ୍ପାଦକୁ କେବଳ କଞ୍ଚାମାଲ ଭାବେ ବିକ୍ରି ନକରି, ତାହାକୁ ଏକ ପରିଚିତ ଉତ୍ପାଦରେ ପରିଣତ କରିବାର ଚେଷ୍ଟା ଏହି ଯାତ୍ରାର ମୂଳ ଶକ୍ତି। ୨୦୧୯ ମସିହାରେ କୋରାପୁଟ କଫିର ପରିଚିତ ନାମରେ ବଜାର ସୃଷ୍ଟିର ପ୍ରୟାସ ଆରମ୍ଭ ହୋଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ଚାଷୀଙ୍କ ଉତ୍ପାଦକୁ ଯଥୋଚିତ ମୂଲ୍ୟ ଦେବା, ମଧ୍ୟସ୍ଥଙ୍କ ଉପରେ ନିର୍ଭରତା କମାଇବା ଏବଂ ଉତ୍ପାଦନରୁ ବଜାର ପର୍ଯ୍ୟନ୍ତ ଏକ ସୁସଂଗଠିତ ଶୃଙ୍ଖଳା ଗଢ଼ିବା। ଆଜି ଏହି ପ୍ରୟାସର ପରିଣାମ ଦୃଶ୍ୟମାନ। ୨୦୨୫୨୬ ଋତୁରେ ଆଦିବାସୀ ବିକାଶ ସମବାୟ ନିଗମ ପକ୍ଷରୁ ୧୦୨.୫୪ ମେଟ୍ରିକ ଟନ୍ କଫି ଫଳ ସଂଗ୍ରହ ହୋଇଥିବା ଖବର ମିଳିଛି, ଯାହା ୨୦୨୨୨୩ ଋତୁର ୩୪.୬୮ ମେଟ୍ରିକ ଟନ୍ ତୁଳନାରେ ଅନେକ ଅଧିକ। ଏହି ବୃଦ୍ଧି ପ୍ରାୟ ୩୬୦ ଆଦିବାସୀ ପରିବାରକୁ ଲାଭ ପହଞ୍ଚାଇଥିବା ଏବଂ ସେଥିରେ ୭୧ ଜଣ ମହିଳା ଚାଷୀ ଥିବା ତଥ୍ୟ ମଧ୍ୟ ପ୍ରକାଶିତ ହୋଇଛି। ଏହି ସଂଖ୍ୟାଗୁଡ଼ିକ କେବଳ ଉତ୍ପାଦନ ବୃଦ୍ଧିର ଚିହ୍ନ ନୁହେଁଛ ଏହା ଗ୍ରାମୀଣ ପରିବାରର ଆୟ, ମହିଳାଙ୍କ ଅଂଶଗ୍ରହଣ ଓ ଜୀବିକାର ନୂଆ ସମ୍ଭାବନାର ଚିହ୍ନ। ଚାଷୀଙ୍କ ଖାତାକୁ ସିଧାସଳଖ ଅର୍ଥ ପହଞ୍ଚାଇବାର ବ୍ୟବସ୍ଥା ଏହି ପ୍ରକ୍ରିୟାକୁ ଅଧିକ ବିଶ୍ୱସନୀୟ କରିଛି। ଏକ ସମୟରେ ଯେଉଁ ଅଞ୍ଚଳରେ ଚାଷୀଙ୍କ ଉତ୍ପାଦର ମୂଲ୍ୟ ନିର୍ଦ୍ଧାରଣରେ ସେମାନଙ୍କ ଭୂମିକା ସୀମିତ ଥିଲା, ସେଠାରେ ଏବେ ଉତ୍ପାଦର ନାମ, ଗୁଣ, ପ୍ରକ୍ରିୟାକରଣ ଓ ବଜାର ସହିତ ଚାଷୀଙ୍କ ସମ୍ପର୍କ ଗଢ଼ିଉଠୁଛି। ଏହା ହେଉଛି ପ୍ରକୃତ ସଶକ୍ତିକରଣ। କିନ୍ତୁ ଏହି ସଫଳତାକୁ ଆମେ ଅତିରଞ୍ଜିତ ପ୍ରଚାରରେ ହରାଇବା ଉଚିତ ନୁହେଁ। ବ୍ରିକ୍ସ ମଞ୍ଚରେ କୋରାପୁଟ କଫି ସ୍ଥାନ ପାଇବା ଏକ ବଡ଼ ସମ୍ମାନ, କିନ୍ତୁ ଏହାକୁ କୌଣସି ଅନ୍ତର୍ଜାତୀୟ ପୁରସ୍କାର କିମ୍ବା ବିଶ୍ୱର ସର୍ବଶ୍ରେଷ୍ଠ କଫି ଭାବେ ଘୋଷଣା କରିବା ଠିକ୍ ହେବ ନାହିଁ, ଯଦି ତାହାର ଅଧିକୃତ ପ୍ରମାଣ ନଥାଏ। ସମ୍ମାନର ମୂଲ୍ୟ ସତ୍ୟନିଷ୍ଠାରେ ବଢ଼େ, ଅତିଶୟୋକ୍ତିରେ ନୁହେଁ। ଏହି କଥା ଆମ ସମ୍ପାଦକୀୟ ନୀତିର ମୂଳ ହେବା ଦରକାର। ବିଶ୍ୱମଞ୍ଚରେ ସ୍ଥାନ ପାଇଥିବା କଫିର ପଛରେ ଯେଉଁ ଚାଷୀ ଅଛନ୍ତି, ତାଙ୍କ ଜୀବନରେ ଯଦି ପରିବର୍ତ୍ତନ ନଆସେ, ତେବେ ସମ୍ମାନର ଆଲୋକ ଅଧୂରା ରହିଯିବ। ତେଣୁ ପ୍ରଥମ ଆବଶ୍ୟକତା ହେଉଛି ଚାଷୀଙ୍କୁ ଯଥୋଚିତ ମୂଲ୍ୟ। କଫି ଚାଷରେ ଗଛ ଲଗାଇବାରୁ ଫଳ ମିଳିବା ପର୍ଯ୍ୟନ୍ତ ଅନେକ ବର୍ଷ ଲାଗେ। ଏହି ଦୀର୍ଘ ପ୍ରତୀକ୍ଷାରେ ଚାଷୀଙ୍କୁ ଆୟର ନିରାପତ୍ତା ଦରକାର। ଫଳର ଗୁଣ ଅନୁଯାୟୀ ମୂଲ୍ୟ ନିର୍ଦ୍ଧାରଣ, ସଂଗ୍ରହ କେନ୍ଦ୍ରର ବୃଦ୍ଧି, ଶୁଖାଇବା ପାଇଁ ଉପଯୁକ୍ତ ବ୍ୟବସ୍ଥା, ଗୁଣ ଯାଞ୍ଚ, ଭଣ୍ଡାରଣ ଓ ପରିବହନର ସୁବିଧାଏସବୁକୁ ଦୀର୍ଘକାଳୀନ ଭାବେ ସୁଦୃଢ଼ କରିବା ଦରକାର। କେବଳ ଉତ୍ପାଦର ନାମ ପ୍ରସିଦ୍ଧ ହେଲେ ହେବ ନାହିଁଛ ଉତ୍ପାଦକଙ୍କ ଆୟ ମଧ୍ୟ ବଢ଼ିବା ଦରକାର। ଦ୍ୱିତୀୟ ଆବଶ୍ୟକତା ହେଉଛି ମହିଳାଙ୍କ ଭୂମିକାକୁ ସମ୍ମାନ। କଫି ଚାଷରେ ଫଳ ଚୟନ, ପ୍ରକ୍ରିୟାକରଣ, ଶୁଖାଇବା, ପ୍ୟାକେଟ୍ ପ୍ରସ୍ତୁତି ଓ ବିକ୍ରୟରେ ମହିଳାମାନେ ଅନେକ ସମୟରେ ମୁଖ୍ୟ ଭୂମିକା ନିଅନ୍ତି। କିନ୍ତୁ ଏହି ଶ୍ରମ ସବୁବେଳେ ଆର୍ଥିକ ମୂଲ୍ୟାୟନ ପାଏ ନାହିଁ। ଯଦି କୋରାପୁଟ କଫିର ବିଶ୍ୱ ପରିଚୟ ମହିଳା ଚାଷୀଙ୍କ ଆୟ, ନିଷ୍ପତ୍ତି ନେବାର ଅଧିକାର ଓ ସାମାଜିକ ସମ୍ମାନକୁ ବଢ଼ାଇପାରେ, ତେବେ ଏହି ସଫଳତାର ଅର୍ଥ ଅଧିକ ଗଭୀର ହେବ। ତୃତୀୟ ଆବଶ୍ୟକତା ହେଉଛି ପରିବେଶ ସୁରକ୍ଷା। କୋରାପୁଟର କଫି ଚାଷର ଏକ ବଡ଼ ଶକ୍ତି ହେଉଛି ଛାୟାଦାୟୀ ଗଛ ତଳେ ଚାଷ କରିବାର ପ୍ରଥା। ଏହା ଜଙ୍ଗଲ, ମାଟି ଓ ଜଳସମ୍ପଦ ସହିତ ସମନ୍ୱୟ ରଖିବାର ଏକ ସୁଯୋଗ ଦେଉଛି। ତେଣୁ କଫି ଚାଷ ବଢ଼ାଇବା ନାମରେ ଅବିଚାରିତ ଭାବେ ଗଛ କାଟିବା, ଜଳସ୍ରୋତ ନଷ୍ଟ କରିବା କିମ୍ବା ପାହାଡ଼ର ପ୍ରାକୃତିକ ସନ୍ତୁଳନ ଭାଙ୍ଗିବା ଉଚିତ ନୁହେଁ। ପ୍ରକୃତିକୁ ସୁରକ୍ଷା କରି ଉତ୍ପାଦନ ବଢ଼ାଇବା ହିଁ କୋରାପୁଟ କଫିର ସତ୍ୟ ମଡେଲ୍ ହେବା ଦରକାର। ଚତୁର୍ଥ ଆବଶ୍ୟକତା ହେଉଛି ବଜାରର ବିସ୍ତାର। ବିଶ୍ୱମଞ୍ଚରେ ପ୍ରଶଂସା ପାଇଥିବା ଉତ୍ପାଦ ଯଦି ଓଡ଼ିଶାର ସାଧାରଣ ଲୋକଙ୍କ ପାଇଁ ସହଜରେ ଉପଲବ୍ଧ ନହୁଏ, ତେବେ ତାହାର ପରିଚୟ ଅଧୂରା ରହିବ। ରାଜ୍ୟର ବଡ଼ ସହର, ପର୍ଯ୍ୟଟନ କେନ୍ଦ୍ର, ଶିକ୍ଷାନୁଷ୍ଠାନ, ବିମାନବନ୍ଦର, ରେଳ ଷ୍ଟେସନ ଓ ସରକାରୀ ଉଦ୍ୟମରେ କୋରାପୁଟ କଫିର ଉପସ୍ଥିତି ବଢ଼ିବା ଦରକାର। କିନ୍ତୁ ଏହା ସହିତ ଗୁଣମାନ ଓ ମୂଲ୍ୟର ସମତୁଳନ ରହିବା ଆବଶ୍ୟକ। କେବଳ ନାମ ଦେଖି ଅଧିକ ଦାମ ନେବା ନୁହେଁ। ଚାଷୀଙ୍କୁ ଲାଭ ଦେଇ ଗ୍ରାହକଙ୍କୁ ମଧ୍ୟ ନ୍ୟାୟସଙ୍ଗତ ମୂଲ୍ୟରେ ଭଲ ଉତ୍ପାଦ ଦେବା ଦରକାର। ପଞ୍ଚମ ଆବଶ୍ୟକତା ହେଉଛି ଯୁବପିଢ଼ିର ଅଂଶଗ୍ରହଣ। କୋରାପୁଟର ଯୁବକ ଓ ଯୁବତୀମାନେ ଯଦି କଫି ଚାଷକୁ କେବଳ ପାରମ୍ପରିକ ଜୀବିକା ଭାବେ ନଦେଖି, ଗୁଣ ନିର୍ଣ୍ଣୟ, ପ୍ରକ୍ରିୟାକରଣ, ବଜାରଜାତକରଣ, ପର୍ଯ୍ୟଟନ ଓ ନୂଆ ଉଦ୍ୟମର ଅବସର ଭାବେ ଦେଖନ୍ତି, ତେବେ ଏହି ଶିଳ୍ପର ଭବିଷ୍ୟତ ଅଧିକ ଉଜ୍ଜ୍ୱଳ ହେବ। ଏଥିପାଇଁ ପ୍ରଶିକ୍ଷଣ, ଋଣ ସୁବିଧା, ଗବେଷଣା ଓ ବଜାର ସୂଚନାର ଆବଶ୍ୟକତା ରହିଛି। କୋରାପୁଟ କଫିର ସଫଳତା ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲା ପାଇଁ ମଧ୍ୟ ଏକ ଶିକ୍ଷା। ଯେଉଁ ଅଞ୍ଚଳର ନିଜସ୍ୱ ଫସଲ, ହସ୍ତଶିଳ୍ପ, ଖାଦ୍ୟ, ବନଜାତ ଦ୍ରବ୍ୟ କିମ୍ବା ପାରମ୍ପରିକ କୌଶଳ ଅଛି, ସେଗୁଡ଼ିକୁ ଚିହ୍ନଟ କରି ଗୁଣମାନ, ପ୍ୟାକେଟ୍ ପ୍ରସ୍ତୁତି, ବଜାର ଓ ପରିଚୟର ସୁବିଧା ଦେଲେ ଗ୍ରାମୀଣ ଅର୍ଥନୀତିରେ ନୂଆ ଗତି ଆସିପାରେ। ଏହା ହେଉଛି ସ୍ଥାନୀୟ ଉତ୍ପାଦକୁ ବିଶ୍ୱ ବଜାର ସହିତ ଯୋଡ଼ିବାର ଭାରତୀୟ ପଥ। କିନ୍ତୁ ଏହି ପଥରେ ଚାଷୀଙ୍କ ଅଧିକାର, ପରିବେଶର ସୁରକ୍ଷା ଓ ସ୍ଥାନୀୟ ସମୁଦାୟର ସମ୍ମତିକୁ ସର୍ବୋଚ୍ଚ ସ୍ଥାନ ଦେବା ଦରକାର। ବିକାଶର ଅର୍ଥ କେବଳ ଉତ୍ପାଦନ ବଢ଼ିବା ନୁହେଁ। ବିକାଶର ଅର୍ଥ ହେଉଛି ଲୋକଙ୍କ ଜୀବନରେ ନିରାପତ୍ତା, ସମ୍ମାନ ଓ ସୁଯୋଗ ବଢ଼ିବା। ଆଜି କୋରାପୁଟ କଫି ବିଶ୍ୱମଞ୍ଚରେ ଓଡ଼ିଶାର ନାମ ଉଚ୍ଚ କରିଛି। ଏହି ସମ୍ମାନକୁ ଆମେ ଏକ ନୂଆ ପ୍ରତିଶ୍ରୁତିରେ ପରିଣତ କରିବା ଦରକାରକୋରାପୁଟର ପ୍ରତ୍ୟେକ ଚାଷୀଙ୍କ ଶ୍ରମରୟ ଯଥୋଚିତ ମୂଲ୍ୟ ମିଳିବ, ପ୍ରତ୍ୟେକ ମହିଳାଙ୍କ ଅବଦାନ ସମ୍ମାନିତ ହେବ, ପ୍ରତ୍ୟେକ ଯୁବକଙ୍କୁ ନୂଆ ଅବସର ମିଳିବ ଏବଂ ପ୍ରକୃତି ସୁରକ୍ଷିତ ରହିବ। ବ୍ରିକ୍ସର ମଞ୍ଚରେ ଯେଉଁ କଫିର ସୁଗନ୍ଧ ପହଞ୍ଚିଛି, ସେହି ସୁଗନ୍ଧ କୋରାପୁଟର ଘରେ ଘରେ ସମୃଦ୍ଧିର ସନ୍ଦେଶ ନେଇଯାଉ। ପାହାଡ଼ର ଏହି ଉତ୍ପାଦ ଆମକୁ ଶିଖାଉବିଶ୍ୱକୁ ଜିତିବା ପାଇଁ ସବୁବେଳେ ବଡ଼ ସହରରୁ ଆରମ୍ଭ କରିବାକୁ ପଡ଼େ ନାହିଁ। କେବେ କେବେ ଏକ ଛୋଟ ପାହାଡ଼ିଆ ଗାଁର ମାଟି, ଏକ ଚାଷୀଙ୍କ ଶ୍ରମ ଓ ଏକ ସତ୍ୟନିଷ୍ଠ ପ୍ରୟାସ ହିଁ ବିଶ୍ୱମଞ୍ଚରେ ଦେଶର ପରିଚୟ ହୋଇଉଠେ। କୋରାପୁଟ କଫିର ଏହି ଯାତ୍ରା ଓଡ଼ିଶା ପାଇଁ ଗର୍ବର, କିନ୍ତୁ ତାହାଠାରୁ ବଡ଼ ଦାୟିତ୍ୱର ମଧ୍ୟ। ଏହି ଦାୟିତ୍ୱକୁ ଆମେ ସମସ୍ତେ ମିଶି ପୂରଣ କରିପାରିଲେ, କୋରାପୁଟର ସୁଗନ୍ଧ କେବଳ ବିଶ୍ୱର ଅତିଥିଙ୍କ ହାତରେ ନୁହେଁ, ଓଡ଼ିଶାର ଚାଷୀଙ୍କ ଜୀବନରେ ମଧ୍ୟ ଚିରସ୍ଥାୟୀ ହୋଇ ରହିବ।

# ବିଶ୍ୱକର୍ମା ନିର୍ମାଣ ଓ ସୃଜନର ପ୍ରତୀକ ଭାବେ ଅନନ୍ୟ

ସୃଷ୍ଟି ଯେଉଁଠି ଆରମ୍ଭ ହୁଏ, ସେଇଠି ଶିଳ୍ପୀର ଆବିର୍ଭାବ। ଏକ ଚିନ୍ତାକୁ ରୂପ ଦେବା, ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିବା ଏବଂ ଏକ ଅଦୃଶ୍ୟ କଳ୍ପନାକୁ ଦୃଶ୍ୟମାନ ସୃଷ୍ଟିରେ ପରିଣତ କରିବା ହିଁ ଏକ ଶିଳ୍ପୀର ସାଧନା। ଭାରତୀୟ ପରମ୍ପରାରେ ଏହି ସୃଜନଶୀଳ ଚେତନାର ମହାନ ପ୍ରତୀକ ହେଉଛନ୍ତି ଦେବଶିଳ୍ପୀ ଭଗବାନ ବିଶ୍ୱକର୍ମା। ସେ କେବଳ ଜଣେ ପୌରାଣିକ ଦେବତା ନୁହନ୍ତିଛ ନିର୍ମାଣ, କାରିଗରୀ ଦକ୍ଷତା, ଶିଳ୍ପକଳା, ପ୍ରଯୁକ୍ତି ଓ ସୃଜନଶୀଳତାର ଏକ ଚିରନ୍ତନ ପ୍ରତୀକ।

ବିଶ୍ୱକର୍ମାଙ୍କ ନାମରେ ନିହିତ ଅଛି ବିଶାଳ ସୃଷ୍ଟିର ଭାବନା। ପୁରାଣ ପରମ୍ପରାରେ ତାଙ୍କୁ ଦେବତା ମାନଙ୍କର ଶିଳ୍ପୀ ଓ କାରିଗରୀ ଭାବେ ସ୍ମରଣ କରାଯାଏ। ଦେବଲୋକର ଭବନ, ଅସ୍ତ୍ରଶସ୍ତ୍ର, ରଥ ଓ ବିଭିନ୍ନ ଦିବ୍ୟ ନିର୍ମାଣ ସହିତ ତାଙ୍କର ନାମ ଜଡ଼ିତ। ତେଣୁ ବିଶ୍ୱକର୍ମା କେବଳ ନିର୍ମାଣର ଦେବତା ନୁହନ୍ତି, ସେ ମାନବର ସୃଜନଶୀଳ ବୁଦ୍ଧି ଓ କୌଶଳର ପ୍ରତୀକ।

ନିର୍ମାଣ କେବଳ ଇଟା, ପଥର, ଲୁହା କିମ୍ବା କାଠର ସମାହାର ନୁହେଁ। ଏହା ପ୍ରଥମେ ଜନ୍ମ ନିଏ ମନରେ। ଜଣେ ଶିଳ୍ପୀର ମନରେ ଜନ୍ମ ନେଇଥିବା ଏକ ନକ୍ସା, ଜଣେ କାରିଗରଙ୍କ ହାତରେ ଧରା ଯାଇଥିବା ଏକ ଯନ୍ତ୍ର, ଜଣେ ଇଞ୍ଜିନିୟରଙ୍କ ଚିନ୍ତା ଓ ଜଣେ ଶ୍ରମିକଙ୍କ ଝାଳ ସବୁ ମିଶି ଗଢ଼ି ଉଠେ ଏକ ସୃଷ୍ଟି। ସେହି ଅର୍ଥରେ ବିଶ୍ୱକର୍ମା ହେଉଛନ୍ତି ସେହି ସୃଜନଶୀଳ ଚେତନାର ପ୍ରତୀକ, ଯାହା ଅସମ୍ଭବକୁ ସମ୍ଭବ କରିବାର ସ୍ୱପ୍ନ ଦେଖେ। ଓଡ଼ିଶାର ମାଟି ମଧ୍ୟ ଏହି ଶିଳ୍ପ ଚେତନାର ଏକ ଜୀବନ୍ତ ପରିଚୟ। ମନ୍ଦିର ସ୍ଥାପତ୍ୟର ଅପୂର୍ବ କଳା, ପଥର ଖୋଦେଇ, କାଠ କାମ, ଧାତୁ ଶିଳ୍ପ, ପଟ୍ଟଚିତ୍ର, ତାଳପତ୍ର ଖୋଦେଇ ଓ ବିଭିନ୍ନ ହସ୍ତଶିଳ୍ପରେ ଓଡ଼ିଆ କାରିଗରଙ୍କ ଦକ୍ଷ ହାତର ପରିଚୟ ମିଳେ। କୋଣାର୍କର ସୂର୍ଯ୍ୟମନ୍ଦିର ହେଉ କି ଶ୍ରୀଜଗନ୍ନାଥଙ୍କ ମନ୍ଦିରର ସ୍ଥାପତ୍ୟଛ ପଥରରେ ଜୀବନ ଭରି ଦେଇଥିବା ଅସଂଖ୍ୟ ଶିଳ୍ପୀଙ୍କ ସୃଜନଶକ୍ତି ଆଜି ମଧ୍ୟ ଆମକୁ ବିସ୍ମିତ କରେ। ଏହି ଶିଳ୍ପ ପରମ୍ପରାରେ ବିଶ୍ୱକର୍ମା ଭାବନାର ଏକ ଗଭୀର ସାଂସ୍କୃତିକ ପ୍ରତିଧ୍ୱନି ଅନୁଭବ କରାଯାଏ।



ବିଶ୍ୱକର୍ମା ପୂଜା ଆସିଲେ କାରଖାନା, ଶିଳ୍ପାନୁଷ୍ଠାନ, ଗ୍ୟାରେଜ, କର୍ମଶାଳା, ନିର୍ମାଣସ୍ଥଳ, ଯାନବାହନ ଓ ବିଭିନ୍ନ ବୈଷୟିକ ପ୍ରତିଷ୍ଠାନରେ ଏକ ଭିନ୍ନ ଉତ୍ସବର ପରିବେଶ ସୃଷ୍ଟି ହୁଏ। ଯେଉଁ ଯନ୍ତ୍ର ଦିନରାତି ମଣିଷର ଜୀବିକାର ସହଯୋଗୀ ହୋଇଥାଏ, ସେହି ଯନ୍ତ୍ରକୁ ସଫା କରାଯାଏ, ସଜାଯାଏ ଓ ପୂଜା କରାଯାଏ। ଏହା କେବଳ ଯନ୍ତ୍ର ପ୍ରତି ଧାର୍ମିକ ଭାବନା ନୁହେଁଛ ଏହା ମଣିଷର କର୍ମ, କୌଶଳ ଓ ଜୀବିକାର ସାଧନ ପ୍ରତି କୃତଜ୍ଞତାର ଏକ ପ୍ରକାଶ। ବିଶ୍ୱକର୍ମା ପୂଜାର ମହତ୍ତ୍ୱ ଏଠାରେ ଆହୁରି ଗଭୀର ହୋଇଯାଏ। ଯନ୍ତ୍ର ନିଜେ କିଛି ସୃଷ୍ଟି କରେ ନାହିଁ। ତାହାକୁ ଚଳାଇବା ପାଇଁ ଆବଶ୍ୟକ ମଣିଷର ଜ୍ଞାନ, ଦକ୍ଷତା ଓ ଶ୍ରମ। ତେଣୁ ବିଶ୍ୱକର୍ମାଙ୍କ ଆରାଧନା ମୂଳତଃ ସେହି ଦକ୍ଷ ହାତକୁ ସମ୍ମାନ କରିବାର ମଧ୍ୟ ଏକ ଅବସର। ଜଣେ କାରିଗରଙ୍କ ହାତରେ ଥିବା ହାତୁଡ଼ି, ଜଣେ ମେକାନିକଙ୍କ ଯନ୍ତ୍ର, ଜଣେ ଇଞ୍ଜିନିୟରଙ୍କ ଯୋଜନା କିମ୍ବା ଜଣେ ଶ୍ରମିକଙ୍କ ପରିଶ୍ରମ ର ଝାଳ ସବୁଥିରେ ଲୁଚି ରହିଛି ସୃଷ୍ଟିର ଶକ୍ତି। ଆଜିର ଯୁଗ ପ୍ରଯୁକ୍ତିର ଯୁଗ। କମ୍ପ୍ୟୁଟରରୁ କୃତ୍ରିମ ବୁଦ୍ଧି, ରୋବୋଟିକ୍ସରୁ ଅତ୍ୟାଧୁନିକ ଯନ୍ତ୍ରପାତିମଣିଷ ନିଜ ଚିନ୍ତା ଓ ଦକ୍ଷତାରେ ଏକ ନୂଆ ବିଶ୍ୱ ଗଢୁଛି। ଏହି ପରିବର୍ତ୍ତନଶୀଳ ସମୟରେ ବିଶ୍ୱକର୍ମାଙ୍କ ପ୍ରତୀକାତ୍ମକ ମହତ୍ତ୍ୱ ଆହୁରି ବଢ଼ିଛି। କାରଣ ପ୍ରଯୁକ୍ତି ଯେତେ ଆଧୁନିକ ହେଉନା କାହିଁକି, ତାହାର ମୂଳରେ ରହିଛି ମଣିଷର ସୃଜନଶୀଳ ଚିନ୍ତା।

ବିଶ୍ୱକର୍ମାଙ୍କ ଆରାଧନା ଆମକୁ ଆଉ ଏକ ମହାନ ଶିକ୍ଷା ଦିଏ, କୌଣସି କାମ ଛୋଟ ନୁହେଁ, ଯଦି ସେହି କାମରେ ଦକ୍ଷତା, ସଚ୍ଚୋଟତା ଓ ସୃଜନଶୀଳତା ରହିଛି। ସମାଜର ପ୍ରତ୍ୟେକ ଉନ୍ନତିର ପଛରେ କାହାର ନା କାହାରି ଶ୍ରମ ରହିଛି। ତେଣୁ ଶ୍ରମକୁ ସମ୍ମାନ କରିବା, କାରିଗରୀ ଦକ୍ଷତାକୁ ମୂଲ୍ୟ ଦେବା ଓ ନିର୍ମାଣଶୀଳ ମନୋଭାବକୁ ପ୍ରୋତ୍ସାହନ ଦେବା ବିଶ୍ୱକର୍ମା ପୂଜାର ଏକ ମାନବୀୟ ବାର୍ତ୍ତା।

ସତରେ, ବିଶ୍ୱକର୍ମାଙ୍କ ପୂଜା କେବଳ ପୂଜାର ଏକ ନାମ ନୁହେଁ। ସେ ହେଉଛନ୍ତି ସୃଷ୍ଟିର ପ୍ରେରଣା, ନିର୍ମାଣର ଚେତନା ଓ ଦକ୍ଷତାର ପ୍ରତୀକ। ତାଙ୍କ ଆରାଧନାରେ ଆମେ ଯେତେବେଳେ ଯନ୍ତ୍ରକୁ ପୂଜା କରୁ, ସେତେବେଳେ ତାହା ପଛରେ ଥିବା ମଣିଷର ଶ୍ରମକୁ ମଧ୍ୟ ସମ୍ମାନ କରିବା ଆବଶ୍ୟକ। କାରଣ ଯନ୍ତ୍ର ଗତି ଦିଏ, କିନ୍ତୁ ମଣିଷର ଚିନ୍ତା ତାହାକୁ ଦିଗ ଦିଏ। ସେଥିପାଇଁ ବିଶ୍ୱକର୍ମା ପୂଜା କେବଳ ଏକ ପାରମ୍ପରିକ ପର୍ବ ନୁହେଁଛ ଏହା ସୃଜନଶୀଳତାର ଉତ୍ସବ, ଦକ୍ଷତାର ସମ୍ମାନ ଓ ଶ୍ରମର ମହିମାକୁ ସ୍ୱୀକାର କରିବାର ଏକ ଅନନ୍ୟ ଅବସର। ଯେଉଁଠି ମଣିଷ ନିଜ ହାତ, ମସ୍ତିଷ୍କ ଓ ଶ୍ରମରେ କିଛି ନୂଆ ଗଢ଼େ, ସେଇଠି ମନେହୁଏ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ସୃଜନର ସ୍ପର୍ଶ ରହିଛି।




**ସୁବ୍ରତ କୁମାର ଦାସ**
ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ
୯୪୩୭୭୩୧୯୦୩


# ଭଗବାନ ଶିବଙ୍କ ଦିବ୍ୟ ପରିବାର ଓ ସନାତନ ସଂସ୍କୃତି

ସନାତନ ଧର୍ମ ଏବଂ ପରମ୍ପରାରେ ଭଗବାନ ଶିବ ହେଉଛନ୍ତି ସ୍ୱୟଂ ପ୍ରକାଶିତ, ଅନାଦି ଓ ଅନନ୍ତ। ସେ କେବଳ ସୃଷ୍ଟିର ସଂହାରକର୍ତ୍ତା ନୁହନ୍ତି, ବରଂ କରୁଣାର ଅମୃତ ସାଗର, ଆଦିଯୋଗୀ ଏବଂ ଜଗତର ପରମ ପିତା ଅଟନ୍ତି। ମହାଦେବଙ୍କ ପରିବାର, ତାଙ୍କ ସହ ଜଡ଼ିତ ସମ୍ପର୍କୀୟ, ଶିଷ୍ୟ ଏବଂ ତାଙ୍କ ଶରୀରରେ ଶୋଭା ପାଉଥିବା ପ୍ରତୀକଗୁଡ଼ିକ ସମଗ୍ର ମାନବ ସମାଜକୁ ଏକତା, ସନ୍ତୁଳନ ଏବଂ ପରମ ପ୍ରେମର ସର୍ବୋତ୍ତମ ଶିକ୍ଷା ପ୍ରଦାନ କରନ୍ତି। ବିଭିନ୍ନ ବିରୋଧୀ ସ୍ୱଭାବର ଜୀବ ଓ ଶକ୍ତି ଏକାଠି ରହି କିଭଳି ସଂସାରକୁ ସନ୍ତୁଳିତ କରିପାରନ୍ତି, ତାହା ଶିବ ପରିବାରରୁ ହିଁ ପ୍ରମାଣିତ ହୁଏ।

'କର୍ପୂରଗୌରଂ କରୁଣାବତାରଂ ସଂସାରସାରଂ ଭୁଜଗେନ୍ଦ୍ରହାରମ୍।
ସଦ୍ୟବସନ୍ତଂ ହୃଦୟାରବିନ୍ଦେ ଭବଂ ଭବାନୀସହିତଂ ନମାମି ?'

୧. ମହାଦେବ ଓ ମାତା ପାର୍ବତୀ (ଆଦି ପୁରୁଷ ଓ ଆଦି ଶକ୍ତି)

ଭଗବାନ ଶିବ: ସେ ପରମ ଚେତନାର ସ୍ୱରୂପ। ତାଙ୍କର ପବିତ୍ର ବାହନ ହେଉଛନ୍ତି ନନ୍ଦୀ (ବୃଷଭ), ଯିଏ ସନାତନ ଧର୍ମରେ ଧୈର୍ଯ୍ୟ, ନିଷ୍ଠା ଏବଂ ଧର୍ମର ପ୍ରତୀକ ଅଟନ୍ତି। ମାତା ପାର୍ବତୀ: ସେ ହେଉଛନ୍ତି ସାକ୍ଷାତ୍ ଜଗଦମ୍ବା ଏବଂ ପ୍ରକୃତି ସ୍ୱରୂପିଣୀ। ମହାଦେବଙ୍କ ଅର୍ଦ୍ଧାଙ୍ଗିନୀ ଭାବେ ସେ ସଂସାରକୁ ଶକ୍ତି ପ୍ରଦାନ କରନ୍ତି। ତାଙ୍କର ବାହନ ହେଉଛନ୍ତି ମହାପ୍ରତାପୀ ସିଂହ, ଯିଏ ଅସୀମ ସାହସ ଓ ବୀରତ୍ୱର ପ୍ରତୀକ।

ଆଧ୍ୟାତ୍ମିକ ଭ୍ରାତା: ପୌରାଣିକ ମାନ୍ୟତା ଅନୁସାରେ, ମାତା ପାର୍ବତୀଙ୍କ ଭ୍ରାତା ହେଉଛନ୍ତି ଜଗତର ପାଳନକର୍ତ୍ତା ଭଗବାନ ବିଷ୍ଣୁ। ସେହିପରି ମାତା ପାର୍ବତୀଙ୍କ ଭଗିନୀ ମା ଗଙ୍ଗା ମଧ୍ୟ ଶିବଙ୍କ ଜଟାରେ ସ୍ଥାନ ପାଇ ପୃଥିବୀକୁ ପବିତ୍ର କରିଛନ୍ତି।

୨. ଶିବଙ୍କ ଅଙ୍ଗଭୂଷଣ: ସର୍ପ, ରୁଦ୍ରାକ୍ଷ ଓ ଚନ୍ଦ୍ର

ସର୍ପ (ନାଗରାଜ ବାସୁକୀ): ମହାଦେବଙ୍କ ଗଳାରେ ସର୍ବଦା ନାଗରାଜ ବାସୁକୀ ଶୋଭା ପାଇଥାନ୍ତି। ସାଧାରଣତଃ ସର୍ପକୁ ଭୟ ଓ ମୃତ୍ୟୁର ପ୍ରତୀକ ମାନାଯାଏ, କିନ୍ତୁ ଶିବ ତାଙ୍କୁ ଭୂଷଣ କରି ଦେଖାଇଛନ୍ତି ଯେ ମୃତ୍ୟୁ ଉପରେ ତାଙ୍କର ପୂର୍ଣ୍ଣ ନିୟନ୍ତ୍ରଣ ଅଛି। ଆଧ୍ୟାତ୍ମିକ ଦୃଷ୍ଟିରୁ ଏହି ସର୍ପ ମନୁଷ୍ୟ ଭିତରେ ଥିବା କୁଣ୍ଡଳିନୀ ଶକ୍ତିର ପ୍ରତୀକ।

ରୁଦ୍ରାକ୍ଷ: ରୁଦ୍ରାକ୍ଷର ଅର୍ଥ ହେଉଛି 'ରୁଦ୍ରଙ୍କ ଆଖି'। ସଂସାରର କଲ୍ୟାଣ ପାଇଁ ମହାଦେବ ଯେତେବେଳେ ଦୀର୍ଘ ବର୍ଷ ଧରି ସମାଧିରେ ଥିଲେ ଏବଂ ଆଖି ଖୋଲିଲେ, ସେତେବେଳେ ତାଙ୍କ ଆଖିରୁ ପଡ଼ିଥିବା ଅଶ୍ରୁ ବିନ୍ଦୁରୁ ରୁଦ୍ରାକ୍ଷ ବୃକ୍ଷର ସୃଷ୍ଟି ହେଲା। ଏହା ଶାନ୍ତି ଏବଂ ସକାରାତ୍ମକ ଶକ୍ତିର ପ୍ରତୀକ।

ଚନ୍ଦ୍ର ଦେବ (ଶିବଙ୍କ ଜଟାଧାରୀ ଓ ସଢ଼ୁ ଭାଇ): ଦକ୍ଷ ପ୍ରଜାପତିଙ୍କ ଅଭିଶାପରୁ ରକ୍ଷା ପାଇବା ପାଇଁ ଚନ୍ଦ୍ର ଦେବ ଭଗବାନ ଶିବଙ୍କ ଶରଣ ପଶିଥିଲେ। ମହାଦେବ ଚନ୍ଦ୍ରଙ୍କୁ ନିଜ ଜଟାରେ ସ୍ଥାନ ଦେଇ ଶୀତଳତା ପ୍ରଦାନ କଲେ। ଦକ୍ଷ ପ୍ରଜାପତିଙ୍କର ୨୭ ଜଣ କନ୍ୟା ଚନ୍ଦ୍ର ଦେବଙ୍କୁ ବିବାହ କରିଥିଲେ ଏବଂ ଦକ୍ଷଙ୍କ ଅନ୍ୟତମ କନ୍ୟା ମାତା ସତୀ ଭଗବାନ ଶିବଙ୍କୁ ବିବାହ କରିଥିଲେ। ଏହି ନାତାରେ ଚନ୍ଦ୍ର ଦେବ ଏବଂ ଭଗବାନ ଶିବ ପରସ୍ପରର ସଢ଼ୁ ଭାଇ ଅଟନ୍ତି।



୩. ମହାଦେବଙ୍କ ସନ୍ତାନ, ବୋହୂ ଓ ଝିଅ-ଜ୍ୱାଇଁ

କ) ପୁଅ ଓ ବୋହୂ: ପ୍ରଭୁ ଗଣେଶ (ବିଘ୍ନେଶ୍ୱର): ସେ ହେଉଛନ୍ତି ବିଘ୍ନହର୍ତ୍ତା ଏବଂ ପ୍ରଥମ ପୂଜ୍ୟ। ତାଙ୍କର ବାହନ ହେଉଛନ୍ତି ଚପଳ ଓ ଚତୁର ମୂଷିକ (ମୂଷା)।

ବୋହୂ: ପ୍ରଭୁ ଗଣେଶଙ୍କ ଦୁଇ ପତ୍ନୀ ହେଉଛନ୍ତି ରିଦ୍ଧି (ସମୃଦ୍ଧି) ଏବଂ ସିଦ୍ଧି (ସଫଳତା)।

ପ୍ରଭୁ କାର୍ତ୍ତିକେୟ (ସ୍କନ୍ଦ): ସେ ଦେବସେନାପତି ଭାବେ ଜଣାଶୁଣା ଏବଂ ବୀରତ୍ୱର ପ୍ରତୀକ। ତାଙ୍କର ବାହନ ହେଉଛନ୍ତି ମନୋହର ମୟୂର।

ବୋହୂ: ଦେବସେନାପତି କାର୍ତ୍ତିକେୟଙ୍କ ଦୁଇ ପତ୍ନୀ ହେଉଛନ୍ତି ଦେବସେନା ଏବଂ ବଲ୍ଲୀ।

ଖ) ଝିଅ ଓ ଜ୍ୱାଇଁ: ମାତା ଅଶୋକ ସୁନ୍ଦରୀ: ମାତା ପାର୍ବତୀଙ୍କ ମନର ଶୋକ ଦୂର କରିବା ପାଇଁ କଳ୍ପବୃକ୍ଷରୁ ଶିବ-ପାର୍ବତୀ ତାଙ୍କୁ ସୃଷ୍ଟି କରିଥିଲେ।

ଜ୍ୱାଇଁ: ଅଶୋକ ସୁନ୍ଦରୀଙ୍କ ବିବାହ ଚନ୍ଦ୍ରବଂଶର ପ୍ରତାପୀ ରାଜା ନହୁଷଙ୍କ ସହ ହୋଇଥିଲା, ଯିଏ ପରବର୍ତ୍ତୀ ସମୟରେ ସ୍ୱର୍ଗର ଇନ୍ଦ୍ର ପଦ ପ୍ରାପ୍ତ କରିଥିଲେ।

୪. ନାତି, ନାତୁଣୀ ଏବଂ ପଣ-ନାତି (ପରବର୍ତ୍ତୀ ପିଢ଼ି) ପ୍ରଭୁ ଗଣେଶଙ୍କ ବଂଶ: ମାତା ରିଦ୍ଧି ଓ ସିଦ୍ଧିଙ୍କ ଗର୍ଭରୁ ଗଣେଶଙ୍କର ଦୁଇ ପୁତ୍ର (ଶିବଙ୍କ ନାତି) ଶୁଭ ଏବଂ ଲାଭ ଜନ୍ମଗ୍ରହଣ କରିଥିଲେ। ତାଙ୍କର ନାତୁଣୀ ହେଉଛନ୍ତି ସନ୍ତୋଷୀ ମାତା, ଯିଏ ସନ୍ତୋଷ ଓ ଧୈର୍ଯ୍ୟର ଦେବୀ। ରାଜା ନହୁଷ ଓ ଅଶୋକ ସୁନ୍ଦରୀଙ୍କ ବଂଶ: ତାଙ୍କର ପୁତ୍ର ହେଉଛନ୍ତି ମହାପ୍ରତାପୀ ରାଜା ଯଜାତି (ଶିବଙ୍କ ନାତି। ରାଜା ଯଜାତିଙ୍କ ପୁତ୍ରମାନେ (ଶିବଙ୍କ ପଣ-ନାତି) ଯଥା- ପୁରୁ, ଯଦୁ, ତୁର୍ବସୁ, ଦ୍ରୁହ୍ୟୁ ଏବଂ ଅନୁ। ଏମାନଙ୍କ ମଧ୍ୟରୁ 'ଯଦୁ' ବଂଶରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ଅବତାର ଗ୍ରହଣ କରିଥିଲେ।

'ଜୟ ଜୟ ଗୋସାଇଁ ମୁଁ ତୁମ ଶରଣ,
କରୁଣା ସାଗର ତୁମେ ପ୍ରଭୁ ତ୍ରିଲୋଚନ।
ଭକତ ମନର ଦୁଃଖ ହରି ନିଅ ନାଥ,
ଜଗତ କଲ୍ୟାଣେ ତୁମେ ସଦା ଜଗନ୍ନାଥ ?'

୫. ମହାଦେବଙ୍କ ଶ୍ୱଶୁର ଓ ଶାଶୁ : ଭଗବାନ ଶିବ ଦୁଇଟି ଜନ୍ମରେ ଦୁଇ ପ୍ରକାରର ପାରିବାରିକ ସମ୍ପର୍କରେ ବାନ୍ଧି ହୋଇଥିଲେ: ପ୍ରଥମ ଜନ୍ମ (ମାତା ସତୀ): ଶ୍ୱଶୁର ହେଉଛନ୍ତି ଅହଂକାରର ପ୍ରତୀକ ବ୍ରହ୍ମାଙ୍କ ପୁତ୍ର ପ୍ରଜାପତ ଦକ୍ଷ ଏବଂ ଶାଶୁ ହେଉଛନ୍ତି ମାତା ପ୍ରସୂତି।

ଦ୍ୱିତୀୟ ଜନ୍ମ (ମାତା ପାର୍ବତୀ): ଶଶୁର ହେଉଛନ୍ତି ଶିବଙ୍କ ପରମ ଭକ୍ତ ଶୈଳରାଜ ହିମାଳୟ ଏବଂ ଶାଶୁ ହେଉଛନ୍ତି ପାର୍ବତୀଙ୍କୁ ମାତୃସ୍ନେହରେ ପାଳିଥିବା ମାତା ମେନାକା।

୬. ଆଦିଗୁରୁ ଶିବଙ୍କ ପ୍ରମୁଖ ଶିଷ୍ୟ - ଭଗବାନ ଶିବ ହେଉଛନ୍ତି ସଂସାରର ଆଦିଗୁରୁ। ତାଙ୍କର ଶିଷ୍ୟମାନେ ସମଗ୍ର ବିଶ୍ୱରେ ଜ୍ଞାନର ପ୍ରସାର କରିଥିଲେ: ସପ୍ତର୍ଷି: ଆଦିଯୋଗୀ ଶିବ ନିଜର ପ୍ରଥମ ଜ୍ଞାନ ସପ୍ତର୍ଷିମାନଙ୍କୁ (ବଶିଷ୍ଠ, ବିଶ୍ୱାମିତ୍ର, କଣ୍ୱ, ଭରଦ୍ୱାଜ, ଅତ୍ରି, ବାମଦେବ ଏବଂ ଜେବା) ଦେଇଥିଲେ, ଯେଉଁମାନେ ସାରା ପୃଥିବୀରେ ଯୋଗ ଶାସ୍ତ୍ରର ପ୍ରସାର କରିଥିଲେ। ପ୍ରଭୁ ପରଶୁରାମ: ଭଗବାନ ବିଷ୍ଣୁଙ୍କ ଅବତାର ହେଲେ ମଧ୍ୟ ପରଶୁରାମ ମହାଦେବଙ୍କୁ ଗୁରୁ ମାନି କଠୋର ତପସ୍ୟା କରିଥିଲେ ଏବଂ ଶିବଙ୍କଠାରୁ ଶ୍ରେଷ୍ଠ ଅସ୍ତ୍ର 'ପରଶୁ' ପ୍ରାପ୍ତ କରିଥିଲେ।

ଲଙ୍କାପତି ରାବଣ: ରାବଣ ଜଣେ ମହାନ ପଣ୍ଡିତ ଏବଂ ଶିବଙ୍କର ଅନନ୍ୟ ଶିଷ୍ୟ ଥିଲା, ଯିଏ ଶିବଙ୍କୁ ପ୍ରସନ୍ନ କରିବା ପାଇଁ ପ୍ରସିଦ୍ଧ 'ଶିବ ତାଣ୍ଡବ ସ୍ତୋତ୍ରମ' ରଚନା କରିଥିଲା।

୭. ମହା ଶିବରାତ୍ରି: ଶିବ ଚେତନାର ପରମ ପର୍ବ: ସନାତନ ଧର୍ମରେ ଭଗବାନ ଶିବଙ୍କ ସାଧନା ଓ ଆରାଧନାର ମହାପର୍ବ ହେଉଛି ମହା ଶିବରାତ୍ରି। ପ୍ରତିବର୍ଷ ଫାଲ୍‌ଗୁନ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ଏହି ମହୋତ୍ସବ ଅତ୍ୟନ୍ତ ନିଷ୍ଠାର ସହ ପାଳନ କରାଯାଏ।

ପୌରାଣିକ ମହତ୍ତ୍ୱ: ମାନ୍ୟତା ଅନୁସାରେ, ଏହି ପବିତ୍ର ଦିନରେ ହିଁ ବୈରାଗୀ ମହାଦେବ ଓ ଶକ୍ତି ସ୍ୱରୂପିଣୀ ମାତା ପାର୍ବତୀଙ୍କର ଦିବ୍ୟ ବିବାହ ସମ୍ପନ୍ନ ହୋଇଥିଲା। ଏହା ବ୍ୟତୀତ, ଏହି ରାତ୍ରିରେ ଭଗବାନ ଶିବ ସଂସାରକୁ ରକ୍ଷା କରିବା ପାଇଁ ସମୁଦ୍ର ମନ୍ଥନରୁ ଜାତ ହୋଇଥିବା ବିଷକୁ ନିଜ କଣ୍ଠରେ ଧାରଣ କରି 'ନୀଳକଣ୍ଠ' ହୋଇଥିଲେ। ଆଧ୍ୟାତ୍ମିକ ତାତ୍ପର୍ଯ୍ୟ: ଶିବରାତ୍ରିର ଅର୍ଥ ହେଉଛି ଆତ୍ମଜାଗରଣର ରାତ୍ରି। ଏହି ଦିନ ଭକ୍ତମାନେ ଉପବାସ ଓ ଜାଗରଣ ରହି ନିଜ ଭିତରେ ଥିବା ଅଜ୍ଞାନତାର ଅନ୍ଧକାରକୁ ଦୂର କରି ଜ୍ଞାନର ଆଲୋକ ପ୍ରଜ୍ୱଳିତ କରନ୍ତି। ଶିବଲିଙ୍ଗରେ ଜଳାଭିଷେକ ଓ ବେଲପତ୍ର ଅର୍ପଣ କରିବା ଦ୍ୱାରା ମନୁଷ୍ୟ ସମସ୍ତ ପାପରୁ ମୁକ୍ତି ପାଇ ପ୍ରଶାନ୍ତି ଲାଭ କରେ।

'ଜାଗ ରେ ଜାଗ ଜାଗର ଜଳୁଛି, ମନ୍ଦିର ପ୍ରାଙ୍ଗଣେ ଭକତ ଗାଉଛି।
ହରି ନିଅ ପ୍ରଭୁ ମନର କଳୁଷ, ତୁମ ଚରଣରେ ଦିଅ ହେ ଆଶିଷ ?'

ସନାତନ ଧର୍ମରେ ଏହାର ଆଧ୍ୟାତ୍ମିକ ମହତ୍ତ୍ୱ ଓ ସ୍ଥାନ - ସନାତନ ଧର୍ମରେ ଶିବ ପରିବାର ଏବଂ ତାଙ୍କ ସହ ଜଡ଼ିତ ସମସ୍ତ ସତ୍ତାଙ୍କ ପୂଜାର ମହତ୍ତ୍ୱ ଅତୁଳନୀୟ। ଏହି ସଂସାରର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି 'ସହଅସ୍ତିତ୍ୱ ଏବଂ ସମନ୍ୱୟ'। ପ୍ରକୃତି ଅନୁସାରେ ସିଂହ-ବୃଷଭ, ସର୍ପ-ମୂଷା, ଏବଂ ମୟୂର-ସର୍ପ ପରସ୍ପରର ଘୋର ଶତ୍ରୁ। କିନ୍ତୁ ମହାଦେବଙ୍କ ସାନ୍ନିଧ୍ୟରେ ସମସ୍ତେ ବୈରଭାବ ଭୁଲି ଏକାଠି ଶାନ୍ତିରେ ବାସ କରନ୍ତି।

ଏହି ଦିବ୍ୟ ବ୍ୟବସ୍ଥା ଆମକୁ ଶିକ୍ଷା ଦିଏ ଯେ, ଜୀବନରେ ଯେତେବେଳେ ଅହଂକାର (ଦକ୍ଷ ପ୍ରଜାପତି ଭଳି) ଆସେ, ତାହାର ବିନାଶ ନିଶ୍ଚିତ। କିନ୍ତୁ ଯେତେବେଳେ ସମର୍ପଣ (ହିମାଳୟ କିମ୍ବା ଚନ୍ଦ୍ରଙ୍କ ଭଳି) ଆସେ, ସେତେବେଳେ ଭଗବାନ ନିଜେ ମସ୍ତକରେ ସ୍ଥାନ ଦିଅନ୍ତି। ଏହା ହିଁ ସନାତନ ଧର୍ମର ମୂଳ ମନ୍ତ୍ର 'ବସୁଧୈବ କୁଟୁମ୍ବକମ୍' ଅର୍ଥାତ୍ ସମଗ୍ର ବିଶ୍ୱକୁ ଏକ ପରିବାର ଭାବେ ଗ୍ରହଣ କରି ପ୍ରେମ ଓ ଶାନ୍ତିରେ ସଂସାର ଯାତ୍ରା ନିର୍ବାହ କରିବା।




**ତନୁଜ କୁମାର ମଲଣା**
ଜୟ ଶମ୍ଭୁ, ୯୦୬୪୮୨୦୯୧୧

ଅକ୍ଷର
AKHYARA ODISHA

# ମୋଦୀ @ 76



# ଭଡନଗରରୁ ଦିଲ୍ଲୀ

## ଚା’ଦୋକାନରୁ ଦେଶର ନେତୃତ୍ୱ

ଜୀବନରେ କିଛି ଯାତ୍ରା ଏମିତି ଥାଏ, ଯାହା କେବଳ ଗୋଟିଏ ମଣିଷର କାହାଣୀ ହୋଇ ରହିନଥାଏ। ସେହି ଯାତ୍ରା ସମୟ ସହିତ ଏକ ବଡ଼ ରାଜନୈତିକ ଅଧ୍ୟାୟରେ ପରିଣତ ହୁଏ। ଗୁଜରାଟର ଭଡନଗରରୁ ଆରମ୍ଭ ହୋଇ ଦିଲ୍ଲୀର ପ୍ରଧାନମନ୍ତ୍ରୀ ଆବାସ ପର୍ଯ୍ୟନ୍ତ ପହଞ୍ଚିଥିବା ନରେନ୍ଦ୍ର ଦାମୋଦରଦାସ ମୋଦୀଙ୍କ ଯାତ୍ରା ଭାରତୀୟ ରାଜନୀତିର ସେହିଭଳି ଏକ ଚର୍ଚ୍ଚିତ ଯାତ୍ରା।

୧୭ ସେପ୍ଟେମ୍ବର ୧୯୫୦। ଗୁଜରାଟର ଭଡନଗରରେ ଏକ ସାଧାରଣ ପରିବାରରେ ଜନ୍ମ ନେଇଥିଲା ଜଣେ ଶିଶୁ। ସେତେବେଳେ ହୁଏତ କେହି ଭାବିନଥିଲେ ଯେ ଏହି ଶିଶୁ ଦିନେ ଭାରତର ରାଜନୀତିର ସବୁଠାରୁ ବଡ଼ ମଞ୍ଚରେ ଠିଆ ହୋଇ ଦେଶର ନେତୃତ୍ୱ ନେବେ। ସେହି ଶିଶୁ ଥିଲେ ନରେନ୍ଦ୍ର ମୋଦୀ। ମୋଦୀଙ୍କ ଶୈଶବ ଓ ଯୁବାବସ୍ଥାର କାହାଣୀରେ ସାଧାରଣ ଜୀବନ, ପରିଶ୍ରମ ଓ ସଂଘର୍ଷର ଛାପ ଦେଖିବାକୁ ମିଳେ। ଭଡନଗରର ଜୀବନ ତାଙ୍କୁ ମାଟି ସହ ଯୋଡ଼ି ରଖିଥିଲା। ଚା’ ବିକ୍ରି କରିବା ସହ ଜଡ଼ିତ ଥିବା ତାଙ୍କ ଶୈଶବର କାହାଣୀ ପରବର୍ତ୍ତୀ ସମୟରେ ତାଙ୍କ ରାଜନୈତିକ ପରିଚୟର ଏକ ଚର୍ଚ୍ଚିତ ଅଂଶ ହୋଇଥିଲା। କିନ୍ତୁ ଜଣେ ଚା’ ବିକ୍ରେତାରୁ ପ୍ରଧାନମନ୍ତ୍ରୀ ହେବାର ଯାତ୍ରା ଗୋଟିଏ ଦିନରେ ହୋଇନଥିଲା। ଏହା ପଛରେ ଥିଲା ଦୀର୍ଘ ବର୍ଷର ସଂଗଠନାତ୍ମକ କାମ, ରାଜନୈତିକ ଅନୁଭବ, ପରିଶ୍ରମ ଓ ନିରନ୍ତର ସକ୍ରିୟତା। ଯୁବାବସ୍ଥାରୁ ମୋଦୀ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଅର୍ଥାତ୍ RSS ସହ ଜଡ଼ିତ ହୋଇଥିଲେ। ସଂଗଠନରେ କାମ କରିବା ସମୟରେ ଦେଶର ବିଭିନ୍ନ ଅଞ୍ଚଳ, ଲୋକ ଓ ସମାଜକୁ ନିକଟରୁ ଦେଖିବାର ସୁଯୋଗ ପାଇଥିଲେ। ପରେ ଭାରତୀୟ ଜନତା ପାର୍ଟିରେ ସଂଗଠନର ବିଭିନ୍ନ ଦାୟିତ୍ୱ ତୁଲାଇ ସେ ରାଜନୀତିରେ ନିଜ ପରିଚୟକୁ ଧୀରେ ଧୀରେ ମଜବୁତ କରିଥିଲେ। ଗୁଜରାଟରୁ ଜାତୀୟ ରାଜନୀତି ୨୦୦୧ରେ ନରେନ୍ଦ୍ର ମୋଦୀ ଗୁଜରାଟର ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏଠାରୁ ତାଙ୍କ ରାଜନୈତିକ ଯାତ୍ରାର ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଥିଲା। ଦୀର୍ଘ ସମୟ ଧରି ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ରହିବା ପରେ ରାଜ୍ୟ ରାଜନୀତିରୁ ଜାତୀୟ ରାଜନୀତିକୁ ତାଙ୍କ ପ୍ରବେଶ ହୋଇଥିଲା। ୨୦୧୪ ଲୋକସଭା ନିର୍ବାଚନ ତାଙ୍କ ରାଜନୈତିକ ଜୀବନର ସବୁଠାରୁ ବଡ଼ ମୋଡ଼ ହୋଇଥିଲା। ଈଔଚ ନେତୃତ୍ୱାଧୀନ ଘଉଇ ବହୁମତ ହାସଲ କରିବା ପରେ ନରେନ୍ଦ୍ର ମୋଦୀ ପ୍ରଥମଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ହୋଇଥିଲେ। ୨୦୧୯ରେ ପୁଣିଥରେ ଲୋକସଭା ନିର୍ବାଚନରେ ଘଉଇର ସଫଳତା ପରେ ସେ ଦ୍ୱିତୀୟଥର ପ୍ରଧାନମନ୍ତ୍ରୀ ହୋଇଥିଲେ। ଏହା ପରେ ୨୦୨୪ରେ ତୃତୀୟଥର ପାଇଁ ସେ ପ୍ରଧାନମନ୍ତ୍ରୀ ପଦର ଶପଥ ନେଇଥିଲେ। ଏହି ତିନିଟି ନିର୍ବାଚନୀ ବିଜୟ ତାଙ୍କୁ ଭାରତୀୟ ରାଜନୀତିର ଏକ ପ୍ରମୁଖ ଚେହେରା ଭାବେ ଆହୁରି ମଜବୁତ କରିଥିଲା।



**ସତ୍ୟସାଗର ଜେନା**
**ଯୁବମୋର୍ଚ୍ଚା ସଭାପତି, ଯାଜପୁର**

ଆଜି ଜଣେ ଯୁବକ କେବଳ ଚାକିରି ଖୋଜୁଥିବା ବ୍ୟକ୍ତି ନୁହେଁ,ବରଂ ନିଜେ ମଧ୍ୟ ଚାକିରି ସୃଷ୍ଟି କରିପାରିବ ଏହି ଧାରଣାକୁ Startup India ଭଳି ପଦକ୍ଷେପ ଆଗକୁ ନିଆଯାଇଛି। ଡିଜିଟାଲ ପେମେଣ୍ଟର ବିସ୍ତାର ମଧ୍ୟ ଭାରତର ଦୈନନ୍ଦିନ ଜୀବନରେ ବଡ଼ ପରିବର୍ତ୍ତନ ଆଣିଛି। ଛୋଟ ବ୍ୟବସାୟୀଠାରୁ ଆରମ୍ଭ କରି ଯୁବ ଉଦ୍ୟୋଗୀ ପର୍ଯ୍ୟନ୍ତ ଡିଜିଟାଲ ମାଧ୍ୟମ ଏବେ ଅର୍ଥନୈତିକ କାରବାରର ଏକ ସାଧାରଣ ଅଂଶ ହୋଇପାରିଛି।

ଗରିବଙ୍କ ପାଇଁ ଯୋଜନା: ମୋଦୀ ସରକାରର ଅନ୍ୟତମ ମୁଖ୍ୟ ଦିଗ ହେଉଛି ସରକାରୀ ଯୋଜନାର ଲାଭକୁ ଆବଶ୍ୟକତା ଥିବା ଲୋକଙ୍କ ପାଖରେ ପହଞ୍ଚାଇବା ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ମାଧ୍ୟମରେ ଲକ୍ଷ ଲକ୍ଷ ଲୋକଙ୍କୁ ବ୍ୟାଙ୍କିଂ ବ୍ୟବସ୍ଥା ସହ ଯୋଡ଼ିବାର ପ୍ରୟାସ ହୋଇଛି। ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ଯୋଗ୍ୟ ପରିବାରର ମହିଳାଙ୍କୁ ଖଚଏ ସଂଯୋଗ ଦେବା ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ଆୟୁଷ୍ମାନ ଭାରତ ଯୋଗ୍ୟ ପରିବାରଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ଦେବାର ଏକ ବଡ଼ ପଦକ୍ଷେପ ଭାବେ ଆସିଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଯୋଗ୍ୟ ପରିବାରଙ୍କୁ ପକ୍କା ଘର ଯୋଗାଇବାର ଲକ୍ଷ୍ୟ ରଖାଯାଇଛି। ଏହି ଯୋଜନାଗୁଡ଼ିକର ଲକ୍ଷ୍ୟ କେବଳ ସରକାରୀ ସୁବିଧା ଦେବା ନୁହେଁ, ବରଂ ସାଧାରଣ ଲୋକଙ୍କ ଜୀବନକୁ ମୌଳିକ ସୁବିଧା ସହ ଯୋଡ଼ିବା।

କୃଷକଙ୍କ ପାଇଁ ସିଧାସଳଖ ସହାୟତା : ଭାରତୀୟ ଅର୍ଥନୀତିର ମୂଳ ଭିତ୍ତି ଭାବେ କୃଷକଙ୍କ ଭୂମିକା ସବୁବେଳେ ଗୁରୁତ୍ୱପୂର୍ଣ୍ଣ। କୃଷକଙ୍କ ପାଇଁ PM-KISAN ଯୋଜନା ମାଧ୍ୟମରେ ଯୋଗ୍ୟ କୃଷକଙ୍କୁ ସିଧାସଳଖ ଆର୍ଥିକ ସହାୟତା ଦେବାର ବ୍ୟବସ୍ଥା ହୋଇଛି। ଏହା ସହ କୃଷି ଭିତ୍ତିଭୂମି, ଫସଲ ବୀମା ଓ କୃଷି କ୍ଷେତ୍ରର ଆଧୁନିକୀକରଣକୁ ନେଇ ମଧ୍ୟ ବିଭିନ୍ନ ପଦକ୍ଷେପ ନିଆଯାଇଛି।

ମହିଳା ସଶକ୍ତିକରଣ: ମହିଳାଙ୍କୁ କେବଳ ଘରର ଦାୟିତ୍ୱ ମଧ୍ୟରେ ସୀମିତ ନ ରଖି ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ ସ୍ୱାବଲମ୍ବନ ସହ ଯୋଡ଼ିବା ଉପରେ ମଧ୍ୟ ସରକାର ଗୁରୁତ୍ୱ ଦେଇଛି। ବେଟି ବଚାଓ, ବେଟି ପଢ଼ାଓ, ଉଜ୍ଜ୍ୱଳା ଯୋଜନା, ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ ମହିଳା ଉଦ୍ୟମିତା ସମ୍ବନ୍ଧୀୟ ବିଭିନ୍ନ ପଦକ୍ଷେପ ମହିଳାଙ୍କୁ ଆହୁରି ସଶକ୍ତ କରିବାର ଲକ୍ଷ୍ୟ ରଖିଛି।

ଭିତ୍ତିଭୂମିରେ ପରିବର୍ତ୍ତନ: ଗତ କିଛି ବର୍ଷରେ ଭାରତର ଭିତ୍ତିଭୂମି ବିକାଶ ମଧ୍ୟ ଚର୍ଚ୍ଚାରେ ରହିଛି। ରାସ୍ତା, ରେଳପଥ, ବନ୍ଦର, ବିମାନବନ୍ଦର ଓ ଡିଜିଟାଲ ଭିତ୍ତିଭୂମିର ବିକାଶକୁ ସରକାର ଗୁରୁତ୍ୱ ଦେଇଛି। ଏହା ସହିତ ଦେଶରେ ଉତ୍ପାଦନ ବୃଦ୍ଧି, ଶିଳ୍ପ ନିବେଶ ଓ ଭିତ୍ତିଭୂମି ନିର୍ମାଣକୁ ନେଇ ମଧ୍ୟ ବିଭିନ୍ନ ପ୍ରୟାସ ହୋଇଛି।

ଚନ୍ଦ୍ରଯାନ-୩ରୁ ନୂଆ ଭାରତର ସ୍ୱପ୍ନ: ୨୦୨୩ରେ ଚନ୍ଦ୍ରଯାନ-୩ର ସଫଳ ଅବତରଣ ଭାରତର ମହାକାଶ ଅଭିଯାନରେ ଏକ ଐତିହାସିକ ମୁହୂର୍ତ୍ତ ଥିଲା। ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ସଫଳ ଅବତରଣ କରି ଭାରତ ମହାକାଶ କ୍ଷେତ୍ରରେ ନିଜ କ୍ଷମତାକୁ ବିଶ୍ୱ ସମ୍ମୁଖରେ ପ୍ରଦର୍ଶନ କରିଥିଲା। ଏହି ସଫଳତା କେବଳ ବୈଜ୍ଞାନିକଙ୍କ ପାଇଁ ଗର୍ବର ବିଷୟ ନୁହେଁ, ଦେଶର ଯୁବପିଢ଼ି ଓ ଛାତ୍ରଛାତ୍ରୀଙ୍କ ମନରେ ବିଜ୍ଞାନ ଓ ମହାକାଶ ପ୍ରତି ନୂଆ ଆଗ୍ରହ ସୃଷ୍ଟି କରିଥିଲା। ବିଶ୍ୱ ମଞ୍ଚରେ ଭାରତ ମୋଦୀଙ୍କ ନେତୃତ୍ୱରେ ଭାରତର ବିଦେଶ ନୀତି ମଧ୍ୟ ରାଜନୈତିକ ଆଲୋଚନାର ଏକ ବଡ଼ ବିଷୟ ରହିଛି। ଏ୨୦ ଭଳି ଆନ୍ତର୍ଜାତୀୟ ମଞ୍ଚରେ ଭାରତର ସକ୍ରିୟ ଭୂମିକା ଦେଶର ବିଶ୍ୱସ୍ତରୀୟ ପରିଚୟକୁ ଆହୁରି ଚର୍ଚ୍ଚାରେ ଆଣିଛି। ୨୦୨୩ରେ ଭାରତରେ ଏ୨୦ ଶିଖର ସମ୍ମିଳନୀ ଆୟୋଜନ ଏବଂ ଏହାର ଅଧ୍ୟକ୍ଷତା ଭାରତର କୂଟନୈତିକ ଭୂମିକା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅବସର ଥିଲା।

ସଫଳତା ସହ ଆଲୋଚନା ମଧ୍ୟ ନରେନ୍ଦ୍ର ମୋଦୀଙ୍କ ରାଜନୈତିକ ଯାତ୍ରା ଯେତିକି ଚର୍ଚ୍ଚିତ, ତାଙ୍କ ସରକାରର ନୀତି ଓ ନିଷ୍ପତ୍ତିକୁ ନେଇ ହୋଇଥିବା ଆଲୋଚନା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ନୋଟବନ୍ଦୀ,କୃଷି ଆଇନ, ବେକାରି, ଦରଦାମ ଓ ବିଭିନ୍ନ ସାମାଜିକ ରାଜନୈତିକ ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ଓ ବିଭିନ୍ନ ବର୍ଗରୁ ପ୍ରଶ୍ନ ଉଠିଛି। କିଛି ନୀତିକୁ ସମର୍ଥନ ମିଳିଥିବା ବେଳେ ଅନ୍ୟ କିଛି ନିଷ୍ପତ୍ତିକୁ ନେଇ ବିରୋଧ ଓ ତର୍କ ମଧ୍ୟ ହୋଇଛି। ଏହି ସମର୍ଥନ ଓ ବିରୋଧ ମଧ୍ୟରେ ମୋଦୀଙ୍କ ରାଜନୈତିକ ଯାତ୍ରା ଆଗକୁ ବଢ଼ିଛି। ଏବଂ ଏହା ହିଁ ଗଣତନ୍ତ୍ରର ସ୍ୱାଭାବିକ ଚିତ୍ର ଯେଉଁଠି ଜଣେ ନେତାଙ୍କ କାମକୁ ସମର୍ଥନ କରିବା ସହ ତାଙ୍କ ନୀତି ଉପରେ ପ୍ରଶ୍ନ ମଧ୍ୟ ଉଠିପାରେ।

ବିକଶିତ ଭାରତର ଲକ୍ଷ: ମୋଦୀଙ୍କ ରାଜନୈତିକ ଭାଷଣରେ ‘ବିକଶିତ ଭାରତ’ ଏକ ପ୍ରମୁଖ ଲକ୍ଷ୍ୟ ଭାବେ ଆସିଛି। ଅର୍ଥନୀତି, ଭିତ୍ତିଭୂମି, ପ୍ରଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଉତ୍ପାଦନ କ୍ଷେତ୍ରରେ ଭାରତକୁ ଆହୁରି ଆଗକୁ ନେବାର ଲକ୍ଷ୍ୟ ତାଙ୍କ ସରକାରର ନୀତି ଓ ଅଭିଯାନରେ ପ୍ରତିଫଳିତ ହୋଇଛି। ତାଙ୍କ ରାଜନୀତିରେ ବିକାଶ ସହ ରାଷ୍ଟ୍ରବାଦ, ସାଂସ୍କୃତିକ ପରିଚୟ ଓ ଦୃଢ଼ ନେତୃତ୍ୱର ଧାରଣା ମଧ୍ୟ ପ୍ରମୁଖ ରହିଛି। ଭଡନଗରରୁ ଦିଲ୍ଲୀ ଏକ ଦୀର୍ଘ ଯାତ୍ରା ନରେନ୍ଦ୍ର ମୋଦୀଙ୍କ ରାଜନୈତିକ ଯାତ୍ରାକୁ ଦେଖିଲେ ଗୋଟିଏ କଥା ସ୍ପଷ୍ଟ ହୁଏ ଯେ ଭାରତୀୟ ରାଜନୀତିରେ ତାଙ୍କର ଉତ୍ଥାନ ଦୀର୍ଘ ସମୟର ସଂଗଠନାତ୍ମକ କାମ ଓ ରାଜନୈତିକ ଅଭିଜ୍ଞତାର ଫଳ। ଭଡନଗରର ଏକ ସାଧାରଣ ପରିବାରରୁ ଆରମ୍ଭ ହୋଇଥିବା ଜୀବନ ଗୁଜରାଟର ମୁଖ୍ୟମନ୍ତ୍ରୀ ପଦ ଦେଇ ଦେଶର ପ୍ରଧାନମନ୍ତ୍ରୀ ପଦ ପର୍ଯ୍ୟନ୍ତ ପହଞ୍ଚିଛି। ୨୦୧୪ରୁ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଭାବରେ ତାଙ୍କ ଯାତ୍ରା ୨୦୧୯ ଓ ୨୦୨୪ରେ ମଧ୍ୟ ଜାରି ରହିଛି। ଜଣେ ନେତାଙ୍କ ଜୀବନକୁ କେବଳ ତାଙ୍କ ପଦବୀ ଦ୍ୱାରା ମାପିହୁଏ ନାହିଁ। ତାଙ୍କ ଯାତ୍ରା, ନିଷ୍ପତ୍ତି, ସଫଳତା, ବିଫଳତା, ସମର୍ଥନ ଓ ଆଲୋଚନା ସବୁକିଛି ମିଶି ତାଙ୍କ ରାଜନୈତିକ ପରିଚୟ ତିଆରି କରେ। ଆଜି ନରେନ୍ଦ୍ର ମୋଦୀ ତିନିଥରର ପ୍ରଧାନମନ୍ତ୍ରୀ। କିନ୍ତୁ ତାଙ୍କ କାହାଣୀର ଆରମ୍ଭ ହୋଇଥିଲା ଦିଲ୍ଲୀରୁ ନୁହେଁ, ଗୁଜରାଟର ଭଡନଗରରୁ। ସେହି କାହାଣୀରେ ଅଛି ସଂଘର୍ଷ, ସଂଗଠନ, ରାଜନୀତି, ସଫଳତା, ଆଲୋଚନା ଓ ନିରନ୍ତର ଯାତ୍ରା। ଭଡନଗରରୁ ଦିଲ୍ଲୀ ଏହା କେବଳ ଗୋଟିଏ ସହରରୁ ଆଉ ଗୋଟିଏ ସହର ପର୍ଯ୍ୟନ୍ତର ଯାତ୍ରା ନୁହେଁ ଏହା ଭାରତୀୟ ରାଜନୀତିରେ ନରେନ୍ଦ୍ର ମୋଦୀଙ୍କ ଦୀର୍ଘ ଓ ଚର୍ଚ୍ଚିତ ଯାତ୍ରାର ଏକ ଚିତ୍ର। ୧୭ ସେପ୍ଟେମ୍ବର ତାଙ୍କ ଜନ୍ମଦିନ। ଏହି ଦିନ ତାଙ୍କ ସମର୍ଥକମାନେ ତାଙ୍କ ଜୀବନ ଓ କାର୍ଯ୍ୟକୁ ସ୍ମରଣ କରୁଥିବା ବେଳେ, ତାଙ୍କ ରାଜନୈତିକ ଯାତ୍ରା ମଧ୍ୟ ଭାରତୀୟ ଗଣତନ୍ତ୍ରର ଏକ ଚର୍ଚ୍ଚିତ ଅଧ୍ୟାୟ ଭାବେ ସ୍ଥାନ ପାଇଛି। ସଂଘର୍ଷରୁ ସଂକଳ୍ପ, ସଂକଳ୍ପରୁ ସେବା ଭଡନଗରର ଗଳିରୁ ଆରମ୍ଭ ହୋଇଥିବା ଯାତ୍ରା ଆଜି ଦିଲ୍ଲୀରେ ଦେଶର ନେତୃତ୍ୱ ନେବା ପର୍ଯ୍ୟନ୍ତ ପହଞ୍ଚିଛି। ଏହି ଯାତ୍ରା କେବଳ ଜଣେ ରାଜନେତାଙ୍କ ଉତ୍ଥାନର କାହାଣୀ ନୁହେଁ, ବରଂ ଦୀର୍ଘ ରାଜନୈତିକ ସଂଘର୍ଷ, ସଂଗଠନ ଓ ନେତୃତ୍ୱର ଏକ ଅଧ୍ୟାୟ। ସଫଳତା ସହ ତାଙ୍କ ନୀତିକୁ ନେଇ ପ୍ରଶ୍ନ ଓ ଆଲୋଚନା ମଧ୍ୟ ରହିଛି। ତଥାପି ଭାରତୀୟ ରାଜନୀତିରେ ନରେନ୍ଦ୍ର ମୋଦୀଙ୍କ ଦୀର୍ଘ ପ୍ରଭାବକୁ ଅଣଦେଖା କରିହେବ ନାହିଁ। ଜନ୍ମଦିନରେ ତାଙ୍କ ଯାତ୍ରାକୁ ମନେ ପକାଇଲେ ଗୋଟିଏ କଥା ହିଁ ସାମ୍ନାକୁ ଆସେ ଭଡନଗରରୁ ଦିଲ୍ଲୀ ପର୍ଯ୍ୟନ୍ତ ଏହି ଦୀର୍ଘ ଯାତ୍ରା ହିଁ ନରେନ୍ଦ୍ର ମୋଦୀଙ୍କ ରାଜନୈତିକ ପରିଚୟ।ଜନ୍ମଦିନରେ ତାଙ୍କ ଦୀର୍ଘ ଯାତ୍ରାକୁ ମନେ ପକାଇ ଦେଶବାସୀଙ୍କ ମନରେ ଉଠେ ଆଶା ଓ ଆକାଂକ୍ଷା ଆଗାମୀ ଦିନରେ ଭାରତ ଆହୁରି ଶକ୍ତିଶାଳୀ, ସମୃଦ୍ଧ ଓ ବିକଶିତ ହେଉ। ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନରେ ତାଙ୍କୁ ଶୁଭେଚ୍ଛା ଓ ଦୀର୍ଘାୟୁ କାମନା।

# ମୋଦୀଙ୍କ ଦୀର୍ଘ ରାଜନୈତିକ ଯାତ୍ରା

କେହି ଜନ୍ମରୁ ନେତା ହୋଇ ଆସନ୍ତି ନାହିଁ। ସମୟ, ସଂଘର୍ଷ, ପରିଶ୍ରମ ଓ ଅନୁଭବ ଜଣେ ସାଧାରଣ ମଣିଷକୁ ନେତୃତ୍ୱର ଶୀର୍ଷ ସ୍ଥାନରେ ପହଞ୍ଚାଇଥାଏ। ଭାରତୀୟ ରାଜନୀତିରେ ନରେନ୍ଦ୍ର ମୋଦୀଙ୍କ ଯାତ୍ରା ମଧ୍ୟ ଏମିତି ଏକ ଦୀର୍ଘ ଓ ଚର୍ଚ୍ଚିତ ଅଧ୍ୟାୟ। ଗୁଜରାଟର ଛୋଟ ସହର ଭଡନଗରରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଆଜି ଦେଶର ପ୍ରଧାନମନ୍ତ୍ରୀ ପଦ ପର୍ଯ୍ୟନ୍ତ ପହଞ୍ଚିଛି। ୧୭ ସେପ୍ଟେମ୍ବର ୧୯୫୦। ଗୁଜରାଟର ଭଡନଗରରେ ଜନ୍ମ ନେଇଥିଲେ ନରେନ୍ଦ୍ର ଦାମୋଦରଦାସ ମୋଦୀ। ସାଧାରଣ ପରିବାରରେ ବଢ଼ିଥିବା ମୋଦୀଙ୍କ ଶୈଶବରେ ଥିଲା ଅଭାବ, ପରିଶ୍ରମ ଓ ସଂଘର୍ଷର ଅନୁଭବ। ଭଡନଗର ରେଳ ଷ୍ଟେସନ ନିକଟରେ ପରିବାରର ଚା’ ବ୍ୟବସାୟରେ ସହଯୋଗ କରୁଥିବା କାହାଣୀ ପରବର୍ତ୍ତୀ ସମୟରେ ତାଙ୍କ ଜୀବନ ପରିଚୟର ଏକ ଚର୍ଚ୍ଚିତ ଅଂଶ ହୋଇଥିଲା।

କିନ୍ତୁ ଚା’ ବିକ୍ରିରୁ ଦେଶର ନେତୃତ୍ୱ ପର୍ଯ୍ୟନ୍ତର ରାସ୍ତା ସହଜ ନଥିଲା। ଏହା ପଛରେ ଥିଲା ବର୍ଷ ବର୍ଷର ସଂଗଠନାତ୍ମକ କାମ, ଲୋକଙ୍କ ସହ ସମ୍ପର୍କ, ରାଜନୈତିକ ଅଭିଜ୍ଞତା ଓ ନିରନ୍ତର ପରିଶ୍ରମ। RSSରୁ ଆରମ୍ଭ, BJPରେ ଦାୟିତ୍ୱ ଯୁବାବସ୍ଥାରୁ ମୋଦୀ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, RSS ସହ ଜଡ଼ିତ ହୋଇଥିଲେ। ସଂଗଠନରେ କାମ କରିବା ସମୟରେ ଦେଶର ବିଭିନ୍ନ ଅଞ୍ଚଳକୁ ଯାଇ ଲୋକଙ୍କ ସହ ମିଶିବା ଓ ସଂଗଠନକୁ ମଜବୁତ କରିବାର ଅନୁଭବ ହାସଲ କରିଥିଲେ। ପରେ ଭାରତୀୟ ଜନତା ପାର୍ଟିରେ ସଂଗଠନର ବିଭିନ୍ନ ଦାୟିତ୍ୱ ତୁଲାଇ ସେ ଦଳୀୟ ରାଜନୀତିରେ ନିଜ ପରିଚୟ ମଜବୁତ କରିଥିଲେ। ଧୀରେ ଧୀରେ ରାଜ୍ୟ ରାଜନୀତିରୁ ଜାତୀୟ ରାଜନୀତି ଆଡ଼କୁ ବଢ଼ିଥିଲା ତାଙ୍କ ଯାତ୍ରା।

୨୦୦୧ : ଗୁଜରାଟର ମୁଖ୍ୟମନ୍ତ୍ରୀ
୨୦୦୧ରେ ଗୁଜରାଟର ମୁଖ୍ୟମନ୍ତ୍ରୀ ହେବା ମୋଦୀଙ୍କ ରାଜନୈତିକ ଜୀବନର ଏକ ବଡ଼ ମୋଡ଼ ଥିଲା। ୨୦୦୧ରୁ ୨୦୧୪ ପର୍ଯ୍ୟନ୍ତ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ସେ ଦୀର୍ଘ ସମୟ କାମ କରିଥିଲେ। ଏହି ସମୟରେ ଗୁଜରାଟର ବିକାଶ, ଶିଳ୍ପ ଓ ଭିତ୍ତିଭୂମିକୁ ନେଇ ତାଙ୍କ ସରକାରର କାର୍ଯ୍ୟ ଚର୍ଚ୍ଚାରେ ରହିଥିଲା। ଏହା ସହିତ ୨୦୦୨ର ଗୁଜରାଟ ଦଙ୍ଗାକୁ ନେଇ ତାଙ୍କ ସରକାର ଉପରେ ତୀବ୍ର ଆଲୋଚନା ମଧ୍ୟ ହୋଇଥିଲା। ଏହି ଘଟଣା ମୋଦୀଙ୍କ ରାଜନୈତିକ ଯାତ୍ରାର ଏକ ବିବାଦୀୟ ଅଧ୍ୟାୟ ଭାବେ ରହିଛି।

୨୦୧୪ : ଦିଲ୍ଲୀରେ ନୂଆ ଅଧ୍ୟାୟ
୨୦୧୪ର ଲୋକସଭା ନିର୍ବାଚନ ମୋଦୀଙ୍କ ରାଜନୈତିକ ଜୀବନକୁ ଜାତୀୟ ସ୍ତରରେ ଏକ ନୂଆ ଦିଗ ଦେଇଥିଲା। BJP ନେତୃତ୍ୱାଧୀନ ଘଉଇ ସରକାର ଗଠନ କରିବା ପରେ ମୋଦୀ ପ୍ରଥମଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ହେଲେ। ୨୦୧୯ରେ ପୁଣିଥରେ ଘଉଇ ନିର୍ବାଚନୀ ସଫଳତା ହାସଲ କରିବା ପରେ ସେ ଦ୍ୱିତୀୟଥର ପ୍ରଧାନମନ୍ତ୍ରୀ ହେଲେ। ୨୦୨୪ରେ **NDA** ପୁଣି ସରକାର ଗଠନ କରିବା ପରେ ମୋଦୀ ତୃତୀୟଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଲେ।

ଯୁବପିଢ଼ିକୁ ନେଇ ନୂଆ ଭାରତର ଚିନ୍ତା
ମୋଦୀ ସରକାରର ଶାସନକାଳରେ ଯୁବପିଢ଼ିକୁ କୌଶଳ, ଉଦ୍ୟମିତା ଓ ପ୍ରଯୁକ୍ତି ସହ ଯୋଡ଼ିବାକୁ ନେଇ ଅନେକ ପଦକ୍ଷେପ ନିଆଯାଇଛି।
‘Skill India’ ମାଧ୍ୟମରେ ଯୁବକ-ଯୁବତୀଙ୍କ କୌଶଳ ବିକାଶ, ‘Startup India’ ମାଧ୍ୟମରେ ନୂଆ ବ୍ୟବସାୟ ଓ ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହନ, ‘Digital India’ ମାଧ୍ୟମରେ ଡିଜିଟାଡିଜିଟାଲ ସେବାର ବିସ୍ତାର ଓ ‘Make in India’ ମାଧ୍ୟମରେ ଦେଶୀୟ ଉତ୍ପାଦନକୁ ଗୁରୁତ୍ୱ ଦିଆଯାଇଛି।
ଟଚଓ ଓ ଡିଜିଟାଲ ପେମେଣ୍ଟର ବ୍ୟାପକ ବ୍ୟବହାର ମଧ୍ୟ ଦେଶର ଦୈନନ୍ଦିନ ଆର୍ଥିକ କାରବାରକୁ ଏକ ନୂଆ ରୂପ ଦେଇଛି।



**ଶୁଭସ୍ମିତା ଦାସ**
**କେନ୍ଦ୍ରାପଡ଼ା, ଆଳି, ନାଗପଡ଼ା**

ଗରିବଙ୍କ ପାଇଁ ଯୋଜନା
ମୋଦୀ ସରକାରର ଅନ୍ୟତମ ପ୍ରମୁଖ ଫୋକସ୍ ରହିଛି ଗରିବ ଓ ଆବଶ୍ୟକତା ଥିବା ପରିବାରକୁ ସରକାରୀ ସୁବିଧା ସହ ଯୋଡ଼ିବା।
ଜନଧନ ଯୋଜନା ମାଧ୍ୟମରେ ବ୍ୟାଙ୍କିଂ ବ୍ୟବସ୍ଥାରୁ ଦୂରେ ଥିବା ଲୋକଙ୍କୁ ବ୍ୟାଙ୍କ ଖାତା ସହ ଯୋଡ଼ାଯାଇଛି। ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ଯୋଗ୍ୟ ପରିବାରର ମହିଳାଙ୍କୁ ଖଚଏ ସଂଯୋଗ ଦିଆଯାଇଛି।
ଆୟୁଷ୍ମାନ ଭାରତ ଯୋଜନା ମାଧ୍ୟମରେ ଯୋଗ୍ୟ ପରିବାରକୁ ସ୍ୱାସ୍ଥ୍ୟ ସୁରକ୍ଷା ଦେବାର ପ୍ରୟାସ ହୋଇଛି।
ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଗରିବ ପରିବାରଙ୍କ ପାଇଁ ପକ୍କା ଘର ନିର୍ମାଣକୁ ଗୁରୁତ୍ୱ ଦିଆଯାଇଛି।କୃଷକ ଓ ମହିଳାଙ୍କ ପାଇଁ ପଦକ୍ଷେପ
କୃଷକଙ୍କ ପାଇଁ ଚଗ-କଓଝଇଘ ମାଧ୍ୟମରେ ସିଧାସଳଖ ଆର୍ଥିକ ସହାୟତା ଦିଆଯାଉଛି। ଫସଲ ବୀମା, କୃଷି ଭିତ୍ତିଭୂମି ଓ ଆଧୁନିକ କୃଷିକୁ ନେଇ ମଧ୍ୟ ବିଭିନ୍ନ ପଦକ୍ଷେପ ନିଆଯାଇଛି।
ମହିଳାଙ୍କ ପାଇଁ ‘ବେଟି ବଚାଓ, ବେଟି ପଢ଼ାଓ’, ଉଜ୍ଜ୍ୱଳା ଯୋଜନା, ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ ଉଦ୍ୟମିତାକୁ ନେଇ ବିଭିନ୍ନ ପ୍ରୟାସ ମଧ୍ୟ ହୋଇଛି।

ରାସ୍ତାରୁ ଚନ୍ଦ୍ରଯାନ ପର୍ଯ୍ୟନ୍ତବ
ମୋଦୀ ସରକାରର ଶାସନକାଳରେ ରାସ୍ତା, ରେଳ, ବନ୍ଦର, ବିମାନବନ୍ଦର ଓ ଡିଜିଟାଲ ଭିତ୍ତିଭୂମିର ବିକାଶକୁ ଗୁରୁତ୍ୱ ମିଳିଛି।
୨୦୨୩ରେ ଚନ୍ଦ୍ରଯାନ-୩ର ସଫଳ ଅବତରଣ ଭାରତର ମହାକାଶ ଯାତ୍ରାରେ ଏକ ଐତିହାସିକ ସଫଳତା ହୋଇଥିଲା। ଏହା ଦେଶର ବୈଜ୍ଞାନିକ କ୍ଷମତାକୁ ନୂଆ ପରିଚୟ ଦେବା ସହ ଯୁବପିଢ଼ିଙ୍କ ମନରେ ବିଜ୍ଞାନ ଓ ମହାକାଶକୁ ନେଇ ନୂଆ ସ୍ୱପ୍ନ ଜାଗ୍ରତ କରିଥିଲା।

ବିଶ୍ୱ ମଞ୍ଚରେ ଭାରତ୨୦୨୩ରେ ଭାରତ ଏ୨୦ର ଅଧ୍ୟକ୍ଷତା କରିବା ସହ ନୂଆଦିଲ୍ଲୀରେ ଏ୨୦ ଶିଖର ସମ୍ମିଳନୀ ଆୟୋଜନ କରିଥିଲା। ଏହା ଭାରତର ବୈଶ୍ୱିକ କୂଟନୈତିକ ଭୂମିକାକୁ ନେଇ ଚର୍ଚ୍ଚା ବଢ଼ାଇଥିଲା।
ମୋଦୀଙ୍କ ବିଦେଶ ନୀତିରେ ଭାରତର ସ୍ୱାର୍ଥ, ବୈଶ୍ୱିକ ସହଯୋଗ ଓ ଭାରତର ଆନ୍ତର୍ଜାତୀୟ ପ୍ରଭାବକୁ ଗୁରୁତ୍ୱ ଦିଆଯାଇଛି।

ସଫଳତା ସହ ବିବାଦ ମଧ୍ୟ ମୋଦୀଙ୍କ ରାଜନୈତିକ ଯାତ୍ରା କେବଳ ସଫଳତାର କାହାଣୀ ନୁହେଁ।
ନୋଟବନ୍ଦୀ, GST, କୃଷି ଆଇନ, ବେକାରି, ଦରଦାମ ଓ ବିଭିନ୍ନ ସାମାଜିକ-ରାଜନୈତିକ ପ୍ରସଙ୍ଗକୁ ନେଇ ତାଙ୍କ ସରକାର ଆଲୋଚନାର ସମ୍ମୁଖୀନ ହୋଇଛି। କେତେକ ନିଷ୍ପତ୍ତିକୁ ସମର୍ଥନ ମିଳିଥିବା ବେଳେ କେତେକକୁ ନେଇ ତୀବ୍ର ବିରୋଧ ମଧ୍ୟ ହୋଇଛି।
ଏହି ସମର୍ଥନ ଓ ବିରୋଧ ମଧ୍ୟରେ ମୋଦୀଙ୍କ ରାଜନୈତିକ ପ୍ରଭାବ ଭାରତୀୟ ରାଜନୀତିରେ ଏକ ବଡ଼ ଚର୍ଚ୍ଚାର ବିଷୟ ହୋଇ ରହିଛି।

ଭଡନଗରରୁ ଦିଲ୍ଲୀଯାତ୍ରା ଏବେ ବି ଜାରି
ଭଡନଗରର ଗଳିରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଗୁଜରାଟର ମୁଖ୍ୟମନ୍ତ୍ରୀ ପଦ ଦେଇ ଦିଲ୍ଲୀର ପ୍ରଧାନମନ୍ତ୍ରୀ ପଦ ପର୍ଯ୍ୟନ୍ତ ପହଞ୍ଚିଛି। ତିନିଥର ଲୋକସଭା ନିର୍ବାଚନ ପରେ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବା ତାଙ୍କ ରାଜନୈତିକ ଯାତ୍ରାର ବ୍ୟାପକତାକୁ ଦର୍ଶାଏ।
ଜଣେ ନେତାଙ୍କ ଯାତ୍ରାକୁ କେବଳ ତାଙ୍କ ପଦବୀରେ ମାପିହୁଏ ନାହିଁ। ତାଙ୍କ ସଂଘର୍ଷ, ନିଷ୍ପତ୍ତି, ସଫଳତା, ବିଫଳତା, ସମର୍ଥନ ଓ ଆଲୋଚନାସବୁକିଛି ମିଶି ତାଙ୍କ ରାଜନୈତିକ ଚରିତ୍ର ଗଢ଼ିଥାଏ।
୧୭ ସେପ୍ଟେମ୍ବର, ତାଙ୍କ ଜନ୍ମଦିନ। ସମର୍ଥକଙ୍କ ପାଇଁ ଏହା ଜଣେ ପ୍ରିୟ ନେତାଙ୍କୁ ସ୍ମରଣ କରିବାର ଦିନ, ଆଉ ଭାରତୀୟ ରାଜନୀତି ପାଇଁ ଏହା ଏକ ଚର୍ଚ୍ଚିତ ରାଜନୈତିକ ଯାତ୍ରାକୁ ପଛକୁ ଫେରି ଦେଖିବାର ଅବସର।
ଚା’ର କପ୍‌ରୁ ଆରମ୍ଭ ହୋଇଥିବା ଜୀବନର କାହାଣୀ ଆଜି ଦେଶର ନେତୃତ୍ୱର ଦାୟିତ୍ୱରେ ପହଞ୍ଚିଛି। ଭଡନଗରରୁ ଦିଲ୍ଲୀଏହା କେବଳ ଦୂରତାର ଯାତ୍ରା ନୁହେଁଁ ଏହା ଦଶନ୍ଧିର ପରିଶ୍ରମ, ସଂଗଠନ ଓ ରାଜନୈତିକ ଉତ୍ଥାନର କାହାଣୀ।
ଜନ୍ମଦିନରେ ନରେନ୍ଦ୍ର ମୋଦୀଙ୍କୁ ଶୁଭେଚ୍ଛା। ଦେଶ ଆହୁରି ଶକ୍ତିଶାଳୀ, ସମୃଦ୍ଧ ଓ ବିକଶିତ ହେଉ ଏହି ଆଶା ସହ ତାଙ୍କ ସୁସ୍ଥ ଓ ଦୀର୍ଘ ଜୀବନ କାମନା।

## ମଣିପୁର ହିଂସା

# ନାଗା ଗାଁ ଉପରେ ଆକ୍ରମଣ ୫ ଘର ପୋଡ଼ିଦେଲେ କୁକି ଆତଙ୍କବାଦୀ



ଇମ୍ଫାଲ ୧୬/୦୯: ଜାତିଗତ ହିଂସା ପ୍ରଭାବିତ ମଣିପୁରର କାଙ୍ଗପୋକପିର ନାଗା ଗ୍ରାମ ଚାଓ୍ୱାଙ୍ଗକିନିଙ୍ଗରେ ସନ୍ଦିଗ୍ଧ କୁକି ଆତଙ୍କବାଦୀ ଆକ୍ରମଣ କରିବା ପରେ ଅତି କମ୍‌ରେ ପାଞ୍ଚଟି ଘର ପୋଡ଼ି ଦିଆଯାଇଛି। ଦୁଇ ପକ୍ଷ ମଧ୍ୟରେ ଗୁଳିବିନିମୟ ହୋଇଛି। ଗତ ଚାରି ଦିନ ମଧ୍ୟରେ ରାଜ୍ୟରେ ଛଅ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମଙ୍ଗଳବାର ତାମେଙ୍ଗଲଙ୍ଗରେ ଦୁଇ ଜଣ କୁକି ମହିଳାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା, ଦୁଇ ଦିନ ପରେ କୁକି ସମ୍ପ୍ରଦାୟର ଆଉ ଚାରି ଜଣଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ତେବେ ଚାଓ୍ୱାଙ୍ଗକିନିଙ୍ଗରେ ହିଂସା ପାଇଁ ପୁଲିସ ମାମଲା ରୁଜୁ କରିଥିଲେ ମଧ୍ୟ କେଣସି ଗୋଷ୍ଠୀ ନିଆଁ ଲଗାଇବା ପାଇଁ ନିଜକୁ ଦାୟୀ କରିନାହାନ୍ତି। ଚାଓ୍ୱାଙ୍ଗକିନିଙ୍ଗର ବାସିନ୍ଦା ଡାନିଏଲ ଚାରେନାମଲାଇ କହିଛନ୍ତି, ସଶସ୍ତ୍ର କୁକି ଆତଙ୍କବାଦୀ ମଙ୍ଗଳବାର ରାତି ୧୦ଟା ୩୦ ବେଳେ ଗାଁ ଉପରେ ଆକ୍ରମଣ କରିଥିଲେ। ବୁଧବାର ସକାଳ ୫ଟା ପର୍ଯ୍ୟନ୍ତ ଆକ୍ରମଣ ଜାରି ରହିଥିଲା। ସୁରକ୍ଷାକର୍ମୀଙ୍କ ନିଷ୍କ୍ରିୟତାକୁ ଏଥିପାଇଁ ସେ ଦାୟୀ କାଙ୍ଗପୋକପି ଜିଲ୍ଲା ମୁଖ୍ୟାଳୟରୁ ପ୍ରାୟ ୧୩ କିଲୋମିଟର ଦୂରରେ ଅବସ୍ଥିତ ଚାଓ୍ୱାଙ୍ଗକିନିଙ୍ଗ୍ ହେଉଛି ନାଗା ଓ କୁକି ଗ୍ରାମ ମଧ୍ୟରେ ଅବସ୍ଥିତ ଏକ ନାଗା ଲିଆଙ୍ଗମାଇ ଗ୍ରାମ। ନେପାଳୀ, ମାଓ, ରଙ୍ଗମେଇ ଓ ପାଓମେଇ ସମେତ ଅନ୍ୟାନ୍ୟ ସମ୍ପ୍ରଦାୟ ମଧ୍ୟ ଏହି ଗ୍ରାମରେ ବାସ କରନ୍ତି। ପ୍ରାୟ ୧୦୦ ଜଣ ସଶସ୍ତ୍ର ଆତଙ୍କବାଦୀ ମଙ୍ଗଳବାର ସେମାନଙ୍କ ଗାଁ ଉପରେ ଆକ୍ରମଣ କରିଥିଲେ ଓ ଅତି କମ୍‌ରେ ପାଞ୍ଚଟି ଘର ଓ ତାଙ୍କ ଦୋକାନ ପୋଡ଼ି ଦେଇଥିବା ଡାନିଏଲ୍ କହିଛନ୍ତି। ସୁରକ୍ଷାକର୍ମୀଙ୍କ ନିଷ୍କ୍ରିୟତାକୁ ଏଥିପାଇଁ ସେ ଦାୟୀ କରିଛନ୍ତି। ନାଗା ଭିଲେଜ ଗାର୍ଡସ ପାଲଟା ଆକ୍ରମଣ କରିଥିଲେ ଓ କେହି ଆହତ ହୋଇନାହାନ୍ତି। ଫେବ୍ରୁଆରିରୁ ଆରମ୍ଭ ହୋଇଥିବା ହିଂସା ପରଠାରୁ ଉଭୟ ସମ୍ପ୍ରଦାୟର ୩୦ ଜଣଙ୍କୁ ହତ୍ୟା କରାଯାଇଛି। ରବିବାର ମଣିପୁରର ତାମେଙ୍ଗଲଙ୍ଗ ଜିଲ୍ଲାରେ ପ୍ରାଣ ହରାଇଥିବା ଚାରି ଜଣ କୁକିଙ୍କ ମଧ୍ୟରେ ଏକ ଦମ୍ପତି ଥିଲେ ଓ ଜଣେ ଛଅ ବର୍ଷର ଶିଶୁ ଗୁଳିରେ ଆହତ ହୋଇଥିଲେ।

# ଭାରତ-ନ୍ୟୁଜିଲ୍ୟାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତିନାମା

## ନ୍ୟୁଜିଲ୍ୟାଣ୍ଡ ସଂସଦରେ ମଞ୍ଜୁରୀ



ୱେଲିଂଟନ୍ ୧୬/୦୯ :ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମାକୁ ନ୍ୟୁଜିଲ୍ୟାଣ୍ଡ ସଂସଦରେ ଅନୁମୋଦନ କରାଯାଇଛି। ଭାରତ ସହିତ ଚୁକ୍ତିନାମା ସପକ୍ଷରେ ୯୩ ଭୋଟ୍ ପଡ଼ିଥିବାବେଳେ ଏହା ବିରୋଧରେ ୨୯ ଭୋଟ୍ ଦିଆଯାଇଥିଲା। ଏହି ସୂଚନା ବାଣିଜ୍ୟ ଏବଂ ନିବେଶ ମନ୍ତ୍ରୀ ଟଡ୍ ମ୍ୟାକଲେ ଦେଇଛନ୍ତି। ମ୍ୟାକଲେ କହିଛନ୍ତି ଯେ, ଚୁକ୍ତିନାମା ଏବଂ ଏଥିରୁ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ଆର୍ଥିକ ଲାଭ ପାଇଁ ସଂସଦର ଦୃଢ଼ ସମର୍ଥନ ମିଳିଛି। ଏହା ସହିତ ନ୍ୟୁଜିଲ୍ୟାଣ୍ଡ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ ଏହା ଉପରେ ଖୁସି ପ୍ରକାଶ କରିଛନ୍ତି।ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ ସୋସିଆଲ ମିଡ଼ିଆ ଏକ୍ସରେ ପୋଷ୍ଟ କରି କହିଛନ୍ତି, ଲୋକେ ମୋତେ କହିଥିଲେ ଯେ ଭାରତ ସହିତ ଏକ ମୁକ୍ତ ବାଣିଜ୍ୟ ଚୁକ୍ତି ସମ୍ଭବ ନୁହେଁ। କିନ୍ତୁ ଆଜି, ସେହି ଚୁକ୍ତିକୁ ସଂସଦରେ ବହୁମତ ମିଳିଛି। ଏହା ଏବେ ସତରେ ପରିଣତ ହେବାକୁ ଯାଉଛି। ଏହି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ନ୍ୟୁଜିଲ୍ୟାଣ୍ଡବାସୀଙ୍କ ପାଇଁ ଅଧିକ ନିଯୁକ୍ତି ଏବଂ ଉତ୍ତମ ଆୟ ସୃଷ୍ଟି କରିବ। ଏହାର ଅର୍ଥ ହେଉଛି ୧୪୦ କୋଟି ଭାରତୀୟ ଗ୍ରାହକଙ୍କ ନିକଟରେ ପହଞ୍ଚିବା ଦ୍ୱାରା ଭାରତରେ ଅଧିକ ନ୍ୟୁଜିଲ୍ୟାଣ୍ଡ ଉତ୍ପାଦ ବିକ୍ରି ହୋଇପାରିବ।୫୭ ପ୍ରତିଶତ ଶୁଳ୍କମୁକ୍ତ ହେବମ୍ୟାକଲେଙ୍କ ଅନୁଯାୟୀ, ଯେତେବେଳେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା କାର୍ଯ୍ୟକାରୀ ହେବ, ସେତେବେଳେ ଭାରତରେ ନ୍ୟୁଜିଲ୍ୟାଣ୍ଡର ରପ୍ତାନିର ୫୭ ପ୍ରତିଶତ ଶୁଳ୍କମୁକ୍ତ ହେବ। ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେବା ପରେ ୯୫ ପ୍ରତିଶତ ରପ୍ତାନି ଉପରେ ଶୁଳ୍କ ଉଚ୍ଛେଦ କରାଯିବ। କେବଳ କିୱିଫ୍ରୁଟ୍ ଶିଳ୍ପ ପାଞ୍ଚ ବର୍ଷ ମଧ୍ୟରେ ପ୍ରାୟ ୧୨୫ ନିୟୁତ ନ୍ୟୁଜିଲ୍ୟାଣ୍ଡ୍ ଡଲାରର ଶୁଳ୍କ ସଞ୍ଚୟ କରିବ ବୋଲି ଆଶା କରାଯାଉଛି। ଏହି ଚୁକ୍ତିନାମା ଦ୍ରୁତ ସୀମା କ୍ଲିୟରାନ୍ସ ଏବଂ ଭାରତର ବର୍ଦ୍ଧିତ ମଧ୍ୟବିତ୍ତ ବର୍ଗକୁ ଉତ୍ତମ ପ୍ରବେଶ ପ୍ରଦାନ କରିବ। ଖାଦ୍ୟ, ପ୍ରଯୁକ୍ତିବିଦ୍ୟା,ଶିକ୍ଷା, ପର୍ଯ୍ୟଟନ, ବୃତ୍ତିଗତ ସେବା ଏବଂ ଅନ୍ୟାନ୍ୟ ଉତ୍ପାଦର ଚାହିଦା ବୃଦ୍ଧି କରୁଛି।ଭାରତ-ନ୍ୟୁଜିଲ୍ୟାଣ୍ଡ ଆଲୋଚନା ମାର୍ଚ୍ଚ ୨୦୨୫ରେ ଘୋଷଣା କରାଯାଇଥିଲା ଏବଂ ସରକାର ଆଶା କରୁଛନ୍ତି ଯେ, ଏହି ବର୍ଷ ଶେଷ ସୁଦ୍ଧା ଚୁକ୍ତିନାମା କାର୍ଯ୍ୟକାରୀ ହେବ। ସେ କହିଛନ୍ତି ଯେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ନ୍ୟୁଜିଲାଣ୍ଡ ରପ୍ତାନିକାରୀମାନଙ୍କୁ ସେମାନଙ୍କର ବ୍ୟବସାୟିକ ସମ୍ପର୍କ ବିସ୍ତାର କରିବାରେ ସାହାଯ୍ୟ କରିବ ଏବଂ ୨୦୩୦ ସୁଦ୍ଧା ବାଣିଜ୍ୟ ଦ୍ୱିଗୁଣିତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଲକ୍ଷ୍ୟକୁ ସୁଦୃଢ଼ କରିବ। ଉଭୟ ଦେଶ ସେମାନଙ୍କର ଅନୁମୋଦନ ପ୍ରକ୍ରିୟା ସମାପ୍ତ କରିବା ପରେ ଏହି ଚୁକ୍ତିନାମା କାର୍ଯ୍ୟକାରୀ ହେବ।



# ଆଦାନୀ ହରାଇଲେ ଏସିଆର ବଡ଼ ଧନୀ ମୁକୁଟ

ନୂଆଦିଲ୍ଲୀ ୧୬/୦୯: ଚୀନ୍‌ର ପ୍ରଯୁକ୍ତି କମ୍ପାନି ବାଇଟ୍‌ଡ୍ୟାନ୍ସର ପ୍ରତିଷ୍ଠାତା ଝାଙ୍ଗ ୟିମିଙ୍ଗ ଏସିଆର ସବୁଠୁ ଧନୀ ବ୍ୟକ୍ତି ଭାବେ ଉଭା ହୋଇଛନ୍ତି। ସେ ଭାରତୀୟ ଶିଳ୍ପପତି ଗୌତମ ଆଦାନୀଙ୍କୁ ପଛରେ ପକାଇ ଏହି ସ୍ଥାନ ହାସଲ କରିଛନ୍ତି। ବ୍ଲୁମ୍‌ବର୍ଗ ବିଲିଓନେୟାର୍ସ ଇଣ୍ଡେକ୍ସ ଅନୁସାରେ ଝାଙ୍ଗଙ୍କ ସମ୍ପତ୍ତି ଏବେ ୧୦୫ ବିଲିୟନ ଡଲାରରୁ ଅଧିକ ରହିଛି। ୪୩ ବର୍ଷୀୟ ଝାଙ୍ଗ ବାଇଟ୍‌ଡ୍ୟାନ୍ସର ସହ-ପ୍ରତିଷ୍ଠାତା। ବର୍ତ୍ତମାନ ଆଦାନୀଙ୍କୁ ପଛରେ ପକାଇ ଦେଇଛନ୍ତି ଝାଙ୍ଗ ଏହି କମ୍ପାନି ଲୋକପ୍ରିୟ କ୍ଷୁଦ୍ର ଭିଡିଓ ପ୍ଲାଟଫର୍ମ 'ଟିକ୍‌ଟକ୍' ବିକାଶ କରିଥିବା ସଂସ୍ଥା। କମ୍ପାନିର ବଜାର ମୂଲ୍ୟ ବୃଦ୍ଧି ଓ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ଷେତ୍ରରେ ଦ୍ରୁତ ଅଗ୍ରଗତି ଯୋଗୁ ଝାଙ୍ଗଙ୍କ ସମ୍ପତ୍ତିରେ ବ୍ୟାପକ ବୃଦ୍ଧି ଘଟିଛି। ବ୍ଲୁମ୍‌ବର୍ଗ ୨୦୧୯ ମାର୍ଚ୍ଚରୁ ଝାଙ୍ଗଙ୍କ ସମ୍ପତ୍ତିର ହିସାବ ରଖିବା ଆରମ୍ଭ କରିଥିଲା। ସେତେବେଳେ ତାଙ୍କ ସମ୍ପତ୍ତି ପ୍ରାୟ ୧୩ ବିଲିଅନ ଡଲାର ଥିଲା। ବର୍ତ୍ତମାନ ତାହା ଆଠ ଗୁଣରୁ ଅଧିକ ବୃଦ୍ଧି ପାଇ ୧୦୫ ବିଲିୟନ ଡଲାରରୁ ଅଧିକ ହୋଇଛି। ଏହାପୂର୍ବରୁ ଚଳିତ ବର୍ଷ ଜୁନ୍‌ରେ ମୁକେଶ ଅମ୍ବାନୀଙ୍କୁ ଝାଙ୍ଗ ପଛରେ ପକାଇ ଏସିଆର ଦ୍ୱିତୀୟ ସବୁଠୁ ଧନୀ ବ୍ୟକ୍ତି ହୋଇଥିଲେ। ସେତେବେଳେ ଆଦାନୀ ଏସିଆର ଶୀର୍ଷ ଧନୀ ଥିଲେ। ବର୍ତ୍ତମାନ ଆଦାନୀଙ୍କୁ ମଧ୍ୟ ଝାଙ୍ଗ ପଛରେ ପକାଇ ଦେଇଛନ୍ତି।

## ମାଓବାଦୀ ପରିଚୟ ଦେଇ ଚାନ୍ଦା ଆଦାୟ ଅଭିଯୋଗ



### କର୍ଣ୍ଣାଟକରୁ ବିଳମ୍ବିତ ରାତିରେ ଗିରଫ

ବେଙ୍ଗାଲୁରୁ ୧୬/୦୯: ମାଓବାଦୀ ପରିଚୟ ଦେଇ ହାତତିଆରି ବୋମା ବିସ୍ଫୋରଣ କରିବା ଏବଂ ଚାନ୍ଦା ମାଗିବା ଅଭିଯୋଗରେ ଦୀର୍ଘ ଦିନରୁ ଫେରାର ଥିବା ଅଭିଯୁକ୍ତ କନକଲାବଣ୍ଡେ ଭେଙ୍କଟେଶଙ୍କୁ କର୍ଣ୍ଣାଟକ ପୁଲିସ ମଙ୍ଗଳବାର ବିଳମ୍ବିତ ରାତିରେ ଗିରଫ କରିଛି। ଗତ ଅଗଷ୍ଟ ମାସରେ କନକଲାବଣ୍ଡେ ଗ୍ରାମର ଜଣେ ଚାଷୀଙ୍କ ପମ୍ପସେଟ୍ ନିକଟରେ ଏକ ହାତତିଆରି ବୋମା ବିସ୍ଫୋରଣ ଘଟି ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଏହି ଘଟଣା ପରଠାରୁ ଭେଙ୍କଟେଶ ଫେରାର ହୋଇ ପାଭାଗଡ଼ା ନିକଟସ୍ଥ କଦମାଲାକୁଣ୍ଟେ ପାହାଡ଼ରେ ଲୁଚି ରହିଥିଲେ। ପୂର୍ବରୁ ଏହି ମାମଲାରେ ପୁଲିସ ଅଭିଯୁକ୍ତଙ୍କ ସ୍ତ୍ରୀ ସାବିତ୍ରାମ୍ମା, ତାଙ୍କର ଦୁଇ ସନ୍ତାନ ଓ ଅନ୍ୟ ଦୁଇଜଣଙ୍କୁ ଗିରଫ କରିସାରିଛି।ଭେଙ୍କଟେଶଙ୍କୁ କାବୁ କରିବାରେ ସଫଳ ଫେରାର ଅବସ୍ଥାରେ ଭେଙ୍କଟେଶ ଏକ ମାଓବାଦୀ ସଂଗଠନ ନାମରେ ''ଭୂଷପ୍ପା'' ନାମକ ଜଣେ ଜମି ମାଲିକଙ୍କ ଫାର୍ମ ଗେଟରେ ଏକ ଧମକପୂର୍ଣ୍ଣ ଚିଠି ମାରି ୫ ଲକ୍ଷ ଟଙ୍କା ଚାନ୍ଦା ଦାବି କରିଥିଲେ। ଏହି ଘଟଣା ପରେ ପୁଲିସ ମାମଲା ରୁଜୁ କରି ଦୀର୍ଘ ୨୦ ଦିନ ଧରି ତଲାସି ଅଭିଯାନ ଜାରି ରଖିଥିଲା।

## ଦକ୍ଷିଣ କୋରିଆ ଏବଂ ଜାପାନକୁ ଆଣବିକ ବୁଡ଼ାଜାହାଜ ତିଆରି ପାଇଁ ଉସ୍କାଉଛି ଆମେରିକା

# ଅଭିଯୋଗ ଆଣିଲା ଉତ୍ତର କୋରିଆ



ପ୍ୟୋଙ୍ଗୟାଙ୍ଗ ୧୬/୦୯ :ଉତ୍ତର କୋରିଆ ଅଭିଯୋଗ କରିଛି,ଆମେରିକା ଦକ୍ଷିଣ କୋରିଆ ଏବଂ ଜାପାନକୁ ପରମାଣୁ ଚାଳିତ ବୁଡ଼ାଜାହାଜ ହାସଲ କରିବାକୁ ଉତ୍ସାହିତ କରୁଛି। ପ୍ୟୋଙ୍ଗୟାଙ୍ଗ ଦାବି କରିଛି,ୱାସିଂଟନ ଏହାର ସହଯୋଗୀମାନଙ୍କୁ ସାମରିକ ପରମାଣୁ ପ୍ରଯୁକ୍ତିବିଦ୍ୟା ପ୍ରଦାନ କରିବା ପାଇଁ ଏକ ରଣନୀତି ଅନୁସରଣ କରୁଛି,ଯାହା ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି କରିପାରେ ଏବଂ ପରମାଣୁ ପ୍ରସାରକୁ ବିପଦରେ ପକାଇପାରେ।ହାୱାଇରେ ସାମ୍ବାଦିକମାନଙ୍କ ସହ ଏକ ବ୍ରିଫିଂ ସମୟରେ ଦକ୍ଷିଣ କୋରିଆ ଏବଂ ଜାପାନର ପରମାଣୁ ଶକ୍ତି ସଂପନ୍ନ ବୁଡ଼ାଜାହାଜ ହାସଲ ଯୋଜନା ଉପରେ ଜଣେ ଆମେରିକୀୟ ନୌସେନା ଅଧିକାରୀ ମନ୍ତବ୍ୟ ଦେବା ପରେ ଉତ୍ତର କୋରିଆର ପ୍ରତିକ୍ରିୟା ଆସିଛି। ୟୋନହାପ୍ ନ୍ୟୁଜ୍ ଏଜେନ୍ସି ରିପୋର୍ଟ କରିଛି, ଅଧିକାରୀ ଜଣକ କହିଛନ୍ତି ଦକ୍ଷିଣ କୋରିଆ ଏପରି ବୁଡ଼ାଜାହାଜର ଆବଶ୍ୟକତା ପାଇଁ ସ୍ପଷ୍ଟ ସାମରିକ ଏବଂ ରଣନୈତିକ ଆଧାରରେ ଦେଖାଯାଉଛି। ବେପରୁଆ ପଦକ୍ଷେପ ଉତ୍ତର କୋରିଆର ସରକାରୀ ସମାଚାର ଏଜେନ୍ସି କେସିଏନଏ ଦ୍ୱାରା ପ୍ରକାଶିତ ଖବରରେ, ଜଣେ ଅନ୍ତର୍ଜାତୀୟ ବ୍ୟାପାର ବିଶ୍ଳେଷକ ଦାବି କରିଛନ୍ତି, ଏହି ଆଲୋଚନା ଦକ୍ଷିଣ କୋରିଆ ଏବଂ ଜାପାନକୁ ପରମାଣୁ ବୁଡ଼ାଜାହାଜ ହାସଲ କରିବା ପାଇଁ ଉସୁକାଇବାର ଏକ ପ୍ରୟାସ। ସେ ଆମେରିକାକୁ 'ବିଶ୍ୱରେ ପରମାଣୁ ପ୍ରସାରର ସବୁଠାରୁ ବଡ଼ ପ୍ରୋତ୍ସାହକ' ବୋଲି କହିଛନ୍ତି। ଏସିଆ-ପ୍ରଶାନ୍ତ ମହାସାଗରରେ ବୃଦ୍ଧି ପାଉଥିବା ରଣନୈତିକ ଉତ୍ତେଜନା ମଧ୍ୟରେ ଆମେରିକା 'ଅକୁସ୍' ସୁରକ୍ଷା ସହଭାଗୀତା ମାଧ୍ୟମରେ ଦକ୍ଷିଣ କୋରିଆ ଏବଂ ଜାପାନ ଭଳି ନିଜର ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ପରମାଣୁ ବୁଡ଼ାଜାହାଜ ପ୍ରଯୁକ୍ତିବିଦ୍ୟା ଯୋଗାଇବାକୁ ଚେଷ୍ଟା କରୁଛି । ସେ କହିଛନ୍ତି, ବାସ୍ତବତା ଦର୍ଶାଉଛି ଯେ, ଅଣ-ପରମାଣୁ ସହଯୋଗୀମାନଙ୍କୁ ସାମରିକ ବ୍ୟବହାର ପାଇଁ ପରମାଣୁ ପ୍ରଯୁକ୍ତିବିଦ୍ୟା ଯୋଗାଇବାକୁ ଚାହୁଁଥିବା ଆମେରିକାର 'ଅକସ୍ ୨.୦' ଯୋଜନା ଏବେ ବ୍ୟାପକ ବିସ୍ତାରର ଏକ ପର୍ଯ୍ୟାୟରେ ପହଞ୍ଚିଛି।ଏହି ଚୁକ୍ତିନାମା ଅଷ୍ଟ୍ରେଲିଆକୁ ଆମେରିକାର ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ପରମାଣୁ ଚାଳିତ ବୁଡ଼ାଜାହାଜ ହାସଲ କରିବାର ପଥ ପ୍ରଶସ୍ତ କରିଥିଲା। ଅନେକ ବିଶେଷଜ୍ଞ ଏହାକୁ ଦକ୍ଷିଣ କୋରିଆ ଏବଂ ଆମେରିକା ମଧ୍ୟରେ ଭବିଷ୍ୟତରେ ଏକ ସମ୍ଭାବ୍ୟ ଚୁକ୍ତିନାମାର ଏକ ମଡେଲ ଭାବରେ ମଧ୍ୟ ଦେଖୁଛନ୍ତି। ଦକ୍ଷିଣ କୋରିଆ ଏବଂ ଜାପାନ ଦ୍ୱାରା ପରମାଣୁ ଶକ୍ତି ସଂଚାଳିତ ବୁଡ଼ାଜାହାଜ ହାସଲ କରିବାର ପ୍ରୟାସକୁ ଉତ୍ତର କୋରିଆ ବେପରୁଆ ପଦକ୍ଷେପ ବୋଲି ବର୍ଣ୍ଣନା କରିଛି । ସେ କହିଛନ୍ତି, ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ, ଆମେରିକା ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଏହାର ପ୍ରତିଦ୍ୱନ୍ଦ୍ୱୀ ଦେଶମାନଙ୍କୁ ରୋକିବା ପାଇଁ ଏହାର ସହଯୋଗୀମାନଙ୍କୁ ଏକ ପ୍ରକାର ସାମରିକ ଶକ୍ତି ଭାବରେ ବ୍ୟବହାର କରୁଛି। ବିଶ୍ଳେଷକ ଏହାକୁ ବିଶ୍ୱ ପରମାଣୁ ଅପ୍ରସାର ବ୍ୟବସ୍ଥା ପାଇଁ ଏକ ବିପଦ ଭାବରେ ବର୍ଣ୍ଣନା କରି କହିଛନ୍ତି, ଉତ୍ତର କୋରିଆ ପରିମାଣ ଏବଂ ଗୁଣବତ୍ତା ଉଭୟ କ୍ଷେତ୍ରରେ ନିଜର ପରମାଣୁ ପ୍ରତିରୋଧ କ୍ଷମତାକୁ ସୁଦୃଢ଼ କରିବା ଜାରି ରଖିବା ଉଚିତ୍।

## ୧୦୦ କୋଟି ଟଙ୍କା ଦୁର୍ନୀତି ମାମଲା

# ଡିଏମକେ ନେତାଙ୍କ ଘରେ ଚଢ଼ାଉ



ଚେନ୍ନାଇ ୧୬/୦୯: ଘରୋଇ ସ୍କୁଲ ସମ୍ପର୍କିତ ୧୦୦ କୋଟି ଟଙ୍କା ଦୁର୍ନୀତି ମାମଲାରେ କେନ୍ଦ୍ରୀୟ କ୍ରାଇମ୍ ବ୍ରାଞ୍ଚ (ସିସିବି) ବୁଧବାର ସକାଳେ ତାମିଲନାଡୁର ପୂର୍ବତନ ଶିକ୍ଷାମନ୍ତ୍ରୀ ତଥା ଡିଏମ୍‌କେ ନେତା ଅନ୍‌ବିଲ୍ ମହେଶଙ୍କ ତିରୁଚିରାପାଲ୍ଲି ବାସଭବନରେ ଚଢ଼ାଉ କରିଛି। ଡିଏମ୍‌କେ ନେତାଙ୍କ ବାସଭବନରେ ତଲାସି ସିସିବିର ତଦନ୍ତର ଏକ ଅଂଶ। ସରକାରୀ ଅନୁମୋଦନ ଓ କ୍ଲିୟରାନ୍ସ ପାଇବାର ପ୍ରତିଶ୍ରୁତି ଦେଇ ଘରୋଇ ସ୍କୁଲ ମ୍ୟାନେଜମେଣ୍ଟଠାରୁ ବିପୁଳ ପରିମାଣର ଟଙ୍କା ଆଦାୟ କରାଯାଇଥିଲା ବୋଲି ଅଭିଯୋଗ ହୋଇଛି। ଚଢ଼ାଉ ଚାଲିଥିବା ସମୟରେ ପୂର୍ବତନ ମନ୍ତ୍ରୀଙ୍କ ବାସଭବନ ବାହାରେ ଅନେକ ଡିଏମ୍‌କେ କର୍ମୀ ରୁଣ୍ଡ ହୋଇଥିଲେ।ବିଟି ଆରାସକୁମାରଙ୍କୁ ଗିରଫଗତ ଜୁନ୍ ମାସରେ ସିସିବି ଡିଏମ୍‌କେ ନେତା ବିଟି ଆରାସକୁମାରଙ୍କୁ ଗିରଫ କରିଥିଲା। ପୁଲିସ ଅଭିଯୋଗ କରିଛି ଯେ, ସରକାରୀ ଅନୁମୋଦନ ଓ କ୍ଲିୟରାନ୍ସ ନାଁରେ ଆରାସକୁମାର ଅନେକ ସ୍କୁଲ ମ୍ୟାନେଜମେଣ୍ଟଠାରୁ ୧୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ଆଦାୟ କରିଥିଲେ। ଆରାସକୁମାର ତାମିଲନାଡୁ ପ୍ରାଇଭେଟ୍ ସ୍କୁଲ୍ ଆସୋସିଏସନ୍ ନାମକ ଏକ ଅଣପଞ୍ଜିକୃତ ସଂଗଠନ ପରିଚାଳନା କରୁଥିଲେ। ସେ ତାଙ୍କର ରାଜନୈତିକ ଓ ସରକାରୀ ସମ୍ପର୍କକୁ ବ୍ୟବହାର କରି ଘରୋଇ ସ୍କୁଲ୍ ପାଇଁ ସ୍ଥାୟୀ ସ୍ୱୀକୃତି, ଗ୍ରେଡ୍ ଅପଗ୍ରେଡ୍ ଓ ବିଭିନ୍ନ ସରକାରୀ ଏଜେନ୍ସିରୁ ଅନୁମୋଦନ ଆଣିପାରିବେ ବୋଲି ଦାବି କରୁଥିଲେ। ଡିସେମ୍ବର ୨୦୨୪ରେ ଆସୋସିଏସନ୍‌ର ଉଦ୍‌ଘାଟନବେଳେ ମନ୍ତ୍ରୀ ଅନବିଲ୍ ମହେଶ ଓ ସ୍କୁଲ ଶିକ୍ଷା ବିଭାଗର ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିବା ଅଭିଯୋଗ ହୋଇଛି। ଘରୋଇ ସ୍କୁଲ ମ୍ୟାନେଜମେଣ୍ଟ ପକ୍ଷରୁ ଅନେକଗୁଡ଼ିଏ ଅଭିଯୋଗ ପାଇବା ପରେ ସିସିବି ଏହାର ତଦନ୍ତକୁ ବ୍ୟାପକ କରିଛି। ଆରାସକୁମାରଙ୍କ ଗିରଫଦାରୀ ପରେ ପୁଲିସ ତାଙ୍କ ବିରୋଧରେ ଗୁଣ୍ଡା ଆଇନ ଲଗାଇଛି। ବୁଧବାର ଡିଏମ୍‌କେ ନେତାଙ୍କ ବାସଭବନରେ ଚଢ଼ାଉ ଚାଲିଛି।

## କର୍ଣ୍ଣାଟକ ବିଧାୟକଙ୍କ ଭାଣିଜୀ ଚାକିରିକୁ ନଯାଇ ସରକାରୀ ଦରମା ନେଉଥିବା ଅଭିଯୋଗ

ବେଙ୍ଗାଲୁରୁ ୧୬/୦୯ : କର୍ଣ୍ଣାଟକର ବାଗଲକୋଟର ନମ୍ମାକ୍ଲିନିକ୍‌ରେ ନିଯୁକ୍ତ ଡାକ୍ତର ଅଙ୍କିତା ୟାରାଗଲ୍‌ଙ୍କୁ କର୍ତ୍ତବ୍ୟ ପାଳନ ନକରି ମାସକୁ ୭୦,୦୦୦ ଟଙ୍କା ଦରମା ନେଉଥିବା ଅଭିଯୋଗରେ ବହିଷ୍କାର କରାଯାଇଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ସେ ପ୍ରାୟ ଛଅ ମାସ ଧରି କ୍ଲିନିକ୍‌କୁ ଆସି ନଥିଲେ, ତଥାପି ତାଙ୍କୁ ମାସିକ ୭୦,୦୦୦ ଟଙ୍କାରୁ ଅଧିକ ଦରମା ମିଳୁଥିଲା।ଡାକ୍ତର ଅଙ୍କିତା ବାଗଲକୋଟର କଂଗ୍ରେସ ବିଧାୟକ ଉମେଶ ମେଟିଙ୍କ ଭାଣିଜୀ। ତାଙ୍କ ବାପା ରାଜକୁମାର ୟାରଗଲ୍ ବାଗଲକୋଟର ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଅଛନ୍ତି । ଏହି ଘଟଣା ସାମ୍ନାକୁ ଆସିବା ପରେ ତାଙ୍କ ବାପା ଡାକ୍ତର ଅଙ୍କିତାଙ୍କୁ ଦାୟିତ୍ୱରୁ ବହିଷ୍କାର କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ମହାରାଷ୍ଟ୍ରରେ 'ହିରକାନୀ କକ୍ଷ' (ସ୍ତନ୍ୟପାନ କେନ୍ଦ୍ର) ଆରମ୍ଭ କରିବା ପାଇଁ ଟୟୋଟା କିର୍ଲୋସ୍କର ମୋଟର ଏବଂ MSRTC ମଧ୍ୟରେ ଭାଗୀଦାରୀ



ମହାରାଷ୍ଟ୍ର ୧୬/୦୯: ଟୟୋଟା କିର୍ଲୋସ୍କର ମୋଟର ଆଜି ମହାରାଷ୍ଟ୍ର ରାଜ୍ୟ ସଡ଼କ ପରିବହନ ନିଗମ ସହିତ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛି। ଏହି ଚୁକ୍ତିନାମା ଅନୁଯାୟୀ, 'ହିରକାନୀ କକ୍ଷ' (ସ୍ତନ୍ୟପାନ କେନ୍ଦ୍ର) ଆରମ୍ଭ କରାଯିବ। ଏହା ଏକ ପରିବର୍ତ୍ତନକାରୀ ତଥା ଲିଙ୍ଗ-ସମ୍ବେଦନଶୀଳ ପଦକ୍ଷେପ, ଯାହା ସ୍ତନ୍ୟପାନ କରାଉଥିବା ମା'ମାନଙ୍କୁ ସହାୟତା କରିବା ଏବଂ ମହାରାଷ୍ଟ୍ରର ସାର୍ବଜନୀନ ପରିବହନ ବ୍ୟବସ୍ଥାରେ ଯାତ୍ରା କରୁଥିବା ମହିଳାମାନଙ୍କର ସୁରକ୍ଷା ଓ ସମ୍ମାନ ବୃଦ୍ଧି କରିବା ଲକ୍ଷ୍ୟରେ ପ୍ରସ୍ତୁତ କରାଯାଇଛି।ଏହି ପଦକ୍ଷେପ ଅଧୀନରେ, ଟିକେଏମ ସମଗ୍ର ମହାରାଷ୍ଟ୍ରରେ ଥିବା ଗଝଜଞ୍ଜଉ ବସ୍ ଡିପୋଗୁଡ଼ିକରେ ୧୨୫ଟି ସ୍ତନ୍ୟପାନ କେନ୍ଦ୍ର ସ୍ଥାପନ କରିବାରେ ସହାୟତା କରିବ। ଏହି କେନ୍ଦ୍ରଗୁଡ଼ିକ ସୁରକ୍ଷିତ, ବ୍ୟକ୍ତିଗତ ଏବଂ ସ୍ୱଚ୍ଛ ସ୍ଥାନ ଯୋଗାଇବ, ଯେଉଁଥିରେ ପ୍ରି-ଫ୍ୟାବ୍ରିକେଟେଡ୍ (ପୂର୍ବ-ନିର୍ମିତ) କକ୍ଷ, ବସିବା ସ୍ଥାନ, ଖୁଆଇବା ପାଇଁ ଟେବୁଲ୍, ଶିଶୁଙ୍କ ଡାଏପର୍ ବଦଳାଇବା ସ୍ଥାନ, ସାନିଟାରୀ ନାପକିନ୍ ଡିସପେନସର୍ ଏବଂ ବାୟୁ ଚଳାଚଳ ବ୍ୟବସ୍ଥା ଭଳି ଅତ୍ୟାବଶ୍ୟକ ସୁବିଧା ରହିବ। ଏହି ପଦକ୍ଷେପ ଦ୍ୱାରା ବାର୍ଷିକ ପ୍ରାୟ ୪.୫୦ ଲକ୍ଷ ମହିଳା ଯାତ୍ରୀ ଉପକୃତ ହେବେ ବୋଲି ଆଶା କରାଯାଉଛି ଏବଂ ଏହା ସାର୍ବଜନୀନ ପରିବହନ କେନ୍ଦ୍ରଗୁଡ଼ିକରେ ଲିଙ୍ଗ-ସମ୍ବେଦନଶୀଳ ଭିତ୍ତିଭୂମିର ଅଭାବକୁ ଦୂର କରିବ।ମହାରାଷ୍ଟ୍ରର ଗଝଜଞ୍ଜଉ ରାଜ୍ୟବ୍ୟାପୀ ପ୍ରାୟ ୨୨,୮୦୦ ବସ୍ ପରିଚାଳନା କରୁଛି, ଯେଉଁଥିରେ ପ୍ରମୁଖ ଡିପୋଗୁଡ଼ିକରେ ଦୈନିକ ୨୦,୦୦୦ ରୁ ୫୦,୦୦୦ ଯାତ୍ରୀଙ୍କ ଭିଡ଼ ଦେଖିବାକୁ ମିଳିଥାଏ। ମୋଟ ଯାତ୍ରୀଙ୍କ ମଧ୍ୟରେ ମହିଳାମାନଙ୍କ ସଂଖ୍ୟା ପ୍ରାୟ ୩୫-୪୫% (ପ୍ରାୟ ୧.୭୩ ନିୟୁତ) ଅଟେ। ତୁଳଜାପୁର, ପନ୍ଧରପୁର, ଶିରିଡ଼ି, କୋହ୍ଲାପୁର ଏବଂ ନାସିକ ଭଳି ତୀର୍ଥସ୍ଥାନଗୁଡ଼ିକରେ ଯାତ୍ରୀଙ୍କ ପ୍ରବଳ ଭିଡ଼ ରହିଥାଏ (ଯେଉଁଠାରେ ବାର୍ଷିକ ୧୦-୧୫ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ସୁନେତ୍ରା ପାୱାର; ମାନ୍ୟବର ପରିବହନ ମନ୍ତ୍ରୀ ଶ୍ରୀ ପ୍ରତାପ ସରନାଏକ୍; ମହାରାଷ୍ଟ୍ରର ଅନ୍ୟାନ୍ୟ ବରିଷ୍ଠ ସରକାରୀ ଅଧିକାରୀ ଏବଂ ଟି.କେ.ଏମ୍. ( ର ନେତୃବୃନ୍ଦ।ମହାରାଷ୍ଟ୍ର ସରକାରଙ୍କ ମାନ୍ୟବର ପରିବହନ ମନ୍ତ୍ରୀ ଶ୍ରୀ ପ୍ରତାପ ସରନାଏକ୍ କହିଛନ୍ତି, 'ହିରକାନୀ କକ୍ଷ ପ୍ରକଳ୍ପ ଏହାର ଏକ ଉଦାହରଣ ଯେ କିପରି ସରକାର ଏବଂ ଶିଳ୍ପ ସଂସ୍ଥା ମଧ୍ୟରେ ମିଳିତ ପ୍ରୟାସ ନାଗରିକମାନଙ୍କ ଜୀବନରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇପାରିବ। ଏହି ପଦକ୍ଷେପ ଲିଙ୍ଗ-ସମ୍ବେଦନଶୀଳ ଏବଂ ଅନ୍ତର୍ଭୁକ୍ତମୂଳକ ସାର୍ବଜନୀନ ସେବା ଯୋଗାଇବା ଦିଗରେ ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରେ, ଯାହା ମହିଳା ଯାତ୍ରୀମାନଙ୍କ କଲ୍ୟାଣ ଏବଂ ସମ୍ମାନକୁ ପ୍ରାଥମିକତା ଦେଇଥାଏ। ଆମେ ଗଝଜଞ୍ଜଉ ଡିପୋଗୁଡ଼ିକରେ ଏହି 'ଲାକ୍ଟେସନ୍ ପଡ୍' (ସ୍ତନ୍ୟପାନ କକ୍ଷ) ଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ଏବଂ ଭାରତରେ ସାର୍ବଜନୀନ ପରିବହନ ଭିତ୍ତିଭୂମି ପାଇଁ ଏକ ମାନକ ସ୍ଥାପନ କରିବାକୁ ଆଶା ରଖିଛୁ।'ଏହି ଭାଗୀଦାରୀ ସମ୍ପର୍କରେ ମତ ରଖି ଟୟୋଟା କିର୍ଲୋସ୍କର ମୋଟରର କଣ୍ଟ୍ରି ହେଡ୍ ତଥା କର୍ପୋରେଟ୍ ବ୍ୟାପାର ବିଭାଗର କାର୍ଯ୍ୟକାରୀ ଉପ-ସଭାପତି ଶ୍ରୀ ବିକ୍ରମ ଗୁଲାଟି କହିଛନ୍ତି, 'ହିରକାନୀ କକ୍ଷ ପଦକ୍ଷେପ ସମସ୍ତ ସମ୍ପ୍ରଦାୟର ସଦସ୍ୟଙ୍କ ଅନ୍ତର୍ଭୁକ୍ତମୂଳକ ବିକାଶର ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ପୂରଣ କରିବା ଦିଗରେ ଆମର ବିଶ୍ୱାସକୁ ପ୍ରତିଫଳିତ କରେ। ସାର୍ବଜନୀନ ପରିବହନ ବ୍ୟବସ୍ଥାରେ ସ୍ତନ୍ୟପାନ କରାଉଥିବା ମାଆମାନଙ୍କ ପାଇଁ ସୁରକ୍ଷିତ ଏବଂ ସମ୍ମାନଜନକ ସ୍ଥାନ ସୃଷ୍ଟି କରି, ଆମେ ଏପରି ଏକ ବ୍ୟବସ୍ଥା ଗଠନରେ ଯୋଗଦାନ କରୁଛୁ ଯାହା ମହିଳାମାନଙ୍କ ଗମନାଗମନର ସ୍ୱାଧୀନତା, ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ସମ୍ମାନ ଜଣାଏ।'

## ମଝି ସମୁଦ୍ରରେ ନୌସେନା ୟୁନିଟ୍ ସହିତ ଧକ୍କା ନେଇ କଠୋର ଆଭିମୁଖ୍ୟ ଗ୍ରହଣ କଲା ଭାରତ

ନୂଆଦିଲ୍ଲୀ ୧୬/୦୯: ପାକିସ୍ତାନୀ ନୌସେନା ୟୁନିଟଗୁଡ଼ିକର କାର୍ଯ୍ୟ ନେଇ ଭାରତ ବିଦେଶ ମନ୍ତ୍ରଣାଳୟ ଏକ କଡ଼ା ପଦକ୍ଷେପ ସ୍ୱରୂପ ପାକିସ୍ତାନ ହାଇ କମିସନର ଚାର୍ଜ ଡି'ଆଫେୟର୍ସଙ୍କୁ ସମନ କରିଛି। ଭାରତୀୟ ସମୁଦ୍ରିକ ସୀମାରେ କ୍ଷୟକ୍ଷତି ଘଟିନାହିଁ। ତେବେ ପାକିସ୍ତାନୀ ନୌସେନା ଜାହାଜର ଆଚରଣ ୧୯୯୧ ମସିହା ଏପ୍ରିଲ ମାସରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସ୍ୱାକ୍ଷରିତ ସାମରିକ ଅଭ୍ୟାସ, ଯୁଦ୍ଧାଭ୍ୟାସ ଏବଂ ସୈନ୍ୟ ଗତିବିଧିର ଆଗୁଆ ସୂଚନା ଚୁକ୍ତିନାମାର

### ପାକିସ୍ତାନୀ ଅଧିକାରୀଙ୍କୁ ସମନ ଜାରି




ପାକିସ୍ତାନୀ ନୌସେନା ୟୁନିଟଗୁଡ଼ିକର ଅଗ୍ରହଣୀୟ ଏବଂ ଅଣପେଶାଦାର ଆଚରଣ ଯୋଗୁଁ ଏକ ମଝି ସମୁଦ୍ରରେ ଭାରତୀୟ ନୌସେନା ୟୁନିଟ ସହିତ ଧକ୍କା ହୋଇଥିଲା। ସେଥିପାଇଁ କଡ଼ା ପ୍ରତିବାଦ ଜଣାଇବା ପାଇଁ ନୂଆଦିଲ୍ଲୀସ୍ଥିତ ପାକିସ୍ତାନ ହାଇକମିସନର ଚାର୍ଜ ଡି'ଆଫେୟର୍ସଙ୍କୁ ବୈଦେଶିକ ମନ୍ତ୍ରଣାଳୟକୁ ଡକାଇଛି।କୌଣସି ବଡ଼ କ୍ଷୟକ୍ଷତି ଘଟିନାହିଁଅନ୍ତର୍ଜାତୀୟ ଜଳସୀମାରେ ଘଟିଥିବା ଏହି ଘଟଣା ଯୋଗୁଁ କୌଣସି ବଡ଼ ଧାରା ୧୦ର ସିଧାସଳଖ ଉଲ୍ଲଂଘନ କରିଥିଲା। ଦିଲ୍ଲୀରେ ପାକିସ୍ତାନୀ ହାଇକମିସନର ଚାର୍ଜ ଡି'ଆଫେୟର୍ସଙ୍କୁ ସମନ କରିବା ପରେ, ତାଙ୍କୁ ପରାମର୍ଶ ଦିଆଯାଇଛି ଯେ, ସେ ସମ୍ପୃକ୍ତ ପାକିସ୍ତାନୀ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଅନ୍ତୁ ସମସ୍ତ ସାମରିକ ୟୁନିଟ୍ ସର୍ବାଧିକ ସତର୍କତା ଅବଲମ୍ବନ କରିବା ଉଚିତ୍ ଏବଂ ଏପରି ଘଟଣାର ପୁନରାବୃତ୍ତିକୁ ରୋକିବା ପାଇଁ ଉଭୟ ପକ୍ଷ ମଧ୍ୟରେ ହୋଇଥିବା ପ୍ରାସଙ୍ଗିକ ଚୁକ୍ତିନାମାର ବ୍ୟବସ୍ଥାକୁ ସମ୍ମାନ କରିବା ଉଚିତ୍।



# ପ୍ୟାକେଟ୍ ଖାଦ୍ୟର ଅଭ୍ୟାସ କିପରି ଛାଡ଼ିବେ

ଆଜିକାଲି ବ୍ୟସ୍ତ ଜୀବନଶୈଳୀ ଯୋଗୁଁ ପ୍ୟାକେଟ୍‌ରେ ମିଳୁଥିବା ସ୍ନାକ୍ସ, ପୂର୍ବରୁ ପ୍ରସ୍ତୁତ ଖାଦ୍ୟ ଏବଂ ଶୀଘ୍ର ପ୍ରସ୍ତୁତ ହୋଇପାରୁଥିବା ଖାଦ୍ୟ ଅନେକଙ୍କ ଦୈନନ୍ଦିନ ଖାଦ୍ୟର ଅଂଶ ପାଲଟିଛି। ସୁବିଧାଜନକ ହୋଇଥିବାରୁ ଲୋକେ ଏହାକୁ ସହଜରେ ବାଛି ନେଉଛନ୍ତି। ତେବେ ତାଜା ଓ ଘରୋଇ ଖାଦ୍ୟ ବଦଳରେ ଯଦି ପ୍ୟାକେଟ୍ ଖାଦ୍ୟ ନିୟମିତ ଖାଦ୍ୟର ସ୍ଥାନ ନେବାକୁ ଲାଗେ, ତେବେ ତାହା ସ୍ୱାସ୍ଥ୍ୟ ଉପରେ ଖରପ ପ୍ରଭାବ ପକାଇପାରେ। ପ୍ୟାକେଟ୍ ଖାଦ୍ୟକୁ ସମ୍ପୂର୍ଣ୍ଣ ଭାବେ ଛାଡ଼ିବା ଜରୁରୀ ନୁହେଁ। ଏହା ବଦଳରେ ଦୈନନ୍ଦିନ ଖାଦ୍ୟରେ ସତେଜ ଓ ପୌଷ୍ଟିକ ବିକଳ୍ପକୁ ଅଧିକ ସ୍ଥାନ ଦେଇ ଧୀରେ ଧୀରେ ପ୍ୟାକେଟ୍ ଖାଦ୍ୟର ନିର୍ଭରଶୀଳତା କମାଇପାରିବେ।ଜଳଖିଆକୁ ଗୁରୁତ୍ୱ ଦେବା ଆବଶ୍ୟକଦିନର ପ୍ରଥମ ଖାଦ୍ୟ ଭାବେ ଜଳଖିଆକୁ ଗୁରୁତ୍ୱ ଦେବା ଆବଶ୍ୟକ। ଯଦି ଜଳଖିଆରେ ନିୟମିତ ଭାବେ ମିଠା କିମ୍ବା ପ୍ୟାକେଟ୍ ଖାଦ୍ୟ ଖାଉଛନ୍ତି, ତେବେ ଏହା ବଦଳରେ ଘରେ ସହଜରେ ପ୍ରସ୍ତୁତ ହେଉଥିବା ଖାଦ୍ୟ ବାଛିପାରିବେ। କ୍ଷୀର, ବିଭିନ୍ନ ଡ୍ରାଏ ଫ୍ରୁଟ୍ସ ଓ ଅଳ୍ପ ପରିମାଣର ବାଦାମ ସହ ଓଟ୍ସ, ଚୁଡ଼ା, ପନିପରିବା ଉପମା କିମ୍ବା ଚିନାବାଦାମ ଭଳି ଖାଦ୍ୟ ଖାଆନ୍ତୁ। ଅନେକ ସମୟରେ ପ୍ରକୃତ ଭୋକ ନ ଲାଗିଲେ ମଧ୍ୟ ଅଭ୍ୟାସବଶତଃ ଆମେ କିଛି ନା କିଛି ଖାଇଥାଉ। ବିଶେଷକରି ଚା' କିମ୍ବା କଫି ସହ ସ୍ନାକ୍ସ ଖାଇବା ଅଭ୍ୟାସ ଅନେକଙ୍କର ରହିଛି। ଏପରି ସମୟରେ ପ୍ୟାକେଟ୍ ସ୍ନାକ୍ସ ବଦଳରେ ଘରେ ଭଜା ବୁଟ, ମଖାନା, ଫଳ କିମ୍ବା ଅଳ୍ପ ପରିମାଣର ବାଦାମ ରଖିପାରିବେ।ଦହି କିମ୍ବା ଯୋଗର୍ଟକୁ ଅନେକେ ହାଲୁକା ଖାଦ୍ୟ ଭାବେ ଗ୍ରହଣ କରନ୍ତି। କିନ୍ତୁ ସ୍ୱାଦଯୁକ୍ତ ଯୋଗର୍ଟରେ ଚିନିର ପରିମାଣ ଅଧିକ ଥାଇପାରେ। ତେଣୁ ଏଭଳି ଖାଦ୍ୟ କିଣିବା ସମୟରେ ପ୍ୟାକେଟ୍‌ରେ ଥିବା ପୋଷଣ ସୂଚନା ଓ ଚିନିର ପରିମାଣ ଯାଞ୍ଚ କରିବା ଭଲ। ସାଧା ଦହିରେ ଫଳ କିମ୍ବା କିଛି ବାଦାମ ମିଶାଇ ଖାଇବା ଏକ ବିକଳ୍ପ ହୋଇପାରେ।ଫଳକୁ ଖାଦ୍ୟରେ ସାମିଲ କରିବା ପାଇଁ ଲୋକମାନେ ସାଧାରଣତ ବଜାରରେ ମିଳୁଥିବା ଜୁସ୍ ନେଇଆସନ୍ତି। ଯାହା ବଦଳରେ ସେଓ, ପିଜୁଳି, କମଳା, ଅମୃତଭଣ୍ଡା ଭଳି ଫଳକୁ ସିଧା ଖାଇପାରିବେ। ପୂରା ଫଳରେ ତନ୍ତୁ ରହିଥାଏ, ଯାହା ଜୁସ୍ ପ୍ରସ୍ତୁତ କରିବା ସମୟରେ କମିଯାଇପାରେ। ଘରେ ପ୍ରସ୍ତୁତ ଖାଦ୍ୟ ସହ କେଚପ୍ ବ୍ୟବହାର କରିବା ଅନେକଙ୍କ ଅଭ୍ୟାସ। ଏଗୁଡ଼ିକ ଅଳ୍ପ ପରିମାଣରେ ବ୍ୟବହାର ହେଉଥିଲେ ମଧ୍ୟ ଖାଦ୍ୟାଭ୍ୟାସର ଅଂଶ ହୋଇଥାଏ। ତେଣୁ ସ୍ୱାଦ ବଢ଼ାଇବା ପାଇଁ ଲେମ୍ବୁ, ଘରୋଇ ଧନିଆପତ୍ର ଚଟଣି, ଦହି କିମ୍ବା ଘରେ ବ୍ୟବହୃତ ମସଲା ଭଳି ବିକଳ୍ପ ନେଇପାରିବେ। ପ୍ୟାକେଟ୍ ଖାଦ୍ୟକୁ ହଠାତ୍ ସମ୍ପୂର୍ଣ୍ଣ ବନ୍ଦ କରିବା ପରିବର୍ତ୍ତେ ଦୈନନ୍ଦିନ ଖାଦ୍ୟରେ ଧୀରେ ଧୀରେ ତାଜା ଫଳ, ପନିପରିବା, ଘରୋଇ ଖାଦ୍ୟ ଓ ଅନ୍ୟ ପୌଷ୍ଟିକ ବିକଳ୍ପ ସାମିଲ କରିବା ଏକ ସହଜ ପଦକ୍ଷେପ ହୋଇପାରେ। ପ୍ୟାକେଟ୍ ଖାଦ୍ୟ କିଣିବା ବେଳେ ଲେବଲ୍ ଯାଞ୍ଚ କରିବା ଏବଂ ଚିନି, ଲୁଣ ଓ ଅନ୍ୟ ଉପାଦାନର ପରିମାଣ ଦେଖିବା ମଧ୍ୟ ଖାଦ୍ୟ ବାଛିବାରେ ସହାୟକ ହୋଇପାରେ।

# ଡିଜିଟାଲ ଯୁଗରେ ନୀରବତାର ମହତ୍ତ୍ୱ କେତେ ଜରୁରୀ

ଆଜିର ଡିଜିଟାଲ ଯୁଗରେ ଆମେ ସର୍ବଦା ଶବ୍ଦ, ସୂଚନା ଓ ସୋସିଆଲ ମିଡିଆର କୋଳାହଳରେ ଘେରି ରହିଛୁ। କାମ ସରିବା ପରେ ମଧ୍ୟ ଆମର ଧ୍ୟାନ ମୋବାଇଲ୍ ସ୍କ୍ରିନ୍, ନ୍ୟୁଜ୍ ଅପଡେଟ୍ ଏବଂ ବିଭିନ୍ନ ବିଜ୍ଞପ୍ତି ଦ୍ୱାରା ଆକର୍ଷିତ ହୋଇଥାଏ। ଏଭଳି ପରିସ୍ଥିତିରେ ନିଜ ସହିତ କିଛି ସମୟ ଶାନ୍ତ ହୋଇ ବସିବା ବର୍ତ୍ତମାନ ଏକ ବିରଳ କଥା ହୋଇପଡ଼ିଛି।ଆଧ୍ୟାତ୍ମିକ ଗୁରୁ ଓଶୋଙ୍କ ମତରେ, ନୀରବତା କେବଳ ଶବ୍ଦହୀନ ସ୍ଥାନରେ ରହିବା ନୁହେଁ। ଏହା ସଚେତନତା ଏବଂ ନିଜର ଆନ୍ତରିକ ଜଗତକୁ ଅନୁଧ୍ୟାନ କରିବାର ଏକ ମାଧ୍ୟମ ଅଟେ।ଓଶୋଙ୍କ ଦୃଷ୍ଟିରେ ନୀରବତା କ'ଣକେବଳ ଶବ୍ଦହୀନତା ନୁହେଁ: ନୀରବତା ଅର୍ଥ କେବଳ ଚାରିପାଖରେ କୋଳାହଳ ନଥିବା ନୁହେଁ, ବରଂ ନିଜର ଭିତରକୁ ଦେଖିବା।ଜାଗ୍ରତ ଚେତନା: ବାହ୍ୟ ପରିସ୍ଥିତି ଦ୍ୱାରା ବିଚଳିତ ନ ହୋଇ ନିଜର ଭିତରର ଭାବନା ଏବଂ ଚିନ୍ତାଧାରାକୁ ନୀରବରେ ଦେଖିବା ହେଉଛି ପ୍ରକୃତ ନୀରବତା।ଜୀବନକୁ ଅନୁଭବ କରିବାର ଶୈଳୀ: ଏହା ଦୈନନ୍ଦିନ ଜୀବନରୁ ପଳାଇଯିବା ନୁହେଁ, ବୋଧହୁଏ ଜୀବନକୁ ଅଧିକ ଗଭୀର ଭାବରେ ଅନୁଭବ କରିବାର ଏକ ନୂତନ ପନ୍ଥା।

### ଆଜିର ସମୟରେ ନୀରବତାର ମହତ୍ତ୍ୱ

ଆଜିର ବ୍ୟସ୍ତବହୁଳ ଜୀବନରେ ମାନସିକ ଶାନ୍ତି ପାଇଁ ଲୋକମାନେ ଧ୍ୟାନ ଏବଂ ମନୋଯୋଗ ଆଡ଼କୁ ଆକର୍ଷିତ ହେଉଛନ୍ତି। ଆମେ ହୁଏତ ଜୀବନର ସମସ୍ତ ଶବ୍ଦକୁ ସମ୍ପୂର୍ଣ୍ଣ ରୂପେ ଦୂର କରିପାରିବା ନାହିଁ, କିନ୍ତୁ ଆମର ଧ୍ୟାନ କେଉଁଠି କେତେ ପରିମାଣରେ ଲାଗୁଛି, ତାହା ବୁଝିବା ନିଶ୍ଚୟ ସମ୍ଭବ। ଦିନସାରା ମଧ୍ୟରୁ ମାତ୍ର କିଛି ମିନିଟ୍ ମୋବାଇଲ୍, କଥାବାର୍ତ୍ତା ଏବଂ ଅନ୍ୟାନ୍ୟ ପ୍ରତିଯୋଗିତାରୁ ଦୂରେଇ ରହିଲେ ନିଜର ଅନ୍ତର୍ନିହିତ ଭାବନାଗୁଡ଼ିକୁ ସହଜରେ ଅନୁଭବ କରାଯାଇପାରିବ।
ଦୈନନ୍ଦିନ ଜୀବନରେ ନୀରବତାକୁ କିପରି ଆପଣାଇବେ

**ଛୋଟ ଛୋଟ ବିରତି ନିଅନ୍ତୁ:** ଦିନତମାମ କାମ ଭିତରେ କିଛି ସମୟ ପାଇଁ ମୋବାଇଲ୍ ଫୋନ୍ ଏବଂ ଅପଡେଟ୍‌ଠାରୁ ଦୂରେଇ ରୁହନ୍ତୁ।

**ନିଜର ଚିନ୍ତାକୁ ପରଖନ୍ତୁ:**
ନିଜ ମନରେ ଆସୁଥିବା ଚିନ୍ତାଗୁଡ଼ିକୁ ବିନା କୌଣସି ପ୍ରତିକ୍ରିୟାରେ କେବଳ ଲକ୍ଷ୍ୟ କରନ୍ତୁ।

**ଆନ୍ତରିକ ଶାନ୍ତି ଅନୁଭବ କରନ୍ତୁ:**
ବାହ୍ୟ ପରିବେଶ ଯେତେ କୋଳାହଳପୂର୍ଣ୍ଣ ହେଉନା କାହିଁକି ନିଜ ଭିତରେ ଏକ ଶାନ୍ତ କ୍ଷେତ୍ର ପ୍ରସ୍ତୁତ କରନ୍ତୁ।ଏହି ଛୋଟ ପଦକ୍ଷେପଗୁଡ଼ିକ ଆପଣଙ୍କୁ ନିଜର ଅଭ୍ୟାସ, ଭାବନା ଓ ପ୍ରତିକ୍ରିୟାଗୁଡ଼ିକୁ ବୁଝିବାରେ ସାହାଯ୍ୟ କରିବ। ଅତ୍ୟନ୍ତ ବ୍ୟସ୍ତବହୁଳ ଜୀବନରେ ଏହି ସଚେତନ ବିରତି ହିଁ ଆପଣଙ୍କ ଜୀବନକୁ ଏକ ନୂତନ ଦିଗ ଓ ସନ୍ତୁଳନ ପ୍ରଦାନ କରିପାରିବ।



# ବାରମ୍ବାର ଅସୁସ୍ଥ ହେଉଛନ୍ତି କି ଛୋଟ ଛୁଆ

ପିଲା ବାରମ୍ବାର ଅସୁସ୍ଥ ହେଉଛି। କେତେବେଳେ କାଶ ଓ ଥଣ୍ଡା, ତ ଆଉ କେତେବେଳେ ଗଳା ଦରଜ ଓ ଜ୍ୱର। ପିଲାଙ୍କଠାରେ ଏଭଳି ସମସ୍ୟା ବାରମ୍ବାର ଦେଖାଦେଲେ ଅଭିଭାବକମାନେ ସ୍ୱାଭାବିକ ଭାବେ ଚିନ୍ତିତ ହୋଇପଡ଼ନ୍ତି। ଅନେକେ ଏହାକୁ ପିଲାର ଦୁର୍ବଳ ପ୍ରତିରୋଧକ ଶକ୍ତି ସହ ଯୋଡ଼ି ଦେଖନ୍ତି। ତେବେ ପିଲା ବାରମ୍ବାର ଅସୁସ୍ଥ ହେବାର କାରଣ କେବଳ ଦୁର୍ବଳ ପ୍ରତିରୋଧକ ଶକ୍ତି ନୁହେଁ ବୋଲି ବିଶେଷଜ୍ଞମାନେ କହୁଛନ୍ତି।



### ଦୁର୍ବଳ ପ୍ରତିରୋଧକ ଶକ୍ତିର ଲକ୍ଷଣ

ଦିଲ୍ଲୀର ବିଏଲକେ-ମ୍ୟାକ୍ସ ହସ୍ପିଟାଲର ଶିଶୁରୋଗ ବିଭାଗର ପ୍ରଧାନ ନିର୍ଦ୍ଦେଶକଙ୍କ ଅନୁଯାୟୀ, ଜନ୍ମ ପରଠାରୁ ପିଲାଙ୍କ ପ୍ରତିରୋଧକ ବ୍ୟବସ୍ଥାର ବିକାଶ କିଛି ବର୍ଷ ପର୍ଯ୍ୟନ୍ତ ଜାରି ରହେ। ସାଧାରଣତଃ ପ୍ରାୟ ୫ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କ ପ୍ରତିରୋଧକ ବ୍ୟବସ୍ଥା ବିକଶିତ ହେଉଥିବାରୁ ଏହି ସମୟରେ ସେମାନଙ୍କଠାରେ ସଂକ୍ରମଣର ଆଶଙ୍କା ଅଧିକ ରହିପାରେ। ତେଣୁ ବାରମ୍ବାର ସର୍ଦ୍ଦି, କାଶ କିମ୍ବା ଜ୍ୱର ହେଲେ ତାହାକୁ ସିଧାସଳଖ ଦୁର୍ବଳ ପ୍ରତିରୋଧକ ଶକ୍ତିର ଲକ୍ଷଣ ବୋଲି ଧରିନେବା ଠିକ୍ ନୁହେଁ।ପିଲାଙ୍କ ବାରମ୍ବାର ଅସୁସ୍ଥ ହେବା ପଛରେ ଜୀବନଶୈଳୀର ମଧ୍ୟ ଭୂମିକା ରହିପାରେ। ପର୍ଯ୍ୟାପ୍ତ ନିଦ ନହେବା, ଖାଦ୍ୟରେ ପ୍ରୋଟିନ୍‌ର ଅଭାବ, ଫଳ ଓ ପନିପରିବା କମ୍ ଖାଇବା ଏବଂ ଦୀର୍ଘ ସମୟ ଧରି ମୋବାଇଲ୍ କିମ୍ବା ଅନ୍ୟାନ୍ୟ ସ୍କ୍ରିନ୍ ବ୍ୟବହାର କରିବା ମଧ୍ୟ ପିଲାଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିପାରେ। ଏଥିସହ ପିଲାଙ୍କ ପରିଷ୍କାର-ପରିଚ୍ଛନ୍ନତା ଏବଂ ଘରର ସ୍ୱଚ୍ଛତା ପ୍ରତି ଅବହେଳା କରାଗଲେ ଂକ୍ରମଣର ଆଶଙ୍କା ବଢ଼ିପାରେ। ତେଣୁ କେବଳ ଔଷଧ ଉପରେ ନିର୍ଭର ନକରି ପିଲାଙ୍କ ଦୈନନ୍ଦିନ ଜୀବନଶୈଳୀ, ଖାଦ୍ୟପେୟ, ନିଦ ଏବଂ ପରିଷ୍କାର-ପରିଚ୍ଛନ୍ନତା ପ୍ରତି ଅଭିଭାବକମାନେ ଧ୍ୟାନ ଦେବା ଆବଶ୍ୟକ।ପିଲାଙ୍କ ପ୍ରତିରୋଧକ ଶକ୍ତି ମଜବୁତ କରିବା ପାଇଁ କୌଣସି ବିଶେଷ ଔଷଧ କିମ୍ବା ଖାଦ୍ୟ ପୂରକ ଉପରେ ନିଜେ ନିଜେ ନିର୍ଭର ନକରି ସନ୍ତୁଳିତ ଜୀବନଶୈଳୀ ଉପରେ ଗୁରୁତ୍ୱ ଦେବା ଦରକାର। ପିଲାଙ୍କୁ ପୌଷ୍ଟିକ ଓ ବିବିଧ ଖାଦ୍ୟ ଦେବା, ପର୍ଯ୍ୟାପ୍ତ ନିଦ ପାଇଁ ସୁଯୋଗ ଦେବା ସହ ମୋବାଇଲ୍ ଓ ସ୍କ୍ରିନ୍ ସମୟ କମାଇବା ଆବଶ୍ୟକ।

ଏଥିସହ ବୟସ ଅନୁଯାୟୀ ଖେଳକୁଦ ଓ ଶାରୀରିକ କାର୍ଯ୍ୟକଳାପ ପାଇଁ ମଧ୍ୟ ପିଲାଙ୍କୁ ସୁଯୋଗ ଦେବା ଉଚିତ। ସାଧାରଣ ଭାଇରାଲ୍ ସଂକ୍ରମଣରେ ପିଲା ଶୀଘ୍ର ସୁସ୍ଥ ହୋଇଯାଉଥିଲେ, ବୟସ ଅନୁଯାୟୀ ଉଚ୍ଚତା ଓ ଓଜନ ବଢୁଥିଲେ ଏବଂ ଅସୁସ୍ଥତା ମଧ୍ୟରେ ମଧ୍ୟ ସକ୍ରିୟ ରହୁଥିଲେ ସାଧାରଣତଃ ଅଧିକ ଚିନ୍ତାର କାରଣ ନଥାଇପାରେ। କିନ୍ତୁ ସଂକ୍ରମଣ ବାରମ୍ବାର ଗୁରୁତର ହେଉଥିଲେ, ପିଲାକୁ ହସ୍ପିଟାଲରେ ବାରମ୍ବାର ଭର୍ତ୍ତି କରିବାକୁ ପଡୁଥିଲେ କିମ୍ବା ବାରମ୍ବାର ନିମୋନିଆ ଭଳି ଗୁରୁତର ସଂକ୍ରମଣ ହେଉଥିଲେ ଅଭିଭାବକମାନେ ଅବହେଳା ନକରି ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଆବଶ୍ୟକ। ଆବଶ୍ୟକ ହେଲେ ବିଶେଷଜ୍ଞଙ୍କ ପରାମର୍ଶରେ ଅଧିକ ଯାଞ୍ଚ ଓ ଚିକିତ୍ସା କରାଇବା ଉଚିତ।




**ସାଧାରଣତଃ ଘର ସଫା କରିବା ପାଇଁ ଅନେକ ଲୋକ ପୁରୁଣା ପୋଷାକକୁ ପୋଛା ଭାବେ ବ୍ୟବହାର କରନ୍ତି। କିନ୍ତୁ ବାସ୍ତୁଶାସ୍ତ୍ର ଅନୁସାରେ ପୁରୁଣା କପଡ଼ାରେ ପୋଛା ଲଗାଇବା ନେଇ କିଛି ନିୟମ ରହିଛି। ଘରର ସକାରାତ୍ମକ ଉର୍ଜା ଓ ପରିବେଶ ଉପରେ ଏହାର ପ୍ରଭାବ ପଡ଼ିପାରେ ବୋଲି ବାସ୍ତୁ ବିଶ୍ୱାସରେ କୁହାଯାଏ। ତେବେ ପୁରୁଣା କପଡ଼ାକୁ ପୋଛା କରିବା ଶୁଭ ନା ଅଶୁଭ ଏହା ଅନେକଙ୍କ ମନରେ ପ୍ରଶ୍ନ ଆସୁଥିବ । ତେବେ ଆସନ୍ତୁ ଜାଣିବା ଏହା ପଛରେ ଥିବା ନିୟମ ।**

ପୁରୁଣା କପଡ଼ାରେ ପୋଛା ଲଗାଇବା ନେଇ ବାସ୍ତୁ ନିୟମ

ବାସ୍ତୁ ବିଶ୍ୱାସ ଅନୁସାରେ, ଘର ସଫା କରିବା ପାଇଁ ପୁରୁଣା କପଡ଼ା ବ୍ୟବହାର କରିବା ସବୁବେଳେ ଅଶୁଭ ନୁହେଁ। ତେବେ କପଡ଼ାଟି ସଫା ଓ ଠିକ୍ ଭାବରେ ରଖାଯିବା ଜରୁରୀ। ଅତ୍ୟଧିକ ମଇଳା, ଛିଣ୍ଡା କିମ୍ବା ଦୀର୍ଘଦିନ ଧରି ଅବ୍ୟବହୃତ କପଡ଼ା ବ୍ୟବହାର ନକରିବାକୁ ବାସ୍ତୁରେ ପରାମର୍ଶ ଦିଆଯାଏ। ପୋଛାକୁ ମଇଳା ରଖନ୍ତୁ ନାହିଁ । ଘର ପୋଛିବା ପରେ ପୋଛାକୁ ଭଲ ଭାବରେ ଧୋଇ ଶୁଖାଇ ରଖିବା ଉଚିତ। ଓଦା ଓ ମଇଳା ପୋଛାକୁ ଘରର କୋଣରେ ରଖିଲେ ଦୁର୍ଗନ୍ଧ ସହ ଅସ୍ୱଚ୍ଛତା ବଢ଼ିପାରେ।

ପୁରୁଣା କପଡ଼ା ବାଛିବାରେ ସାବଧାନ : ବହୁତ ପୁରୁଣା, ଛିଣ୍ଡା କିମ୍ବା ଅତ୍ୟଧିକ ମଇଳା ପୋଷାକକୁ ପୋଛା ଭାବେ ବ୍ୟବହାର ନକରିବା ଭଲ। ବ୍ୟବହାରଯୋଗ୍ୟ ସଫା କପଡ଼ାକୁ ଏଥିପାଇଁ ନିଆଯାଇପାରେ।

ପୋଛା ରଖିବା ସ୍ଥାନ : ବ୍ୟବହାର ପରେ ପୋଛାକୁ ରୋଷେଇ ଘର, ପୂଜାସ୍ଥାନ କିମ୍ବା ଶୋଇବା ଘରରେ ରଖିବା ପରିବର୍ତ୍ତେ ସଫା ଓ ଶୁଖିଲା ସ୍ଥାନରେ ରଖିବାକୁ ବାସ୍ତୁ ବିଶ୍ୱାସରେ କୁହାଯାଏ।

ସଫା ଘରକୁ ଗୁରୁତ୍ୱ : ବାସ୍ତୁ ମତରେ ଘରକୁ ସଫା-ସୁଥା ରଖିବା ଅତ୍ୟନ୍ତ ଜରୁରୀ। ତେଣୁ ପୁରୁଣା କପଡ଼ା ବ୍ୟବହାର କରୁଥିଲେ ମଧ୍ୟ ଏହାକୁ ସ୍ୱଚ୍ଛ ରଖିବା ଦରକାର। ତେବେ ଏସବୁ କଥା ବାସ୍ତୁଶାସ୍ତ୍ରର ପାରମ୍ପରିକ ବିଶ୍ୱାସ ଉପରେ ଆଧାରିତ; ଏହାକୁ ବୈଜ୍ଞାନିକ ନିୟମ ଭାବେ ଧରାଯାଏ ନାହିଁ।

# ପ୍ଲାଷ୍ଟିକ ବଦଳରେ ପେପର୍ ଷ୍ଟ୍ର ବ୍ୟବହାର କରୁଥିଲେ ସାବଧାନ !

ପରିବେଶକୁ ସୁରକ୍ଷା ଦେବା ପାଇଁ ଆଜିକାଲି ଲୋକେ ପ୍ଲାଷ୍ଟିକ ଷ୍ଟ୍ର ବଦଳରେ କାଗଜ ଷ୍ଟ୍ରକୁ ଆପଣାଉଛନ୍ତି । କାଫେ, ରେଷ୍ଟୁରାଣ୍ଟରୁ ଆରମ୍ଭ କରି ବିଭିନ୍ନ ପାର୍ଟି ପର୍ଯ୍ୟନ୍ତ ସବୁଠି କାଗଜ ଷ୍ଟ୍ରର ବ୍ୟବହାର ଦିନକୁ ଦିନ ବଢ଼ିବାରେ ଲାଗିଛି । ତେବେ ପରିବେଶକୁ ବଞ୍ଚାଇବା ନାଁରେ ଆପଣ ଯେଉଁ କାଗଜ ଷ୍ଟ୍ର ବ୍ୟବହାର କରୁଛନ୍ତି, ତାହା ପ୍ରକୃତରେ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କେତେ ସୁରକ୍ଷିତ ଏହାକୁ ନେଇ ବେଲଜିୟମରୁ ଏଭଳି ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି, ଯାହା ଆପଣଙ୍କୁ ଚିନ୍ତାରେ ପକାଇ ଦେବ।

### ସ୍ୱାସ୍ଥ୍ୟ ପାଇଁ ହାନିକାରକ କାଗଜ ଷ୍ଟ୍ର !

ନୂତନ ବୈଜ୍ଞାନିକ ଗବେଷଣା ଅନୁଯାୟୀ, ଆମେ ଯେଉଁ କାଗଜ ଷ୍ଟ୍ରକୁ ପ୍ଲାଷ୍ଟିକର ବିକଳ୍ପ ଭାବେ ବ୍ୟବହାର କରୁଛୁ, ତାହା ପରିବେଶ ଓ ସ୍ୱାସ୍ଥ୍ୟ ପାଇଁ ଆଦୌ ସୁରକ୍ଷିତ ନୁହେଁ । କାଗଜ ଷ୍ଟ୍ର ଜଲଦି ପାଣିରେ ତରଳି କିମ୍ବା ନଷ୍ଟ ନ ହେବା ପାଇଁ ସେଥିରେ ଏକ ବିଶେଷ ପ୍ରକାରର ରସାୟନ ବା କେମିକାଲ ବ୍ୟବହାର କରାଯାଏ । ଏହି କେମିକାଲଗୁଡ଼ିକୁ 'ଫରେଭର କେମିକାଲ୍ସ' କୁହାଯାଏ। କାରଣ ଏହା ପରିବେଶ କିମ୍ବା ମାନବ ଶରୀରରେ ସହଜରେ ନଷ୍ଟ ହୁଏ ନାହିଁ ଏବଂ ଦୀର୍ଘ ସମୟ ପର୍ଯ୍ୟନ୍ତ ଜମା ହୋଇ ରହିଥାଏ । ବୈଜ୍ଞାନିକମାନେ ବଜାରରୁ ଭିନ୍ନ ଭିନ୍ନ ବ୍ରାଣ୍ଡର ୩୯ଟି ଷ୍ଟ୍ର ସଂଗ୍ରହ କରି ଏହାର ପରୀକ୍ଷା କରିଥିଲେ । ଏହି



ଷ୍ଟ୍ରଗୁଡ଼ିକୁ ମୁଖ୍ୟତଃ ୫ଟି ଶ୍ରେଣୀରେ ବିଭକ୍ତ କରାଯାଇଥିଲା- କାଗଜ, ବାଉଁଶ, ପ୍ଲାଷ୍ଟିକ, କାଚ ଏବଂ ଷ୍ଟେନଲେସ୍ ଷ୍ଟିଲ୍ ।ରୀକ୍ଷାରୁ ଜଣାପଡ଼ିଛି ଯେ ପରୀକ୍ଷା କରାଯାଇଥିବା ମୋଟ କାଗଜ ଷ୍ଟ୍ରର ପ୍ରାୟ ୯୦ ପ୍ରତିଶତରେ ଏହି ବିପଜ୍ଜନକ 'ଫରେଭର କେମିକାଲ' ମିଳିଛି, ଯାହା ଅନ୍ୟ ସମସ୍ତ ଷ୍ଟ୍ର ତୁଳନାରେ ସବୁଠାରୁ ଅଧିକ । ବାଉଁଶ ଷ୍ଟ୍ରରେ ଏହାର ମାତ୍ରା ୮୦ ପ୍ରତିଶତ, ପ୍ଲାଷ୍ଟିକ ଷ୍ଟ୍ରରେ ଏହା ୭୫ ପ୍ରତିଶତ, କାଚ ଷ୍ଟ୍ରରେ ଏହି କେମିକାଲର ମାତ୍ରା ୪୦ ପ୍ରତିଶତ 'ଫରେଭର କେମିକାଲ' ଥିଲା । ସବୁଠାରୁ ଆଶ୍ୱସ୍ତିର କଥା ହେଲା, ପରୀକ୍ଷା ହୋଇଥିବା କୌଣସି ବି ଷ୍ଟେନଲେସ୍ ଷ୍ଟିଲ୍ ଷ୍ଟ୍ରରେ ଏହି କେମିକାଲ ମିଳିନଥିଲା ।

### ଶରୀର ପାଇଁ କେତେ କ୍ଷତିକାରକ

କାଗଜ ଷ୍ଟ୍ରକୁ ଓଦା ହେବାରୁ ରକ୍ଷା କରିବା ପାଇଁ ଯେଉଁ ୱାଟରପ୍ରୁଫ୍ କୋଟିଂ ବା ଉତ୍ପାଦନ ପ୍ରକ୍ରିୟା ଆପଣାଯାଏ, ସେଥିରୁ ଏହି କେମିକାଲ ତରଳ ପଦାର୍ଥ ଯେପରିକି ପାଣି, ଜୁସ୍ କିମ୍ବା କୋଲ୍ଡ ଡ୍ରିଙ୍କ୍ସ ସ୍ୱାଦ ମାଧ୍ୟମରେ ସିଧାସଳଖ ଆମ ଶରୀର ଭିତରକୁ ଚାଲିଯାଏ । ବୈଜ୍ଞାନିକମାନଙ୍କ ମତରେ, ଏହି କେମିକାଲ ଶରୀର ଭିତରକୁ ଗଲେ ଥାଇରଏଡ୍ ସମସ୍ୟା ଦେଖାଦେଇଥାଏ, ଲିଭର ବା ଯକୃତ କ୍ଷତିଗ୍ରସ୍ତ ହେବାର ଆଶଙ୍କା ବଢ଼ିଥାଏ, ଶରୀରରେ କୋଷ୍ଟ୍ରଲ୍ ବୃଦ୍ଧି ପାଇଥାଏ, ଏପରିକି କ୍ୟାନସର ଭଳି ମାରାତ୍ମକ ରୋଗର ଆଶଙ୍କା ମଧ୍ୟ ବୃଦ୍ଧି ପାଇପାରେ ।

# ଗଣପତି ସେଲିବ୍ରେସନରେ ଦିଶାଙ୍କ ଲୁକ୍ ଭାଇରାଲ୍ ଡିପ୍ ନେକ୍‌ଲାଇନ୍‌କୁ ନେଇ ତେଜିଲା ବିବାଦ !

ମୁମ୍ବାଇରେ ଜମିଥିଲା ଗଣପତି ବାପ୍ପାଙ୍କ ଦରବାର। ଅମ୍ବାନୀ ପରିବାରର ଗଣେଶ ଚତୁର୍ଥୀ ଉତ୍ସବରେ ଗୋଟିଏ ପରେ ଗୋଟିଏ ବଲିଉଡ୍ ଷ୍ଟାର୍ଙ୍କ ଗ୍ଲାମରସ୍ ଏଣ୍ଟ୍ରି ହୋଇଥିଲା। ଆଉ ଏହି ଷ୍ଟାର୍ ମେଳାରେ ନଜର ଆସିଥିଲେ ଅଭିନେତ୍ରୀ ଦିଶା ପଟାନୀ। ଯାହାଙ୍କୁ ନେଇ ସୋସିଆଲ ମିଡିଆରେ ଖୁବ ହଇଚଇ ସୃଷ୍ଟି ହୋଇଥିଲା । ତେବେ କ'ଣ ଥିଲା ଦିଶାଙ୍କ ଲୁକରେ, ଯାହାକୁ ନେଇ ଟ୍ରୋଲରଙ୍କ ଟାର୍ଗେଟରେ ଆସିଲେ ଅଭିନେତ୍ରୀ ଲାଲ୍ ଲେହେଙ୍ଗାରେ ଦିଶାଙ୍କ ଗ୍ଲାମରସ୍ ଲୁକ୍ କ୍ୟାମେରାରେ କଏଦ ହେବା ମାତ୍ରେ ସୋସିଆଲ୍ ମିଡିଆରେ ଭାଇରାଲ୍। ହେଲେ ତାଙ୍କ ଆଉଟ୍ଫୁ ଅଧିକ ଚର୍ଚ୍ଚାକୁ ଆସିଲା ବ୍ଲାଉଜ୍‌ର ଡିପ୍ ନେକ୍ଲାଇନ୍। ବାସ୍, ଏହାପରେ ଆରମ୍ଭ ହେଲା ଅନ୍ଲାଇନ୍‌ରେ ତର୍କ-ବିତର୍କ।କିଛି ସୋସିଆଲ୍ ମିଡିଆ ୟୁଜର୍ ଧାର୍ମିକ ଉତ୍ସବରେ ଏଭଳି ପୋଷାକ ଚୟନକୁ ନେଇ ପ୍ରଶ୍ନ ଉଠାଇଥିଲେ ତ ଆଉ କେହି ଦିଶାଙ୍କୁ ଏଭଳି ଅବସରରେ ଅଧିକ ସଂଯତ ପୋଷାକ ପିନ୍ଧିବାକୁ କହିଥିଲେ । ତାଠାରୁ ଅଧିକ ଫ୍ୟାଶନ୍ ସେନ୍ସକୁ ନେଇ ସମାଲୋଚନା କରିଥିଲେ। ଏପରିକି କିଛି ମନ୍ତବ୍ୟରେ ଦିଶାଙ୍କ ଲୁକ୍କୁ ନେଇ ସିଧାସଳଖ ପ୍ରଶ୍ନ ଉଠିଥିଲା—ଗଣପତି ଉତ୍ସବ ଭଳି ଧାର୍ମିକ ଆୟୋଜନ ପାଇଁ ଏହି ଆଉଟ୍ଫିଟ୍ କେତେ ଉପଯୁକ୍ତଏହା ପ୍ରଥମ ଥର ନୁହେଁ, ଷ୍ଟାର୍ଙ୍କ ଫ୍ୟାଶନ୍ ସେନସ ନେଇ ସୋସିଆଲ୍ ମିଡିଆରେ ଚର୍ଚ୍ଚା ହୋଇଛି। ଏବେ ଏହା ସାଧାରଣ ଘଟଣା ପାଲଟିଗଲାଣି। ଦିଶାଙ୍କ କ୍ଷେତ୍ରରେ ମଧ୍ୟ ସମାନ ଚିତ୍ର ଦେଖାଯାଇଛି। ହେଲେ ଏହି ଟ୍ରୋଲିଂ ଉପରେ ଦିଶା ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ତେଣୁ ଏହି ଚର୍ଚ୍ଚା ଆଗକୁ କେଉଁ ମୋଡ଼ ନେବ, ସେଥିପାଇଁ ଅପେକ୍ଷା।



# ମାଡ଼ିଗଲାଣି ପ୍ଲାଷ୍ଟିକର ବିଷ ବଳୟ
## ବଜାରଘାଟରେ ହାଉଜାଉ, ପ୍ଲାଷ୍ଟିକମୁକ୍ତ ବଜାର ଧୂଆଁବାଣ



ଭୁବନେଶ୍ୱର ୧୬/୦୯: ପବିତ୍ର ଗାନ୍ଧୀ ଜୟନ୍ତୀରେ ଭୁବନେଶ୍ୱର ସମେତ ୫ ମହାନଗର ନିଗମରେ ପଲିଥିନ୍ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାରରେ ଓଡ଼ିଶା ସରକାର କଟକଣା ଲଗାଇଥିଲେ। ଲକ୍ଷ୍ୟ ଥିଲା, ପ୍ଲାଷ୍ଟିକ୍‌ର ବିଷ ବଳୟରୁ ଓଡ଼ିଶାକୁ ମୁକ୍ତ କରିବା। ଆରମ୍ଭରୁ ଏଥିପାଇଁ ଘନ ଘନ ଚଢ଼ଉ ହେଲା। ଦୋକାନ, ବଜାରରୁ କ୍ୱିଣ୍ଟାଲ କ୍ୱିଣ୍ଟାଲ ପଲିଥିନ୍ ଜବତ ହେଲା। କିନ୍ତୁ ସେ ଜାଣତରେ ହେଉ କି ଅଜାଣତରେ, ମୂଳରେ ପହଞ୍ଚିବାକୁ ଚେଷ୍ଟା କଲେନି ଟିମ୍। ଯେଉଁମାନେ ପଲିଥିନ୍ ଉତ୍ପାଦନ କରି ବଜାରକୁ ଛାଡୁଛନ୍ତି, ସେମାନଙ୍କୁ ଧରାଗଲାନି। ଏଣୁ କଟକଣାର ୭ ବର୍ଷ ପରେ ବି ସ୍ଥିତି ଯଥାପୂର୍ବଂ ତଥା ପରଂ। ଏହି କଟକଣା କେବଳ ଲୋକ ଦେଖାଣିଆ ହୋଇ ରହିଯାଇଛି। ଚଢ଼ଉ କୋହଳ ଥିବାରୁ ପୁଣି ବିପୁଳ ପଲିଥିନ୍ ବଜାରରେ ପ୍ରବେଶ କଲାଣି ଓ ବଜାରଘାଟ ଚାରିଆଡ଼େ ଅବାଧ ବ୍ୟବହାର ବଢ଼ିଗଲାଣି। ପାର୍ବଣରେ ଏହାର ବ୍ୟବହାର ଅଧିକ ବଢ଼ିଗଲାଣି। ଯାହା ହାତକୁ ଦେଖିଲେ, ନିଷିଦ୍ଧ ପଲିଥିନ୍।ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରିପୋର୍ଟ ଅନୁଯାୟୀ, ଭୁବନେଶ୍ୱର ମହାନଗର ନିଗମରୁ ପ୍ରତିବର୍ଷ ୨୦ହଜାର ଟନ୍‌ରୁ ଅଧିକ ପ୍ଲାଷ୍ଟିକ ଆବର୍ଜନା ବାହାରୁଛି। ଯାହା ଭୁବନେଶ୍ୱର ମହାନଗର ନିଗମରୁ ସଂଗୃହୀତ ଆବର୍ଜନାର ପ୍ରାୟ ୬୦ ପ୍ରତିଶତ। ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମଗିରି ଓ ରାଉରକେଲା, ୫ ମହାନଗର ନିଗମ ଭିତରେ ଭୁବନେଶ୍ୱରରୁ ସର୍ବାଧିକ ପ୍ଲାଷ୍ଟିକ ଆବର୍ଜନା ବାହାରୁଛି।୨୦୧୯ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ରାଜ୍ୟର ଏହି ୫ ମହାନଗର ନିଗମରେ ପଲିଥିନ୍ ବ୍ୟବହାର ସଂପୂର୍ଣ୍ଣ ନିଷେଧ କରାଯାଇଥିଲା। ପୂର୍ବରୁ ମାଟିରେ ମିଶୁନଥିବା ୫୦ ମାଇକ୍ରନ୍ ପଲିଥିନ୍ ବ୍ୟବହାରରେ କେନ୍ଦ୍ର ସରକାର କଟକଣା ଲଗାଇଥିଲେ। ୨୦୨୧ରେ ନୂଆ ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା ନିୟମ ଆସିବା ପରେ ୨୦୨୨ ଡିସେମ୍ବରରୁ ୧୨୦ ମାଇକ୍ରନ୍ ପଲିଥିନ୍ ବ୍ୟବହାର ନିଷେଧ କରିଛନ୍ତି। ସେପଟେ ବିଭିନ୍ନ ସହରାଞ୍ଚଳରେ ବଜାରଘାଟକୁ ପ୍ଲାଷ୍ଟିକ ଫ୍ରି' କରିବାକୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଏଥିପାଇଁ ସ୍ୱତନ୍ତ୍ର ଅନୁଦାନ ମିଳୁଛି। କିନ୍ତୁ ଭୁବନେଶ୍ୱର ମହାନଗର ନିଗମରେ ଏହା ନିୟମକୁ ଆଖିଠାର ସଦୃଶ ହୋଇଛି।ଚଳିତବର୍ଷ ମାର୍ଚ୍ଚରେ ଭୁବନେଶ୍ୱର ମହାନଗର ନିଗମ ବିଭିନ୍ନ ହାଟରୁ ପ୍ଲାଷ୍ଟିକମୁକ୍ତ ଅଭିଯାନର ଶୁଭାରମ୍ଭ କରିଥିଲା। ଏହି ଅଭିଯାନ କେବଳ ବଡ଼ ବଡ଼ ହୋର୍ଡିଂ ଓ ସୂଚନା ଫଳକରେ ସୀମିତ ରହିଛି। ନିୟମ ତା' ବାଟରେ ଓ ପଲିଥିନ୍ ବ୍ୟବହାର ତା' ବାଟରେ। ସବୁଠୁ ଚିନ୍ତାଜନକ ସ୍ଥିତି ରାଜଧାନୀର ବଡ଼ ୟୁନିଟ୍-୧ ଓ ୟୁନିଟ୍-୪ ହାଟରେ। ଏଠାରେ ନିଷିଦ୍ଧ ପଲିଥିନ୍‌ର ଅବାଧ ବ୍ୟବହାର ହେଉଥିଲେ ବି ଏହା କେଉଁଠୁ ଆସୁଛି, ତାକୁ ଯାଞ୍ଚ କରିବାକୁ କେହି ନାହାନ୍ତି। ଏଣୁ ଏହି ପଲିଥିନ୍‌ର ବିଷୟ ବଳୟ ଭବିଷ୍ୟତ ପିଢ଼ିଙ୍କ ପାଇଁ ସତର୍କ ଘଣ୍ଟି ସାଜିଛି।

# ଷ୍ଟ୍ରିଟ ଲାଇଟ୍ ମରାମତି ପାଇଁ ବିଏମ୍‌ସି ବଦନାମ

ଭୁବନେଶ୍ୱର ୧୬/୦୯ : ରାଜଧାନୀରେ ଷ୍ଟ୍ରିଟ୍ ଲାଇଟ୍ ରକ୍ଷଣା ବେକ୍ଷଣକୁ ନେଇ ଏବେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ନାଚାର । ଏହି କାମପାଇଁ ଠିକା ନେଇଥିବା ସଂସ୍ଥା ବିଏମ୍‌ସିକୁ ଖାତିର କରୁନାହାନ୍ତି କିମ୍ବା ବିଏମ୍‌ସି ଯନ୍ତ୍ରୀଙ୍କ କଥାକୁ କର୍ଣ୍ଣପାତ କରୁନାହାନ୍ତି । ଫଳରେ ଯେଉଁସବୁ ଅଞ୍ଚଳରୁ ଷ୍ଟ୍ରିଟଲାଇଟ୍ ମରାମତି ନେଇ ଲୋକେ ଅଭିଯୋଗ କରୁଛନ୍ତି ସେଠାରେ ସ୍ମାର୍ଟସିଟି କର୍ତ୍ତୃପକ୍ଷ କେବଳ ସମୟ ଗଡାଇ ଚାଲିଛନ୍ତି ।ଏଭଳି ଏକ ଆସିଛି ନୀଳାଦ୍ରୀବିହାର ଅଞ୍ଚଳରୁ । ଏଠାରେ ଥିବା ବୁଦ୍ଧପାର୍କ ନିକଟରେ ଷ୍ଟ୍ରିଟ ଲାଇଟ୍ ଅଚଳ ହେବାପରେ ସ୍ଥାନୀୟ ଜଣେ ବରିଷ୍ଠ ନାଗରିକ ଏହାର ମରାମତି ପାଇଁ ସ୍ମାର୍ଟସିଟିର ଶୁଳ୍କମୁକ୍ତ ଟେଲିଫୋନ୍ ଅଭିଯୋଗ କରିଥିଲେ । ଅଭିଯୋଗ ଗ୍ରହଣ ସହିତ ତାଙ୍କୁ ଏ ସଂକ୍ରାନ୍ତୀୟ ଗୋଟିଏ ନମ୍ବର ମିଳିଥିଲା । ବରିଷ୍ଠ ନାଗରିକ ଜଣଙ୍କ ଭାବିଥିଲେ ସ୍ମାର୍ଟସିଟି କର୍ତ୍ତୃପକ୍ଷ ସ୍ମାର୍ଟବେଗରେ ଷ୍ଟ୍ରିଟଲାଇଟ୍‌ର ମରାମତି କରିଦେବେ ।ହେଲେ ସେଭଳି କିଛି ହେଲାନାହିଁ । ବିଳମ୍ବ ସଂକ୍ରାନ୍ତରେ ବରିଷ୍ଠ ନାଗରିକ ଜଣଙ୍କ ଜାଣିବାରୁ ଚାହିଁବାରୁ ତାଙ୍କୁ ବିଭିନ୍ନ ବାହାନା ଦେଖାଗଲା । ଆଠ ଦଶ ଦିନ ଅପେକ୍ଷା ପରେ ଏ ସଂକ୍ରାନ୍ତରେ ବିଏମସିର ଯନ୍ତ୍ରୀଙ୍କ କାନରେ କଥାଟି ପକାଇଲେ । ଯନ୍ତ୍ରୀ ବି ତୁରନ୍ତ ମରାମତି ଦାୟିତ୍ୱରେ ଥିବା ସଂସ୍ଥାଙ୍କୁ ନିର୍ଦ୍ଦେଶ ଦେଲେ । ସମ୍ପୃକ୍ତ ସଂସ୍ଥାର କର୍ମଚାରୀମାନେ ସ୍ଥାନୀୟ ଅଞ୍ଚଳ ପରିଦର୍ଶନ କରିବା ସହିତ ଅଭିଯୋଗକାରୀଙ୍କ ସହିତ ଆଲୋଚନା କଲେ । ହେଲେ ସମସ୍ୟାର ସମାଧାନ ହୋଇପାରିଲା ନାହିଁ ।ଅଭିଯୋଗ କରିବାର ୧୫ ଦିନପରେ ସ୍ମାର୍ଟସିଟି କର୍ତ୍ତୃପକ୍ଷ ସେହି ଅଭିଯୋଗର ନବୀକରଣ କରି ନୂଆ ନମ୍ବର ଓ ନୂଆ ତାରିଖ ଦେଇଛନ୍ତି । ଫଳରେ ଅଭିଯୋଗଟି ଆଉ ପୁରୁଣା ବୋଲି କେହି କହିପାରିବେନି । ଏହା ଦେଖି ଏବେ ଅଭିଯୋଗକାରୀ ଅବାକ ହୋଇଛନ୍ତି । ସାମାନ୍ୟ ଷ୍ଟ୍ରିଟ୍ ଲାଇଟ୍‌ଟିଏ ମରାମତି କରିବାକୁ ଯଦି ଏତେ ବିଳମ୍ବ ହେଉଛି ତେବେ ଅନ୍ୟାନ୍ୟ ଅଭିଯୋଗର ସମାଧାନ କିଭଳି ହେଉଥିବ ତାହାକୁ ନେଇ ଚିନ୍ତାବ୍ୟକ୍ତ କରାଗଲାଣି ।ତେବେ ମିଳିଥିବା ସୂଚନା ଅନୁଯାୟୀ ରାଜଧାନୀର ଷ୍ଟ୍ରିଟ୍ ଲାଇଟ୍ ମରାତି କରିବାକୁ ବିଏମ୍‌ସି କେତେକ ସଂସ୍ଥାଙ୍କୁ ନିଯୁକ୍ତ କରିଛି । ସେମାନେ ଏଥିପାଇଁ ମୋଟା ଅଙ୍କର ଟଙ୍କା ନେଉଛନ୍ତି । ସ୍ମାର୍ଟସିଟିର ଦେୟମୁକ୍ତ ନମ୍ବର କିମ୍ବା ବିଏମସିର ନିକଟରେ ଅଭିଯୋଗ ହେଲେ ସେହି ଅଭିଯୋଗଟି ଛାଏଁ ଛାଏଁ ଠିକାସଂସ୍ଥା ନିକଟରେ ପହଞ୍ଚିବ ଏବଂ ଧାର୍ଯ୍ୟସମୟ ଭିତରେ ଅଭିଯୋଗଟି ସମାଧାନ ହେବାକଥା । ହେଲେ ଠିକାସଂସ୍ଥାଗୁଡିକର ମନମାନି ଯୋଗୁଁ ତାହା ହୋଇପାରୁ ନାହିଁ । ଫଳରେ ବିଏମ୍‌ସି ସହିତ ଗୃହ ଓ ନଗର ଉନ୍ନୟନ ବିଭାଗ ବଦନାମ ହେଉଛି ।ଏଠାରେ ଉଲ୍ଲେଖ କରାଯାଇପାରେ ଯେ ରାଜଧାନୀରେ ଲୋକଙ୍କୁ ସ୍ମାର୍ଟସେବା ପ୍ରଦାନ ସଂକ୍ରାନ୍ତରେ ବିଏମସି ଠାରୁ ଆରମ୍ଭ କରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବ୍ୟାପକ ପ୍ରଚାର କରାଯାଉଛି । ସୋସିଆଲ ମିଡଆରେ ରଙ୍ଗୀନ ଫଟୋ ସହିତ ପ୍ରଶଂସାଗାନ ହେଉଛି । ଏ ବାବଦରେ ବି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି । ହେଲେ କ୍ଷେତ୍ର ସ୍ତରରେ କିନ୍ତୁ କାର୍ଯ୍ୟ କିଭଳି ଚାଲୁଛି ନୀଳାଦ୍ରୀ ବିହାରର ଷ୍ଟ୍ରିଟ ଲାଇଟ୍ ମରାମତି ଅଭିଯୋଗ ଏହାର ଏକ ଉଦାହରଣ ମାତ୍ର । ସହରର ବିଭିନ୍ନ ସ୍ଥାନରେ ଷ୍ଟ୍ରିଟ୍ ଲାଇଟ୍ ଜଳୁନଥିବାବେଳେ ତାହା ଅପରାଧୀଙ୍କୁ ବେଶ୍ ସୁହାଉଥିବା ଏବଂ ପାର୍ବଣ ଋତୁ ଆରମ୍ଭ ହୋଇଯାଇଥିବାବେଳେ ବିଏମସିର ଏଭଳି ମନୋଭାବ ଏବେ ରାଜଧାନୀବାସୀଙ୍କୁ ଚିନ୍ତାରେ ପକାଇ ଦେଲାଣି ।

# ଖୁବ୍ ଶୀଘ୍ର ପାଣ୍ଡରା ଆଧୁନିକ ମାଛ ବଜାର



ଭୁବନେଶ୍ୱର ୧୬/୦୯ : ଭୁବନେଶ୍ୱର ମାଛ ବଜାରରେ ଆଉ ରହିବ ନାହିଁ ପୂତି ଗନ୍ଧମୟ ପରିବେଶ। ଦୂର ହେବ ୟୁନିଟ୍-୪ ମାଛ ବଜାରରେ ଦେଖାଯାଉଥିବା ଭିଡ ଓ ଟ୍ରାଫିକ ସମସ୍ୟା। ଆସନ୍ତା ୨୦୨୮ ମାର୍ଚ୍ଚ ଶେଷ ସୁଦ୍ଧା ପାଣ୍ଡରା ଠାରେ ପ୍ରାୟ ୫.୪ ଏକର ଜମିରେ ପାଖାପାଖି ୫୧ କୋଟି ୪୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଉଥିବା ଅତ୍ୟାଧୁନିକ ମାଛ ବଜାର କାର୍ଯ୍ୟ ସମ୍ପନ୍ନ ହେବ ।ଯେଉଁ ନୂଆ ବଜାର ନିର୍ମିତ ହେଉଛି ସେଠାରେ ୪୦ଟି ହୋଲସେଲ କାଉଣ୍ଟର ସମେତ ୧୦୦ଟି ପିଣ୍ଡି ରହିବ। ଆଜି ଉତ୍ତର ଭୁବନେଶ୍ୱରର ପାଣ୍ଡରା ଠାରେ ନିର୍ମାଣାଧୀନ ଆଧୁନିକ ହୋଲସେଲ୍ ମାଛ ବଜାର ପ୍ରକଳ୍ପର ସ୍ଥଳ ପରିଦର୍ଶନ କରିବା ପରେ ଏଭଳି କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଅଞ୍ଚଳ ପରିଦର୍ଶନ ପରେ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଧୀରେ ଧୀରେ ଆକାର ନେଉଥିବା ଦେଖିବା ନିଶ୍ଚିତ ଭାବେ ଏକ ସ୍ୱପ୍ନ ସାକାର ହେବାର ଅନୁଭୂତି ଦେଉଛି ବୋଲି କହିଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀ।ସୂଚନାଯୋଗ୍ୟ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ସ୍ୱପ୍ନର ପ୍ରକଳ୍ପ ଭାବରେ ତାଙ୍କର ଲଗାତାର ପ୍ରୟାସ ପରେ ବିଏମସି ଦ୍ୱାରା ଏହି ପ୍ରକଳ୍ପର ଟେଣ୍ଡର କରାଯାଇ ଗତ ଏପ୍ରିଲ ୨୦୨୬ ମସିହାରୁ ସାଇଟ୍ ହସ୍ତାନ୍ତର କରାଯାଇଛି। ଏପରିକି ସାଂସଦଙ୍କ ପ୍ରତ୍ୟକ୍ଷ ପ୍ରୟାସରେ ବିଏମସି ପକ୍ଷରୁ ମାମଲା ମୁକ୍ତ ବା ଲିଟିଗେଶନ ଫ୍ରି ଜମି ହସ୍ତାନ୍ତର କାର୍ଯ୍ୟ ସମ୍ପନ୍ନ ହୋଇଛି। ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏକ ଆଧୁନିକ ହୋଲସେଲ୍ ଓ ରିଟେଲ୍ ମାଛ ବଜାର ପ୍ରତିଷ୍ଠା କରିବା ସହିତ ୟୁନିଟ୍-୪ ମାଛ ବଜାରରେ ବର୍ତ୍ତମାନ ଦେଖାଦେଉଥିବା ଭିଡ଼ ଓ ଟ୍ରାଫିକ୍ ସମସ୍ୟାର ସମାଧାନ କରିବା। ଏହି ପରିଦର୍ଶନ ସମୟରେ ସାଂସଦଙ୍କ ସହ ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର, ବିଜେପି ନେତା ରୁଦ୍ର ନାରାୟଣ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପ ସ୍ଥଳ ପରିଦର୍ଶନ କରି ବିଏମସି ଅଧିକାରୀମାନଙ୍କ ସହିତ ପ୍ରକଳ୍ପର ଅଗ୍ରଗତି ଓ କାର୍ଯ୍ୟାନ୍ୱୟନ ସମ୍ପର୍କରେ ଆଲୋଚନା କରିବା ସହ ପାଣ୍ଡରା ଗ୍ରାମବାସୀଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ।

## ରିକଭରି ଏଜେଣ୍ଟଙ୍କ ଦାଦାଗିରି, ଆକ୍ରମଣ କରି ଛଡେଇନେଲେ ଗାଡ଼ି

ଭୁବନେଶ୍ୱର ୧୬/୦୯: ରିକଭରି ଏଜେଣ୍ଟଙ୍କ ଦାଦାଗିରି । ଭୁବନେଶ୍ୱର ସହିଦନଗର ରିକଭରି ଏଜେଣ୍ଟଙ୍କ ଦାଦାଗିରିର ଅଭିଯୋଗ ଆସିଛି । ଯାହାକୁ ନେଇ ସହିଦନଗର ଥାନାରେ ମାମଲା ରୁଜୁ ହୋଇଛି ।ଖବର ଅନୁଯାୟୀ,ଭୁବନେଶ୍ୱରରେ ରିକଭରି ଏଜେଣ୍ଟଙ୍କ ଦାଦାଗିରି ଅଭିଯୋଗ। ରାସ୍ତା ଉପରୁ ଆକ୍ରମଣ କରି ଛଡେଇ ନେଲେ ଗାଡ଼ି। ଗାଡ଼ିରେ ଫାଇନାନ୍ସ ନଥାଇ ରାସ୍ତା ଉପରୁ ଗାଡି ଭିଡି ନେଲେ। ଥାର୍ ଗାଡ଼ି ଜବତ୍ ସହ ସମୁଦାୟ ୫ ଜଣଙ୍କୁ ଗିରଫ କରିଛି ସହିଦ୍ ନଗର। ସେଲ୍ଫ ଡ୍ରାଇଭରେ ନେଇଥିବା କମ୍ପାନୀ ନମ୍ବର୍ ପ୍ଲେଟ୍ ବଦଳାଇ ଚଳାଇଥିଲେ କାର୍। ଏନେଇ ସହିଦ୍ ନଗର ଥାନାରେ ଅଭିଯୋଗ କରିଥିଲେ ଗାଡ଼ି ମାଲିକାଣୀ ଇପାଞ୍ଜଳୀ ନାୟକ। ପରେ ଘଟଣାର ପର୍ଦ୍ଦାଫାସ କରିଛି ପୋଲିସ। ସେଲ୍ଫ ଡ୍ରାଇଭ୍ କମ୍ପାନୀର ଦୁଇଜଣ ଓ ମହିନ୍ଦ୍ରା ଫାଇନାନ୍ସର ଡିଭିଜନାଲ୍ ମ୍ୟାନେଜର, ଏରିଆ ମ୍ୟାନେଜର ସମେତ ରିକଭରି ଏଜେଣ୍ଟ ଗିରଫ।

# ବରମୁଣ୍ଡା ଟ୍ରାଫିକ୍ ସମସ୍ୟା ଉତ୍କଟ



ଭୁବନେଶ୍ୱର ୧୬/୦୯: ଭୁବନେଶ୍ୱରର ଅନ୍ୟତମ ବ୍ୟସ୍ତବହୁଳ ଅଞ୍ଚଳ ବରମୁଣ୍ଡାରେ ଟ୍ରାଫିକ୍ ସମସ୍ୟା ଯୋଗୁ ଲୋକେ କଲବଲ ହେଉଛନ୍ତି। ବିଶେଷକରି ସନ୍ଧ୍ୟାରେ ଏହି ସମସ୍ୟା ଉତ୍କଟ ରୂପ ନେଉଛି। ବିଏସ୍ଏବିଟି ପାଖରୁ ଫାର୍ଯାଷ୍ଟେସନ୍ ଛକ ପର୍ଯ୍ୟନ୍ତ ସର୍ଭିସ୍ ରାସ୍ତାରେ ଗାଡ଼ିମାନଙ୍କର ଲମ୍ବା ଲାଇନ୍ ଦେଖିବାକୁ ମିଳୁଛି। ରାସ୍ତାକଡ଼ ଜବରଦଖଲ ସାଙ୍ଗକୁ ରଙ୍ଗ୍‌ରୁଟ୍ ଗାଡ଼ିଚାଳନା ଏହି ସମସ୍ୟାର ମୁଖ୍ୟ କାରଣ ପାଲଟିଛି। ସେହିପରି ଅଟୋ ଓ ବେଆଇନ ଗାଡ଼ି ପାର୍କିଂ ସମସ୍ୟାକୁ ବଢ଼ାଉଛି। ଜାମ୍‌ରେ ଆମ୍ବୁଲାନ୍ସ ମଧ୍ୟ ଫସି ରହୁଛି। ମାତ୍ର ୪୦୦ ମିଟର ରାସ୍ତା ଅତିକ୍ରମ କରିବାକୁ ୨୦ମିନିଟ୍‌ରୁ ଅଧଘଣ୍ଟା ସମୟ ଲାଗିଯାଉଛି। ଅନ୍ତର୍ଜାତୀୟ ସ୍ତରର ବସ୍ ଟର୍ମିନାଲ୍ ଭିତରୁ ବାହାରିବା ପରେ ଏଭଳି ଟ୍ରାଫିକ୍ ସମସ୍ୟା ଦେଖି ଯେକେଣସି ଲୋକ ହତାଶ ହୋଇପଡ଼ିବ। ଏଠାରେ ଥିବା ଏନ୍ଏଚ୍ ଫ୍ଲାଏଓଭର ଡାଇଭର୍ସନ ନିକଟରେ ଖଣ୍ଡଗିରି ପଟୁ ଆସୁଥିବା ଗାଡ଼ି ଏବଂ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ତଥା ହାଉସିଂବୋର୍ଡ କଲୋନିରୁ ଓଭରବ୍ରିଜ୍ ଉପରକୁ ଯାଉଥିବା ଗାଡ଼ି ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜୁଛି। ଅନୁରୂପ ଭାବେ ରାସ୍ତା ଉପରେ ବସ୍ ରଖି ଯାତ୍ରୀ ଉଠାଣ କରୁଥିବାରୁ ସମସ୍ୟା ବଢୁଛି। ଷ୍ଟାଣ୍ଡରୁ ବାହାରୁଥିବା ବସ୍‌ଗୁଡ଼ିକ ପଛକୁ ପଛ ଲମ୍ବି ରହିବାରୁ ରାସ୍ତା ସଂକୀର୍ଣ୍ଣ ହେବା ସହିତ ପଛ ପାର୍ଶ୍ୱରୁ ଆସୁଥିବା ଦୁଇଚକିଆ ମଧ୍ୟ ଏହାକୁ ଅତିକ୍ରମ କରିପାରୁନାହିଁ। ବିଶେଷ କରି ଅଫିସ୍ ସମୟ ପୂର୍ବାହ୍ନ ୯ଟାରୁ ୧୦ଟା ଓ ସନ୍ଧ୍ୟା ୫ଟାରୁ ୭ଟା ମଧ୍ୟରେ ଗାଡ଼ି ଗଡୁନି ।ସେହିପରି ରାଜଧାନୀ କଲେଜ ଅର୍ଣ୍ଣପାସ୍ ପାଖ 'ଆମ ବସ୍ ଷ୍ଟପ୍' ନିକଟରେ ମଧ୍ୟ ଲୋକେ ଟ୍ରାଫିକ୍ ସମସ୍ୟାରେ ଛନ୍ଦି ହେଉଛନ୍ତି। ଟିକେ ଅନ୍ୟମନସ୍କ ହେଲେ ଦୁର୍ଘଟଣା ଘଟିବାର ଆଶଙ୍କା ରହୁଛି। ଅନୁରୂପ ଭାବେ ଏହି ରାସ୍ତାରେ ବେଆଇନ ପାର୍କିଂ ଯୋଗୁ ରାସ୍ତା ସଂକୀର୍ଣ୍ଣ ହୋଇପଡୁଛି। ଏନେଇ ବିଏମ୍‌ସି କିମ୍ବା ପରିବହନ ବିଭାଗ ତରଫରୁ କେଣସି ପଦକ୍ଷେପ ନିଆଯାଉନାହିଁ। କେଣସି ଦୁର୍ଘଟଣା ଘଟିଲେ କିମ୍ବା ଜଟିଳ ରୋଗୀଙ୍କୁ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲ୍‌କୁ ନେବାକୁ ଫାର୍ଯାଷ୍ଟେସନ୍ ରାସ୍ତା ସହଜ ହେଉଥିଲେ ମଧ୍ୟ ଟ୍ରାଫିକ୍ ସମସ୍ୟା ଯୋଗୁ ଏହି ଜରୁରୀକାଳୀନ ଗାଡ଼ି ଅଟକି ରହୁଛି। ଏହା ସତ୍ତ୍ୱେ ଟ୍ରାଫିକ୍ ପ୍ରଶାସନ ତରଫରୁ ଜଣେ ହେଲେ କର୍ମଚାରୀ ଏଠାରେ ଉପସ୍ଥିତ ରହୁନାହାନ୍ତି। ଯିଏ ଯେଉଁ ବାଟେ ଚାହିଲା, ସେହି ବାଟରେ ଯାଉଛି। ସଡ଼କ ସୁରକ୍ଷାର ସମସ୍ତ ନିୟମକୁ ଏଠାରେ ଉଲ୍ଲଙ୍ଘନ କରାଯାଉଛି।

## ଦହିବରା ଖାଇ ୫୦ରୁ ଉର୍ଦ୍ଧ ରୋଗୀ ଆକ୍ରାନ୍ତ

ପୁରୀ୧୬/୦୯ : କାକଟପୁର ବ୍ଲକ ବାଙ୍ଗୁରୀଗାଁ ଅଞ୍ଚଳ ରେ ଖୋଲା ବଜାର ଖାଦ୍ୟ ଖାଇ ୫୦ ରୁ ଉର୍ଦ୍ଧ ରୋଗୀ ଝାଡ଼ା ବାନ୍ତି ରୋଗ ରେ ଆକ୍ରାନ୍ତ,ବାଙ୍ଗୁରୀଗାଁ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ରେ ଅନେକ ବ୍ୟବସ୍ଥା ଚିକିତ୍ସା ପାଇଁ ଥିବାବେଳେ କିନ୍ତୁ ଡାକ୍ତର ଙ୍କ ଅଭାବ, ଆଉଟଡୋର ରେ ଜଣେ ଡାକ୍ତର ଙ୍କ ନିକଟରେ ଶହେ ରୁ ଉର୍ଦ୍ଧ ରୋଗୀ ଧାଡି ରେ ଥିବାବେଳେ ଏପଟେ ଝାଡ଼ା ବାନ୍ତି ଙ୍କ ରୋଗୀ ଙ୍କ ସଂଖ୍ୟା କହିଲେ ନସରେ,ରାଜ୍ୟ ସରକାର ଙ୍କ ବିପୁଳ ଅର୍ଥ ରାଶି ରେ ନିର୍ମିତ ହୋଇଥିବା କାକଟପୁର ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ରେ ଯଦି ଗୋଟେ ବେଡ଼ ରେ ୨ ରୋଗୀ ଚିକିତ୍ସା ପାଇବେ ତାହେଲେ ଏହା ନିଶ୍ଚିନ୍ତ ଲଜ୍ୟାଜନକ କଥା, ଡାକ୍ତର



ଜଣେ ରୋଗୀ ସେବା ବ୍ୟାହତ ବୋଲି ରୋଗୀ ଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇଛି,ବଜାର ରେ ମିଳୁଥିବା ଖାଦ୍ୟ କେତେ ସୁରକ୍ଷିତ ଆଉ ଏହା ଆମ ଶରୀର ପାଇଁ କେତେ ଉପଯୋଗୀ ବର୍ତ୍ତମାନ ସୁଦ୍ଧା ଖାଦ୍ୟ ନିରାପତ୍ତା ବିଭାଗ ର ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ, କିନ୍ତୁ ଅପର ପକ୍ଷ ରେ ଯଦିଓ ସାଧାରଣ ଲୋକ ଓ ଛାତ୍ରଛାତ୍ରୀ ଙ୍କ ପାଇଁ ଏହା ବିପଦ ସୃଷ୍ଟି ହେବ ତାହେଲେ ଏଥିପାଇଁ ଦାୟୀ କିଏ ହେବ, ଏ ବାବଦରେ ଉପସ୍ଥିତ ଡାକ୍ତର କହିଛନ୍ତି ଗତକାଲି ରାତିରୁ ଅନେକ ରୋଗୀ ଆସିଛନ୍ତି ସମସ୍ତେ ଚିକିତ୍ସା ପାଉଛନ୍ତି, ଆଉ ଏ ଘଟଣା ରେ ଆମେ ଉପରିସ୍ଥ ଅଧିକାରୀ ଙ୍କୁ ଜଣାଇବା ବୁ ଆବଶ୍ୟକ ହେଲେ ପୁରୀ ସ୍ଥାନାନ୍ତର କରିବୁ ।

# ମଲ୍, ହସ୍ପିଟାଲ୍ ଓ ହୋଟେଲ୍‌ରେ ସ୍ଥିତି ଯାଞ୍ଚ କଲା ଅଗ୍ନିଶମ ବିଭାଗ



ଭୁବନେଶ୍ୱର୧୬/୦୯: ରାଜ୍ୟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ 'ସୁରକ୍ଷିତ ଓଡ଼ିଶା ବିକଶିତ ଓଡ଼ିଶା' ଅଭିଯାନ ଓଡ଼ିଶା ଅଗ୍ନିଶମ ବିଭାଗ ପକ୍ଷରୁ ଆରମ୍ଭ କରାଯାଇଛି। ପ୍ରଥମ ଦିନରେ ସିଏଫ୍‌ଓ ଦେବେନ୍ଦ୍ର କୁମାର ସ୍ୱାଇଁ(ଏସ୍ଏଜି)ଙ୍କ ନେତୃତ୍ୱରେ ଆଜି ଭୁବନେଶ୍ୱର ଅଗ୍ନିଶମ ବାହିନୀ ଏସପ୍ଲାନେଡ୍ ମଲ୍, ଆପୋଲୋ ହସ୍ପିଟାଲ୍ ଓ ଜିଞ୍ଜର୍ ହୋଟେଲ୍‌ରେ ଯାଞ୍ଚ କରିଥିଲା। ହଠାତ୍ ଅଗ୍ନିକାଣ୍ଡ ଲାଗିଲେ ଅଟୋମେଟିକ୍ ୱାଟର୍ ସ୍ପ୍ରିଙ୍କଲର୍‌ଠୁ ଆରମ୍ଭ କରି ଦିବ୍ୟାଙ୍ଗମାନଙ୍କ ପାଇଁ ଆଲାର୍ମ ବ୍ୟବସ୍ଥା, ଅଗ୍ନି ନିର୍ବାପକ ଯନ୍ତ୍ର, ସାଇନ୍ଏଜ୍, ୱାଟର୍ ଷ୍ଟୋରେଜ୍ ପ୍ରମୁଖ ଦିଗ ଉପରେ ନିରୀକ୍ଷଣ କରାଯାଇଥିଲା। ଏହା ସହ ଅଚଳ ଯନ୍ତ୍ରାଂଶକୁ ମରାମତି କରିବା ସହିତ ବିଭିନ୍ନ ତ୍ରୁଟି ବିଚ୍ୟୁତିକୁ ଚିହ୍ନଟ କରାଯାଇଛି। ସେଗୁଡ଼ିକୁ ସଜାଡ଼ିବା ପାଇଁ ଖୁବ୍‌ଶୀଘ୍ର ନୋଟିସ୍ ଜାରି କରାଯିବ ବୋଲି ଅଗ୍ନିଶମ ଅଧିକାରୀ ସୂଚନା ଦେଇଛନ୍ତି। ଆଜି ଦିନ ପ୍ରାୟ ୧୧ଟାରେ ସିଏଫ୍‌ଓଙ୍କ ନେତୃତ୍ୱରେ ୨ଟି ଫାୟାର୍ ଷ୍ଟେସନ୍‌ର ୧୫ଜଣିଆ ଟିମ୍ ପ୍ରଥମେ ଏସପ୍ଲାନେଡ୍ ମଲ୍‌ରେ ଯାଞ୍ଚ କରିଥିଲେ। ତଳ ମହଲାରୁ ଆରମ୍ଭ କରି ଅଧିକାରୀମାନେ ତୃତୀୟ ମହଲା ପର୍ଯ୍ୟନ୍ତ ଅଗ୍ନି ନିରାପତ୍ତା ସମୀକ୍ଷା କରିଥିଲେ। ଏହା ସହିତ୍ୱାଟର୍ ଷ୍ଟୋରେଜ୍ ଓ ସ୍ପ୍ରିଙ୍କଲର୍ ଆଦି ଅନୁଧ୍ୟାନ କରିଥିଲେ। ଅପରାହ୍ନ ପ୍ରାୟ ୩ଟା ବେଳକୁ ଗଜପତିନଗରରେ ଥିବା ଆପୋଲ ହସ୍ପିଟାଲରେ ଆଗ୍ନିକ ଟିମ୍ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଥିଲା। ହସ୍ପିଟାଲର ପ୍ରବେଶ ଓ ପ୍ରସ୍ଥାନ ପଏଣ୍ଟ୍ ବୁଲି ଦେଖିବା ସହିତ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଆଇସିୟୁ୍ୱାର୍ଡ ଓ ସେଠାରେ ଥିବା ଅଗ୍ନି ସୁରକ୍ଷା ବ୍ୟବସ୍ଥା ପରଖା ଯାଇଥିଲା। ପରେ ଜୟଦେବବିହାର ନିକଟସ୍ଥ ଜିଞ୍ଜର୍ ହୋଟେଲ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ୍ ହୋଇଥିଲା। ହୋଟେଲ୍ କର୍ମଚାରୀଙ୍କୁ ଅଗ୍ନିକାଣ୍ଡ ସମୟରେ ଭୟଭୀତ ନହୋଇ କିଭଳି ଲୋକଙ୍କୁ ସୁରକ୍ଷିତ ଭାବେ ବାହାର କରାଯିବ ଏବଂ ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବହାର ଆଦି ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ଯାଞ୍ଚ ପ୍ରକ୍ରିୟାରେ ସିଏଫ୍‌ଓଙ୍କ ସମେତ ଡେପୁଟି ଫାୟାର ଅଫିସର ନାରାୟଣ ଦାଶ, ଆସିଷ୍ଟାଣ୍ଟ ଫାୟାର୍ ଅଫିସର ଜିତେନ୍ଦ୍ର କୁମାର ଦାଶ, ଷ୍ଟେସନ୍ ଅଫିସର୍ ଗୋବିନ୍ଦ ଚନ୍ଦ୍ର ଜେନା ଓ ଜ୍ଞାନରଂଜନ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।

# ନାଲକୋ ଦାମନଯୋଡ଼ିରେ ୫୯ ତମ ଇଞ୍ଜିନିୟର୍ସ ଦିବସ ପାଳିତ

ଭୁବନେଶ୍ୱର ୧୬/୦୯: ଦି ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ), ସୁନାବେଡ଼ା ଲୋକାଲ୍ ସେଣ୍ଟର ପକ୍ଷରୁ ଦାମନଯୋଡ଼ି ଠାରେ ୫୯ ତମ ଇଞ୍ଜିନିୟର୍ସ ଦିବସ ଉତ୍ସାହ ଓ ଉଦ୍ଦୀପନା ର ସହ ପାଳିତ ହୋଇଯାଇଛି। ଭାରତର ବିଶିଷ୍ଟ ଇଞ୍ଜିନିୟର ତଥା ଭାରତ ରତ୍ନ ସାର୍ ମୋକ୍ଷଗୁଣ୍ଡମ ବିଶ୍ୱେଶ୍ୱରାୟ ଙ୍କ ୧୬୫ତମ ଜନ୍ମଜୟନ୍ତୀ ଅବସରରେ ଏହି ଦିବସ ପାଳନ କରାଯାଇଥିଲା। ଆଇ ଇ ଆଇ, ସ୍ଥାନୀୟ କେନ୍ଦ୍ର, ସୁନାବେଡ଼ା ର ଅଧ୍ୟକ୍ଷ ଇଂ. ସଞ୍ଜୟ କୁମାର ବିଷୋୟୀ ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନାଲକୋ ର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଇଂ. ଏ. କେ. ମିଶ୍ର, ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ସୁନାବେଡା ସ୍ଥିତ ହାଲ ର ଇଡି,ଇଂ. ଏସ୍. ଏ. କୋଠେ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ। ହାଲ ର



ମହାପ୍ରବନ୍ଧକ, ଇଂ.କେ. ଭଟ୍ଟାଚାର୍ଯ୍ୟ, ମହାପ୍ରବନ୍ଧକ, ଇଂ. ଏସ୍. କେ. ପଣ୍ଡା, ସିଜିଏମ୍ , ନାଲକୋ, ଇଂ. ପି. ମହନ୍ତ , ଇଂ. ଡି. କେ. ବାଗ୍, ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଚଳିତ ବର୍ଷର ଉତ୍ସବର ମୁଖ୍ୟ ବିଷୟବସ୍ତୁ ଥିଲା ।'ଏକ ସ୍ଥାୟୀ ଏବଂ ବୈଷୟିକ ଦୃଷ୍ଟିରୁ ସ୍ୱାଧୀନ ଭାରତ ପାଇଁ ଇଞ୍ଜିନିୟରିଂ କ୍ଷେତ୍ରରେ ଉତ୍କର୍ଷତା' କାର୍ଯ୍ୟକ୍ରମ ରେ ଇଞ୍ଜିନିୟରିଂ କ୍ଷେତ୍ରରେ ନବସୃଜନ, ଆଧୁନିକ ପ୍ରଯୁକ୍ତି, ସ୍ଥାୟୀ ବିକାଶ ଏବଂ ଭାରତର ପ୍ରଯୁକ୍ତିଗତ ସ୍ୱାବଲମ୍ବନ ଉପରେ ଆଲୋଚନା କରାଯାଇଥିଲା। ଦେଶର ଶିଳ୍ପ ଓ ସାମାଜିକ ବିକାଶରେ ଇଞ୍ଜିନିୟର ମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ବକ୍ତାମାନେ ମତବ୍ୟକ୍ତ କରିଥିଲେ ।ଏହି ଅବସରରେ ବହୁ ସଂଖ୍ୟକ ଇଞ୍ଜିନିୟର, ବୈଷୟିକ ବିଶେଷଜ୍ଞ, ଛାତ୍ରଛାତ୍ରୀ ଓ ବିଭିନ୍ନ ଅତିଥି ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଏହାର ସଫଳ ଆୟୋଜନରେ ସହଯୋଗ କରିଥିବା ନାଲକୋ କର୍ତ୍ତୃପକ୍ଷ , ଆଇ ଇ ଆଇ , ସୁନାବେଡ଼ା ଲୋକାଲ୍ ସେଣ୍ଟରର ସଦସ୍ୟ ବୃନ୍ଦ, ଇଞ୍ଜିନିୟର, ଛାତ୍ରଛାତ୍ରୀ ଓ ସମସ୍ତ ସହଯୋଗୀଙ୍କୁ ଆଇ ଇ ଆଇ ,ସୁନାବେଡ଼ା ଲୋକାଲ୍ ସେଣ୍ଟରର ସମ୍ପାଦକ ଇଂ. ମାନସ ରଞ୍ଜନ ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ।




# ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବନ୍ଦ ପାଇଁ ସଚେତନତା ଅଭିଯାନ

ପୁରୀ ୧୬/୦୯: ସିଙ୍ଗଲ୍ ବ୍ୟବହୃତ ପ୍ଲାଷ୍ଟିକ୍ ବନ୍ଦ ପାଇଁ ପୁରୀ ବେଳାଭୂମିରେ ଆଜି ଏକ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ମିଶନ ଲାଇଫ୍ ଅଧୀନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟକ, ଛାତ୍ରଛାତ୍ରୀ ଏବଂ ସାଧାରଣ ଲୋକଙ୍କୁ ଥରେ ବ୍ୟବହାର ହୋଇପାରୁଥିବା ପ୍ଲାଷ୍ଟିକ୍ ବିରୋଧରେ ସଚେତନ କରାଯାଇଥିଲା ।ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନ ସେଣ୍ଟର ଫ ଏନଭାଇର୍ଣ୍ଣମେଣ୍ଟ ଷ୍ଟଡିଜ୍‌ଏବଂ ଭାରତ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ ଏକ ସଚେତନତା ରଥ ପରିକ୍ରମା କରାଯାଇଥିଲା ।ସେହିପରି ପ୍ଲାଷ୍ଟିକ୍ ବଦଳରେ କପଡ଼ା ବ୍ୟାଗ ବ୍ୟବହାର କରିବା ଲାଗି ବେଳାଭୂମିରେ ଥିବା ଲୋକମାନଙ୍କୁ ସଚେତନ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ପ୍ରଶ୍ନୋତ୍ତର, ଚିତ୍ରାଙ୍କନ ଏବଂ ଅନ୍ୟାନ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ସମସ୍ତଙ୍କୁ ଏକକ ୟୁଜ୍ ପ୍ଲାଷ୍ଟିକ ବନ୍ଦ କରିବା ସହ ବିକଳ୍ପ ବ୍ୟାଗ୍ ବ୍ୟବହାର କରିବା, ପରିବେଶ ସଂରକ୍ଷଣ ଏବଂ ସ୍ୱଚ୍ଛତା ସମ୍ପର୍କରେ ସଚେତନ କରାଯାଇଥିଲା ।ପୁରୀ ସମେତ ବାରିପଦା, କେନ୍ଦ୍ରାପଡ଼ା ଓ କୋରାପୁଟରେ ମଧ୍ୟ ଏପରି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏଥିରେ ୨୫ଶହରୁ ଅଧିକ ଅଂଶଗ୍ରହଣକାରୀ ଭାଗ ନେଇଥିଲେ ।



ଅକ୍ଷର
AKHYARA ODISHA ଓଡ଼ିଶା

# ଶ୍ରୀ ଗଣେଶ ସ୍ପଞ୍ଜ ଆଇରନ କାରଖାନାରେ ଶ୍ରମିକ ଅଶାନ୍ତି

## କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିରହିଛନ୍ତି ଶ୍ରମିକ



କେନ୍ଦୁଝର:୧୬/୦୯(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ କୁଟୁଗାଁସ୍ଥିତ ଶ୍ରୀ ଗଣେଶ ସ୍ପଞ୍ଜ ଆଇରନ୍ କାରଖାନାରେ ଶ୍ରମିକ ଅଶାନ୍ତି ଦେଖାଦେଇଥିବା ଜାଣିବାକୁ ମିଳିଛି। ଶ୍ରମିକମାନଙ୍କ ବିଭିନ୍ନ ଦାବିକୁ ନେଇ ମଜଦୁର ସଂଘ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଥିବାରୁ ସଂଘର ସାଧାରଣ ସମ୍ପାଦକ ଲକ୍ଷ୍ମଣ ମହାକୁଡ଼ଙ୍କୁ କାରଖାନା ପକ୍ଷରୁ ଛଟେଇ କରାଯାଇଥିବା ଅଭିଯୋଗ ହୋଇଛି । ଏହାକୁ ବିରୋଧ କରି ଶ୍ରମିକମାନେ କାରଖାନାର ମୁଖ୍ୟ ଫାଟକ ସମ୍ମୁଖରେ ପ୍ରତିବାଦ ଓ ଆନ୍ଦୋଳନ କରିଥିବା ଜଣାପଡ଼ିଛି । ଶ୍ରମିକସଂଘ ପକ୍ଷରୁ ଚଳିତବର୍ଷ ପାଇଁ ୨୦ ପ୍ରତିଶତ ବୋନସ୍, ପ୍ରତ୍ୟେକ ଶ୍ରମିକଙ୍କୁ ୧୦ ହଜାର ଟଙ୍କା ଏକ୍ସ-ଗ୍ରାସିଆ ସହିତ ଅନ୍ୟାନ୍ୟ ଦାବି ଉପସ୍ଥାପନ କରାଯାଇଥିବା ସଙ୍ଘ ପକ୍ଷରୁ ସୂଚନା ମିଳିଛି। ଶ୍ରମିକଙ୍କ ବେତନ, ବୋନସ୍, ଆର୍ଥିକ ସୁବିଧା ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା ଓ ସମାଧାନ ଦାବିକରି ସଂଘପକ୍ଷରୁ କାରଖାନା ପରିଚାଳନା ନିକଟରେ ଦାବି ରଖାଯାଇଥିବା ଶ୍ରମିକମାନେ କହିଛନ୍ତି । ଏହି ଦାବିଗୁଡ଼ିକ ଉପସ୍ଥାପନ ପରେ ମଜଦୁର ସଂଘର ସାଧାରଣ ସମ୍ପାଦକ ଲକ୍ଷ୍ମଣ ମହାକୁଡ଼ଙ୍କୁ କାର୍ଯ୍ୟରୁ ଛଟେଇ କରାଯାଇଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି । ତାଙ୍କ ଛଟେଇକୁ ନେଇ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିବା ଏବଂ ଏହାର ପ୍ରତିବାଦରେ ସେମାନେ କାରଖାନା ସମ୍ମୁଖରେ ଏକତ୍ରିତ ହୋଇ ଆନ୍ଦୋଳନ କରିଥିବା ଦେଖୁବାକୁ ମିଳିଛି । ଶ୍ରମିକମାନଙ୍କ କହିବା ଅନୁଯାୟୀ, ଦାବିଗୁଡ଼ିକ ଉପରେ କାରଖାନା ପରିଚାଳନା ସହ ଆଲୋଚନା କରି ସମାଧାନର ବାଟ ବାହାର କରାଯିବା ସହ ଛଟେଇ ହୋଇଥିବା ଶ୍ରମିକ ନେତାଙ୍କୁ ପୁନର୍ବାର କାର୍ଯ୍ୟରେ ନିଆଯିବା ପାଇଁ ଦୃଢ଼ ଦାବି ରହିଛି । ଏହା ସହିତ ଶ୍ରମିକମାନଙ୍କ ଆର୍ଥିକ ଦାବି ଓ ଅନ୍ୟାନ୍ୟ ସମସ୍ୟା ଉପରେ ସ୍ପଷ୍ଟ ନିଷ୍ପତ୍ତି ଦାବି କରାଯାଇଛି । ଶ୍ରମିକ ଓ କାରଖାନା ପରିଚାଳନା ମଧ୍ୟରେ ଦେଖାଦେଇଥିବା ଏହି ଅସନ୍ତୋଷ ଆଲୋଚନା ମାଧ୍ୟମରେ କେବେ ସମାଧାନ ହେଉଛି ଏବଂ ଶ୍ରମିକମାନଙ୍କ ଦାବି ଉପରେ କାରଖାନା ପକ୍ଷରୁ କିଭଳି ପଦକ୍ଷେପ ନିଆଯାଉଛି ତାହା ଉପରେ ଏବେ ସମସ୍ତଙ୍କର ନଜର ରହିଛି।

# ନରଣପୁର ବ୍ରାହ୍ମଣ ସମାଜର ମହାନତା

କେନ୍ଦୁଝର:୧୬/୦୯(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ସହର ସନ୍ନିକଟ ନରଣପୁର ଅଞ୍ଚଳରେ ଅନେକ ଗୁଡ଼ିଏ ବ୍ରାହ୍ମଣ ପରିବାର ବାସ କରୁଥିବା ବେଳେ, ସେହି ବ୍ରାହ୍ମଣ ମାନଙ୍କୁ ନେଇ ଏକ ବ୍ରାହ୍ମଣ ସମାଜ ଗଢ଼ିଉଠିଛି। ସେହି ବ୍ରାହ୍ମଣ ସମାଜ ପକ୍ଷରୁ ଜଜମାନ ମାନଙ୍କୁ ବିଭିନ୍ନ ପୂଜାକର୍ମ, ବୈଦିକ



ପରାମର୍ଶ, ଏଂ ବିଭିନ୍ନ କର୍ମ କର୍ମାଣୀରେ ବ୍ରାହ୍ମଣ ଭୋଜନରେ ଯୋଗ ଦେଉଥିବା ବେଳେ, ସେଥିରୁ ମିଳୁଥିବା ବ୍ରାହ୍ମଣଦକ୍ଷିଣା ବ୍ୟତିରେକ ଶାସନମାନ୍ୟତା ବାବଦକୁ ମିଳୁଥିବା ଟଙ୍କାରୁ କିଛି ଟଙ୍କା କେନ୍ଦୁଝର ଜିଲ୍ଲା ବ୍ରାହ୍ମଣ ମହାସଭାକୁ ପ୍ରଦାନକରି ଗରୀବ ଅସହାୟ ବ୍ରାହ୍ମଣ ଶିଶୁମାନଙ୍କ ବ୍ରତପୋନୟନ କର୍ମରେ ସୁକ୍ଷ୍ମ ଅଂଶ ସ୍ୱରୂପ ଯୋଗଦାନ ପାଇଁ ନିବେଦନ କରିଥିଲେ। ପ୍ରାପ୍ତ ସୂଚନାନୁଯାୟୀ ଗତ ମଙ୍ଗଳବାର ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଖାଇ ଅବସରରେ ନରଣପୁର ବ୍ରାହ୍ମଣ ସମାଜ ପକ୍ଷରୁ ଆଚାର୍ଯ୍ୟ ରବୀନ୍ଦ୍ର ନାଥ ନନ୍ଦ, ଆଚାର୍ଯ୍ୟ ପ୍ରଫୁଲ୍ଲ ମହାପାତ୍ର, ଆଚାର୍ଯ୍ୟ ଜୟକୃଷ୍ଣ ମିଶ୍ର, ଆଚାର୍ଯ୍ୟ ନିଳମଣି ପଣ୍ଡା କେନ୍ଦୁଝର ଜିଲ୍ଲା ବ୍ରାହ୍ମଣ ମହାସଭା ବାମ୍ପାରସ୍ଥିତ କାର୍ଯ୍ୟାଳୟକୁ ଯାଇ ଏକ ବିଶେଷ କାର୍ଯ୍ୟକ୍ରମରେ ମହାସଭାର ବରିଷ୍ଠ ସଦସ୍ୟବୃନ୍ଦଙ୍କ ଉପସ୍ଥିତିରେ ଗରୀବ ଓ ଆସହାୟ ବ୍ରାହ୍ମଣ ଶିଶୁଙ୍କର ବ୍ରତୋପନୟନ ପାଇଁ ୧୦ ହଜାର ଟଙ୍କା ମହାସଭାର ସଭାପତି ଓ ସଂପାଦକଙ୍କୁ ପ୍ରଦାନ କରିଥିଲେ। ନରଣପୁର ବ୍ରାହ୍ମଣ ସମାଜର ଆଚାର୍ଯ୍ୟ ରବୀନ୍ଦ୍ର ନାଥ ନନ୍ଦ କହିଛନ୍ତି, ଜିଲ୍ଲା ଏବଂ ରାଜ୍ୟ ବ୍ରାହ୍ମଣ ମହାସଭା ଦ୍ୱାରା ବିଭିନ୍ନ ସମୟରେ ବ୍ରାହ୍ମଣ କଲ୍ୟାଣ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ମାନ ଆୟୋଜିତ ହେଉଅଛି। ବ୍ରାହ୍ମଣ କଲ୍ୟାଣ ପାଇଁ ଶାସନମାନ୍ୟତା ଅର୍ଥକୁ ପ୍ରଦାନ କଲୁ ବୋଲି ଆଚାର୍ଯ୍ୟ ଶ୍ରୀ ନନ୍ଦ କହିଛନ୍ତି। ସେହିଭଳି ଜିଲ୍ଲା ବ୍ରାହ୍ମଣ ମହାସଭା ପକ୍ଷରୁ ସଭାପତି, ସମ୍ପାଦକ, କର୍ମକର୍ତ୍ତା ଓ ସଦସ୍ୟବୃନ୍ଦ ନରଣପୁର ବ୍ରାହ୍ମଣ ସମାଜର ଏହି ମହତ ଉଦ୍ୟମକୁ ସାଧୁବାଦ ଜଣାଇଛନ୍ତି।

# ମୌଳିକ ସୁବିଧାରୁ ବଞ୍ଚିତ ରହି ଯମଯନ୍ତ୍ରଣା ଭୋଗୁଛନ୍ତି ଲୁଣି ସାହିର ବିସ୍ଥାପିତ ପରିବାର



ଚମ୍ପୁଆ:୧୬/୦୯: (ରାମକୃଷ୍ଣ ଜିତ ):-କେନ୍ଦୁଝର ଜିଲ୍ଲାର ବହୁ ପ୍ରତିକ୍ଷିତ କାନୁପୁର ବୃହତ୍ ଜଳସେଚନ ପ୍ରକଳ୍ପ ଯୋଗୁଁ ଚମକପୁର ଗ୍ରାମର ୪୦ରୁ ଊର୍ଦ୍ଧ୍ୱ ପରିବାର ପ୍ରଭାବିତ ହୋଇ ନାରଦପୁରସ୍ଥିତ ଲୁଣି ସାହିରେ ନିଜସ୍ୱ ଭାବେ ଘରଡ଼ିହ କ୍ରୟ କରି ବସବାସ କରୁଛନ୍ତି । ତେବେ ସାହିରେ ଦୀର୍ଘଦିନ ଧରି ବିଭିନ୍ନ ମୌଳିକ ସୁବିଧାର ଅଭାବ ରହିଥିବା ନେଇ ସାହିବାସୀ ମତ ପ୍ରକାଶ କରିଛନ୍ତି । ସାହିବାସୀଙ୍କ କହିବା ଅନୁଯାୟୀ, ପ୍ରକଳ୍ପ ଜରିଆରେ ନିର୍ମିତ ଓଭରହେଡ୍ ପାଣି ଟାଙ୍କି କାର୍ଯ୍ୟକ୍ଷମ ହୋଇନଥିବାରୁ ନିୟମିତ ଭାବେ ପାନୀୟ ଜଳ ଯୋଗାଣ ହେଉନାହିଁ । ସେହିପରି ଲୁଣି ସାହିରୁ ଗ୍ରାମ୍ୟ ମୁଖ୍ୟ ରାସ୍ତାକୁ ସ୍ଥାୟୀ ରାସ୍ତା ନଥିବାରୁ ବିଶେଷକରି ବର୍ଷାଦିନେ ଯାତାୟାତରେ ସମସ୍ୟା ହେଉଛି । ଏହା ଯୋଗୁଁ ଛାତ୍ରଛାତ୍ରୀ, ବୃଦ୍ଧ ଓ ରୋଗୀମାନେ ଅଧିକ ଅସୁବିଧାରେ ପଡୁଥିବା ସେମାନେ କହିଛନ୍ତି । ଏଥିସହ ସାହିରେ ଷ୍ଟ୍ରିଟ୍ ଲାଇଟ୍ ଓ ପର୍ଯ୍ୟାପ୍ତ ଶୌଚାଳୟ ବ୍ୟବସ୍ଥା ନଥିବାରୁ ରାତ୍ରିକାଳୀନ ଯାତାୟାତ ଏବଂ ସ୍ୱଚ୍ଛତା ସମ୍ବନ୍ଧୀୟ ସମସ୍ୟା ରହିଥିବା ଅଭିଯୋଗ ହୋଇଛି । ପ୍ରକଳ୍ପ ଯୋଗୁଁ ଭିଟାମାଟି ଛାଡ଼ି ନିଜସ୍ୱ ଖର୍ଚ୍ଚରେ ନୂତନ ସ୍ଥାନରେ ବସତି ସ୍ଥାପନ କରିଥିବା ପରିବାରଗୁଡ଼ିକର ମୌଳିକ ସମସ୍ୟା ପ୍ରତି ଦୃଷ୍ଟି ଦେଇ ଓଭରହେଡ୍ ପାଣି ଟାଙ୍କି କାର୍ଯ୍ୟକ୍ଷମ କରିବା ସହ ସ୍ଥାୟୀ ରାସ୍ତା, ଷ୍ଟ୍ରିଟ୍ ଲାଇଟ୍ ଓ ଶୌଚାଳୟ ବ୍ୟବସ୍ଥା କରିବାକୁ ଦାବି ଉଠିଛି ।

# ହରିଚନ୍ଦନପୁର ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶ୍ରୀଗଣେଶଙ୍କ ପୂଜା ଅନୁଷ୍ଠିତ



ହରିଚନ୍ଦନପୁର,୧୬/୯( ଶୂନ୍ୟରଞ୍ଜନ ଘଣା ): ବିଦ୍ୟା, ବୁଦ୍ଧି, ବିବେକ ଓ ଶୁଭାରମ୍ଭର ଅଧିଷ୍ଠାତା ଶ୍ରୀଗଣେଶଙ୍କ ପୂଜା ଅବସରରେ ହରିଚନ୍ଦନପୁର ବ୍ଲକ୍‌ର ବିଭିନ୍ନ ଶିକ୍ଷାନୁଷ୍ଠାନ ଆଧ୍ୟାତ୍ମିକ ଭାବାବେଗ ଓ ଉତ୍ସବମୁଖର ପରିବେଶରେ ପ୍ରକମ୍ପିତ ହୋଇଉଠିଥିଲା। ବିଶେଷକରି ଇଚ୍ଛାସରକାରୀ ଉଚ୍ଚ ବିଦ୍ୟାଳୟ ହରିଚନ୍ଦନପୁର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ହରିଚନ୍ଦନପୁର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରହରିଚନ୍ଦନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କାଦୁଅଡିହା, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବକ୍ସିବାରିଗାଁ,କଳାପାଟ ପରିସରରେ ଗଣେଶ ପୂଜା ମହାସମାରାହରେ ର ପାଳିତ ହୋଇଥିଲା । ପୂଜା ଅବସରରେ ପ୍ରସାଦ ବଣ୍ଟନ ସହିତ ସମସ୍ତଙ୍କ ମଧ୍ୟରେ ଭାଇଚାରା, ସହଯୋଗ ଓ ସଦ୍ଭାବର ମନଭାବ ପ୍ରକାଶ ପାଇଥିଲା। ବିଦ୍ୟାଳୟର ଏପରି ସାଂସ୍କୃତିକ ଆୟାଜନ ଛାତ୍ରଛାତ୍ରୀଙ୍କ ମନରେ ନିଜ ସଂସ୍କୃତି ଓ ପରମ୍ପରା ପ୍ରତି ତି ସମ୍ମାନବାଧ ସୃଷ୍ଟି କରିବା ସହିତ ସେମାନଙ୍କ ସାମାଜିକ ଓ ସୃଜନଶୀଳ ବିକାଶରେ ମଧ୍ୟ ସହାୟକ ହୋଇଥାଏ।

# ହୋ ଭାଷାକୁ ଦ୍ୱିତୀୟ ରାଜଭାଷାରେ ସାମିଲ କରିବାକୁ ବିଧାୟକଙ୍କ ଦାବିପତ୍ର



କେନ୍ଦୁଝର ୧୬/୦୯(ଅକ୍ଷର ଓଡ଼ିଶା) : ପାଟଣା ବ୍ଲକ ବିର୍ସା ମୁଣ୍ଡା ହୋ ସମାଜ ମାର୍ଶାଲ ଆକଳା କମିଟି ପକ୍ଷ ରୁ ସଭାପତି ସୁଦର୍ଶନ ମୁଣ୍ଡା ଙ୍କ ନେତୃତ୍ୱ ରେ ସମ୍ବିଧାନ ର ଅଷ୍ଟମ ଅନୁ ଉଚ୍ଛେଦ ରେ ସାମିଲ୍ କରିବା ସହ ଦ୍ୱିତୀୟ ରାଜଭାଷା ଭାବେ ମାନ୍ୟତା ଦାବି ନେଇ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଙ୍କୁ ଏକ ଲିଖିତ ସ୍ମାରକ ଦାବି ପତ୍ର ପ୍ରଦାନ କରି ଛନ୍ତି। ଏହା ସହିତ ହୋ ଭାଷା କୁ ଆସନ୍ତା ବିଧାନ ସଭା ଅଧିବେଶନ କିପରି ସ୍ୱୀକୃତୀ ମିଳିବ ତା ସହିତ ଗୃହ ରେ କେନ୍ଦ୍ର ସରକାର ଙ୍କ ନିକଟରେ ସୁପାରିଶ କରିବାକୁ ବିଧାୟକଅଖିଳ ଚନ୍ଦ୍ର ନାଏକ ଙ୍କୁ ଅନୁରୋଧ କରିଛନ୍ତି। ଏହି ଅବସରରେ ପାଟଣା ବ୍ଲକ ଉପଦୋଷ୍ଟା ଅଭିରାମ ମୁଣ୍ଡା, ବିଜୁ ମୁଣ୍ଡା, ଉପସଭାପତି ସୁବାଶ ମୁଣ୍ଡା, ସଂପାଦକ ମହାନ୍ତି ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ସଡ଼କ ଦୁର୍ଘଟଣାରେ ମହିଳା ମୃତ



କେନ୍ଦୁଝର ୧୬/୦୯(ଅକ୍ଷର ଓଡ଼ିଶା)- କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅଧୀସ୍ଥ ସାହାରପଡା ଫାଣ୍ଡି ଅନ୍ତର୍ଗତ ମାଟିଆଗୁନି ଗ୍ରାମ ନିକଟରେ ଭୟାବହ ସଡ଼କ ଦୁର୍ଘଟଣା ଘଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ମହିଳା ଜଣକ ମାଟିଆଗୁନି ଗ୍ରାମର ଦୁନାଇ ମୁଣ୍ଡା ୫୬ବର୍ଷ ବୋଲି ଜଣାପଡି ଛି। ସୂଚନା ରୁ ପ୍ରକାଶ ଏକ ସ୍କୋଡା କାର ସାହାରପଡା ପଟୁ ବାରତଣିଆଁ ଅଭିମୁଖେ ଯାଉଥିବା ସମୟରେ ମାଟିଆଗୁନି ଟ୍ରନିଗ୍ ନିକଟରେ କାର ଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ବସିଥିବା ଦୁନାଇ ମୁଣ୍ଡାଙ୍କୁ କାରଟି ଧକ୍କା ଦେଇ ଥିଲା। ଫଳ ରେ ଦୁନାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ସିମେଣ୍ଟ ପିଲ୍ଲର ରେ ଧକ୍କା ହୋଇ ବିଲ ମଧ୍ୟକୁ ଓଲଟି ପଡ଼ିଥିଲା । ଦୁର୍ଘଟଣା ରେ କାର ଟି ମଧ୍ୟ ବିଲ୍ ମଧ୍ୟରେ ଓଲଟି ପଡିଥିଲା । କାର ଭିତରେ ଥିବା ୩ଜଣ ସୁରକ୍ଷିତ ଥିବା ଜଣାପଡ଼ି ଛି। କାର ଧୋକ୍କା ରେ ଗୁରୁତର ଆହତ ଦୁନାଇ ମୁଣ୍ଡା ଙ୍କୁ ସାହାରପଡା ଅଗ୍ନିଶମ ବିଭାଗର ଘଟଣାସ୍ଥ ରୁ ଉଦ୍ଧାର କରି କରଞ୍ଜିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିବା ବେଳେକୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଣା ପଡ଼ି ଛି। ଖବର ପାଇ ପାଟଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ସ୍କୋଡା କାର ଟିକୁ ଜବତ କରିବା ସହିତ କରଞ୍ଜିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ଶବ ବ୍ୟବଚ୍ଛେଦ କରିବା ପରେ ମୃତଦେହ ପରିବାର ବର୍ଗ ଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

# ସାଇସ୍ କମ୍ପୁଟରରେ ଗଣେଶ ପୂଜା ପାଳନ

ହାଟଡିହି: ୧୬/୯ (ଅମୀୟ ବରାଳ) - ହାଟଡିହି ବ୍ଲକ ଛେନାପଦିଠାରେ ଥିବା ସାଇସ୍ କମ୍ପୁଟରରେ ଶିକ୍ଷା ଅନୁଷ୍ଠାନରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଗଣେଶ ପୂଜା ପାଳନ ବଡ଼ ଉତ୍ସାହର ସହ ପାଳନ କରାଯାଇଛି। ଏନେଇ କମ୍ପୁଟର ଛାତ୍ର ଛାତ୍ରୀ ମାନେ ଶିକ୍ଷା କେନ୍ଦ୍ରକୁ ବିଭିନ୍ନ ତୋରଣ ଓ ରଙ୍ଗୀନ ଆଲୋକ ମାଳାରେ ସୁସଜ୍ଜିତ କରିଥିବା ବେଳେ, ପ୍ରିତମ କୁମାର ନାୟକ ନିକଟସ୍ଥ ଅଣା କେନାଲରୁ ଘଟଜଳ ଆଣି ସିଦ୍ଧି ବିନାୟକ ପ୍ରଭୁ ଗଣେଶ ମୂର୍ତ୍ତିଙ୍କ ନିକଟରେ ସ୍ଥାପନା କରିଥିଲେ। ପଣ୍ଡିତ ପୁରସ୍ତମ ଦେବତାଙ୍କ ମନ୍ତ୍ର ଧ୍ୱନିରେ ସମଗ୍ର ଅଳରେ ଏକ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା ବେଳେ , ଛାତ୍ର ଛାତ୍ରୀମାନଙ୍କ ସହିତ ପ୍ରିୟ ଶିକ୍ଷକ ରୂପ ନାରାୟଣ ଦାସ ପୁଷ୍ପାଞ୍ଜଳୀ ପ୍ରଦାନ କରି ଶିକ୍ଷା ଅନୁଷ୍ଠାନର ଅନୁଉନ୍ନତି ପାଇଁ ଆଶିର୍ବାଦ ଭିକ୍ଷା କରିଥିଲେ। ଏଥିରେ ପୂର୍ଣ୍ଣ ସହକାରେ ହିମାଂଶୁ ଶେଖର ନାୟକ, ଜିତେନ୍ଦ୍ର କୁମାର, ସ୍ୱର୍ଣ୍ଣ ପ୍ରଭା ବେହେରା,ସମସ୍ତ କାର୍ଯ୍ୟ କ୍ରମ ପରିଚାଳନା କରିଥିଲେ।

# ଗୋରୁ ଗାଡି ଭାବି ଲଙ୍କା ବୋଝେଇ ଟ୍ରକକୁ ଅଟକ ରଖି ହଟହଟା

ହାଟଡିହି: ୧୬/୯ (ଅମୀୟ ବରାଳ)- ହାଟଡିହି ତହସିଲ ଛକ ଗଣେଶ ପୂଜା ପାଇଁଆୟୋଜକ ମାନଙ୍କ ମଧ୍ୟରୁ କେତେକ ଯୁବଗୋଷ୍ଠୀ ରାସ୍ତାରେ ଯାଉଥିବା ଏକ ଲଙ୍କା ବୋଝେଇ ଟ୍ରକକୁ ଗୋରୁଗାଡି ଭାବି ଅଟକ ରଖି ଥାନାକୁ ଜଣାଇ ପରେ ହଟହଟା ହେବାକୁ ପଡ଼ିଥିଲା। ଖବରୁ ଜଣାପଡିଛି ଯେ ଜିପିଏସ୍ ରେ ଭୁଲ୍ ରାସ୍ତାର ମାର୍ଗ ଦର୍ଶାଇ ଥିବାରୁ ଆନନ୍ଦପୁର୍ ରୁ ଭଦ୍ରକ ଦେଇ କଲିକତା ଯିବାକୁ ରାସ୍ତା ଦେଖା ଥିଲା। ଫଳରେ ଏକ ଲଙ୍କା ବୋଝେଇ ଟ୍ରକ ନାସିକ୍ ରୁ ଲଙ୍କା ନେଇ କଲିକତା ଯାଉଥିବା ବେଳେ ହାଟଡିହି ତହସିଲ ଅଞ୍ଚଳର ଉନ୍ମାଦ ଯୁବକ ମାନେ ଗୋରୁ ଗାଡ଼ି ଯାଉଛି ବୋଲି ସନ୍ଦେହ କରି, ପୁରା ଟ୍ରକ୍ କୁ ତଲାସୀ କରିବା କୁ ଡ୍ରାଇଭରକୁ କହିଥିଲେ।ଏହାକୁ ନେଇ ହାଟଡିହି ତହସିଲ ଛକ ନିକଟ ରେ ପ୍ରବଳ ପାଟିତୁଣ୍ଡ ସାଙ୍ଗକୁ ଅଧିକ ଗହଳି ଦେଖିବାକୁ ମିଳିଥିଲା। ଖବର ପାଇ ନନ୍ଦିପଦା ପୋଲିସ ପହଞ୍ଚି ରାସ୍ତା ରୁ ଗହଳି ହଟାଇ ଗାଡ଼ି ଟିକୁ ମରେଇଗାଁ ପଡ଼ିଆ କୁ ନେଇ ଆସିବା ପରେ ସେଠାରେ ସମ୍ପୂର୍ଣ୍ଣ ତଲାସୀ ପୋଲିସ ଉନ୍ମାଦ ଯୁବକଙ୍କ ଉପସ୍ଥିତିରେ । ଟ୍ରକରେ ସମ୍ପୂର୍ଣ୍ଣ ଭାବେ ଲଙ୍କା ବୋଝେଇ ହେଇଥିବା ଦେଖିବାକୁ ମିଳିଥିଲା।ଏହି ଘଟଣା ରେ ଗାଡ଼ିର ଡ୍ରାଇଭର ହେଲ୍ପର ଅଟକାଇ ଥିବା କିଛି ଯୁବକ ମାନଙ୍କ ନାମ ରେ ଅଭିଯୋଗ କରିଥିବା ନନ୍ଦିପଦା ପୋଲିସ କହିଛି।

### ମୁକୁଳା ଗାତରେ ପଡି ଶିଶୁ ମୃତ୍ୟୁ ଘଟଣା

# ମେଗା ପାନୀୟଜଳ ଠିକା ସଂସ୍ଥାର ଅବହେଳା ଅଭିଯୋଗ



ହାଟଡିହି: ୧୬/୯ (ଅମୀୟ ବରାଳ) - ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟରେ ଖୋଳାଯାଇଥିବା ଗାତରେ ପଡି ଜଣେ ଦୁଇ ବର୍ଷର ନିଷ୍ପାପ ଶିଶୁ ମୃତ୍ୟୁ ଘଟଣାର ମାନବାଧିକାର ଆୟୋଗଙ୍କ ତଦନ୍ତ,କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ହାଟଡ଼ିହି ବ୍ଲକ ଅନ୍ତର୍ଗତ ଝଣଝଣା କଲୋନୀ ସାହିରେ ଘଟିଥିବା ଏହି ଦୁଃଖଦ ଘଟଣାକୁ ନେଇ ଏବେ ଜାତୀୟ ମାନବାଧିକାର ଆୟୋଗ ରେ ଅଭିଯୋଗ ଦାଖଲ ହୋଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ତଥା ମାନବାଧିକାର କର୍ମୀ ପ୍ରିୟବ୍ରତ ବିଶ୍ୱାଳ ଏହି ଅଭିଯୋଗ ଦାଖଲ କରିଛନ୍ତି, ଯାହାର ।ଅଭିଯୋଗ ଅନୁଯାୟୀ, ଗତ ମେ ୨୪ ତାରିଖ ଅପରାହ୍ନରେ ଝଣଝଣା କଲୋନୀ ସାହିର ନିଜ ଘର ପାଖରେ ଖେଳୁଥିବା ସମୟରେ ଅନିଲ ଖଣ୍ଡେଇ ନାମକ ଦୁଇ ବର୍ଷର ଶିଶୁ ଏକ ଗଭୀର, ପାଣିଭର୍ତ୍ତି ଖୋଲା ଗାତରେ ଖସିପଡ଼ିଥିଲେ। ପାଇପଲାଇନର ମରାମତି ପାଇଁ ଠିକା ସଂସ୍ଥା ପକ୍ଷରୁ ଗାତଟି ଖୋଳାଯାଇଥିବା ଅଭିଯୋଗ ହୋଇଛି। ଶିଶୁଟି ନିଖୋଜ ହେବା ପରେ ପରିବାର ଓ ଗ୍ରାମବାସୀ ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ। ଶେଷରେ ସନ୍ଧ୍ୟାରେ ଗାତ ଭିତରୁ ଶିଶୁର ମୃତଦେହ ଉଦ୍ଧାର ହୋଇଥିଲା। ପରେ ମୃତଦେହକୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା।ସୂଚନା ଅନୁଯାଇ ପାଇପ୍ ଲାଇନରେ ଲିକେଜ୍ ସମସ୍ୟାକୁ ନେଇ ପ୍ରାୟ ୫ ବର୍ଷ ତଳେ ଗ୍ରାମ ରାସ୍ତା ମଝିରେ ଗଭୀର ଗାତ ଖୋଳା ଯାଇଥିଲା। ହେଲେ ଦୀର୍ଘ ବର୍ଷ ବିତିଥିଲେ ମଧ ଏହାକୁ ପୋତା ଯାଇନଥିଲା କିମ୍ବା ଲୋକଙ୍କ ସୁରକ୍ଷା ପାଇଁ ଆବଶ୍ୟକ ବ୍ୟାରିକେଡ୍ କରାଯାଇନଥିଲା। ଏହାକୁ ନେଇ ଗ୍ରାମବାସୀ ବାରମ୍ବାର ଜଣାଇଥିଲେ ମଧ ଠିକା ସଂସ୍ଥା ଖୋଳିଥିବା ଗଭୀର ଗାତକୁ ପୋତି ନଥିଲା ।ଘଟଣାକୁ ଗୁରୁତର ଭାବେ ମାନବାଧିକାର ଉଲଂଘନ ଦର୍ଶାଇ ଶ୍ରୀ ବିଶ୍ୱାଳ କମିଶନଙ୍କ ନିକଟରେ ମୃତ ଶିଶୁର ପରିବାରକୁ ୪୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଦାବି ଦାବି କରିଛନ୍ତି ।ଏଥି ସହ ଉକ୍ତ ଘଟଣା ପାଇଁ ଦାୟୀ ବିଭାଗୀୟ ଅଧିକାରୀ ଓ ସମ୍ପୃକ୍ତ ଠିକା ସଂସ୍ଥା ବିରୋଧରେ ଉପଯୁକ୍ତ ଅପରାଧିକ ମାମଲା ରୁଜୁ, ତଦନ୍ତ ର କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ଏବଂ ଦାୟୀ ଠିକା ସଂସ୍ଥାକୁ କଳା ତାଲିକା ଭୁକ୍ତ କରିବା ପାଇଁ ମଧ ଜାତୀୟ ମାନବଧିକାର କମିଶନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି । ଢେଙ୍କା ଠାରେ ମେଗା ପାନୀୟଜଳ ପ୍ରକଳ୍ପ ଅଧୀନରେ ଥିବା ସମସ୍ତ ବିପଜ୍ଜନକ ଖୋଲା ଗାତକୁ ତୁରନ୍ତ ପୋତିବା ଓ ସୁରକ୍ଷିତ ରଖିବାକୁ ମଧ ଦାବି ହୋଇଛି ।ଏହି ଘଟଣା ସରକାରୀ ପ୍ରକଳ୍ପରେ ସୁରକ୍ଷା ବ୍ୟବସ୍ଥା, ଠିକା ସଂସ୍ଥାର ଦାୟିତ୍ୱ ଏବଂ ସରକାରୀ ନିରୀକ୍ଷଣ ନେଇ ପୁଣିଥରେ ପ୍ରଶ୍ନ ଉଠାଇଛି। ଏନେଇ ଅଭିଯୋଗ ଆଧାରରେ ବିଭାଗୀୟ କମିଶନ ଙ୍କ ପରବର୍ତ୍ତୀ ପଦକ୍ଷେପକୁ ଅପେକ୍ଷା କରାଯାଇଛି।

# ସରକାରୀ ସହାୟତା ଅପେକ୍ଷାରେ ପାରାଲିସ ରୋଗୀ କୋଇଲି ଜୁଆଙ୍ଗ



ହରିଚନ୍ଦନପୁର ୧୬/୯ (ଶୂନ୍ୟରଞ୍ଜନ ଘଣା ):ସରକାରୀ ସହାୟତାକୁ ଚାତକ ଭଳି ଅନାଇ ବସିଛନ୍ତି । ପାରାଲିସ ରୋଗୀ କୋଇଲି ଜୁଆଙ୍ଗ ଓ କୋଇଲି କୁ ମିଳୁ ନାହିଁ ଭତ୍ତା କି ପ୍ରଧାନମନ୍ତ୍ରୀ ଆବାସ ଗୃହ, ଦୁଃଖ ଭିତରେ ଗତି କରୁଥିବା ପରିବାର ସହ ଆଲୋଚନା କରିଛନ୍ତି । ଓଡିଶା ସେ ସେନାର ଜଣେ କର୍ମୀ ଓ ସୂଚନା ଥାଉକି କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ପିଠାଗୋଳା ପଞ୍ଚାୟତ ଧୀନ ଖରବା ଗାଁର କୋଇଲି ଜୁଆଙ୍ଗ ଅନେକ ବର୍ଷ ରୁ ପରାଲିସ ରୋଗରେ ଆକ୍ରାନ୍ତ ହୋଇ ଘରେ ପଡି ରହିଛନ୍ତି । ୬୩ ବର୍ଷୀୟ କୋଇଲି ଜୁଆଙ୍ଗ ପରିବାର କହିଲେ ତାଙ୍କ ସ୍ୱାମୀ ଓ ସ୍ତ୍ରୀ ଦୁହେଁ କୋଇଲି କୁ ପାରାଲିସ ରୋଗ ଆକ୍ରମଣ ହେବା ପରେ ସ୍ୱାମୀ ମଜୁରୀ କରିବାକୁ ବାହାରକୁ ଯାଇ ପାରୁନାହିଁ ଫଳରେ ଦୈନ ଦିନ ଆବଶ୍ୟକ ଗୁଜୁରାଣ ମେଣ୍ଟାଇବା କଷ୍ଟ ହେଉଛି ଓ ଅନ୍ୟ ପକ୍ଷରେ ରହିବା ଲାଗି ବାସ ଗୃହ ମଧ୍ୟ ନାହିଁ ଓ ସରକାରଙ୍କ ତରଫରୁ ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଜନାରେ ଘର ଖଣ୍ଡେ ପାଇଥିଲେ ସୁଧା ଘରଟି ଛାତ ଲେବୁଲ ହୋଇଥିଲେ ମଧ୍ୟ ଛାତ ବିଲ ଅଭାବରୁ ଛାତ ପଡିପାରୁ ପାରୁ ନାହିଁ କ୍ଷ ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ କୋଇଲି ଜୁଆଙ୍ଗ ଅସମ୍ପୂର୍ଣ ଘରକୁ ସମ୍ପୂର୍ଣ କରିବା ଲାଗି ବିଲ ପ୍ରଦାନ କରିବା ସଙ୍ଗେ ଦିବ୍ୟାଙ୍ଗ ଭତ୍ତା ପ୍ରଦାନ କରିବାକୁ ସମାଜ ସେବୀ ତଥା ଓଡିଶା ସେନାର ଜଣେ ଆଗ ଧାଡିର କର୍ମୀ ଭୂପତି ସା ସାହୁ ( ଟୁଟୁ ) ଦାବୀ କରିଛନ୍ତି ।

# ହାତୀ ଆକ୍ରମଣରେ ଯୁବକ ଆହତ



ଚମ୍ପୁଆ:୧୬/୯(ରାମକୃଷ୍ଣ ଜିତ):- ହାତୀ ଦେଖିବାକୁ ଯାଇ ହାତୀ ଆକ୍ରମଣରେ ଜଣେ ଆହତ। ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନ ବରପଦା ଜଙ୍ଗଲ ରେ ହାତୀ ଦେଖିବାକୁ ଯାଇ ହାତୀ ଆକ୍ରମଣରେ ଜଣେ ଆହତ ହୋଇଛନ୍ତି। ଆହତ ତୁରୁମୁଙ୍ଗା ଥାନା ଅନ୍ତର୍ଗତ ଗିଧିବାସ ଗାଁ ର ଅରୁଣ ମହାନ୍ତ। ଆଜି ସାଙ୍ଗ ମାନଙ୍କ ସହିତ ହାତୀ ଦେଖିବାକୁ ଆସିଥିଲେ। ୨୫ ଟିକିଆ ହାତୀପଲ ବରପଦା ଜଙ୍ଗଲ ରେ ଥିବା ବେଳେ ଅରୁଣ ସାଙ୍ଗ ମାନଙ୍କ ସହିତ ହାତୀ ଦେଖିବାକୁ ଆସି ହାତୀ ହାବୁଡରେ ପଡିଯାଇଥିଲେ। ହାତୀ ଆକ୍ରମଣ କରିବାରୁ ସେ ଆହତ ହୋଇଛନ୍ତି। ୨୫ ଟିକିଆ ହାତୀପଲ ଆଜି ଚମ୍ପୁଆ ସେକ୍ସନ ରୁ ଯାଇ ଉଖୁଣ୍ଡା ସେକ୍ସନ ର ବରପଦା ଜଙ୍ଗଲ ରେ ଥିବା ବେଳେ ଏହି ଘଟଣା ଘଟିଛି। ବନ କର୍ମଚାରୀ ଆହତ କୁ ଉଦ୍ଧାର କରି ଭଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି। ତେବେ ହାତୀ ଦେଖିବାକୁ ଆସି ହାତୀ ସହିତ ଲାଗିବା କାରଣରୁ ଏପରି ଘଟଣା ବୃଦ୍ଧି ପାଉଛି। ବନ ବିଭାଗ ବାରମ୍ବାର ଲୋକ ଙ୍କୁ ହାତୀ ପାଖକୁ ନ ଯିବାକୁ ସଚେତନତା ସତ୍ତ୍ୱେ କିଛି ଅମାନିଆ ଏହାକୁ ମାନୁ ନଥିବାରୁ ଏପରି ଘଟଣା ବୃଦ୍ଧି ପାଉଛି।

# ଥାଇଲ୍ୟାଣ୍ଡ କଣ୍ଟା କୋଳି ବୃକ୍ଷରୋପଣରେ ଲକ୍ଷାଧିକ ଟଙ୍କା ହେରଫେର ଅଭିଯୋଗ



ହରିଚନ୍ଦନପୁର, ୧୬/୯ (ଶୂନ୍ୟରଞ୍ଜନ ଘଣା): ଗରିବ ଦିନମଜୁରିଆ ଲୋକଙ୍କୁ ସ୍ୱାବଲମ୍ବୀ କରିବା ସହ ସେମାନଙ୍କୁ ବର୍ଷକୁ ୧୦୦ ଦିନର କାମ ଯୋଗାଇଦେବା ଲକ୍ଷ୍ୟରେ ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତେବେ ତୃଣମୂଳ ସ୍ତରରେ କେତେକ ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଯୋଜନାର ଉଦ୍ଦେଶ୍ୟ ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି ।ଏହାର ପ୍ରଭାବରେ ଅନେକ ଲୋକ ସ୍ଥାନୀୟ ଅଞ୍ଚଳରେ ପର୍ଯ୍ୟାପ୍ତ କାମ ନପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ଅଭିଯୋଗ ରହିଛି। କେତେକ ଯୁବକ-ଯୁବତୀ ଦାଦନ ଯିବା ପରେ ପ୍ରାଣ ହରାଇଥିବା ବେଳେ ଆଉ କେତେକ ନିଖୋଜ ଥିବା ମଧ ଅଭିଯୋଗ ହୋଇଛି ।ଏଭଳି ଏକ ଅଭିଯୋଗ କେନ୍ଦୁଝର ଜିଲ୍ଲାର ଘଟଗାଁ ବ୍ଲକ ଅଞ୍ଚଳରୁ ସାମ୍ନାକୁ ଆସିଛି। ଡିଏମଏଫ୍ ପାଣ୍ଠିରୁ ୨୦୨୪-୨୫ ଆର୍ଥିକ ବର୍ଷରେ ପଣ୍ଡାପଡା, କମାରଗୋଡା, ଗୋଇଟାଙ୍ଗିରି, ସାରୁପାଟ ଓ ଅସନବାହାଳୀ ସୀମା ମଧ୍ୟରେ ଥାଇଲ୍ୟାଣ୍ଡ କଣ୍ଟା କୋଳି ବୃକ୍ଷରୋପଣ କରାଯାଇଥିବା ଦର୍ଶାଯାଇଛି। ଏହି ସ୍ଥାନରେ ବଇତାଳୁ ଚାଷ ମଧ କରାଯାଇଥିବା ଜଣାପଡିଛି ।ତେବେ ଦୁଃଖ ଓ ପରିତାପର ବିଷୟ, ବୃକ୍ଷରୋପଣ କାର୍ଯ୍ୟ ହେବାର ଏକ ବର୍ଷରୁ ଅଧିକ ସମୟ ବିତିଥିଲେ ମଧ ଉକ୍ତ ସ୍ଥାନରେ ଗୋଟିଏ ମଧ ଗଛ ଦେଖିବାକୁ ମିଳୁନଥିବା ଅଭିଯୋଗ ହୋଇଛି। ଚାରିପାଖରେ ସିମେଣ୍ଟ ପୋଲ ପୋତାଯାଇଥିଲେ ମଧ ସମ୍ପୂର୍ଣ୍ଣ ବାଡ଼ ନିର୍ମାଣ ହୋଇନାହିଁ। ଏପରିକି ଗଛଗୁଡ଼ିକର ସୁରକ୍ଷା ପାଇଁ ଜଗୁଆଳି ବ୍ୟବସ୍ଥା ମଧ କରାଯାଇନଥିବା ଅଭିଯୋଗ ରହିଛି ।ଏହି ବୃକ୍ଷରୋପଣ କାର୍ଯ୍ୟରେ କେତେ ଟଙ୍କା ଖର୍ଚ୍ଚ ହୋଇଛି, କେତେ ଚାରା ରୋପଣ କରାଯାଇଥିଲା ଏବଂ ବର୍ତ୍ତମାନ ସେଗୁଡ଼ିକର ସ୍ଥିତି କ'ଣ, ତାହାର ତଦନ୍ତ କରାଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏଥିସହ ଯୋଜନାରେ ଅନିୟମିତତା ହୋଇଥିଲେ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି।

# ବିଦ୍ୟୁତ ସର୍ଟ ସର୍କିଟ୍ ଯୋଗୁଁ ରାୟଗଡ଼ ବ୍ଲକ୍ ପରିସରରେ ଅଗ୍ନିକାଣ୍ଡ
# ଗ୍ରାମୀଣ ଗୃହ ନିର୍ମାଣ ବିଭାଗ କାର୍ଯ୍ୟାଳୟ ପୋଡ଼ି ଛାରଖାର

ପାରଳାଖେମୁଣ୍ଡି, ୧୬/୯(ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ୍ ପରିସରରେ ଥିବା ଗ୍ରାମୀଣ ଗୃହ ନିର୍ମାଣ ବିଭାଗ କାର୍ଯ୍ୟାଳୟରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଯାଇଛି। ବିଦ୍ୟୁତ ସର୍ଟ ସର୍କିଟ୍ ଯୋଗୁଁ ଏହି ନିଆଁ ଲାଗିଥିବା ପ୍ରାଥମିକ ସୂଚନାରୁ ଜଣାପଡ଼ିଛି।



ଅଗ୍ନିକାଣ୍ଡ ଫଳରେ କାର୍ଯ୍ୟାଳୟରେ ଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ସରକାରୀ ଆସବାବପତ୍ର ଓ ଦସ୍ତାବିଜ୍ ପୋଡ଼ି ନଷ୍ଟ ହୋଇଯାଇଥିବା ଆଶଙ୍କା କରାଯାଉଛି।ସୂଚନା ଅନୁଯାୟୀ, ଆଜି କାର୍ଯ୍ୟାଳୟ ମଧ୍ୟରୁ ହଠାତ୍ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ଅଳ୍ପ ସମୟ ମଧ୍ୟରେ ନିଆଁ ଚାରିଆଡ଼େ ବ୍ୟାପି ଯାଇଥିଲା। ସ୍ଥାନୀୟ ଲୋକେ ଓ ପ୍ରଶାସନିକ ଅଧିକାରୀ ସଙ୍ଗେ ସଙ୍ଗେ ଏ ସମ୍ପର୍କରେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଗାଡ଼ି ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ କରିଥିଲା।ଅଗ୍ନିଶମ କର୍ମଚାରୀଙ୍କ ବହୁ ପରିଶ୍ରମ ପରେ ନିଆଁ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିଥିବା ବେଳେ ଏକ ବଡ଼ ଧରଣର ବିପତ୍ତି ଟଳିଯାଇଛି। ତେବେ ଏହି ଅଗ୍ନିକାଣ୍ଡରେ କେତେ ପରିମାଣର ଆର୍ଥିକ କ୍ଷୟକ୍ଷତି ହୋଇଛି ଏବଂ କେଉଁ ସବୁ ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ନଷ୍ଟ ହୋଇଛି, ସେ ନେଇ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ସଠିକ୍ ଆକଳନ କରାଯାଉଛି। ଘଟଣାସ୍ଥଳରେ ପୋଲିସ ଏବଂ ଅଗ୍ନିଶମ ବିଭାଗ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

# ବଡ଼ମ୍ବା ମାଟିର ସନ୍ତାନ ବୈକୁଣ୍ଠନାଥଙ୍କ ପୁଣ୍ୟ ଜନ୍ମତିଥିରେ ଯୋଗଦେଲେ ବିଧାୟକ

ଆଠଗଡ଼, ୧୬/୯(ଅକ୍ଷର ଓଡ଼ିଶା)ବଡ଼ମ୍ବା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ବୈକୁଣ୍ଠ ଭବନରେ ସ୍ୱର୍ଗତ ବୈକୁଣ୍ଠନାଥ ପଟ୍ଟନାୟକଙ୍କ ପୁଣ୍ୟ ତିଥିରେ ଯୋଗଦାନ କରିଥିଲେ ବିଧାୟକ ବିଜୟ କୁମାର ଦଳବେହେରା।ଏହି ଅବସରରେ ବିଧାୟକଙ୍କ ସହିତ ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଭୂଦତ୍ତ ପଟ୍ଟନାୟକ ଓ ବରିଷ୍ଠ ବ୍ୟକ୍ତିତ୍ୱ ବୃନ୍ଦ ଉପସ୍ଥିତ ଥିଲେ। ତାଙ୍କ ସ୍ମୃତିରେ ଏକ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ବାସ୍ତବିକ୍ କ୍ଷେତ୍ରରେ ସେ ଜଣେ ଯୁଗର ସ୍ୱର,ମାଟିର ଗନ୍ଧ,ପ୍ରକୃତିର ପ୍ରେମିକ,ଓଡ଼ିଆ ହୃଦୟର ଅନୁଭବ ସେ ହେଉଛନ୍ତି,ବଡ଼ମ୍ବାର ଗୌରବ, ଓଡ଼ିଆ ସାହିତ୍ୟର ସବୁଜକବି ସ୍ୱର୍ଗତ ବୈକୁଣ୍ଠନାଥ ପଟ୍ଟନାୟକ।ଏହି ମାଟି ରାଜନୈତିକ ଓ ସାଂସ୍କୃତିକ ଇତିହାସରେ ଯେତିକି ସମୃଦ୍ଧ, ସାହିତ୍ୟ ଓ କଳାରେ ମଧ୍ୟ ସେତିକି ଗୌରବମୟ।ବୈକୁଣ୍ଠନାଥଙ୍କ ଜନ୍ମ ୧୪ ସେପ୍ଟେମ୍ବର ୧୯୦୪ରେ ବଡ଼ମ୍ବାଗଡ଼ରେ। ଶୈଶବ ଓ କୈଶୋରରେ ବଡ଼ମ୍ବାର ପ୍ରକୃତି ତାଙ୍କ ମନରେ ଯେଉଁ ଛାପ ଛାଡ଼ିଥିଲା, ପରବର୍ତ୍ତୀ ଜୀବନର କବିତାରେ ତାହାର ପ୍ରତିଫଳନ ସ୍ପଷ୍ଟ



ଦେଖିବାକୁ ମିଳେ।ପାହାଡ଼ର ସବୁଜିମା,ନଦୀର କଳକଳ ଧ୍ୱନି,ଗାଁର ସରଳତା,ପ୍ରକୃତିର ନିରବ ସୌନ୍ଦର୍ଯ୍ୟ,ସବୁକିଛି ତାଙ୍କ କବି ମନକୁ ଗଢ଼ିଥିଲା।ସେଥିପାଇଁ ତାଙ୍କ କବିତା ପଢ଼ିଲେ ଆମେ କେବଳ ଶବ୍ଦ ପଢୁନାହୁଁ ଆମେ ଯେପରି ବଡ଼ମ୍ବାର ପ୍ରକୃତିକୁ ଅନୁଭବ କରୁ।ଏହି କାରଣରୁ ଓଡ଼ିଆ ସାହିତ୍ୟ ତାଙ୍କୁ ଦେଇଛି ଏକ ଅମର ପରିଚୟ "ସବୁଜକବି।"ବୈକୁଣ୍ଠନାଥଙ୍କ କବିତାରେ ପ୍ରକୃତି ଅଛି, ପ୍ରେମ ଅଛି, ବିରହ ଅଛି, ମାନବୀୟ ବେଦନା ଅଛି, ଆଶା ଅଛି, ନିରାଶା ଅଛି କିନ୍ତୁ ସବୁଠାରୁ ବଡ଼ କଥା, ମଣିଷ ଅଛି।ତାଙ୍କର ସାହିତ୍ୟ ସାଧନାର ଏକ ଉଜ୍ଜ୍ୱଳ ଫଳ ହେଉଛି "ଉତ୍ତରାୟଣ"। ଏହି କୃତି ପାଇଁ ସେ ୧୯୬୫ ମସିହାରେ ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ।ତାଙ୍କ କବିତାରେ ଆମେ ଦେଖୁ ଜହ୍ନରାତି, ଫୁଲର ସୁଗନ୍ଧ, ନଦୀର ସ୍ରୋତ, ପକ୍ଷୀର ଗୀତ ଓ ସବୁଜ ପ୍ରକୃତିର ମନୋହର ଚିତ୍ର। କିନ୍ତୁ ଏହି ପ୍ରକୃତିର ସୌନ୍ଦର୍ଯ୍ୟ ଭିତରେ ସେ ମଣିଷର ଦୁଃଖ, ପ୍ରେମ, ବିରହ, ଆଶା ଓ ନିରାଶାକୁ ମଧ୍ୟ ଖୋଜିଥିଲେ।ସେଥିପାଇଁ ତାଙ୍କୁ "ସବୁଜକବି" କୁହାଯାଏ।ବୈକୁଣ୍ଠନାଥଙ୍କ କବିତାର ସବୁଠାରୁ ବଡ଼ ଗୁଣ ହେଉଛି—ସେ ଜଟିଳ ଭାବକୁ ମଧ୍ୟ ସରଳ ଓ ସୁନ୍ଦର ଭାଷାରେ ପ୍ରକାଶ କରିପାରୁଥିଲେ। ତାଙ୍କ କବିତା ପଢ଼ିଲେ ଲାଗେ, କବି ଯେପରି ଆମ ସହିତ ବସି ତାଙ୍କ ହୃଦୟର କଥା କହୁଛନ୍ତି।ତାଙ୍କର ଅନେକ କୃତି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି। ସେଥିମଧ୍ୟରୁ "ଉତ୍ତରାୟଣ" ଏକ ଅମର କୃତି। ଏହି କୃତି ପାଇଁ ସେ ୧୯୬୫ ମସିହାରେ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ।ଜଣେ କବିଙ୍କ ସଫଳତା କେବଳ ପୁରସ୍କାରରେ ମାପିହୁଏ ନାହିଁ। କବି ତାଙ୍କ ସମୟକୁ କେତେ ଗଭୀର ଭାବେ ଅନୁଭବ କଲେ ଏବଂ ତାଙ୍କ ସୃଷ୍ଟି ଆଗାମୀ ପିଢ଼ିକୁ କେତେ ପ୍ରଭାବିତ କଲା ସେଥିରେ ତାଙ୍କ ସାର୍ଥକତା।ଏହି ଦୃଷ୍ଟିରୁ ବୈକୁଣ୍ଠନାଥ ପଟ୍ଟନାୟକ ଆମ ପାଇଁ ଏକ ଅମୂଲ୍ୟ ସମ୍ପଦ।ଏହା କେବଳ ଜଣେ କବିଙ୍କ ପୁରସ୍କାର ନୁହେଁ,ଏହା ବଡ଼ମ୍ବା ମାଟିର ପୁରସ୍କାର।ଏହା ଓଡ଼ିଆ ଭାଷାର ପୁରସ୍କାର ଆମ ସାହିତ୍ୟର ପୁରସ୍କାର।ଯେପର୍ଯ୍ୟନ୍ତ ବଡ଼ମ୍ବାର ମାଟିରେ ସବୁଜିମା ରହିବ,ଯେପର୍ଯ୍ୟନ୍ତ ଓଡ଼ିଆ ଭାଷାରେ କବିତା ଲେଖାହେବ,ଯେପର୍ଯ୍ୟନ୍ତ ଜଣେ ଓଡ଼ିଆ ନିଜ ମାଟି ପାଇଁ ଗର୍ବ କରିବ,ସେପର୍ଯ୍ୟନ୍ତ ବୈକୁଣ୍ଠନାଥ ବଞ୍ଚି ରହିବେ ବୋଲି ଶ୍ରୀ ଦଳବେହେରା ତାଙ୍କ ଅଭିଭାଷଣରେ କହିଥିଲେ।

# ନାଲକୋ ନଗରରେ ବିଶ୍ୱକର୍ମା ପୂଜା ପାଇଁ କମ୍ପୁଛି ପରିବେଶ
# ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ବିଶାଳକାୟ ତୋରଣ

ଅନୁଗୋଳ ୧୬/୦୯ (ଅଜିତ )ଅନୁଗୋଳ ଜିଲ୍ଲାର ପ୍ରମୁଖ ଶିଳ୍ପାଞ୍ଚଳ ନାଲକୋ ନଗର ଏବେ ଦେବଶିଳ୍ପୀ ଶ୍ରୀ ବିଶ୍ୱକର୍ମାଙ୍କ ଆବାହନ ପାଇଁ ସମ୍ପୂର୍ଣ୍ଣ ସଜେଇ ହୋଇଛି। ମହାଆଡ଼ମ୍ବରରେ ଅନୁଷ୍ଠିତ ହେବାକୁ ଯାଉଛି ବାର୍ଷିକ ବିଶ୍ୱକର୍ମା ପୂଜା। ପୂଜାକୁ ନେଇ କର୍ମଚାରୀ, ସ୍ଥାନୀୟ ବାସିନ୍ଦା ତଥା ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳିଛି।ଚଳିତ ବର୍ଷ ନାଲକୋ ଟାଉନସିପ୍ ଏବଂ ଆଖପାଖ ପୂଜା ମଣ୍ଡପଗୁଡ଼ିକରେ ପ୍ରତିଯୋଗିତାମୂଳକ ଭାବେ ନିର୍ମାଣ ଚାଲିଛି ଆଖିଝଟକା ତୋରଣ ଓ ମଣ୍ଡପ। ବିଶେଷକରି ସଙ୍ଗୀତ ବାଦ୍ୟଯନ୍ତ୍ର 'ତାନପୁରା/ବୀଣା' ଢାଞ୍ଚାରେ ନିର୍ମିତ ଏକ ବିଶାଳକାୟ ସୁନ୍ଦର ଗେଟ୍ ଏବଂ ଅନ୍ୟ ଏକ ସ୍ଥାନରେ ଦେଶବିଦେଶର ଐତିହାସିକ ପ୍ରାସାଦ ଢାଞ୍ଚାରେ ଗଢ଼ିଉଠୁଥିବା ବହୁତଳ ବିଶିଷ୍ଟ ଭବ୍ୟ ତୋରଣ ସମସ୍ତଙ୍କ ନଜର ଟାଣୁଛି। ଦିନରାତି ଏକ କରି କାରିଗରମାନେ ବାଉଁଶ, କପଡ଼ା ଓ ରଙ୍ଗବେରଙ୍ଗ ଆଲୋକମାଳାରେ ମଣ୍ଡପକୁ ଶେଷ ସ୍ପର୍ଶ ଦେବାରେ ଲାଗିପଡ଼ିଛନ୍ତି।ବାଦ୍ୟଯନ୍ତ୍ର ଆକୃତିର ସ୍ୱତନ୍ତ୍ର ଫାଟକ ଓ ମନ୍ଦିର-ପ୍ରାସାଦ ଢାଞ୍ଚାରେ ଆକାଶଛୁଆଁ ତୋରଣ।: ସମଗ୍ର ନାଲକୋ ଟାଉନସିପ୍‌କୁ ଏଲଇଡି (ଝରଓ) ଓ ଚଳନ୍ତି ଲାଇଟ୍‌ରେ ସଜାଯାଇଛି।ପୂଜା ଦିନଠାରୁ ଆଗାମୀ କିଛି ଦିନ ଧରି ମଞ୍ଚରେ ଅନୁଷ୍ଠିତ ହେବ ଭଜନ ସନ୍ଧ୍ୟା, ମେଲୋଡି ଏବଂ ସ୍ଥାନୀୟ କଳାକାରଙ୍କ ଦ୍ୱାରା ନୃତ୍ୟଗୀତ।ପୂଜା ଦେଖିବା ପାଇଁ ଜିଲ୍ଲା ତଥା ଜିଲ୍ଲା ବାହାରୁ ହଜାର ହଜାର ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ପ୍ରଶାସନ ଓ ପୂଜା



କମିଟି ପକ୍ଷରୁ ସୁରକ୍ଷା ଏବଂ ଟ୍ରାଫିକ୍ ନିୟନ୍ତ୍ରଣର ବ୍ୟାପକ ବ୍ୟବସ୍ଥା କରାଯାଇଛି।ବିଭିନ୍ନ ଜିଲ୍ଲା ଓ ପ୍ରଦେଶରୁ ଖାଦ୍ୟ, ମନୋହାରୀ, ବୈଦ୍ୟୁତିକ ଉପକରଣ, ନୂଆ ମଡେଲ ଚାରିଚକିଆ ଯାନ, ଆସବାବ ପତ୍ର ର ଦୋକାନ ବଜାର ବିଶେଷ ଆକର୍ଷଣର କେନ୍ଦ୍ର ରହିବ।ମେଢ଼ ଓ ପ୍ରଭୁ ବିଶ୍ୱକର୍ମାଙ୍କ ଆକର୍ଷଣୀୟ ମୂର୍ତ୍ତି ପୂଜା ମଣ୍ଡପରେ ଶୋଭା ପାଇଥାଏ। ଏଥି ସହିତ ଆକର୍ଷଣୀୟ ସାଜସଜ୍ଜା, ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ରହିଛି।ଶିଳ୍ପନଗରୀ ଏବେ ଉତ୍ସବମୁଖର ହୋଇଉଠିଥିବା ବେଳେ ସମସ୍ତେ ଚାହିଁ ବସିଛନ୍ତି ପୂଜାର ଶୁଭ ଉଦ୍‌ଘାଟନକୁ।

# ଦୁର୍ଘଟଣାଗ୍ରସ୍ତ ଯୁବକଙ୍କ ସହ ଭିଡିଓ କଲ୍‌ରେ କଥା ହେଲେ ଜିଲ୍ଲାପାଳ
# ଆପଣ ମଧ୍ୟ ଆବଶ୍ୟକ ସମୟରେ ଅନ୍ୟଙ୍କୁ ସହାୟତାର ହାତ ବଢ଼ାନ୍ତୁ

ନୂଆପଡ଼ା, ୧୬/୦୯( ଅକ୍ଷର ଓଡିଶା ) ମାନବିକତା କେବଳ ଏକ ମୁହୂର୍ତ୍ତର ସହାୟତା ନୁହେଁ, ବରଂ ଅନ୍ୟମାନଙ୍କ ପ୍ରତି ସମ୍ବେଦନଶୀଳତା ଓ ସହଯୋଗର ଏକ ନିରନ୍ତର ମନୋଭାବ। ଏହି ବାର୍ତ୍ତାକୁ ଆଗକୁ ବଢ଼ାଇ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ତାଙ୍କ ଦ୍ୱାରା ଉଦ୍ଧାର ହୋଇଥିବା ତୁକେଶ ବାଗଙ୍କ ସହ ଆଜି ଭିଡିଓ କଲ୍ ଯୋଗେ କଥା ହୋଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଛନ୍ତି।କିଛି ଦିନ ପୂର୍ବେ ନୂଆପଡ଼ା ସହରରେ ସ୍କୁଟରରେ ଯାଉଥିବା ବେଳେ ପିପଲଚେଣ୍ଡି ଗ୍ରାମର ୨୯ ବର୍ଷୀୟ ତୁକେଶ ବାଗ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାରେ ଆହତ ଅବସ୍ଥାରେ ପଡ଼ିଥିଲେ। କାର୍ଯ୍ୟାଳୟକୁ ଯାଉଥିବା ବେଳେ ଜିଲ୍ଲାପାଳ ଶ୍ରୀ ଦାଶ ତାଙ୍କୁ ଦେଖି ତତ୍‌କ୍ଷଣାତ୍ ନିଜ ଗାଡ଼ି ଅଟକାଇଥିଲେ। ଘଟଣାସ୍ଥଳରେ ପହଞ୍ଚି ଆହତ ଯୁବକଙ୍କ ଅବସ୍ଥା ବୁଝିବା ସହ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଆବଶ୍ୟକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବାର ବ୍ୟବସ୍ଥା କରିଥିଲେ।ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେବା ପରେ ତୁକେଶ ବର୍ତ୍ତମାନ ସୁସ୍ଥ ହୋଇ



ନିଜ ଘରକୁ ଫେରିଛନ୍ତି। ଆଜି ଜିଲ୍ଲାପାଳ ନିଜ କାର୍ଯ୍ୟାଳୟ ପ୍ରକୋଷ୍ଠରୁ ତାଙ୍କୁ ଭିଡିଓ କଲ୍ କରି ଚିକିତ୍ସା କିପରି ହୋଇଥିଲା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କୁ ବିନା ଖର୍ଚ୍ଚରେ ଉପଯୁକ୍ତ ଚିକିତ୍ସା ସେବା ମିଳିଥିଲା କି ନାହିଁ, ସେ ସମ୍ପର୍କରେ ପଚାରି ବୁଝିଥିଲେ।ଆଲୋଚନା ସମୟରେ ଜିଲ୍ଲାପାଳ ଶ୍ରୀ ଦାଶ ତୁକେଶଙ୍କୁ କହିଥିଲେ ଯେ, "ଆପଣ ମଧ୍ୟ ଆବଶ୍ୟକତାରେ ଥିବା ଅନ୍ୟମାନଙ୍କୁ ସହାୟତା କରନ୍ତୁ।" ଏହା ମାଧ୍ୟମରେ ସମାଜରେ ପରସ୍ପର ସହଯୋଗ ଓ ମାନବିକତାର ଭାବନାକୁ ଆହୁରି ସୁଦୃଢ଼ କରିବାକୁ ସେ ଆହ୍ୱାନ ଦେଇଥିଲେ।ଏହି ଅବସରରେ ଜିଲ୍ଲାପାଳ ତୁକେଶଙ୍କ ବୃତ୍ତି ସମ୍ପର୍କରେ ମଧ୍ୟ ପଚାରି ବୁଝିବା ସହ ସରକାରଙ୍କ କୌଣସି ଯୋଜନାରେ ସହାୟତାର ଆବଶ୍ୟକତା ରହିଛି କି ନାହିଁ, ସେ ସମ୍ପର୍କରେ ବୁଝିଥିଲେ। ଯଦି କୌଣସି ସରକାରୀ ଯୋଜନାରେ ସହାୟତା ପାଇଁ ଇଚ୍ଛୁକ ତେବେ ତାଙ୍କୁ ସାକ୍ଷାତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।ଜଣେ ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ ରାସ୍ତାରୁ ଉଦ୍ଧାର କରି ଚିକିତ୍ସା ସୁନିଶ୍ଚିତ କରିବାଠାରୁ ଆରମ୍ଭ କରି ପରବର୍ତ୍ତୀ ସମୟରେ ତାଙ୍କ ସ୍ୱାସ୍ଥ୍ୟ ଓ ସୁବିଧା ସମ୍ପର୍କରେ ନିଜେ ପଚାରି ବୁଝିବା—ଜିଲ୍ଲାପାଳ ଶ୍ରୀ ଦାଶଙ୍କ ଏହି ଆଭିମୁଖ୍ୟ ପ୍ରଶାସନର ମାନବିକ ଚେହେରାକୁ ପ୍ରତିଫଳିତ କରିଛି।ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସେପ୍ଟେମ୍ବର ୧୦ ତାରିଖରେ ଆହତ ତୁକେଶଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଚିକିତ୍ସାଳୟ ପଠାଇବା ସହ ତୁରନ୍ତ ଆବଶ୍ୟକ ଚିକିତ୍ସା ସେବା ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ପଦକ୍ଷେପ ନେଇଥିଲେ। ଜିଲ୍ଲାପାଳଙ୍କ ଏହି ମାନବିକ ଆଭିମୁଖ୍ୟକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଥିଲା।

# ବେଲେଶ୍ୱରୀ ପୀଠରେ ନୂଆଖାଇ ପର୍ବ ପାଳିତ

ନିଶ୍ଚିନ୍ତକୋଇଲି ୧୬/୦୯(ଅକ୍ଷର ଓଡ଼ିଶା)- କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ସଦର ମହକୁମାରେ ଥିବା ପ୍ରସିଦ୍ଧ ଶକ୍ତିପୀଠ ମା ବେଲେଶ୍ୱରୀଙ୍କ ପୀଠରେ ନୂଆଖାଇ ପର୍ବ ପାଳିତ ହୋଇଯାଇଛି। ପ୍ରଭାତରୁ ମା ବେଲେଶ୍ୱରୀଙ୍କ ପାରମ୍ପରିକ ରୀତିନୀତି ଅନୁଯାଇ ପୂଜାର୍ଚ୍ଚନା କରାଯାଇ ନୂଆଚୂଡ଼ା ଭୋଗ ଲାଗି କରାଯାଇଥିଲା। ଚଳିତ ବର୍ଷ ମାଙ୍କୁ ମଧ୍ୟ ନୂଆଧାନ ବେଂଟି ଅର୍ପଣ କରାଯାଇଛି। ମନ୍ଦିରର ପୂଜକ ସୁକଦେବ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ମାଙ୍କୁ ନୂଆ ସମ୍ବଲପୁରୀ ଲୁଗା ଲାଗି କରାଯିବା ସହ ପାର୍ଶ୍ୱଦେବାଦେବୀ ଯଥା,ରାଧାକୃଷ୍ଣ, ବେଲେଶ୍ୱର ମହାଦେବ, ବୀର ହନୁମାନ, ତ୍ରିନାଥ ଗୋସାଇଁ ଓ ଗ୍ରହରାଜ ଶନିଶ୍ଚରଙ୍କର ଯଥାବିଧି ପୂଜାର୍ଚ୍ଚନା ପରେ ଏକ ଆଧ୍ୟାତ୍ମିକ ସଭା କରାଯାଇଥିଲା। ଏହି ସଭାରେ ପୂର୍ବତନ ସରପଂଚ ଦେବେନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ପୂର୍ବତନ ସରପଂଚ ଜତିନ୍ଦ୍ର ଜେନା, ରମେଶ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ନୂଆଖାଇ ପର୍ବ ଉପରେ ଆଲୋକପାତ କରିଥିବା ବେଳେ ନିତ୍ୟାନନ୍ଦ ମହାପାତ୍ର,ଗୋଲଖ ପରିଡା,ବିଜୟ କୁମାର ସାହୁ, ଧୃବଚରଣ ମହାପାତ୍ର ,ଦିପ୍ତୀରଞ୍ଜନ ସାହୁ, ସୁରେନ୍ଦ୍ର ସାହୁ, ପୂର୍ବତନ ସରପଂଚ ପର୍ଶୁରାମ ବେହେରା,ହେମନ୍ତ ରାଉତ ପ୍ରମୁଖ ଯୋଗଦେଇଥିଲେ। ପଶ୍ଚିମ ଓଡିଶା ଭଳି ପୂର୍ବ ଓଡିଶା ମା ବେଲେଶ୍ୱରୀଙ୍କ ପୀଠରେ ନୂଆଖାଇ ପର୍ବର ଆୟୋଜକ ଭାବେ ଜଣାଶୁଣା ସ୍ୱର୍ଗତ ନିବାସ ଚନ୍ଦ୍ର ଗାୟାଙ୍କ ଅକାଳ ବିୟୋଗ ହୋଇଥିବାରୁ ତାଙ୍କ ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରାଯିବା ସହ ତାଙ୍କର ଆତ୍ମାର ସଦଗତି ପାଇଁ ମାଙ୍କ ପାଖରେ ଉପସ୍ଥିତ ଶ୍ରଦ୍ଧାଳୁମାନେ ନିବେଦନ ରଖିଥିଲେ। ଶେଷରେ ପ୍ରସ୍ତୁତ ହୋଇଥିବା ନୂଆଚୂଡ଼ା ଭୋଗ ବଂଟନ କରାଯାଇଥିଲା।

# ବ୍ୟାଙ୍କ କର୍ମଚାରୀଙ୍କ ସାହସରେ ଫେଲ୍ ମାରିଲା ଲୁଟେରାଙ୍କ ଯୋଜନା

ବାଲୁଗାଁ ୧୬/୦୯ (ଅକ୍ଷର ଓଡିଶା ): ଖୋର୍ଦ୍ଧା ଜିଲ୍ଲା ବାଲୁଗାଁରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଦିନ ଦ୍ୱିପ୍ରହରରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ନିକଟରେ ଲୁଟ୍ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ତେବେ ବ୍ୟାଙ୍କ କର୍ମଚାରୀଙ୍କ ସାହସ ଓ ପ୍ରତିରୋଧ ଯୋଗୁଁ ଲୁଟେରାଙ୍କ ଯୋଜନା ବିଫଳ ହୋଇଥିବା ଜଣାପଡ଼ିଛି।ସୂଚନା ଅନୁସାରେ, ବାଲୁଗାଁ ଚଘଇ ଶାଖା ନିକଟସ୍ଥ ଇଞ୍ଜଗରୁ ବ୍ୟାଙ୍କର କ୍ୟାସିୟର ରମେଶ ବେହେରାଙ୍କ ସମେତ ଦୁଇଜଣ କର୍ମଚାରୀ ପ୍ରାୟ ୨୮ ଲକ୍ଷ ଟଙ୍କା ନେଇ ବ୍ୟାଙ୍କକୁ ଫେରୁଥିଲେ। ଏହି ସମୟରେ ପୂର୍ବ ଯୋଜନା ମୁତାବକ ଦୁଇଜଣ ଲୁଟେରା ସେମାନଙ୍କୁ ଅଟକାଇଥିବା ଅଭିଯୋଗ ହୋଇଛି।ଲୁଟେରାମାନେ ବ୍ୟାଙ୍କ କର୍ମଚାରୀଙ୍କ ମୁହଁରେ କୌଣସି ଏକ ସ୍ପ୍ରେ ମାରି ଟଙ୍କା ଭର୍ତ୍ତି ବ୍ୟାଗ୍ ଛଡ଼ାଇ ନେବାକୁ ଉଦ୍ୟମ କରିଥିବା ସୂଚନା ମିଳିଛି। ହେଲେ କର୍ମଚାରୀମାନେ ଭୟଭୀତ ନହୋଇ ଲୁଟେରାଙ୍କୁ ପ୍ରତିରୋଧ କରିଥିଲେ। ଘଟଣାସ୍ଥଳରେ ଉଭୟ ପକ୍ଷଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିବା ବେଳେ ଏହାର ଦୃଶ୍ୟ ଉଭଞ୍ଚଠ କ୍ୟାମେରାରେ କଏଦ ହୋଇଥିବା ଜଣାପଡ଼ିଛି।ଏହି ସମୟରେ ଘଟଣାସ୍ଥଳରୁ ପାଟିତୁଣ୍ଡ ଶୁଣି ସ୍ଥାନୀୟ ଲୋକେ ଓ ଅନ୍ୟ ବ୍ୟାଙ୍କ କର୍ମଚାରୀମାନେ ଘଟଣାସ୍ଥଳକୁ ଧାଇଁ ଆସିଥିଲେ। ଫଳରେ ଲୁଟେରାମାନେ ସେଠାରୁ ଫେରାର ହୋଇଯାଇଥିବା ସୂଚନା ମିଳିଛି।ଖବର ପାଇ ବାଲୁଗାଁ ପୋଲିସ

## ଫିଲ୍ମ ଷ୍ଟାଇଲରେ ଲୁଟ୍ ଉଦ୍ୟମ

ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଉଭଞ୍ଚଠ ଫୁଟେଜ୍‌କୁ ଆଧାର କରି ଲୁଟେରାଙ୍କ ପରିଚୟ ଓ ଘଟଣାର ସମ୍ପୂର୍ଣ୍ଣ ପୃଷ୍ଠଭୂମି ନେଇ ତଦନ୍ତ ଚାଲିଥିବା ଜଣାପଡ଼ିଛି।ଘଟଣାକୁ ନେଇ ଆଉ ଏକ ଗୁରୁତର ପ୍ରସଙ୍ଗ ସାମ୍ନାକୁ ଆସିଛି। ସୂଚନା ଅନୁସାରେ, ବ୍ୟାଙ୍କ ପକ୍ଷରୁ ଅଧିକ ପରିମାଣର ନଗଦ ଟଙ୍କା ସ୍ଥାନାନ୍ତର କରାଗଲେ ପୂର୍ବରୁ ପୋଲିସକୁ ଜଣାଇବା ପାଇଁ ପୋଲିସ ପକ୍ଷରୁ ବ୍ୟାଙ୍କକୁ ସୂଚନା ଦିଆଯାଇଥିଲା। ତେବେ ଏହି ନିର୍ଦ୍ଦେଶ ସତ୍ତ୍ୱେ ଏଥର ଟଙ୍କା ସ୍ଥାନାନ୍ତର ସମ୍ପର୍କରେ ପୋଲିସକୁ ଅବଗତ କରାଯାଇନଥିବା ଅଭିଯୋଗ ହୋଇଛି।ଏହା ଯୋଗୁଁ ପୋଲିସ ପକ୍ଷରୁ ସମୟ ପୂର୍ବରୁ ସୁରକ୍ଷା ବ୍ୟବସ୍ଥା କିମ୍ବା ପାଟ୍ରୋଲିଂ କରିବା ସମ୍ଭବ ହୋଇନଥିବା ଚର୍ଚ୍ଚା



ହେଉଛି। ତେବେ ଏ ସମ୍ପର୍କରେ ବ୍ୟାଙ୍କ କିମ୍ବା ପୋଲିସ ପକ୍ଷରୁ ଆଧିକାରିକ ଭାବେ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ମିଳିନାହିଁ।ଘଟଣା ପରେ ବାଲୁଗାଁ ସହରରେ ପୋଲିସ ପାଟ୍ରୋଲିଂକୁ ନେଇ ପ୍ରଶ୍ନ ଉଠିଛି। ସାଧାରଣରେ ଚର୍ଚ୍ଚା ହେଉଛି ଯେ, ବ୍ୟାଙ୍କ ଓ ଅନ୍ୟ ଆର୍ଥିକ ପ୍ରତିଷ୍ଠାନ ନିକଟରେ ନିୟମିତ ଏବଂ ଅଧିକ ପୋଲିସ ପାଟ୍ରୋଲିଂ ହେଲେ ଏଭଳି ଘଟଣାକୁ ରୋକିବାରେ ସହାୟତା ମିଳିପାରେ। ତେଣୁ ବାଲୁଗାଁ ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ସ୍ଥାନୀୟ ମହଲରୁ ଦାବି ହୋଇଛି।

# ଚୋରା ମଦ ଜବତ ୬ ଜଣ କୋର୍ଟ ଚାଲାଣ



କେନ୍ଦ୍ରାପଡ଼ା, ୧୬/୦୯:(ଗଗନ କୁମାର ପ୍ରଧାନ )କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ, କେନ୍ଦ୍ରାପଡ଼ା ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ସଦର, ରାଜନଗର ଓ କୁଦାନଗରୀ ଥାନା ଅଧୀନ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ରାଜନଗର ଗ୍ରାମର ଅରକ୍ଷିତ ସେଠି (୨୪)ଙ୍କ ନିକଟରୁ ୧୧୦ ଲିଟର ବିଦେଶୀ ମଦ, କାଠୁଆଗଣ୍ଡା ଗ୍ରାମର ଲତା ସ୍ୱାଇଁ (୬୦)ଙ୍କ ନିକଟରୁ ୧୫ ଲିଟର ବିଦେଶୀ ମଦ, କରିଲୋପାଟଣା ଗ୍ରାମର ବିଳାଶ କିଶୋର ଦାସ (୨୭)ଙ୍କ ନିକଟରୁ ୧୯ ଲିଟର ବିଦେଶୀ ମଦ ଜବତ କରାଯାଇଥିଲା। ସେହିପରି ଦାନପୁର ଗ୍ରାମର ନିରଞ୍ଜନ ଜେନା (୬୦)ଙ୍କ ନିକଟରୁ ୨୮ ଲିଟର ବିଦେଶୀ ମଦ, ବଡନାରାୟଣ ଗ୍ରାମର ବେଣୁଧର ବେହେରା (୩୩)ଙ୍କ ନିକଟରୁ ୩୪ ଲିଟର ବିଦେଶୀ ମଦ ଏବଂ ତରସା ଗ୍ରାମର ମହେଶ୍ୱର ଦଳାଇ (୩୮) ଙ୍କ ନିକଟରୁ ୧୬ ଲିଟର ବିଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଥିଲା। ଉକ୍ତ ଚଢ଼ାଉରେ ସମୁଦାୟ ୨୨୨ ଲିଟର ବିଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଅଛି । ଏହି ଘଟଣା ସଂକ୍ରାନ୍ତରେ ବିଭିନ୍ନ ଅବକାରୀ ମାମଲା ରୁଜୁ କରାଯାଇ ୦୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଆଇନାନୁଯାୟୀ ମାନ୍ୟବର ଅଦାଲତରେ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପ-ନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ରତ୍ନପ୍ରଭା ସ୍ୱାଇଁ, ରଞ୍ଜନ କୁମାର ପାତ୍ର, ତ୍ରିବେଣୀ ମହନ୍ତ ସମେତ ଅବକାରୀ ବିଭାଗର ଅନ୍ୟାନ୍ୟ କର୍ମଚାରୀ ସକ୍ରିୟ ଭାବେ ସାମିଲ ହୋଇଥିଲେ।

# ରାଧାରାଣୀ ୟୁଥ କ୍ଲବ ପକ୍ଷରୁ ଗଣେଶ ପୂଜା



କଟକସଦର ୧୬।୯(ଅକ୍ଷର ଓଡିଶା ): କଟକ ସଦର ୪୨ମୌଜା ବ୍ରହ୍ମପୁର ଗ୍ରାମ ପଞ୍ଚାୟତ ସ୍ଥିତ ଝିଙ୍କିରିଆ ରେ ରାଧାରାଣୀ ୟୁଥ କ୍ଲବ ପକ୍ଷରୁ ଗଣେଶ ପୂଜା ପାଳିତ ହୋଇଯାଇଛି। ଏଥିରେ କ୍ଲବ ପକ୍ଷରୁ ସଭାପତି ତଥା ସମ୍ପାଦକ ଙ୍କ ତତ୍ତ୍ୱବଧାନ ରେ ୨୫ ବର୍ଷ ହେବ ଗଣେଶ ପୂଜା ପାଳିତ ହୋଇଯାଇଛି। ଏଥିରେ କ୍ଲବ ସଦସ୍ୟ, ଗ୍ରାମବାସୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଅତିଥି ଭାବେ ଯୋଗ ଦେଇ ଥିଲେ।

# ବିଶ୍ୱ ଓଜୋନ ଦିବସ ଅବସରରେ ଇମ୍ଫା ଥେରୁବାଲିର
# ସଚେତନତା କାର୍ଯ୍ୟକ୍ରମ ଓ ବୃକ୍ଷରୋପଣ ଅଭିଯାନ

ରାୟଗଡା ୧୬/୦୯ (କୈଳାସ ସ୍ୱାଇଁ )ପରିବେଶ ସୁରକ୍ଷା, ସ୍ଥାୟୀ ବିକାଶ ଓ ଜଳବାୟୁ ସୁରକ୍ଷା ପ୍ରତି ନିଜର ଦୃଢ଼ ପ୍ରତିବଦ୍ଧତାର ପ୍ରତିଫଳନ ସ୍ୱରୂପ ଇମ୍ଫା ଥେରୁବାଲି ପକ୍ଷରୁ ବିଶ୍ୱ ଓଜୋନ ଦିବସ ଅବସରରେ କାରଖାନା ପରିସରରେ ବୃକ୍ଷରୋପଣ ଅଭିଯାନ ଆୟୋଜିତ ହୋଇଥିଲା।ଇମ୍ଫା ଥେରୁବାଲି ର ୟୁନିଟ୍ ମୁଖ୍ୟ ତଥା ଇ.ଆଇ.ସି ଜି. ଭି. ରାକେଶ ଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇ ପରିବେଶ ସୁରକ୍ଷା, ସ୍ଥାୟୀ ବିକାଶ ଓ ଜଳବାୟୁ ସୁରକ୍ଷା କ୍ଷେତ୍ରରେ ସଂସ୍ଥାର ନିରନ୍ତର ପ୍ରୟାସକୁ ଆହୁରି ଦୃଢ଼ କରାଯାଇଥିଲା।ଚଳିତ ବର୍ଷର ବିଶ୍ୱ ଓଜୋନ ଦିବସର ବିଷୟବସ୍ତୁ ଆଧାରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହା କିଗାଲି ସଂଶୋଧନ ଅଧୀନରେ ସ୍ଥାୟୀ ଶୀତଳୀକରଣ ବ୍ୟବସ୍ଥାକୁ ୧୦ ବର୍ଷ ପୂର୍ତ୍ତିର ସ୍ମରଣ କରିବା ସହିତ ପରିବେଶ ଅନୁକୂଳ ଶୀତଳୀକରଣ ପଦ୍ଧତି ଓ ଜଳବାୟୁ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲା।କାର୍ଯ୍ୟକ୍ରମରେ କୋଲନରା ବ୍ଲକ୍ ପଞ୍ଚାୟତ



ସମିତିର ଉପାଧ୍ୟକ୍ଷ ହଳଧର ହିମିରିକା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହା ସହିତ କ୍ଷିତିଶ ଚନ୍ଦ୍ର ମହାପାତ୍ର, ମାନବ ସମ୍ବଳ ଓ ପ୍ରଶାସନ ବିଭାଗର ଉପ ମହା ପ୍ରବନ୍ଧକ , ଏମ୍. ଶ୍ରୀନିବାସ ମୁଖ୍ୟ ମହାପ୍ରବନ୍ଧକ (ଯାନ୍ତ୍ରିକ) ଙ୍କ ସମେତ କାରଖାନା ର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।ଏହି ଅବସରରେ ମୁଖ୍ୟ ଅତିଥି ହଳଧର ହିମିରିକା ପରିବେଶ ସୁରକ୍ଷା ଓ ସ୍ଥାୟୀ ବିକାଶ ଦିଗରେ ଇମ୍ଫା ପକ୍ଷରୁ ନିଆଯାଉଥିବା ନିରନ୍ତର ପଦକ୍ଷେପକୁ ପ୍ରଶଂସା କରିଥିଲେ। ଓଜୋନ ସ୍ତରର ସୁରକ୍ଷା, ସବୁଜ ଆବରଣ ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ ବିରୋଧରେ ସାମୂହିକ ଭାବେ ସାର୍ଥକ ପଦକ୍ଷେପ ନେବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ ଥିଲା ବୃକ୍ଷରୋପଣ ଅଭିଯାନ। ଏହି ଅବସରରେ କାରଖାନା ପରିସରରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଥିଲା। ଏହି ପଦକ୍ଷେପ ଅଧିକ ସବୁଜ ଆବରଣ ସୃଷ୍ଟି, ଜୈବ ବିବିଧତାର ସୁରକ୍ଷା ଏବଂ ଏକ ସ୍ୱଚ୍ଛ ଓ ଜଳବାୟୁ-ସହନଶୀଳ ପରିବେଶ ଗଠନ ପ୍ରତି ଇମ୍ଫାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା।ସଚେତନତା କାର୍ଯ୍ୟକ୍ରମରେ ପୃଥିବୀରେ ଜୀବଜଗତକୁ ସୂର୍ଯ୍ୟର କ୍ଷତିକାରକ ଅତିବାଇଗଣି କିରଣରୁ ସୁରକ୍ଷା କରିବାରେ ଓଜୋନ ସ୍ତରର ଗୁରୁତ୍ୱ ଏବଂ ପରିବେଶ ଅନୁକୂଳ ଶୀତଳୀକରଣ ପ୍ରଣାଳୀ ଓ ଦାୟିତ୍ୱପୂର୍ଣ୍ଣ ପରିବେଶ ଅଭ୍ୟାସ ଅନୁସରଣର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ମା କଳାପାଟଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ
# କୋଡ଼ିଏ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ

ବନ୍ତଳା ( ୧୬/୦୯(ଅକ୍ଷର ଓଡିଶା ) : ଅନୁଗୋଳ ଜିଲ୍ଲା ଅନୁଗୋଳ ବ୍ଲକ ଅନ୍ତର୍ଗତ ତଳଗଡ଼ ଗ୍ରାମରେ ଭକ୍ତି ଓ ଶ୍ରଦ୍ଧାର ମାହୋଲରେ ମା କଳାପାଟଙ୍କ ବାର୍ଷିକ ଉତ୍ସବ ଧୁମ୍‌ଧାମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବ ଅବସରରେ ମା'ଙ୍କ ଦର୍ଶନ ଓ ଆଶୀର୍ବାଦ ପାଇବା ପାଇଁ ଦୂରଦୂରାନ୍ତରୁ ଭକ୍ତଙ୍କ ସୁଅ ଛୁଟିଥିଲା। ଦିନ ତମାମ ମନ୍ଦିର ପରିସରରେ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା।ବାର୍ଷିକ ଉତ୍ସବରେ କୋଡ଼ିଏ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ମା'ଙ୍କ ଦର୍ଶନ ପାଇଁ ଭକ୍ତମାନେ ଲମ୍ବା ଧାଡ଼ିରେ ଠିଆ ହୋଇଥିଲେ। ମନ୍ଦିର ପରିସରରେ ଘଣ୍ଟଘଣ୍ଟା, ହୁଳହୁଳି ଓ ଜୟ ମା' କଳାପାଟ ଧ୍ୱନିରେ



ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ବାର୍ଷିକ ଉତ୍ସବରେ ମୁଖ୍ୟ ଆକର୍ଷଣ ଥିଲା କଳାହାଣ୍ଡି କଟପା ଏବଂ ଅନ୍ୟାନ୍ୟ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କଳାକୃତି। ବିଶାଳ ଭକ୍ତ ସମାଗମକୁ ଦୃଷ୍ଟିରେ ରଖି ଉତ୍ସବ ପରିଚାଳନା କମିଟି ପକ୍ଷରୁ ଭକ୍ତଙ୍କ ସୁବିଧା ପାଇଁ ବିଭିନ୍ନ ବ୍ୟବସ୍ଥା କରାଯାଇଥିଲା। ଶୃଙ୍ଖଳିତ ଭାବେ ଦର୍ଶନ ଓ ଅନ୍ୟାନ୍ୟ ବ୍ୟବସ୍ଥା ପାଇଁ ବନ୍ତଳା ଥାନା ପୋଲିସ ପକ୍ଷରୁ ବିଶେଷ ବ୍ୟବସ୍ଥା କରାଯାଇଥିଲା । ମା'ଙ୍କ ବାର୍ଷିକ ଉତ୍ସବ ଭକ୍ତି, ଶ୍ରଦ୍ଧା ଓ ଆଧ୍ୟାତ୍ମିକତାର ଏକ ଅନନ୍ୟ ପରିବେଶ ସୃଷ୍ଟି କରିଥିଲା।

# ସନ୍ଦିଗ୍ଧ ଟ୍ରକ ଜବତ, ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ହେବ ଯାଞ୍ଚ



ଦେବଗଡ଼, ୧୬।୯(ଅକ୍ଷର ଓଡ଼ିଶା)ର: ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ କୁଣ୍ଢେଇଗୋଳା ଥାନା ଅଞ୍ଚଳରେ ଏକ ସନ୍ଦିଗ୍ଧ ଟ୍ରକ ଜବତ କରାଯାଇଛି। ଜବତ ଟ୍ରକର ନମ୍ବର ଓଉ ୨୮ ଖ ୭୬୭୬ ବୋଲି ଜଣାପଡ଼ିଛି।ସୂଚନା ଅନୁଯାୟୀ, ଦେବଗଡ଼ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଟ୍ରକଟିର ଯାଞ୍ଚ କରାଯିବ। ଟ୍ରକ ଭିତରେ କଣ ରହିଛି ଏବଂ ଏହାକୁ ନେଇ କୌଣସି ଅନିୟମିତତା ରହିଛି କି ନାହିଁ, ଯାଞ୍ଚ ପରେ ହିଁ ସ୍ପଷ୍ଟ ହେବ।ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

ଗୁରୁବାର ୧୭।୦୯।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

# ଇତିହାସ ରଚିଲେ ବ୍ରୁକ୍




ସାଉଥହାମ୍ପଟନ୍, ୧୬/୦୯ : ଇଂଲଣ୍ଡ ଅଧିନାୟକ ହ୍ୟାରି ବ୍ରୁକ୍ ଚଳିତ ବର୍ଷ ଚମତ୍କାର ଫର୍ମରେ ରହିଛନ୍ତି। ମଙ୍ଗଳବାର ଏଠାରେ ଖେଳାଯାଇଥିବା ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟ୍ୱେଣ୍ଟି-୨୦ରେ ସେ ଅପରାଜିତ ୧୧୪ ରନ୍ କରି ନୂଆ ମାଇଲଖୁଣ୍ଟ ଛୁଇଁଥିଲେ। ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୨ ଟ୍ୱେଣ୍ଟି-୨୦ ଶତକ ହାସଲ କରିବାରେ ସେ ପୂର୍ଣ୍ଣ ସଦସ୍ୟ ଦଳର ଏକମାତ୍ର ଅଧିନାୟକ ହେବାର ଗୌରବ ଅର୍ଜନ କରିଛନ୍ତି। ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ୪୨ ବଲ୍‌ରେ ଶତକ ଅର୍ଜନ କରିଥିବା ବ୍ରୁକ୍ ୪୯ ବଲ୍‌ରୁ ୧୧୪ ରନ୍ କରି ଅପରାଜିତ ରହିଥିଲେ। ଫଳରେ ତାଙ୍କ ଦଳ ୨୫୪/୪ କରିଥିଲା। ଏହାକୁ ପିଛା କରି ଶ୍ରୀଲଙ୍କା ୧୯ ଓଭରରେ ୧୩୫ ରନ୍‌ରେ ଅଲ୍‌ଆଉଟ୍ ହୋଇ ୧୧୯ ରନ୍‌ରେ ହାରିଥିଲା। ଅଧିନାୟକ ଭାବେ ସର୍ବାଧିକ ଟେଷ୍ଟ ଶତକ ରେକର୍ଡ ଅଷ୍ଟ୍ରେଲିଆର ରିକି ପଣ୍ଟିଂ (୨୦୦୬, ୭ ଶତକ)ଙ୍କ ନାମରେ ରହିଛି। ସେହିଭଳି ଦିନିକିଆ ରେକର୍ଡ ଭାରତର ବିରାଟ କୋହଲି (୬ ଶତକ, ୨୦୧୭ ଓ ୨୦୧୮)ଙ୍କ ନାମରେ ରହିଛି। ଟ୍ୱେଣ୍ଟି-୨୦ରେ କେବଳ ବ୍ରୁକ୍ ରହିଛନ୍ତି।

# ଦ୍ୱିତୀୟ ଟ୍ୱେଣ୍ଟି-୨୦ ଆଫଗାନିସ୍ତାନକୁ ହରାଇ ଆଗୁଆ ଶୃଙ୍ଖଳା ଜିତିଲା ଭାରତ

ନୂଆଦିଲ୍ଲୀ, ୧୬/୦୯ : ସ୍ଥାନୀୟ ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ମଙ୍ଗଳବାର ଖେଳାଯାଇଥିବା ଆଫ୍‌ଗାନିସ୍ତାନ ବିପକ୍ଷ ଦ୍ୱିତୀୟ ଟ୍ୱେଣ୍ଟି-୨୦କୁ ଭାରତ ୭ ୱିକେଟ୍‌ରେ ଜିତି ନେଇଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାକୁ ଶ୍ରେୟସ ଆୟରଙ୍କ ଦଳ ୨-୦ରେ ଆଗୁଆ କବ୍‌ଜା କରି ନେଇଛି। ଶେଷ ତଥା ତୃତୀୟ ମ୍ୟାଚ୍ ଗୁରୁବାର ଖେଳାଯିବ। ମଙ୍ଗଳବାର ୧୬୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଭାରତ ପାଇଁ ଦୁଇ ଓପନର୍ ସଂଜୁ ସାମ୍‌ସନ୍ ଓ ଅଭିଷେକ ଶର୍ମା ଭଲ ଆରମ୍ଭ ଦେଇଥିଲେ। ଉଭୟ ପାୱର ପ୍ଲେରେ ୮୨ ରନ୍ ଯୋଡ଼ିଥିଲେ। ତେବେ ଏହା ପରେ ଅଭିଷେକ (୩୯, ୧୯ ବଲ୍, ୨ ଚୌକା, ୪ ଛକା)ଙ୍କୁ ରସିଦ ଖାନ୍ ପ୍ୟାଭିଲିୟନ୍ ପଠାଇଥିଲେ। ସଂଜୁ (୫୭, ୨୨ ବଲ୍, ୭ ଚୌକା, ୪ ଛକା) ଏହି ଓଭରରେ ଲଗାତାର ଚୌକା ଓ ଛକା ମାରି ନିଜ ଅର୍ଦ୍ଧଶତକ ପୂରଣ କରିବା ପରେ ଶେଷ ବଲ୍‌ରେ ଆଉଟ୍ ହୋଇଥିଲେ। ଏହାପରେ ଈଶାନ କିଶନ ଓ ଆୟର ପାଳିକୁ ଆଗକୁ ନେଇଥିଲେ। ଦଳୀୟ ସ୍କୋର୍ ୧୨୩ ଥିଲା ବେଳେ ଆୟର (୧୧)ଙ୍କୁ ରସିଦ ଆଉଟ୍ କରି ଦେଇଥିଲେ। ଶେଷରେ ଈଶାନ (୩୮*, ୨୩ ବଲ୍, ୩ ଚୌକା, ୨ ଛକା) ଓ ତିଳକ ବର୍ମା (୧୪ ବଲ୍‌ରୁ ୧୫* ରନ୍) ଅପରାଜିତ ରହି ଦଳକୁ ୩୧୯ ବଲ୍ ପୂର୍ବରୁ ବିଜୟ ଭେଟି ଦେଇଥିଲେ। ୨୪ ରନ୍‌ରେ ୩ ୱିକେଟ୍ ନେଇଥିବା ନୀତୀଶ କୁମାର ରେଡ୍ଡୀଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା। ପୂର୍ବରୁ ଟସ୍ ହାରି ବ୍ୟାଟିଂ କରିଥିବା ଆଫ୍‌ଗାନିସ୍ତାନ ପ୍ରଥମ ମ୍ୟାଚ୍ ଭଳି ସ୍କୋର୍ କାର୍ଡରେ ରନ୍ ଯୋଡ଼ିବା ପୂର୍ବରୁ ଓପନର୍ ରହମନୁଲ୍ଲା ଗୁରବାଜ (୦)ଙ୍କୁ ହରାଇଥିଲା। ମ୍ୟାଚ୍‌ର ପ୍ରଥମ ଓଭର ଯଶପ୍ରୀତ ବୁମ୍‌ରା ମେଡେନ୍ ନେଇଥିଲେ। ଦ୍ୱିତୀୟ ଓଭରରେ ବୋଲିଂକୁ ଆସିଥିବା ଅର୍ଶଦୀପଙ୍କ ତୃତୀୟ ବଲ୍‌ରେ ରବି ବିଷ୍ଣୋଇଙ୍କ ହାତରେ ଧରାପଡ଼ି ଗୁରବାଜ ପ୍ୟାଭିଲିୟନ୍ ଫେରିଥିଲେ। ଏହାପରେ ଇବ୍ରାହିମ ଜଦ୍ରାନ ଓ ସେଦିକୁଲ୍ଲା ଅଟଳ ଅର୍ଦ୍ଧଶତକୀୟ ଭାଗୀଦାରୀ ଗଢ଼ି ଦଳକୁ ଆଗକୁ ନେଇଥିଲେ। ଜଦ୍ରାନ (୩୭ ରନ୍) ପିଚ୍‌ରେ ଜମି ଆସୁଥିବା ବେଳେ ନୀତୀଶ କୁମାର ରେଡ୍ଡୀଙ୍କ ବଲ୍‌ରେ ବିଷ୍ଣୋଇଙ୍କ ହାତରେ ଧରିପଡ଼ିଥିଲେ। ତେବେ ଲଗାତାର ୱିକେଟ୍ ହରାଉଥିବା ବେଳେ ଦରୱିସ ରସୁଲି (୧୫ ବଲ୍‌ରୁ ୨୬ ରନ୍) ବିସ୍ଫୋରକ ପାଳି ଖେଳିବାରୁ ଦଳ ୧୪ ଓଭରରେ ୧୦୦ ରନ୍ କରିଥିଲା। ୧୫ତମ ଓଭରର ପ୍ରଥମ ବଲ୍‌ରେ ରସୁଲିଙ୍କୁ ଅର୍ଶଦୀପ ପ୍ୟାଭିଲିୟନ୍ ପଠାଇ ଦେଇଥିଲେ। ଏହାପରେ ମହମ୍ମଦ ନବି (୨୦) ଓ ରସିଦ ଖାନ (୨୮) ସପ୍ତମ ୱିକେଟ୍‌ରେ ୪୮ ରନ୍ ଯୋଡ଼ିଥିଲେ। ୨ ବଲ୍ ବ୍ୟବଧାନରେ ଉଭୟ ଆଉଟ୍ ହୋଇଥିଲେ। ଫଳରେ ଦଳ ୧୫୯/୮ରେ ଅଟକି ଯାଇଥିଲା।



**:ସଂକ୍ଷିପ୍ତ ସ୍କୋର୍:**

ଆଫଗାନିସ୍ତାନ ୨୦ ଓଭରରେ ୧୫୯/୮ (ଇବ୍ରାହିମ ଜଦ୍ରାନ ୩୭, ରସିଦ ଖାନ ୨୮, ଦରୱିସ ରସୁଲି ୨୬, ନୀତୀଶ କୁମାର ରେଡ୍ଡୀ ୩/୨୪, ଅର୍ଶଦୀପ ସିଂହ ୨/୩୫)। ଭାରତ ୧୪.୫ ଓଭରରେ ୧୬୩/୩ (ସଂଜୁ ସାମ୍‌ସନ୍ ୫୭, ଅଭିଷେକ ଶର୍ମା ୩୯, ଈଶାନ କିଶନ ୩୮*, ରସିଦ ଖାନ ୩/୩୬)।

# ରିଙ୍କୁଙ୍କ ଫୁଟ୍‌ବଲ୍, ବାସ୍କେଟ୍‌ବଲ୍ ପ୍ରେମ




ନୂଆଦିଲ୍ଲୀ, ୧୬/୦୯ : ସଂପ୍ରତି ରିଙ୍କୁ ସିଂହ କ୍ରିକେଟ୍ ମଇଦାନରୁ ଦୂରେଇ ରହିଛନ୍ତି। ହେଲେ ଏହି ଭାରତୀୟ ବ୍ୟାଟର୍ ଖେଳଠୁ ଦୂରେଇ ରହୁନାହାନ୍ତି। ଆଫଗାନିସ୍ତାନ ବିପକ୍ଷ ଟ୍ୱେଣ୍ଟି-୨୦ ଶୃଙ୍ଖଳା ଓ ଜାପାନରେ ହେବାକୁ ଥିବା ଆଗାମୀ ଏସୀୟ କ୍ରୀଡ଼ା ଦଳରେ ରିଙ୍କୁ ନାହାନ୍ତି। ଫଳରେ ରିଙ୍କୁ କ୍ରିକେଟ୍ ଠାରୁ କିଛି ସମୟ ବିରତି ନେଇ ଅନ୍ୟକ୍ରୀଡ଼ା ଉପଭୋଗ କରୁଛନ୍ତି। ଏହି ବିରତିରେ ସେ ବ୍ରିଟେନ୍‌ରେ ରହି ସ୍ୱର୍ସରୁ ମାଞ୍ଚେଷ୍ଟର ୟୁନାଇଟେଡ୍ ଓ ବାସ୍କେଟବଲ୍‌ରେ ସମୟ କାଟୁଛନ୍ତି।

ଟୋଟେନ୍‌ହାମ ହଟ୍‌ସ୍ପର୍ ଷ୍ଟାଡିୟମ୍‌ରେ ରିଙ୍କୁ ଉପସ୍ଥିତ ରହି ଏଭରଟନ୍ ବିପକ୍ଷ ପ୍ରିମିୟର ଲିଗ୍ ମ୍ୟାଚ୍ ଦେଖିଥିଲେ। ସେ ଟୋଟେନ୍‌ହାମ୍ ଜର୍ସି ଧରିଥିବାର ଏକ ଫଟୋକୁ କ୍ଲବ୍ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛି। ଏହାର ଶିରୋନାମରେ କ୍ଲବ୍ ଲେଖିଛି, ‘‘ରିଙ୍କୁ ସିଂହ, ସ୍ପର୍ସର ଘର’’। ରିଙ୍କୁ ମଧ୍ୟ ମାଞ୍ଚେଷ୍ଟର ୟୁନାଇଟେଡ୍‌ର ଓଲ୍ଡ ଟ୍ରାଫୋର୍ଡ, ‘ଥିଏଟର ଅଫ୍ ଡ୍ରିମ୍ସ’ରେ ମଧ୍ୟ କିଛି ସମୟ କଟାଇଥିଲେ। ଏହାପରେ ସେ ବକ୍ସ ଏରିନାରେ ପହଞ୍ଚିଥିଲେ। ଏଠାରେ ସେ ଲଣ୍ଡନ ଲାୟନ୍ସର ପୂର୍ବ-ଋତୁ ବାସ୍କେଟ୍‌ବଲ୍ ଖେଳ ଦେଖିଥିଲେ। ଏହି ସମୟରେ ହୋଷ୍ଟ ତାଙ୍କୁ କୋର୍ଟକୁ ଡାକି କିଛି ସମୟ ହାଲ୍‌କାଫୁଲ୍‌କା ଆଲୋଚନା କରିଥିଲେ। ତାଙ୍କୁ ଏହି ସମୟରେ ପଚାରିଥିଲେ କ୍ରିକେଟ୍ ପିଚ୍‌ରେ କ'ଣ କରିବାକୁ ଭଲ ପାଆନ୍ତି। ଏହାର ଉତ୍ତରରେ ରିଙ୍କୁ ସରଳ ଭାବେ କହିଥିଲେ ‘କେବଳ ଛକା’। ଏହାପରେ ହୋଷ୍ଟ ତାଙ୍କୁ ବାସ୍କେଟ୍‌ବଲ୍‌ରେ ହାତ ପରୀକ୍ଷା କରିବାକୁ ଆହ୍ୱାନ ଦେଲେ। ରିଙ୍କୁ ଆରମ୍ଭରୁ ଲକ୍ଷ୍ୟରୁ ବିଚ୍ୟୁତ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ହୁପ୍‌ରେ ବଲ୍ ପକାଇ ଦର୍ଶକଙ୍କ ମନ ଜିଣିଥିଲେ।

# ଅକ୍ଟୋବର ୨୮ରେ ଡବ୍ଲ୍ୟୁପିଏଲ୍ ନିଲାମ




ନୂଆଦିଲ୍ଲୀ, ୧୬/୦୯ : ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ନିଲାମ ଆସନ୍ତା ମାସ ୨୮ ତାରିଖରେ କୋଚିରେ କରିବାକୁ ବିସିସିଆଇ ଚିନ୍ତା କରିଛି। ମଙ୍ଗଳବାର ବିସିସିଆଇ ଓ ଡବ୍ଲ୍ୟୁପିଏଲ୍ ପରିଚାଳନା ପରିଷଦ ମଧ୍ୟରେ ହୋଇଥିବା ଭର୍ଚୁଆଲ୍ ବୈଠକରେ ୨୦୨୭ ଋତୁ ପାଇଁ ଯୋଜନା ଚୂଡ଼ାନ୍ତ ହୋଇଛି। ଏହି ବୈଠକରେ ବାରାଣାସୀରେ ପ୍ରଥମ ଥର ଡବ୍ଲ୍ୟୁପିଏଲ୍‌ର କିଛି ମ୍ୟାଚ୍ ଖେଳାଯିବା ନେଇ ମଧ୍ୟ ଆଲୋଚନା ହୋଇଛି। ଏବେ ମ୍ୟାଚ୍ ଆୟୋଜନର ପ୍ରାଥମିକତା ତାଲିକାରେ ୨ଟି ଭେନ୍ୟୁ ମୁମ୍ବାଇର ବ୍ରାବୋର୍ନ ଷ୍ଟାଡିୟମ୍ ଓ ବଡ଼ୋଦରାର କୋଟାମ୍ବି ଷ୍ଟାଡିୟମ୍ ରହିଛି। ଫେବୃଆରି ମଧ୍ୟଭାଗରେ ଭାରତ ପ୍ରଥମ ମହିଳା ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରିବ। ତେଣୁ ଏହା ପୂର୍ବରୁ ଜାନୁଆରି ଓ ଫେବୃଆରି ମଧ୍ୟ ଡବ୍ଲ୍ୟୁପିଏଲ୍ ସାରିଦେବାକୁ ବିସିସିଆଇ ଯୋଜନା କରିଛି। ଗତ ବର୍ଷ ଡବ୍ଲ୍ୟୁପିଲ୍ କେବଳ ୨ଟି ସ୍ଥାନରେ ଖେଳାଯାଇଥିଲା। ଏହା ପୂର୍ବରୁ କିନ୍ତୁ ୪ ଭେନ୍ୟୁରେ ଆୟୋଜିତ ହେଉଥିଲା।

# ୨୦ ରୁ ବାରବାଟୀ ଷ୍ଟାଡିୟମରେ ଓଡ଼ିଶା ଟି-୨୦

## ପ୍ରଥମ ଦିନ ସମ୍ବଲପୁର ୱାରୀୟର୍ସ ଓ କଟକ ପାନ୍ଥର୍ସ

ସମ୍ବଲପୁର/କଟକ, ୧୬/୯ : ଗତ ସଂସ୍କରଣରେ ଟାଇଟଲ୍‌ଠାରୁ ମାତ୍ର ଗୋଟିଏ ପାଦ ଦୂରରେ ରହିଯାଇଥିବା ସମ୍ବଲପୁର ୱାରିୟର୍ସ ଏଥର ଓଡ଼ିଶା ଟି ୨୦ ଲିଗ୍‌ରେ ଆଉ ଗୋଟିଏ ପାଦ ଆଗକୁ ବଢ଼ିବା ଲକ୍ଷ୍ୟ ନେଇ ମଇଦାନକୁ ଓହ୍ଲାଇବ। ଅଧିନାୟକ ଗୌରବ ଚୌଧୁରୀ ଏବଂ ପୂର୍ବତନ ଭାରତୀୟ ଅଣ୍ଡର-୧୯ କ୍ରିକେଟର ତଥା ମୁଖ୍ୟ ପ୍ରଶିକ୍ଷକ ସଞ୍ଜୟ ରାଉଳଙ୍କ ନେତୃତ୍ୱରେ ସମ୍ବଲପୁର ୱାରିୟର୍ସ ସେପ୍ଟେମ୍ବର ୨୦ରେ କଟକର ବାରବାଟୀ ଷ୍ଟାଡିୟମ୍‌ରେ ଡିଫେଣ୍ଡିଂ ଚାମ୍ପିଅନ୍ କଟକ ପାନ୍ଥର୍ଶବିପକ୍ଷରେ ଅଭିଯାନ ଆରମ୍ଭ କରିବ। ଗତ ସଂସ୍କରଣର ଫାଇନାଲ୍‌ରେ ମଧ୍ୟ ଏହି ଦୁଇ ଦଳ ମୁହାଁମୁହିଁ ହୋଇଥିଲେ। ଗତ ଋତୁରେ ଫାଇନାଲ୍ ପର୍ଯ୍ୟନ୍ତ ପହଞ୍ଚିବାର ଅଭିଜ୍ଞତା ଦଳକୁ ଆତ୍ମବିଶ୍ୱାସ ଦେଇଛି। ତେବେ ଦଳ ପରିଚାଳନାର ମତରେ, ଏଥର ସେହି ଅଭିଜ୍ଞତାକୁ ଟୁର୍ଣ୍ଣାମେଣ୍ଟ ସାରା ନିରନ୍ତର ଭଲ ପ୍ରଦର୍ଶନରେ ପରିଣତ କରିବା ହିଁ ମୁଖ୍ୟ ଚ୍ୟାଲେଞ୍ଜ। ସମ୍ବଲପୁର ୱାରିୟର୍ସ ମାଲିକ ଡା. ବିନୀତ କୁମାର ବର୍ମା କହିଛନ୍ତି, ‘ଗତ ସଂସ୍କରଣ ଆମ ଦଳର ସାମର୍ଥ୍ୟ ଦେଖାଇଥିଲା। ଫାଇନାଲ୍‌କୁ ପହଞ୍ଚିବା ଏକ ବଡ଼ ସଫଳତା ଥିଲା, କିନ୍ତୁ ଏହା ଦଳ ମଧ୍ୟରେ ଶେଷ ପାଦଟି ଅତିକ୍ରମ କରିବାର ଭୋକକୁ ଆହୁରି ବଢ଼ାଇଛି। ସମ୍ବଲପୁରର କ୍ରୀଡ଼ାପ୍ରେମୀଙ୍କୁ ଗର୍ବିତ କରିପାରିବା ଭଳି ଏକ ଦଳ ଗଢ଼ିବା ଆମର ଲକ୍ଷ୍ୟ।‘ ପୂର୍ବତନ ଭାରତୀୟ ଅଣ୍ଡର-୧୯ କ୍ରିକେଟର ତଥା ମୁଖ୍ୟ ପ୍ରଶିକ୍ଷକ ସଞ୍ଜୟ ରାଉଳ କହିଛନ୍ତି, ‘ଆମ ପାଖରେ ପ୍ରତିଭାଶାଳୀ ଖେଳାଳି ଅଛନ୍ତି, କିନ୍ତୁ ଚାପ ମଧ୍ୟରେ ଦଳ ଭାବେ କିପରି ପ୍ରଦର୍ଶନ କରୁଛୁ, ତାହା ହିଁ ଟୁର୍ଣ୍ଣାମେଣ୍ଟରେ ଫରକ ପକାଇବ। ଶୃଙ୍ଖଳିତ ଓ ସକାରାତ୍ମକ କ୍ରିକେଟ୍ ଖେଳି ପ୍ରତ୍ୟେକ ମ୍ୟାଚ୍‌କୁ ଅଲଗା ଭାବେ ନେବା ଏବଂ ଆବଶ୍ୟକ ସମୟରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବା ଆମର ଲକ୍ଷ୍ୟ। ‘ଅଧିନାୟକ ଗୌରବ ଚୌଧୁରୀ କହିଛନ୍ତି, ‘ଗତ ସଂସ୍କରଣରେ ଟାଇଟଲ୍‌ର ଏତେ ନିକଟକୁ ପହଞ୍ଚିବା ଆମକୁ ଆତ୍ମବିଶ୍ୱାସ ଦେଇଛି। କିନ୍ତୁ ଏହା ଏକ ନୂଆ ଟୁର୍ଣ୍ଣାମେଣ୍ଟ ଏବଂ ଆମକୁ ପୁଣି ଆରମ୍ଭରୁ ଲଢ଼ିବାକୁ ହେବ। ସମ୍ବଲପୁରକୁ ପ୍ରତିନିଧିତ୍ୱ କରୁଥିବା ଖେଳାଳିମାନଙ୍କ ମଧ୍ୟରେ ଏକ ବିଶେଷ ଦାୟିତ୍ୱବୋଧ ରହିଛି। ଆମେ ନିର୍ଭୀକ କ୍ରିକେଟ୍ ଶୈଳୀ ସମର୍ଥକମାନଙ୍କୁ ସ୍ମୃତି କରିବାକୁ ଚାହୁଁଛୁ। ‘ଲିଗ୍ ପର୍ଯ୍ୟାୟରେ ସମ୍ବଲପୁର ୱାରିୟର୍ସ ସେପ୍ଟେମ୍ବର ୨୦ରେ କଟକ ପାଇଟ୍ସ, ୨୧ରେ ରାଉରକେଲା ସୁପରଷ୍ଟାର୍ସ, ୨୨ରେ ଭୁବନେଶ୍ୱର ଟାଇଗର୍ସ, ୨୪ରେ କେନ୍ଦୁଝର ମାଇନର୍ସ ଏବଂ ୨୫ରେ ପୁରୀ ଟାଇଟାନସ୍କୁ ଭେଟିବ।ଓଡ଼ିଶା ଟି ୨୦ ଲିଗ୍ ୨୦୨୨ - ସି ଏମ୍ ଟ୍ରଫି ସେପ୍ଟେମ୍ବର ୨୦ରୁ ୨୯ ପର୍ଯ୍ୟନ୍ତ କଟକର ବାରବାଟୀ ଷ୍ଟାଡିୟମ୍‌ରେ ଖେଳାଯିବ।

## ରାଜ୍ୟସ୍ତରୀୟ ମହାବୀରା ଫୁଟବଲ କପ୍ ଉଦ୍‌ଯାପିତ

# ଭାରତ ଗ୍ୟାସ୍ ଇଣ୍ଡିଆନ ଅଏଲ ଚାମ୍ପିଅନ୍



ହରିଚନ୍ଦନପୁର,୧୬/୯(ଶୂନ୍ୟରଞ୍ଜନ ଘଣା ): ହରିଚନ୍ଦନପୁର ବ୍ଲକ ଠାକୁରପଡା ପଞ୍ଚାୟତ ଝାଟିଆଳୀ ଗ୍ରାମର ମହାବୀରା ଠାକୁରାଣୀ ୟୁଥ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ମାଣିଆ ମିନି ଷ୍ଟାଡିୟମ ପରିସରରେ ୨୬ ତମ ବାର୍ଷିକ ଚତୁର୍ଦ୍ଦିବସୀୟ ରାଜ୍ୟସ୍ତରୀୟ ମହାବୀରା ଫୁଟବଲ କପ ଶନିବାର ଉଦଘାଟିତ ହୋଇଥିବା ବେଳେ ଉଦ୍‌ଯାପିତ ହୋଇଯାଇଛି । ଟୁର୍ଣ୍ଣାମେଣ୍ଟରେ ମୋଟରେ ୩୨ ଗୋଟି ଫୁଟବଲ ଟିମ୍ ୪ ଗୋଟି ଗ୍ରୁପ୍ ରେ ବିଭକ୍ତ ହୋଇ ଖେଳ ପ୍ରଦର୍ଶନ କରିବାକୁ ଥିବାବଳେ ଅନୁଷ୍ଠିତ ଗ୍ରୁପ ସି ରେ ୮ ଗୋଟି ଫୁଟବଲ ଟିମ୍ ଅଂଶଗ୍ରହଣ କରିଥିଲେ। ଗ୍ରୁପ ଏ ରେ ଶରିଷପାଳ ଏଫସି, ଗ୍ରୁପ ବି ରେ ଧୁରୁଡିଆମ୍ବ, ଗ୍ରୁପ ସି ରେ ଡିଜେ ରିମିକ୍ସ, ଗ୍ରୁପ ଡି ରେ ଭାରତଗ୍ୟାସ ଇଣ୍ଡିଆନ ଅଏଲ ଚାମ୍ପିଅନ ଆଖ୍ୟା ଅର୍ଜନ କରି ସେମିଫାଇନାଲକୁ ପ୍ରବେଶ କରିଥିଲେ। ପ୍ରଥମ ସେମିଫାଇନାଲରେ ଡିଜେ ରିମିକ୍ସ କଲରଙ୍ଗୀ, ଦ୍ୱିତୀୟ ସେମିଫାଇନାଲରେ ଭାରତଗ୍ୟାସ ଇଣ୍ଡିଆନ ଅଏଲ ବିଜୟୀ ହୋଇ ଫାଇନାଲରେ ପରସ୍ପର ମୁହାଁମୁହିଁ ହୋଇଥିଲେ ।ରେଫରୀ ଯତିନ କୁମାର ମହାନ୍ତ (ଚମ୍ପୁଆ), ଗଜାନନ ପାତ୍ର (ବଣାଇ), ଦୈତାରୀ କାରୁଆ (କମିସନରେଟ ପୁଲିସ), ନିତିଶ ମହାନ୍ତ (ପୁଲିସ )ଙ୍କ ଦ୍ୱାରା ପରିଚାଳିତ ଫାଇନାଲ ମ୍ୟାଚ୍‌ରେ ଟସ ଜିତି ଡିଜେ ରିମିକ୍ସ କଲରଙ୍ଗୀ ଟସ୍ ଜିତି ବଲ ନେଇ ଖେଳ ଆରମ୍ଭ କରିଥିବା ବେଳେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ମ୍ୟାଚ ଅମୀମାଂସିତ ରହିବାରୁ ଶେଷରେ ଟ୍ରାଇବେକରର ସାହାଯ୍ୟ ନିଆଯାଇଥିଲା । ଏଥିରେ ଭାରତଗ୍ୟାସ୍ ଇଣ୍ଡିଆନ ଅଏଲ ୫-୪ ଗୋଲ ବ୍ୟବଧାନରେ ଅଗ୍ରଣୀ ରହିବା ସହ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିବା ବେଳେ ଡିଜେ ରିମିକ୍ସ କଲରଙ୍ଗୀକୁ ରନର୍ସ ଅପରେ ସନ୍ତୁଷ୍ଟ ରହିବାକୁ ପଡିଥିଲା । କ୍ଲବ ତରଫରୁ ଆୟୋଜିତ ଟୁର୍ଣ୍ଣାମେଣ୍ଟର ଉଦଯାପନୀ ସମାରୋହର ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥି ଭାବେ ତେଲକୋଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡାକ୍ତର ଫକୀର ମୋହନ ନାଏକ, ସମ୍ମାନୀତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ବିଜୟ କୁମାର ସାହୁ, ବିଧାୟକଙ୍କ ପ୍ରତିନିଧ ଶିରିଷ କୁମାର ସାହୁ, ବିଧାୟକଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରତିନିଧ ସୁଧାକର ସାହୁ, କ୍ଷୁଦ୍ର ଜଳସେଚନ ବିଭାଗର ପ୍ରତିନିଧ ସଂଜୟ କୁମାର ସାହୁ, ଚତୁର୍ଭୂଜ ସାହୁ ପ୍ରମୁଖ ଯୋଗଦେଇ ଚଳିତ ବର୍ଷର ଚାମ୍ପିଅନ ଭାରତଗ୍ୟାସ ଇଣ୍ଡିଅନ ଅଏଲକୁ ୫୦ ହଜାର ଟଙ୍କା ସହ ଟ୍ରଫି, ରନର୍ସ ଅପ ଡିଜେ ରିମିକ୍ସ କଲରଙ୍ଗୀକୁ ୩୫ ହଜାର ଟଙ୍କା ସହ ଟ୍ରଫି, ତୃତୀୟ ଏବଂ ଚତୁର୍ଥ ଶିରିଷପାଳ ଏଫସି ଏବଂ ଧୁରୁଡି ଆମ୍ବ ଉଭୟଙ୍କୁ ୨୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଚର୍ଚିତ ଭାଷ୍ୟକାର ବୁଲବୁଲ ଆପଟ, କୁଟୁଲ ସୋରେନ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବ୍‌ର ସଭାପତି ଧର୍ମପଦ ମହାନ୍ତ, ସମ୍ପାଦକ ଯତିନ ପାତ୍ର, ସଦସ୍ୟ ଚତୁର୍ଭୁଜ ମହାନ୍ତ, ଶିବ ଚରଣ ମହାନ୍ତ, କ୍ଷେତ୍ରବାସୀ ମହାନ୍ତ, ରଂଜନ କୁମାର ବାରିକ, ନରୋତମ ମହାନ୍ତ, ଭବାନୀ ଶଙ୍କର ମହାନ୍ତ, ଦୟାନିଧି ମହାନ୍ତ, ପୁରେନ୍ଦ୍ର ମହାନ୍ତ, ଲିପୁନ ମହାନ୍ତ, ସୁଦନ ମହାନ୍ତ, ସଦାନନ୍ଦ ପାତ୍ର ପ୍ରମୁଖଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବାଘମାରୀ-ତାଳତୋଳା ରାସ୍ତାର ଉର୍ନ୍ନତି ପାଇଁ ଭିର୍ତ୍ତି ପ୍ରସ୍ତର ସ୍ଥାପନ କଲେ ସାଂସଦ




ବେଗୁନିଆ, ୧୭/୯(ଅକ୍ଷର ଓଡିଶା ) ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଅନୁମୋଦନ କ୍ରମେ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ବାଘମାରୀ ଗ୍ରାମଠାରୁ ତାଳତୋଳା ପର୍ଯ୍ୟନ୍ତ ରାସ୍ତାର ଉନ୍ନତି କରଣ କାର୍ଯ୍ୟ ବୁଧବାର ଦିନ ବାଲିପାଟଣା ଗ୍ରାମଠାରେ ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ବେଗୁନିଆ -ବୋଲଗଡ଼ ବିଧାୟକ ପ୍ରଦୀପ କୁମାର ସାହୁ, ବେଗୁନିଆ -ବୋଲଗଡ଼ ବିଜେପି ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବିଜୁଳି ବେଗୁନିଆ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଉପାଧ୍ୟକ୍ଷ ସାବିତ୍ରୀ ମହାପାତ୍ର, ୨୩ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଅନାଦି ସାହୁ, ଖୋର୍ଦ୍ଧା ଜିଲ୍ଲା ବିଜେପି ଅଧିବକ୍ତା ଲୋତକ ବିନ୍ଦୁ ପଟ୍ଟନାୟକ କୁଞ୍ଜୁରୀ ଗ୍ରା.ପ ସରପଞ୍ଚ ପ୍ରଣତୀ ସାହୁ ଓ ସମିତି ସଭ୍ୟା ସୁବାସିନୀ ସାହୁ ପ୍ରମୁଖ ଯୋଗଦେଇ ଶୁଭ ଭିର୍ତ୍ତି ପ୍ରସ୍ତର ଉଦଘାଟନ କରିଥିଲେ। ଏହି ରାସ୍ତା ପାଇଁ ରାଜ୍ୟ ବିଜେପି ସରକାର ୧୪ କୋଟି ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଅଛନ୍ତି । ଭିର୍ତ୍ତି ପ୍ରସ୍ତର ସ୍ଥାପନ ସମୟରେ ଶହ ଶହ ଜନସାଧାରଣ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ରହି ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ବାଜା ବଜାଇ ସାଗତ କରି ଭିତ୍ତିପ୍ରସ୍ତର ସ୍ଥାନକୁ ପାଛୋଟି ନେଇଥିଲେ । ଶିଳାନ୍ୟାସ ଅବସରରେ ଆୟୋଜିତ ସଭାରେ ଡବଲ ଇଞ୍ଜିନ ସରକାର କଥାରେ ନୁହେଁ କାମରେ ବିଶ୍ୱାସ କରେ । ବେଗୁନିଆ ବ୍ଲକ ଅଞ୍ଚଳର ରାସ୍ତା ଘାଟକୁ ଦେଖିଲେ ୨୪ ବର୍ଷର ସରକାର କିପରି ବିକାଶ କରିଛି ତାହା ଜଳଜଳ ହୋଇ ଦେଖାଯାଉଛି ।

ରାସ୍ତା ଘାଟର ଅବସ୍ଥା ଶୋଚନୀୟ ହୋଇପଡିଛି । ଯାହାଫଳରେ ଗମନା ଗମନ ସୁଗମ ହୋଇପାରି ନି ଏବଂ ଆସନ୍ତା କାଲି ୧୭ ତାରିଖରେ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ସମସ୍ତେ କ୍ୟାଣ୍ଡେଲ ଜାଳି ତାଙ୍କାର ଦୀର୍ଘାୟୁ କାମନା କରିବାକୁ ସାଂସଦ ଅପରାଜିତା ଷଡ଼ଙ୍ଗୀ ସମସ୍ତଙ୍କୁ ସୂଚନା ଦେଇଥିଲେ। ଜନସାଧାରଣ ମାନଙ୍କର ଆର୍ଥିକ, ଶିକ୍ଷା, ବାଣିଜ୍ୟ ବ୍ୟବସ୍ଥା ସୁଦୃଢ଼ ହେବା ସହ ଗମନାଗମନ ସୁଗମ ଓ ସାମଗ୍ରିକ ବିକାଶ ତ୍ୱରାନ୍ୱିତ ହେବବୋଲି ବିଧାୟକ ପ୍ରଦୀପ କୁମାର ସାହୁ କହିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟୁତ କାଣ୍ଡି , ଖୋର୍ଦ୍ଧା ଜିଲ୍ଲା ଉପସଭାପତି ବାସୁଦେବ ସାହୁ,ବେଗୁନିଆ -ବୋଲଗଡ଼ ନିର୍ବାଚନ ମଣ୍ଡଳୀର ବହୁ ବିଜେପି କର୍ମକର୍ତ୍ତା ଓ କର୍ମୀମାନେ ସହଯୋଗ କରି ପରିଚାଳନା କରିଥିଲେ। ପରିଶେଷରେ କୁଞ୍ଜରୀ ଗ୍ରାମପଞ୍ଚାୟତ ସରପଞ୍ଚ ପ୍ରଣତି ସାହୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ମାଝୀ ସମାଜ ସହ ନୂଆଁଖାଇ ପାଳିଲେ ଜିଲ୍ଲାପାଳ ମଧୁସୂଦନ ଦାଶ

## ଶିକ୍ଷା, ସଚେତନତା ଓ ସାମାଜିକ ପରିବର୍ତ୍ତନର ଦେଲେ ବାର୍ତ୍ତା



ନୂଆପଡ଼ା: ( ଅକ୍ଷର ଓଡିଶା )ନୂଆଁ ଅନ୍ନର ସୁଗନ୍ଧରେ ମହକି ଉଠିଲା ଦ୍ୱାରସନୀ ମନ୍ଦିର ପରିସର। ପାରମ୍ପରିକ ରୀତିନୀତି ଓ ନୂଆଁଖାଇର ଆନନ୍ଦ ମଧ୍ୟରେ ମାଝୀ ସମାଜର ଲୋକଙ୍କ ସହ ନୂଆଁଖାଇ ପାଳନ କରିଛନ୍ତି ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ। ସାରାବଙ୍ଗସ୍ଥିତ ଦ୍ୱାରସନୀ ମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଯୋଗଦେଇ ପାରମ୍ପରିକ ପୂଜାର୍ଚ୍ଚନାରେ ସାମିଲ ହୋଇଥିଲେ। ପରେ ମାଝୀ ସମାଜର ଲୋକଙ୍କ ସହ ବସି ନୂଆ ଅନ୍ନ ଗ୍ରହଣ କରିବା ସହ ପର୍ବର ଆନନ୍ଦ ବାଣ୍ଟିଥିଲେ। ନୂଆଁଖାଇର ଏହି ଅବସରକୁ ଜିଲ୍ଲାପାଳ ଏକ ସାମାଜିକ ସଂକଳ୍ପର ମଞ୍ଚରେ ପରିଣତ କରିଥିଲେ। ନୂଆପଡ଼ାକୁ ପ୍ରବାସ ମୁକ୍ତ, ନିଶା ମୁକ୍ତ ଓ ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକ ମୁକ୍ତ କରିବା ଦିଗରେ ସାମୂହିକ ପ୍ରୟାସ ଆବଶ୍ୟକ ବୋଲି ସେ କହିଥିଲେ। ପ୍ରଶାସନର ପଦକ୍ଷେପ ସହ ସମାଜର ପ୍ରତ୍ୟେକ ବର୍ଗ ଯୋଡ଼ିହେଲେ ହିଁ ଏହି ଲକ୍ଷ୍ୟ ପୂରଣ ସମ୍ଭବ ବୋଲି ସେ ମତ ଦେଇଥିଲେ।

ଜିଲ୍ଲାପାଳ ଶ୍ରୀ ଦାଶ ବିଶେଷ ଭାବେ ଶିଶୁଙ୍କ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ‘ପ୍ରତ୍ୟେକ ଶିଶୁ ବିଦ୍ୟାଳୟରେ’ ବାର୍ତ୍ତା ଦେଇଥିଲେ। କୌଣସି ଶିଶୁ ଯେପରି ଶିକ୍ଷାରୁ ବଞ୍ଚିତ ନହୁଏ, ସେଥିପାଇଁ ଅଭିଭାବକ, ଶିକ୍ଷକ ଓ ସମୁଦାୟ ମିଳିତ ଭାବେ ଦାୟିତ୍ୱ ନେବାକୁ ସେ ଆହ୍ୱାନ କରିଥିଲେ। ଶିକ୍ଷା ହେଉଛି ଶିଶୁର ଭବିଷ୍ୟତ ଗଠନ ସହ ଏକ ସଶକ୍ତ ସମାଜ ନିର୍ମାଣର ମୁଖ୍ୟ ଆଧାର ବୋଲି ସେ କହିଥିଲେ। ନୂଆଁଖାଇ ପର୍ବରେ ଜିଲ୍ଲାପାଳଙ୍କ ଲୋକଙ୍କ ସହ ସିଧାସଳଖ ଯୋଗାଯୋଗ ଓ ସାମାଜିକ ବାର୍ତ୍ତା ଅବସରକୁ ଆହୁରି ଗୁରୁତ୍ୱପୂର୍ଣ୍ଣ କରିଥିଲା। ପରମ୍ପରା ସହ ବିକାଶର ସଂକଳ୍ପକୁ ଯୋଡ଼ି ଏହି ଅବସରରେ ଏକ ସଚେତନ ଓ ଦାୟିତ୍ୱଶୀଳ ନୂଆପଡ଼ା ଗଠନର ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ନୂଆପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ସନ୍ଦୀପ କୁମାର ଚନ୍ଦ୍ରାକର, ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢ଼ାଇ, ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ଆର୍ଯ୍ୟ କୁମାର ମୁଦୁଲି ଏବଂ କ୍ଷୀପ୍ର ଲେଖକ ଅନିଲ କୁମାର ଦାସଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ନୂଆଁଖାଇର ନୂଆ ଅନ୍ନ ସହ ଜିଲ୍ଲାପାଳଙ୍କ ଏହି ନୂଆ ସଂକଳ୍ପ‘ପ୍ରତ୍ୟେକ ଶିଶୁ ବିଦ୍ୟାଳୟରେ, ପ୍ରତ୍ୟେକ ପରିବାର ସଚେତନ, ନୂଆପଡ଼ା ପ୍ରବାସ, ନିଶା ଓ ପ୍ଲାଷ୍ଟିକରୁ ମୁକ୍ତ’ପର୍ବର ସାମାଜିକ ବାର୍ତ୍ତାକୁ ଆହୁରି ବ୍ୟାପକ କରିଥିଲା।

ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das
କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera
Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024. T- 0674-3595878, M-9937223063/9937053063, E-akhyaraodisha@gmail.com
ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera